

ହକି ଇଣ୍ଡିଆ ଉପରେ
ଶ୍ରୀଜେସଙ୍କ କ୍ଷୋଭ
▶ପୃଷ୍ଠା ୧୨ ଦେଖନ୍ତୁ...


• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-315 •THURSDAY •14 MAY 2026 •PAGE-12 •₹ 7.00 | PANIKOILI | •ବର୍ଷ-୪୩ •ସଂଖ୍ୟା-୩୧୫ •ଗୁରୁବାର •୧୪ ମେ ୨୦୨୬ •ପୃଷ୍ଠା-୧୨ •ଟ.୭.୦୦






Sarees | Kurtas | Kurta Sets | Blouses | Dress Materials

**BHUBANESWAR:** 108D,Next to Tanishq Master Canteen, Station Square, Ph: 7788011103
**Chandrashekarpur:** GF, DD Complex, Plot No. 332/1803/2028 (42/8, 42/9), CS Pur Road, Ph: 7788011102
**CUTTACK:** Plot B-1370, Sector 6 Main Road, CDA, Ph: 9090777710, 0671-2950100





ସକାଳ
THE SAKALA
www.sakalaepaper.com


# ସିବିଏସ୍ଇ ଦ୍ୱାଦଶରେ ପାସ୍ ହାର ୮୫.୨୦%

ନୂଆଦିଲ୍ଲୀ, ୧୩।୫(ଏଜେନ୍ସି): ଦୀର୍ଘ ପ୍ରତୀକ୍ଷାର ଅନ୍ତ ଘଟାଇ ସିବିଏସ୍ଇ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ ଘୋଷଣା କରିଛି। ଛାତ୍ରଛାତ୍ରୀମାନେ ବୋର୍ଡର ଅଫିସିଆଲ୍ ୱେବସାଇଟ୍ ସମେତ ଡିଜିଲକର ଏବଂ ଉମଙ୍ଗ ଆପ୍ ମାଧ୍ୟମରେ ନିଜର ସ୍କୋରକାର୍ଡ ଦେଖିପାରୁଛନ୍ତି। କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍ଇ) ପକ୍ଷରୁ ୨୦୨୬ ବର୍ଷର ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶ ପାଇଛି। ଚଳିତ ବର୍ଷ



## ପୁଣି ବାଜି ମାରିଲେ ଛାତ୍ରୀ

ପ୍ରାୟ ୧୮ ଲକ୍ଷ ଛାତ୍ରଛାତ୍ରୀ ଏହି ପରୀକ୍ଷା ଦେଇଥିବା ବେଳେ ପାସ୍ ହାରରେ ସାମାନ୍ୟ ହ୍ରାସ ପରିଲକ୍ଷିତ ହୋଇଛି। ଚଳିତ ବର୍ଷର ପରୀକ୍ଷା ଫଳ ସମ୍ପର୍କିତ କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରାଗଲା। ଚଳିତ ବର୍ଷ ସର୍ବମୋଟ ପାସ୍ ହାର ୮୫.୨୦% ରହିଛି, ଯାହା ଗତବର୍ଷ (୮୮.୩୯%) ତୁଳନାରେ କମ୍। ପୁଣିଥରେ ପୁଅମାନଙ୍କୁ ପଛରେ ପକାଇ ଝିଅମାନେ ଭଲ ପ୍ରଦର୍ଶନ କରିଛନ୍ତି। ଛାତ୍ରୀଙ୍କ ପାସ୍ ହାର ୮୮.୮୬% ଥିବା ବେଳେ ଛାତ୍ରଙ୍କ ପାସ୍ ହାର ୮୨.୧୩% ରହିଛି। ତିରୁବନନ୍ତପୁରମ୍ ୯୫.୬୨% ପାସ୍ ହାର ସହ ଦେଶର ସବୁଠାରୁ ସଫଳ ଜୋନ୍ ଭାବେ ଉଭା ହୋଇଛି। ଅପରପକ୍ଷରେ ପ୍ରୟାଗରାଜରେ ସବୁଠାରୁ କମ୍ (୭୨.୪୩%) ପାସ୍ ହାର ରେକର୍ଡ କରାଯାଇଛି। ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ଏବେ ଉଚ୍ଚଶିକ୍ଷା ପାଇଁ ନାମଲେଖା ପ୍ରକ୍ରିୟା ଆରମ୍ଭ ହେବ। ପାସ୍ ହାର ସାମାନ୍ୟ କମିଥିଲେ ହେଁ, ଡିଜିଟାଲ୍ ମାଧ୍ୟମରେ ତୁରନ୍ତ ସ୍କୋରକାର୍ଡ ଉପଲବ୍ଧ ହେଉଥିବାରୁ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଆଶ୍ୱସ୍ତି ପ୍ରକାଶ କରିଛନ୍ତି। ଅକୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କ ପାଇଁ ବୋର୍ଡ ପରବର୍ତ୍ତୀ ସମୟରେ କମ୍ପାର୍ଟମେଣ୍ଟାଲ୍ ପରୀକ୍ଷା ସୁଯୋଗ ଦେବ।

## ନିଟ୍ ପ୍ରଶ୍ନପତ୍ର ଲିକ୍ ଘଟଣାର ଖୋଲୁଛି ଗୁମର

# ପିଲାଙ୍କ ଭବିଷ୍ୟତ ସହ ଖେଳ!




ନୂଆଦିଲ୍ଲୀ, ୧୩।୫(ଏଜେନ୍ସି): ଦେଶର ଡାକ୍ତରୀ ପ୍ରବେଶିକା ପରୀକ୍ଷା 'ନିଟ୍' (ନିଟ-ୟୁଜି) କୁ ନେଇ ପୁଣି ଥରେ ବିବାଦର ନାଗଫାଶ ସାରା ଦେଶକୁ ଆନ୍ଦୋଳିତ କରିଛି। ବିଶେଷ କରି ରାଜସ୍ଥାନର ସିକର ଜିଲ୍ଲା ଏବେ ଏହି ପ୍ରଶ୍ନପତ୍ର ଲିକ ଘଟଣାର ମୁଖ୍ୟ କେନ୍ଦ୍ରବିନ୍ଦୁ ଭାବେ ଉଭା ହୋଇଛି। ଯେଉଁ ସହର ଦିନେ 'ମିନି କୋଟା' ଭାବେ ନିଜର ଶୈକ୍ଷିକ ପରିଚୟ ସୃଷ୍ଟି କରିବାକୁ ପ୍ରୟାସ କରୁଥିଲା, ଆଜି ତାହା ପରୀକ୍ଷା ଜାଲିଆତି ଏବଂ ମାଫିଆ ଶାସନର କଳାବାଦଲ ତଳେ ଛନ୍ଦି ହୋଇପଡ଼ିଛି।

୨୦୨୬ ନିଟ୍ ପରୀକ୍ଷାରେ ହୋଇଥିବା ବ୍ୟାପକ ଅନିୟମିତତା ପରେ ଜାତୀୟ ପରୀକ୍ଷା ସଂସ୍ଥା (ଏନ୍‌ଟିଏ) ମଇ ୩ ତାରିଖର ପରୀକ୍ଷାକୁ ବାତିଲ କରିଦେଇଛନ୍ତି। କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଏହି ଘଟଣାର ତଦନ୍ତ ଭାର ଗ୍ରହଣ କରିଥିବାବେଳେ ରାଜସ୍ଥାନ ପୁଲିସର ସ୍ୱତନ୍ତ୍ର ଅପରେସନ ଗ୍ରୁପ୍ (ଏସ୍‌ଓଜି) ଏକ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆଣିଛି। ତଦନ୍ତ ଅନୁଯାୟୀ, ଏହି ପ୍ରଶ୍ନପତ୍ର ପ୍ରଥମେ କେରଳରେ ପଢୁଥିବା ଜଣେ ମେଡିକାଲ ଛାତ୍ରଙ୍କ ମାଧ୍ୟମରେ ସିକରର ଏକ ପରାମର୍ଶଦାତା କେନ୍ଦ୍ରକୁ ଆସିଥିଲା। ପରବର୍ତ୍ତୀ ସମୟରେ ଏହାକୁ ୩୦ ହଜାରରୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟରେ ବିକ୍ରି କରାଯାଇଥିଲା।

ସିକର ସହର ପୂର୍ବରୁ ମଧ୍ୟ ଅନେକ ଥର ବିବାଦ ଘେରକୁ ଆସିଛି। ୨୦୨୪ ମସିହା ନିଟ୍ ପରୀକ୍ଷା ଫଳାଫଳ ପ୍ରକାଶ ପାଇବା ପରେ ଜଣାପଡ଼ିଥିଲା ଯେ, ସାରା ଦେଶର ଶ୍ରେଷ୍ଠ ୫୦ଟି ପରୀକ୍ଷା କେନ୍ଦ୍ର ମଧ୍ୟରୁ ୩୭ଟି କେବଳ ସିକରରେ ଥିଲା। କେବଳ ସେତିକି ନୁହେଁ, ୨୦୨୧ର ଶିକ୍ଷକ ନିଯୁକ୍ତି ପରୀକ୍ଷା (ଆରଇଇଟି), ପଟୁଆରୀ ନିଯୁକ୍ତି ଏବଂ ସେନା ନିଯୁକ୍ତି ପରୀକ୍ଷାରେ ମଧ୍ୟ ସିକରର କୋଚିଂ ସେଣ୍ଟରଗୁଡ଼ିକର ସମ୍ପୃକ୍ତି ଥିବା ପ୍ରମାଣ ମିଳିଥିଲା।

## ସନ୍ଦେହର କେନ୍ଦ୍ରରେ ସିକର କୋଚିଂ ସାମ୍ରାଜ୍ୟ

ସିକର ଏବେ କୋଟା ସହର ସହିତ ସିଧାସଳଖ ପ୍ରତିଯୋଗିତା କରୁଛି। ନିଜର ସଂସ୍ଥାକୁ ଶ୍ରେଷ୍ଠ ପ୍ରମାଣିତ କରିବା ପାଇଁ ଏବଂ ଅଧିକରୁ ଅଧିକ ଛାତ୍ରଙ୍କୁ ଆକୃଷ୍ଟ କରିବା ପାଇଁ କିଛି କୋଚିଂ ସଂସ୍ଥା ଅସାଧୁ ଉପାୟ ଅବଲମ୍ବନ କରୁଥିବା ଅଭିଯୋଗ ହୋଇଛି। କୁହାଯାଉଛି ଯେ, ପରୀକ୍ଷାର କିଛି ଦିନ ପୂର୍ବରୁ ପିଲାମାନଙ୍କୁ 'ସମ୍ଭାବ୍ୟ ପ୍ରଶ୍ନପତ୍ର' ନାମରେ ପ୍ରକୃତ ପ୍ରଶ୍ନପତ୍ରର ଅଭ୍ୟାସ କରାଯାଉଥିଲା। ଚଳିତ ବର୍ଷ ମଧ୍ୟ ପାଖାପାଖି ୧୩୫ରୁ ଅଧିକ ପ୍ରଶ୍ନପତ୍ର ସମ୍ପୂର୍ଣ୍ଣ ମେଳ ଖାଇଥିବା ଜଣାପଡ଼ିଛି। ସିକରର ଶିକ୍ଷା ବ୍ୟବସାୟ ଏବେ ରାଜନୈତିକ ସୁରକ୍ଷା ବଳୟ ମଧ୍ୟରେ ରହିଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, କୋଚିଂ ସଂସ୍ଥାର ମାଲିକମାନେ ସ୍ଥାନୀୟ ନିର୍ବାଚନରେ ପାଣ୍ଠି ଯୋଗାଇବା ସହ ନିଜର ପ୍ରଭାବ ବ୍ୟବହାର କରି ପୂର୍ବରୁ ହୋଇଥିବା ତଦନ୍ତଗୁଡ଼ିକୁ ଚାପି ଦେଇଥିଲେ। ଯଦି ୨୦୨୪ରେ ପ୍ରଶାସନ କଠୋର ପଦକ୍ଷେପ ନେଇଥାନ୍ତା, ତେବେ ହୁଏତ ୨୦୨୬ରେ ୨୨ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧକାରକୁ ଠେଲି ହୋଇନଥାନ୍ତା। ଭାରତର ପ୍ରତିଯୋଗିତାମୂଳକ ପରୀକ୍ଷା ବ୍ୟବସ୍ଥାରେ 'ସିକର' ଏବେ ଏକ ବଡ଼ ପ୍ରଶ୍ନବାଚୀ ଭାବେ ଛିଡ଼ା ହୋଇଛି। ମେଧାବୀ ଛାତ୍ରଙ୍କ ପରିଶ୍ରମକୁ ଅର୍ଥ ଓ ପ୍ରଭାବଶାଳୀ ବ୍ୟକ୍ତିମାନେ କିପରି ହରିଲୁଟ୍ କରୁଛନ୍ତି, ତାହା ଏହି ଘଟଣାରୁ ସ୍ପଷ୍ଟ ଜଣାପଡୁଛି। କେବଳ ପରୀକ୍ଷା ବାତିଲ କରିବା ସମସ୍ୟାର ସମାଧାନ ନୁହେଁ, ବରଂ ଏହି ଜାଲିଆତି ପଛରେ ଥିବା ମୁଖ୍ୟ ନାୟକମାନଙ୍କୁ କଠୋର ଦଣ୍ଡ ପ୍ରଦାନ କରାଗଲେ ଯାଇ ଦେଶର ଛାତ୍ର ସମାଜର ବିଶ୍ୱାସ ଫେରିପାରିବ।

# ଚୀନ ମଡେଲ ଗ୍ରହଣ କରୁ ଏନ୍‌ଟିଏ

ନୂଆଦିଲ୍ଲୀ, ୧୩।୫(ଏଜେନ୍ସି): ଭାରତରେ ନିଟ୍-ୟୁଜି ୨୦୨୬ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ବିବାଦରେ ଛନ୍ଦି ହୋଇଥିବା ବେଳେ ଚୀନ୍‌ର ଜାତୀୟ ପ୍ରବେଶିକା ପରୀକ୍ଷା 'ଗାଓକାଓ'ର ସୁରକ୍ଷା ବ୍ୟବସ୍ଥା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ପ୍ରାୟ ୧.୩ କୋଟିରୁ ଅଧିକ ପରୀକ୍ଷାର୍ଥୀଙ୍କ ପାଇଁ ଆୟୋଜିତ ଏହି ବିଶାଳ ପରୀକ୍ଷାକୁ କିଭଳି ନିରାପଦ ରଖାଯାଏ, ତାହା ଭାରତ ପାଇଁ ଏକ ଦୃଷ୍ଟାନ୍ତ। ଭାରତ ମଧ୍ୟ ଏହାଠାରୁ ଶିକ୍ଷା କରିବାର ଆବଶ୍ୟକତା ରହିଛି। ଚୀନ୍‌ରେ ଗାଓକାଓ ପରୀକ୍ଷା ପ୍ରଶ୍ନପତ୍ରକୁ 'ରାଜ୍ୟ ଗୋପନୀୟ' (ଷ୍ଟେଟ୍ ସିକ୍ରେଟ୍) ଭାବେ ଗଣ୍ୟ କରାଯାଏ। ଏହାର ସୁରକ୍ଷା ପାଇଁ ନିମ୍ନଲିଖିତ ପଦକ୍ଷେପ ନିଆଯାଇଥାଏ।

## ଚୀନ୍‌ର 'ଗାଓକାଓ' ପରୀକ୍ଷା: ନିଟ୍ ପାଇଁ ଏକ ଶିକ୍ଷଣୀୟ ମଡେଲ୍

ସାମରିକ ସୁରକ୍ଷା: ପ୍ରଶ୍ନପତ୍ରଗୁଡ଼ିକୁ ସଶସ୍ତ୍ର ପୁଲିସ ଓ ଜି.ପି.ଏସ୍. ଟ୍ରାକିଂ ମାଧ୍ୟମରେ ପରିବହନ କରାଯାଏ।

ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା: ପରୀକ୍ଷା କେନ୍ଦ୍ରରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ), ଡ୍ରୋନ୍, ଫେସିଆଲ୍ ରେକୋଗ୍ନିସନ୍ ଏବଂ ଆଇରିସ୍ ସ୍କାନର୍ ବ୍ୟବହାର କରାଯାଏ।

କଠୋର ନିୟମ: ପରୀକ୍ଷା ସମୟରେ କେନ୍ଦ୍ର ଚାରିପାଖରେ ଗାଡ଼ିର ହର୍ଣ୍ଣ ବଜାଇବା ଏବଂ ନିର୍ମାଣ କାର୍ଯ୍ୟ ଉପରେ ରୋକ୍ ଲଗାଯାଏ। ଏପରିକି ଶବ୍ଦ ପ୍ରଦୂଷଣ ରୋକିବାକୁ ବିମାନର ଗତିପଥ ମଧ୍ୟ ବଦଳାଇ ଦିଆଯାଏ।

ଜେଲ୍ ଦଣ୍ଡ: ପରୀକ୍ଷାରେ ଜାଲିଆତି କିମ୍ବା ଚୋରି କଲେ ଅଭିଯୁକ୍ତଙ୍କୁ ୩ରୁ ୭ ବର୍ଷ ପର୍ଯ୍ୟନ୍ତ କଠୋର କାରାଦଣ୍ଡ ଭୋଗିବାକୁ ପଡେ। ସୁପର ୩୦ର ପ୍ରତିଷ୍ଠାତା ଆନନ୍ଦ କୁମାରଙ୍କ ଭଳି ଶିକ୍ଷାବିତ୍‌ମାନେ ଭାରତରେ ମଧ୍ୟ ଚୀନ୍ ଭଳି କଠୋର ଆଇନ ଓ ସୁରକ୍ଷା ବ୍ୟବସ୍ଥା ଲାଗୁ କରିବାକୁ ପରାମର୍ଶ ଦେଇଛନ୍ତି। ପରୀକ୍ଷା ପରିଚାଳନାରେ ସ୍ୱଚ୍ଛତା ଆଣିବା ପାଇଁ ଏଭଳି ବୈଷୟିକ ଏବଂ ଆଇନଗତ ସଂସ୍କାର ଜରୁରୀ ଅଟେ।



# ନିଟ୍ ପ୍ରଶ୍ନପତ୍ର ଲିକ୍ ମାମଲାରେ ବିଜେପି ନେତା ଗିରଫ

ନୂଆଦିଲ୍ଲୀ, ୧୩।୫(ଏଜେନ୍ସି): ନିଟ୍-ୟୁଜି ୨୦୨୬ ପ୍ରଶ୍ନପତ୍ର ଲିକ୍ ଘଟଣାରେ ଏକ ବଡ଼ ଖୁଲାସା ହୋଇଛି। ଏହି ଘଟଣାରେ ସିବିଆଇ ଆଜି ଜଣେ ବିଜେପି ନେତାଙ୍କୁ ଗିରଫ କରିଛି। ଏହାକୁ ନେଇ ରାଜସ୍ଥାନ ରାଜନୀତିରେ କମ୍ପନ ସୃଷ୍ଟି ହୋଇଛି। ଗିରଫ ହୋଇଥିବା ବିଜେପିର ଏହି ଯୁବ ନେତା ହେଉଛନ୍ତି ଦିନେଶ ବିନୱାଲ। ତାଙ୍କ ସହିତ ତାଙ୍କର ଭାଇ ମାଙ୍ଗିଲାଲ୍‌ଙ୍କୁ ମଧ୍ୟ ଗିରଫ କରାଯାଇଛି। ରାଜସ୍ଥାନର ଜୟପୁରରୁ ଗିରଫ କରାଯିବା ପରେ ସେମାନଙ୍କୁ ଦିଲ୍ଲୀ ଅଣାଯାଇଛି। ସିବିଆଇ ସୂତ୍ରରୁ ପ୍ରକାଶ ଯେ ଏହି ଦୁଇ ଭାଇ ଗୁରୁଗ୍ରାମର ଜଣେ ଡାକ୍ତରଙ୍କଠାରୁ ୩୦ ଲକ୍ଷ ଟଙ୍କାରେ ନିଟ୍ ପ୍ରଶ୍ନପତ୍ର କିଣିବା ପରେ ଏହାକୁ ଅନ୍ୟମାନଙ୍କୁ ବିକ୍ରି କରିଥିଲେ। ଦୁଇ ଭାଇ ପରୀକ୍ଷାର ଏକ ସପ୍ତାହ ପୂର୍ବରୁ ଅର୍ଥାତ୍ ଏପ୍ରିଲ ୨୬ରୁ ୨୭ ତାରିଖ ମଧ୍ୟରେ ଗୁରୁଗ୍ରାମର ଜଣେ ଡାକ୍ତରଙ୍କଠାରୁ ପ୍ରଶ୍ନପତ୍ର ହାସଲ କରିଥିଲେ। ଏହି ପ୍ରଶ୍ନପତ୍ର ପରେ ସିକରର ଜଣେ ଏମ୍‌ବିବିଏସ୍ କାଉନସେଲିଂ ଏଜେଣ୍ଟ ରାକେଶ ମାଣ୍ଡାୱାରିଆଙ୍କୁ ବିକ୍ରି କରାଯାଇଥିଲା। ରାକେଶ ଏହାକୁ ପାଖାପାଖି ୭୦୦ ଛାତ୍ରଛାତ୍ରୀଙ୍କୁ ବାଣ୍ଟିଥିବା ଅଭିଯୋଗ ହୋଇଛି। ଏହି ଚେନ୍ ମାଧ୍ୟମରେ ପ୍ରଶ୍ନପତ୍ରଟି ସିକରର ଏକ ପେଇଂ ଗେଷ୍ଟ (ପିଜି) ହଷ୍ଟେଲରେ ରହୁଥିବା ଛାତ୍ରୀମାନଙ୍କ ପାଖରେ ମଧ୍ୟ ପହଞ୍ଚିଥିଲା। ପ୍ରାଥମିକ ତଦନ୍ତ ଅନୁସାରେ, ନାସିକର ଏକ ପ୍ରିଣ୍ଟିଂ ପ୍ରେସ୍‌ରୁ ପ୍ରଶ୍ନପତ୍ର ଲିକ୍ ହୋଇ ଗୁରୁଗ୍ରାମର ଡାକ୍ତରଙ୍କ ପାଖକୁ ଆସିଥିବା ସନ୍ଦେହ କରାଯାଉଛି। କୁହାଯାଉଛି ଯେ ଦିନେଶ ଏହି ପ୍ରଶ୍ନପତ୍ର ପ୍ରଥମେ ତାଙ୍କ ପୁତ୍ରକୁ ଦେଇଥିଲେ। ଏହାପରେ ଅନ୍ୟମାନଙ୍କୁ ବିକ୍ରି କରିଥିଲେ। ତାଙ୍କ ପୁଅ ନିଟ୍ ପାଇଁ ପ୍ରସ୍ତୁତି ଚଳାଇଥିଲେ। ଘଟଣା ପ୍ରଘଟ ହେବାପରେ ତାଙ୍କ ପୁଅ ଫେରାର ହୋଇଯାଇଛି।

ସୂଚନାଯୋଗ୍ୟ ଯେ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ପରେ ସିବିଆଇ ଏହି ମାମଲାରେ ଏଫ୍‌ଆଇଆର୍ ରୁଜୁ କରି ତଦନ୍ତ କରୁଛି। ଏହି ପ୍ରଶ୍ନପତ୍ର ଲିକ୍ ଘଟଣା ଏବେ ଏକ ଆନ୍ତଃରାଜ୍ୟ ଦୁର୍ନୀତିର ରୂପ ନେଇଛି। ପରୀକ୍ଷା ବାତିଲ ହେବା ଫଳରେ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଛି। ସିବିଆଇ ଏବେ ଏହି ଲିକର ମୂଳ ଉତ୍ସ ଖୋଜିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି।

# ମୁଲାୟମଙ୍କ ସାନ ପୁଅ ପ୍ରତୀକଙ୍କ ଆକସ୍ମିକ ମୃତ୍ୟୁ

ଲକ୍ଷ୍ନୌ, ୧୩।୫(ଏଜେନ୍ସି): ଉତ୍ତର ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ସମାଜବାଦୀ ପାର୍ଟିର ପ୍ରତିଷ୍ଠାତା ସ୍ୱର୍ଗତ ମୁଲାୟମ ସିଂ ଯାଦବଙ୍କ କନିଷ୍ଠ ପୁତ୍ର ପ୍ରତୀକ ଯାଦବଙ୍କର ଆଜି ପରଲୋକ ଘଟିଛି। ମାତ୍ର ୩୮ ବର୍ଷ ବୟସରେ ତାଙ୍କର ଏହି ଆକସ୍ମିକ ବିୟୋଗ ଯାଦବ ପରିବାର ତଥା ସମଗ୍ର ରାଜ୍ୟରେ ଶୋକର ଲହରୀ ଖେଳାଇ ଦେଇଛି। ସେ ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଳେଶ



ଯାଦବଙ୍କ ସାନଭାଇ ଏବଂ ବିଜେପି ନେତ୍ରୀ ଅପର୍ଣ୍ଣା ଯାଦବଙ୍କ ସ୍ୱାମୀ ଥିଲେ। ସୂଚନା ଅନୁଯାୟୀ, ଆଜି ସକାଳ ପ୍ରାୟ ୬:୧୫ ମିନିଟ୍ ସମୟରେ ପରିବାର ଲୋକେ ତାଙ୍କୁ ଲକ୍ଷ୍ନୌ ସିଭିଲ୍ ହସ୍ପିଟାଲକୁ ଆଣିଥିଲେ, କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପ୍ରତୀକ ଦୀର୍ଘ ଦିନ ଧରି ଫୁସଫୁସ ଜନିତ ସମସ୍ୟାରେ ପୀଡ଼ିତ ଥିଲେ ଏବଂ ତାଙ୍କ ଫୁସଫୁସରେ ରକ୍ତ ଜମାଟ ବାନ୍ଧିବା କାରଣରୁ ଚିକିତ୍ସାଧୀନ ଥିଲେ। ମୃତ୍ୟୁର ପ୍ରକୃତ କାରଣ ଜାଣିବା ପାଇଁ କିଙ୍ଗ ଜର୍ଜ ମେଡିକାଲ ବିଶ୍ୱବିଦ୍ୟାଳୟର ଡାକ୍ତରୀ ଦଳ ଶବ ବ୍ୟବଚ୍ଛେଦ କରିବେ। ମୁଲାୟମ ସିଂ ଯାଦବ ଏବଂ ତାଙ୍କ ଦ୍ୱିତୀୟ ପତ୍ନୀ ସାଧନା ଯାଦବଙ୍କ ପୁତ୍ର ପ୍ରତୀକ ରାଜନୀତିଠାରୁ ସବୁବେଳେ ଦୂରରେ ରହୁଥିଲେ। ୨୦୧୧ ମସିହାରେ ପ୍ରତୀକ ଓ ଅପର୍ଣ୍ଣା ଯାଦବ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ସେମାନଙ୍କର ଦୁଇଟି ସନ୍ତାନ ଅଛନ୍ତି। ଯଦିଓ ସେମାନଙ୍କ ବୈବାହିକ ଜୀବନରେ କିଛି ସମୟ ପାଇଁ ତିକ୍ତତା ଦେଖାଦେଇଥିଲା, ମାତ୍ର ସେମାନେ ଏକାଠି ରହୁଥିଲେ। ପ୍ରତୀକ ଲ୍ୟାମ୍ବୋର୍ଗିନି ଭଳି ଦାମୀ କାର୍ ସୌକି ପାଇଁ ମଧ୍ୟ ଅନେକ ସମୟରେ ଚର୍ଚ୍ଚାରେ ରହୁଥିଲେ।

# ଟ୍ରମ୍ପଙ୍କ ଚୀନ ଗସ୍ତକୁ ନେଇ ଚର୍ଚ୍ଚା



ବେଜିଂ, ୧୩।୫(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବୁଧବାର ଚୀନ୍‌ର ରାଜଧାନୀ ବେଜିଂରେ ପହଞ୍ଚିଛନ୍ତି। ବିଶ୍ୱର ଦୁଇ ବୃହତ୍ତମ ଅର୍ଥନୀତି ମଧ୍ୟରେ ବଢୁଥିବା ତିକ୍ତତାକୁ ହ୍ରାସ କରିବା ଏବଂ ସମ୍ପର୍କକୁ ସ୍ଥିର କରିବା ଲକ୍ଷ୍ୟରେ ଏହି ୩ ଦିନିଆ ଉଚ୍ଚସ୍ତରୀୟ ସମ୍ମିଳନୀ ଆୟୋଜିତ ହେଉଛି। ପ୍ରାୟ ଏକ ଦଶନ୍ଧି ପରେ ଜଣେ କାର୍ଯ୍ୟରତ ଆମେରିକା ରାଷ୍ଟ୍ରପତିଙ୍କର ଏହା ପ୍ରଥମ ଚୀନ୍ ଗସ୍ତ ହୋଇଥିବାରୁ ଏନେଇ ବେଶ୍ ଚର୍ଚ୍ଚା ଲାଗିରହିଛି। ଟ୍ରମ୍ପଙ୍କ ସହ ଏହି ଗସ୍ତରେ ଏଲନ୍ ମସ୍କ, ଟିମ୍ କୁକ୍ ଏବଂ ଏନଭିଡିଆର ସିଇଓ ଜେନସେନ୍ ହୁଆଙ୍ଗଙ୍କ ଭଳି ପ୍ରମୁଖ ଆମେରିକୀୟ ବ୍ୟବସାୟିକ ନେତାମାନେ ସାମିଲ ଅଛନ୍ତି। ବେଜିଂ ବିମାନବନ୍ଦରରେ ଚୀନ୍‌ର ଉପ-ରାଷ୍ଟ୍ରପତି ହାନ ଜେଙ୍ଗ ଟ୍ରମ୍ପଙ୍କୁ ଭବ୍ୟ ସ୍ୱାଗତ କରିଥିଲେ।

ଏହି ଗସ୍ତର ସବୁଠାରୁ ଆଶ୍ଚର୍ଯ୍ୟଜନକ ବିଷୟ ହେଉଛି ଆମେରିକା ବୈଦେଶିକ ସଚିବ ମାର୍କ ରୁବିଓଙ୍କ ଉପସ୍ଥିତି। ରୁବିଓ ପୂର୍ବରୁ ଚୀନ୍ ଦ୍ୱାରା ଦୁଇ ଥର ପ୍ରତିବନ୍ଧିତ ହୋଇଥିଲେ ମଧ୍ୟ ବେଜିଂ କର୍ତ୍ତୃପକ୍ଷ ତାଙ୍କ ନାମର ଚୀନ୍ ଅନୁବାଦରେ ସାମାନ୍ୟ ପରିବର୍ତ୍ତନ କରି ତାଙ୍କ ପ୍ରବେଶକୁ ଅନୁମତି ଦେଇଥିବା ଜଣାପଡ଼ିଛି। ସେପଟେ ସମ୍ମିଳନୀ ପୂର୍ବରୁ ବେଜିଂ ତାଇୱାନ ପ୍ରସଙ୍ଗରେ ନିଜର ଆଭିମୁଖ୍ୟ କଠୋର କରିଛି। ଚୀନ୍‌ର ତାଇୱାନ ବ୍ୟାପାର କାର୍ଯ୍ୟାଳୟର ମୁଖପାତ୍ର ଝାଙ୍ଗ ହାନ କହିଛନ୍ତି ଯେ, ତାଇୱାନ ପ୍ରସଙ୍ଗ ଚୀନ୍‌ର ସମ୍ପୂର୍ଣ୍ଣ ଆଭ୍ୟନ୍ତରୀଣ ବ୍ୟାପାର ଏବଂ ଏଥିରେ କୌଣସି ବାହ୍ୟ ହସ୍ତକ୍ଷେପ ଗ୍ରହଣୀୟ ନୁହେଁ। ଆମେରିକା ଦ୍ୱାରା ତାଇୱାନକୁ ଦିଆଯାଉଥିବା ୧୪ ବିଲିୟନ ଡଲାରର ଅସ୍ତ୍ରଶସ୍ତ୍ର ବିକ୍ରୟକୁ ମଧ୍ୟ ଚୀନ୍ ଦୃଢ଼ ବିରୋଧ କରିଛି। ଆମେରିକା-ଚୀନର ଏହି ହାଇପ୍ରୋଫାଇଲ ସମ୍ମିଳନୀରେ ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ଇରାନ ସଙ୍କଟ ଆଲୋଚନାର ଏକ ପ୍ରମୁଖ ଅଂଶ ହେବ ବୋଲି କୁହାଯାଉଛି। ତେବେ ଟ୍ରମ୍ପ ଆମେରିକା ଛାଡ଼ିବା ବେଳେ ଇରାନ ସହିତ ବିବାଦ ସମାପ୍ତ କରିବା ପାଇଁ ଚୀନ୍‌ର ସାହାଯ୍ୟ ଉପରେ ନିର୍ଭରଶୀଳ ନୁହନ୍ତି ବୋଲି କହିଛନ୍ତି। କିନ୍ତୁ ଯୁଦ୍ଧ ଜନିତ ସଙ୍କଟ ଛାଇ ରହିଥିବା ବେଳେ ବିଶ୍ୱର ଦୁଇ ମହାଶକ୍ତି ମଧ୍ୟରେ ଆଲୋଚନା ଶାନ୍ତି ଦିଗରେ ଆଶା ସୃଷ୍ଟି କରିଛି।

# ଭେନେଜୁଏଲାକୁ ଆମେରିକାର '୫୧ତମ ରାଜ୍ୟ' କହିଲେ ଟ୍ରମ୍ପ

ୱାଶିଂଟନ୍/କାରାକାସ୍, ୧୩।୫(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣିଥରେ ଏକ ବଡ଼ ଅନ୍ତର୍ଜାତୀୟ ବିବାଦ ସୃଷ୍ଟି କରିଛନ୍ତି। ନିଜର ସୋସିଆଲ ମିଡିଆ ପ୍ଲାଟଫର୍ମ 'ଟ୍ରୁଥ୍ ସୋସିଆଲ'ରେ ଏକ ଗ୍ରାଫିକ୍ସ ସେୟାର କରି ସେ ଭେନେଜୁଏଲାକୁ ଆମେରିକାର '୫୧ତମ ରାଜ୍ୟ' ଭାବେ ଦର୍ଶାଇଛନ୍ତି। ଚୀନ୍ ଗସ୍ତ ସମୟରେ ଟ୍ରମ୍ପଙ୍କ ଏହି ପଦକ୍ଷେପ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ବୃଦ୍ଧି କରିଛି। ପୂର୍ବରୁ ଫକ୍ସ ନ୍ୟୁଜ୍‌କୁ ଦେଇଥିବା ଏକ ସାକ୍ଷାତକାରରେ ଟ୍ରମ୍ପ କହିଥିଲେ ଯେ, ଭେନେଜୁଏଲାରେ ଥିବା ପ୍ରଚୁର ତୈଳ ସମ୍ପଦ ଯୋଗୁଁ ସେ ଏହି ଦେଶକୁ ଆମେରିକାରେ ସାମିଲ କରିବାକୁ ଗମ୍ଭୀରତାର ସହ ବିଚାର କରୁଛନ୍ତି। ଭେନେଜୁଏଲାର ଅନ୍ତରୀଣ ରାଷ୍ଟ୍ରପତି ଡେଲସି ରୋଡ୍ରିଗୁଏଜ୍ ଏହାକୁ ଦୃଢ଼ ଭାବେ ପ୍ରତ୍ୟାଖ୍ୟାନ କରିଛନ୍ତି। ସେ କହିଛନ୍ତି ଯେ, ଭେନେଜୁଏଲା ଏକ ମୁକ୍ତ ରାଷ୍ଟ୍ର, କୌଣସି ଦେଶର ଉପନିବେଶ ନୁହେଁ। ନିଜ ଦେଶର ସାର୍ବଭୌମତ୍ୱ ଓ ସ୍ୱାଧୀନତା ସହ କୌଣସି ବୁଝାମଣା କରାଯିବ ନାହିଁ। ଏହି ରାଜନୈତିକ ତିକ୍ତତା ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ଅପରେସନ୍ ସଫଳ ହୋଇଛି। ଆମେରିକା, ବ୍ରିଟେନ ଏବଂ ଭେନେଜୁଏଲା କର୍ତ୍ତୃପକ୍ଷଙ୍କ ମିଳିତ ସହଯୋଗରେ ଭେନେଜୁଏଲାରୁ ୧୩.୫ କିଲୋଗ୍ରାମ ସମୃଦ୍ଧ ୟୁରାନିୟମକୁ ସୁରକ୍ଷିତ ଭାବେ ଉତ୍ତର ଆମେରିକା ସ୍ଥାନାନ୍ତର କରାଯାଇଛି। ଅନ୍ତର୍ଜାତୀୟ ଆଣବିକ ଶକ୍ତି ଏଜେନ୍ସି (ଆଇଏଇଏ) ଏହାକୁ ଏକ ବଡ଼ ସଫଳତା ବୋଲି କହିଛି।



# ମଣିପୁର ପୁଣି ଅଶାନ୍ତ

## ୩ ଚର୍ଚ୍ଚ ନେତାଙ୍କୁ ଗୁଳି କରି ହତ୍ୟା

ଇମ୍ଫାଲ, ୧୩।୫(ଏଜେନ୍ସି): ମଣିପୁରର କାଙ୍ଗପୋକପି ଜିଲ୍ଲାରେ ବୁଧବାର ଦିନ ଏକ ସାଂଘାତିକ ଘଟଣା ଘଟିଛି। ଅଜ୍ଞାତ ସଶସ୍ତ୍ର ଦୁର୍ବୃତ୍ତଙ୍କ ଆକ୍ରମଣରେ 'ଥାଡୋ ବାପ୍ଟିଷ୍ଟ ଆସୋସିଏସନ' (ଟିବିଏ) ର ୩ ଜଣ ଚର୍ଚ୍ଚ ନେତା ପ୍ରାଣ ହରାଇଥିବା ବେଳେ ୫ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ଏହି ଘଟଣା ପରେ ସମଗ୍ର ଅଞ୍ଚଳରେ ଭୟ ଓ ଉତ୍ତେଜନା ପ୍ରକାଶ ପାଇଛି। ଟିବିଏ ନେତାମାନେ ଚୁରାଚାନ୍ଦପୁର ଜିଲ୍ଲାର ଲାମକାଠାରେ ଆୟୋଜିତ ଏକ ସମ୍ମିଳନୀରୁ ଦୁଇଟି ଗାଡ଼ିରେ ଫେରୁଥିଲେ। କୋଟଜିମ୍ ଏବଂ କୋଟଲେନ୍ ମଧ୍ୟରେ ଦୁର୍ବୃତ୍ତମାନେ ସେମାନଙ୍କୁ ଗରିଲା ଆକ୍ରମଣ କରିବା ସହ ଅତର୍କିତ ଗୁଳିଚାଳନା କରିଥିଲେ। ମୃତକଙ୍କ ମଧ୍ୟରେ ମଣିପୁର ବାପ୍ଟିଷ୍ଟ କନଭେନସନର ପୂର୍ବତନ ସାଧାରଣ ସମ୍ପାଦକ ରେଭରେଣ୍ଡ ଭି. ସିତଲହୁ, ରେଭରେଣ୍ଡ ଭି. କାଇଗୌଲୁନ୍ ଏବଂ ପାଷ୍ଟର ପାଓଗୌଲେନ୍ ସାମିଲ ଅଛନ୍ତି। ଆହତ ୫ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହି ହତ୍ୟାକାଣ୍ଡ ପ୍ରତିବାଦରେ କ୍ରୋଧିତ ଲୋକମାନେ କାଙ୍ଗପୋକପିଠାରେ ଜାତୀୟ ରାଜପଥ-୨କୁ ପଥର ଓ କାଠ ପକାଇ ଅବରୋଧ କରିଛନ୍ତି। ଏହି ରାସ୍ତା ମଣିପୁରକୁ ନାଗାଲାଣ୍ଡ ସହ ଯୋଡୁଥିବା ମୁଖ୍ୟ ପରିବହନ ମାର୍ଗ। କୁକି ଷ୍ଟୁଡେଣ୍ଟସ୍ ଅର୍ଗାନାଇଜେସନ୍ (କେଏସ୍‌ଓ) ଏହି ଘଟଣାକୁ ନିନ୍ଦା କରିବା ସହ ଜିଲ୍ଲାରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଜରୁରୀକାଳୀନ ବନ୍ଦ ଘୋଷଣା କରିଛି। କେବଳ ମେଡିକାଲ, ପ୍ରେସ୍ ଏବଂ ବିଦ୍ୟୁତ ସେବାକୁ ଏହି ବନ୍ଦରୁ ମୁକ୍ତ ରଖାଯାଇଛି।

# ଏଆଇଏଡିଏମ୍‌କେରୁ ବିଦ୍ରୋହୀ ଗୋଷ୍ଠୀ ବହିଷ୍କୃତ

ଚେନ୍ନାଇ, ୧୩।୫(ଏଜେନ୍ସି): ତାମିଲନାଡୁ ବିଧାନସଭାରେ ମୁଖ୍ୟମନ୍ତ୍ରୀ ବିଜୟଙ୍କ ନେତୃତ୍ୱାଧୀନ ଟିଭିକେ ସରକାର ସଫଳତାର ସହ ନିଜର ବହୁମତ ପ୍ରମାଣିତ କରିଛି। ଏହି ଆସ୍ଥା ଭୋଟ୍ ପରେ ରାଜ୍ୟର ପ୍ରମୁଖ ବିରୋଧୀ ଦଳ ଏଆଇଏଡିଏମ୍‌କେ ମଧ୍ୟରେ ଏକ ବଡ଼ ଧରଣର ବିଭାଜନ ଦେଖିବାକୁ ମିଳିଛି। ଦଳର ସାଧାରଣ ସମ୍ପାଦକ ଏଡାପ୍ପାଡି କେ. ପାଲାନିସ୍ୱାମୀ ଅନେକ ବରିଷ୍ଠ ନେତାଙ୍କୁ ଦଳରୁ ବହିଷ୍କାର କରିଛନ୍ତି। ୨୩୪ ସଦସ୍ୟ ବିଶିଷ୍ଟ ତାମିଲନାଡୁ ବିଧାନସଭାରେ ବିଜୟଙ୍କ ସରକାର ୧୪୪ ଜଣ ବିଧାୟକଙ୍କ ସମର୍ଥନ ପାଇ ଆସ୍ଥା ଭୋଟ୍‌ରେ ବିଜୟୀ ହୋଇଛନ୍ତି। ନିକଟରେ ଅନୁଷ୍ଠିତ ନିର୍ବାଚନରେ ଟିଭିକେ ୧୦୮ଟି ଆସନ ଜିତି ସଂଖ୍ୟାଗରିଷ୍ଠତାରୁ ସାମାନ୍ୟ ଦୂରରେ ଥିଲା। ତେବେ କଂଗ୍ରେସ, ବାମଦଳ, ଆଇୟୁଏମଏଲ୍ ଏବଂ ଏଆଇଏଡିଏମ୍‌କେର ଏକ ବିଦ୍ରୋହୀ ଗୋଷ୍ଠୀର ସମର୍ଥନରେ ବିଜୟ ନିଜର ସରକାର ବଞ୍ଚାଇବାରେ ସଫଳ ହୋଇଛନ୍ତି। ଆସ୍ଥା ଭୋଟ୍ ସମୟରେ ଏଆଇଏଡିଏମ୍‌କେର କିଛି ବିଧାୟକ ଦଳୀୟ ନିଷ୍ପତ୍ତି ବିରୁଦ୍ଧରେ ଯାଇ ବିଜୟଙ୍କ ସରକାର ସପକ୍ଷରେ ଭୋଟ୍ ଦେଇଥିଲେ। ଏହି ଘଟଣାର କିଛି ଘଣ୍ଟା ମଧ୍ୟରେ ଦଳର ମୁଖ୍ୟ ପାଲାନିସ୍ୱାମୀ କଠୋର ଆଭିମୁଖ୍ୟ ଗ୍ରହଣ କରି ସିଭି. ସନ୍‌ମୁଗମ ଏବଂ ଏସପି ଭେଲୁମଣିଙ୍କ ସମେତ ଅନେକ ବିଦ୍ରୋହୀ ନେତାଙ୍କୁ ଦଳୀୟ ପଦବୀରୁ ବହିଷ୍କାର କରିଛନ୍ତି।

# ସମାଲୋଚନା ପରେ ଜ୍ୟୋତିଷଙ୍କୁ ହଟାଇଲେ ବିଜୟ

ଚେନ୍ନାଇ, ୧୩।୫(ଏଜେନ୍ସି): ତାମିଲନାଡୁ ନବ ନିର୍ବାଚିତ ମୁଖ୍ୟମନ୍ତ୍ରୀ ଜୋସେଫ୍ ବିଜୟ ନିଜର ବ୍ୟକ୍ତିଗତ ଜ୍ୟୋତିଷ ରିକି ରାଧନ ପଣ୍ଡିତ ଭେଟ୍ରିଭେଲଙ୍କୁ ଅଫିସର ଅନ୍ ସ୍ପେଶାଲ ଡ୍ୟୁଟି (ଓଏସ୍‌ଡି) ଭାବେ ଦେଇଥିବା ନିଯୁକ୍ତିକୁ ରଦ୍ଦ କରିଛନ୍ତି। ମେଣ୍ଟ ସହଯୋଗୀ ଏବଂ ବିରୋଧୀ ଦଳଗୁଡ଼ିକର ତୀବ୍ର



ସମାଲୋଚନା ପରେ ଶେଷରେ ସେ ବାଧ୍ୟ ହୋଇ ଏହି ପଦକ୍ଷେପ ଗ୍ରହଣ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଭେଟ୍ରିଭେଲଙ୍କୁ ଏହି ପଦବୀ ପ୍ରଦାନ ପରେ ବିବାଦ ବଢ଼ିଥିଲା। ଟିଭିକେ ସରକାରକୁ ସମର୍ଥନ କରୁଥିବା ଭିସିକେ, ସିପିଆଇ(ଏମ୍) ଏବଂ ସିପିଆଇ ଭଳି ମେଣ୍ଟ ସହଯୋଗୀ ଦଳଗୁଡ଼ିକ ଏହି ନିଷ୍ପତ୍ତିକୁ ଖୋଲାଖୋଲି ବିରୋଧ କରିଥିଲେ। ଭିସିକେ ବିଧାୟକ ବାଣୀ ଆର୍ସୁ ବୈଜ୍ଞାନିକ ଏବଂ ଯୁକ୍ତିଯୁକ୍ତ ଚିନ୍ତାଧାରା ଉପରେ ଗୁରୁତ୍ୱ ଦେବା ଉଚିତ ଏବଂ ଅନ୍ଧବିଶ୍ୱାସକୁ ପ୍ରୋତ୍ସାହନ ଦେବା ଅନୁଚିତ ବୋଲି କହିଥିଲେ। ସେହିପରି ବାମପନ୍ଥୀ ଦଳ ସିପିଆଇ(ଏମ୍) ରାଜ୍ୟ ସମ୍ପାଦକ ପି. ସନମୁଗମ ଏବଂ ସିପିଆଇ ରାଜ୍ୟ ସମ୍ପାଦକ ଏମ. ବୀରପାଣ୍ଡିଆନ ସରକାରୀ ଖର୍ଚ୍ଚରେ ଜଣେ ଜ୍ୟୋତିଷଙ୍କୁ ନିଯୁକ୍ତି ଦେବା ବୈଜ୍ଞାନିକ ମନୋଭାବର ବିରୋଧୀ ବୋଲି ଯୁକ୍ତି ବାଢ଼ିଥିଲେ। ଡିଏମଡିକେ ନେତ୍ରୀ ପ୍ରେମଲତା ବିଜୟକାନ୍ତ ମୁଖ୍ୟମନ୍ତ୍ରୀଙ୍କ ଏହି ନିଷ୍ପତ୍ତିକୁ କଡ଼ା ସମାଲୋଚନା କରି ସେ ଯୁବପିଢ଼ିଙ୍କ ପାଇଁ ଏକ ଭୁଲ ଉଦାହରଣ ସୃଷ୍ଟି କରୁଛନ୍ତି ବୋଲି କହିଥିଲେ।



# ସିବିଆଇ ମୁଖ୍ୟ ଚୟନ ପ୍ରକ୍ରିୟାକୁ ନେଇ ରାହୁଲ ଗାନ୍ଧୀଙ୍କ ଆପତ୍ତି

ନୂଆଦିଲ୍ଲୀ, ୧୩।୫(ଏଜେନ୍ସି): ସିବିଆଇ'ର ନୂତନ ନିର୍ଦ୍ଦେଶକ ଚୟନ ପାଇଁ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଅସନ୍ତୋଷ ବ୍ୟକ୍ତ କରିବା ସହ ଏକ ଅସମ୍ମତି ପତ୍ର (ଡିସେଣ୍ଟ ନୋଟ୍) ଦାଖଲ କରିଛନ୍ତି। ପୂରା ଚୟନ ପ୍ରକ୍ରିୟା ପାତରଅନ୍ତର ଏବଂ ସାମ୍ବିଧାନିକ ବ୍ୟବସ୍ଥାର ପରିହାସ ବୋଲି ସେ ଅଭିଯୋଗ କରିଛନ୍ତି। ସିବିଆଇ ନିର୍ଦ୍ଦେଶକ ପ୍ରବୀଣ ସୁଦ୍‌ଙ୍କ କାର୍ଯ୍ୟକାଳ ମେ ୨୪ରେ ଶେଷ ହେଉଥିବାରୁ ନୂତନ ମୁଖ୍ୟ ଚୟନ ପାଇଁ ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ଏବଂ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସାମିଲ ହୋଇଥିଲେ। ରାହୁଲ ଗାନ୍ଧୀ ଅଭିଯୋଗ କରିଛନ୍ତି ଯେ ତାଙ୍କୁ ମନୋନୀତ ପ୍ରାର୍ଥୀଙ୍କ ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଯଥା ସେମାନଙ୍କର ସେଲଫ୍-ଆପ୍ରେଜାଲ୍ ରିପୋର୍ଟ କିମ୍ବା ପୂର୍ବ କାର୍ଯ୍ୟର ଆକଳନ ରିପୋର୍ଟ ଦିଆଯାଇ ନାହିଁ। ସରକାର ନିଜ ପସନ୍ଦର ପ୍ରାର୍ଥୀଙ୍କୁ ଚୟନ କରିବା ପାଇଁ ପୂରା ପ୍ରକ୍ରିୟାକୁ ଏମିତି ସଜାଇଛନ୍ତି ଯେଉଁଥିରେ ବିରୋଧୀ ଦଳ ନେତାଙ୍କ ଭୂମିକା କେବଳ ଏକ 'ରବର ଷ୍ଟାମ୍ପ' ପରି ହୋଇ ରହିଛି। ବୈଠକ ସମୟରେ ହିଁ ତାଙ୍କୁ ୬୯ ଜଣ ଅଧିକାରୀଙ୍କ ରେକର୍ଡ ଦିଆଯାଇଥିଲା, ଯାହାକୁ ଏତେ କମ୍ ସମୟରେ ପଢ଼ିବା ସମ୍ଭବ ନୁହେଁ ବୋଲି ସେ କହିଛନ୍ତି। ସେ କହିଛନ୍ତି ଯେ ଗତବର୍ଷ ଅକ୍ଟୋବର ଓ ଚଳିତ ମେ ୫ ତାରିଖରେ ସେ ପ୍ରକ୍ରିୟାର ସ୍ୱଚ୍ଛତା ପାଇଁ ପତ୍ର ଲେଖିଥିଲେ ମଧ୍ୟ ସରକାରଙ୍କ ପକ୍ଷରୁ କୌଣସି ଉତ୍ତର ମିଳିନାହିଁ। ପ୍ରାୟ ଏକ ଘଣ୍ଟାର ବୈଠକ ପରେ ଏପର୍ଯ୍ୟନ୍ତ କୌଣସି ନାମ ଔପଚାରିକ ଭାବେ ଘୋଷଣା କରାଯାଇ ନାହିଁ।



ଆସିଲା 'ଚାନ୍ଦ ମେରା ଦିଲ୍'ର ଟ୍ରେଲର୍

▶ପୃଷ୍ଠା ୧୧ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-315 ◆THURSDAY ◆14 MAY 2026 ◆PAGE-12 ◆₹ 7.00

◆ବର୍ଷ-୪୩ ◆ସଂଖ୍ୟା-୩୧୫ ◆ଗୁରୁବାର ◆୧୪ ମେ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


### ପୁଣି ମହଙ୍ଗା ହେବ ଅଳଙ୍କାର ବଜାର

## ସୁନା, ରୁପା ଆମଦାନୀ ଶୁଳ୍କ ବଢ଼ିଲା



■ ନୂଆଦିଲ୍ଲୀ, ୧୩।୫ (ଏଜେନ୍ସି): କେନ୍ଦ୍ର ସରକାର ସୁନା ଏବଂ ରୁପା ଆମଦାନୀ ଉପରେ ଶୁଳ୍କ ବୃଦ୍ଧି ଘଟାଇଛନ୍ତି। ଉଭୟ ଧାତୁର ଆମଦାନୀ ଶୁଳ୍କ ୬%ରୁ ୧୫%କୁ ବୃଦ୍ଧି କରାଯାଇଛି। ସୁନା ଆମଦାନୀ ଉପରେ କୃଷି ଭିତ୍ତିକ ସେସ୍ ୫ ପ୍ରତିଶତ ବୃଦ୍ଧି ପାଇଛି। ସରକାରଙ୍କ ଏହି ନିଷ୍ପତ୍ତି ପରେ ଆଜି ଘରୋଇ ବଜାରରେ ସୁନା ଏବଂ ରୁପା ମୂଲ୍ୟରେ ବୃହତ୍ ବୃଦ୍ଧି ଘଟିଛି। ବୁଧବାର ଜାରି ହୋଇଥିବା ଏହି ନିର୍ଦ୍ଦେଶ ପରେ, ବଜାରରେ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୦୦୦ ଟଙ୍କା ଏବଂ ରୁପା ୨୨,୦୦୦ ମହଙ୍ଗା ହୋଇଛି। ସରକାରଙ୍କ ଲକ୍ଷ୍ୟ ହେଉଛି ବିଦେଶୀ କ୍ରୟକୁ ହ୍ରାସ କରିବା ଏବଂ ଦେଶର ବୈଦେଶିକ ମୁଦ୍ରା ଭଣ୍ଡାର ଉପରେ ଚାପ କମ୍ କରିବା। ଆମେରିକା-ଇରାନ ଯୁଦ୍ଧ ମଧ୍ୟରେ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ସରକାର ସୁନା ଉପରେ ୧୦% ମୌଳିକ ସୀମା ଶୁଳ୍କ ଏବଂ ୫% କୃଷି ଭିତ୍ତିଭୂମି ଏବଂ ▶ପୃଷ୍ଠା-୭

### ବିମାନ ଇନ୍ଧନ ଦର ବୃଦ୍ଧିର ପ୍ରଭାବ

## ଏୟାର ଇଣ୍ଡିଆର ଅନ୍ତର୍ଜାତୀୟ ବିମାନ ସେବା ହ୍ରାସ



■ ନୂଆଦିଲ୍ଲୀ, ୧୩।୫ (ଏଜେନ୍ସି): ପଶ୍ଚିମ ଏସିଆରେ ଚାଲିଥିବା ଯୁଦ୍ଧ ଏବଂ ବିଶ୍ୱ ଅର୍ଥନୈତିକ ସଙ୍କଟ ଯୋଗୁଁ ବିମାନ ଇନ୍ଧନର ଦର ଆକାଶଛୁଆଁ ହୋଇଛି। ଏହାର ସିଧାସଳଖ ପ୍ରଭାବ ଟାଟା ଗ୍ରୁପ୍‌ର ଏୟାର ଇଣ୍ଡିଆ ଉପରେ ପଡ଼ିଛି, ଯାହା ଫଳରେ ଜୁନ୍ ମାସରୁ କମ୍ପାନୀ ଅନେକ ବିଦେଶୀ ରୁଟ୍‌ରେ ବିମାନ ଚଳାଚଳ ବନ୍ଦ କରିବାକୁ ବାଧ୍ୟ ହୋଇଛି। ବିଶ୍ୱ ବଜାରରେ ବିମାନ ଇନ୍ଧନ (ଏଟିଏଫ୍) ଦର ବୃଦ୍ଧି ଏବଂ ଆକାଶମାର୍ଗ କଟକଣା ଯୋଗୁଁ ଏୟାର ଇଣ୍ଡିଆ ଅନେକ ପ୍ରମୁଖ ଆନ୍ତର୍ଜାତୀୟ ବିମାନ ସେବାକୁ ସାମୟିକ ଭାବେ ବନ୍ଦ କିମ୍ବା ହ୍ରାସ କରିବାକୁ ନିଷ୍ପତ୍ତି ନେଇଛି। ଏହିକ୍ରମରେ ଦିଲ୍ଲୀରୁ ଚିକାଗୋ, ନ୍ୟୁୟର୍କ, ସିଙ୍ଗାପୁର ଏବଂ ସାଙ୍ଘାଇ ଭଳି ସହରକୁ ଯାଉଥିବା ବିମାନ ସେବାକୁ ସମ୍ପୂର୍ଣ୍ଣ ସ୍ଥଗିତ ରଖାଯାଇଛି। ସାନ୍ ଫ୍ରାନ୍ସିସ୍କୋ, ପ୍ୟାରିସ୍ ଏବଂ ଟରହଣ୍ଟୋ ଭଳି ସହରକୁ ▶ପୃଷ୍ଠା-୭

### ୧୪ ଖରିଫ୍ ଫସଲର ଏମ୍‌ଏସ୍‌ପିରେ କ୍ୟାବିନେଟ୍ ମୋହର

## ଧାନର ସହାୟକ ମୂଲ୍ୟ ୭୨ ଟଙ୍କା ବଢ଼ିଲା



■ ନୂଆଦିଲ୍ଲୀ, ୧୩।୫ (ଏଜେନ୍ସି): ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମେ କେନ୍ଦ୍ର ସରକାର ବୁଧବାର ୧୪ଟି ଖରିଫ୍ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ(ଏମଏସପି)ରେ ବୃଦ୍ଧି ଘଟାଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ୍ କମିଟି (ସିସିଇଏ) ବୈଠକରେ ଏ ସମ୍ପର୍କିତ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ଏହି ଅନୁଯାୟୀ, ୨୦୨୬-୨୭ ଖରିଫ୍ ବିପଣନ ଋତୁ ପାଇଁ ବିଭିନ୍ନ ଫସଲର ଏମ୍‌ଏସ୍‌ପି ବୃଦ୍ଧି ହୋଇଛି। ଏଥିରେ ଧାନ ସର୍ବନିମ୍ନ ସହାୟକ ମୂଲ୍ୟରେ ୭୨ ଟଙ୍କା ବୃଦ୍ଧି କରାଯାଇଛି। ଫଳରେ ୨୦୨୬-୨୭ ଆର୍ଥିକବର୍ଷ ପାଇଁ ସାଧାରଣ କିସମ ଧାନର ଏମ୍‌ଏସ୍‌ପି କ୍ୱିଣ୍ଟାଲ ପିଛା ୨୩୬୯ ଟଙ୍କାରୁ ୨୪୪୧ ଟଙ୍କା କୁ ବୃଦ୍ଧି ଘଟିଛନ୍ତି। ସେହିପରି ଗ୍ରେଡ୍ ଏ ଧାନ ର ଏମ୍‌ଏସ୍‌ପି କ୍ୱିଣ୍ଟାଲ ପିଛା ୨୩୮୯ ଟଙ୍କାରୁ ୨୪୬୧ ଟଙ୍କାକୁ ବୃଦ୍ଧି ଘଟିଛି। ଅପରପକ୍ଷେ ଗତ ବର୍ଷ ▶ପୃଷ୍ଠା-୭

## ତୈଳ ସଙ୍କଟ

# ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ କାର୍‌କେଡ୍ ଅଧା

## ପ୍ରଧାନମନ୍ତ୍ରୀଙ୍କ କନ୍‌ଭୟ ୫୦ ପ୍ରତିଶତ ହ୍ରାସ



**ଖର୍ଚ୍ଚ କମ୍ କରିବା ଓ ସୁନା ନ କିଣିବାକୁ ଦେଇଥିଲେ ପରାମର୍ଶ**

■ ନୂଆଦିଲ୍ଲୀ, ୧୩।୫(ଏଜେନ୍ସି): ଇରାନ ଯୁଦ୍ଧ କାରଣରୁ ବିଶ୍ୱ ଅର୍ଥନୀତିରେ ଦେଖାଦେଇଥିବା ସଙ୍କଟ ଏବଂ ଇନ୍ଧନର ବର୍ଦ୍ଧିତ ମୂଲ୍ୟକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ମିତବ୍ୟୟିତା ଅବଲମ୍ବନ କରିବାକୁ ପରାମର୍ଶ ଦେବା ପରେ, ସେ ନିଜର ସୁରକ୍ଷା ପାଇଁ ନିୟୋଜିତ ଗାଡ଼ି ପଟୁଆର (କାରକେଡ୍)କୁ ଅଧା କରିଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ସ୍ୱତନ୍ତ୍ର ସୁରକ୍ଷା ଗୋଷ୍ଠୀ (ଏସ୍‌ପିଜି) ତାଙ୍କ କାରକେଡରେ ଥିବା ଗାଡ଼ି ସଂଖ୍ୟାକୁ ୫୦ ପ୍ରତିଶତ ହ୍ରାସ କରିଛନ୍ତି। ତେବେ ସୁରକ୍ଷା ବ୍ୟବସ୍ଥା ସହିତ କୌଣସି ପ୍ରକାରର ବୁଝାମଣା ନକରି ଏହି କାଟ୍ କରାଯାଇଛି। ପ୍ରଧାନମନ୍ତ୍ରୀ ତାଙ୍କ କନଭୟରେ ଅଧିକରୁ ଅଧିକ ବୈଦ୍ୟୁତିକ ଯାନ (ଇଭି) ବ୍ୟବହାର କରିବାକୁ ଗୁରୁତ୍ୱ ଦେଇଛନ୍ତି। ମାତ୍ର ଏଥିପାଇଁ କୌଣସି ନୂଆ ଗାଡ଼ି ନ କିଣିବାକୁ ସେ ସ୍ପଷ୍ଟ କରିଛନ୍ତି। ଇନ୍ଧନ ସଂରକ୍ଷଣ ଏବଂ ପରିବେଶ ସନ୍ତୁଳନ ରକ୍ଷା ପାଇଁ ଏହି ପଦକ୍ଷେପ ନିଆଯାଇଛି। ପ୍ରଧାନମନ୍ତ୍ରୀଙ୍କ ଏହି ପଦକ୍ଷେପ ଘୋଷଣା ପରେ ଅନେକ କେନ୍ଦ୍ର ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ମଧ୍ୟ ସେମାନଙ୍କ କାରକେଡ୍ ସଂଖ୍ୟା ହ୍ରାସ କରିଛନ୍ତି। କେତେକ ମନ୍ତ୍ରୀ ଆଜି ପବ୍ଲିକ ଟ୍ରାନ୍ସପୋର୍ଟ ବ୍ୟବହାର କରିଥିବା ଦେଖାଯାଇଛି।

ହାଇଦ୍ରାବାଦରେ ଆୟୋଜିତ ଏକ ସଭାରେ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ କିଛି ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଇଥିଲେ। ଗୋଟିଏ ବର୍ଷ ପାଇଁ ସୁନା କିଣିବାଠାରୁ ଦୂରେଇ ରୁହନ୍ତୁ। ଅନାବଶ୍ୟକ ବିଦେଶ ଗସ୍ତକୁ ସ୍ଥଗିତ ରଖିବାକୁ, ପେଟ୍ରୋଲ ଓ ଡିଜେଲ ବ୍ୟବହାର କମାଇବାକୁ ପାଇଁ ମେଟ୍ରୋ ରେଳ, ▶ପୃଷ୍ଠା-୭

## ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକୁ ସମ୍ମାନ ଦେବାକୁ ରାଜ୍ୟବାସୀଙ୍କୁ ପରାମର୍ଶ



■ ଭୁବନେଶ୍ୱର, ୧୩।୫ (ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ପେଟ୍ରୋଲ ବ୍ୟବହାର କମ୍ କରିବାକୁ ଦେଇଥିବା ଆହ୍ୱାନ ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବ୍ୟକ୍ତିଗତ ସୁରକ୍ଷା ପାଇଁ ଯାଉଥିବା ଗାଡି ସଂଖ୍ୟା ହ୍ରାସ କରିଛନ୍ତି। ସୂଚନା ଅନୁସାରେ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ କାର୍‌କେଡରେ ୧୨ଟି କାର୍ ସହ ଗୋଟିଏ ଆମ୍ବୁଲାନ୍ସ ଓ ଗୋଟିଏ ଅଗ୍ନିଶମ ଗାଡ଼ି ଯାଉଥିଲା। ଆଜି କାରକେଡ୍ ଗାଡ଼ି ସଂଖ୍ୟା ହ୍ରାସ ନିଷ୍ପତ୍ତି ପରେ ମୁଖ୍ୟମନ୍ତ୍ରୀଙ୍କ ଯାତ୍ରା ସମୟରେ ଗାଡ଼ି ସଂଖ୍ୟା ପ୍ରାୟ ୬କୁ ହ୍ରାସ ପାଇବ ବୋଲି କୁହାଯାଉଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ବ୍ୟକ୍ତିଗତ ଗାଡ଼ିରେ ଯାତାୟତ କମ୍ କରିବା, ଅଧିକ ସାଧାରଣ ପରିବହନ ସେବା ବ୍ୟବହାର ପାଇଁ ଆହ୍ୱାନ ଦେଇଛନ୍ତି। ଅନାବଶ୍ୟକ ଭାବରେ ଗାଡ଼ି ବ୍ୟବହାର ବନ୍ଦ କରିବା, ସୁନା କ୍ରୟ ନ କରିବା, ଅନାବଶ୍ୟକ ବିଦେଶଗସ୍ତ ନ କରିବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଉପରୋକ୍ତ ନିଷ୍ପତ୍ତିକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।

### ତାମିଲନାଡୁ ବିଧାନସଭାରେ ବିଜୟଙ୍କ ବିରାଟ ବିଜୟ

## ୧୪୪ ବିଧାୟକଙ୍କ ସମର୍ଥନରେ ସଂଖ୍ୟାଗରିଷ୍ଠତା ପ୍ରମାଣିତ



■ ଚେନ୍ନଇ, ୧୩।୫(ଏଜେନ୍ସି): ତାମିଲନାଡୁ ରାଜନୀତିରେ ଏକ ନୂତନ ଅଧ୍ୟାୟର ଅୟମାରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ବିଜୟ ଆଜି ବିଧାନସଭାରେ ନିଜର ସଂଖ୍ୟାଗରିଷ୍ଠତା ପ୍ରମାଣ କରିବାରେ ସଫଳ ହୋଇଛନ୍ତି। ପ୍ରବଳ ହଟ୍ଟଗୋଳ ଏବଂ ବିରୋଧୀ ଦଳର କକ୍ଷତ୍ୟାଗ ସତ୍ତ୍ୱେ ବିଜୟ ନିଜ ସପକ୍ଷରେ ୧୪୪ଟି ଭୋଟ୍ ପାଇ ପ୍ରଥମ ଅଗ୍ନିପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ୨୩୪ ସଦସ୍ୟ ବିଶିଷ୍ଟ ତାମିଲନାଡୁ ବିଧାନସଭାରେ ସଂଖ୍ୟାଗରିଷ୍ଠତା ପାଇଁ ୧୧୮ ଜଣ ବିଧାୟକଙ୍କ ସମର୍ଥନ ଆବଶ୍ୟକ ଥିବାବେଳେ ବିଜୟଙ୍କ ସପକ୍ଷରେ ୧୪୪ ଜଣ ସଦସ୍ୟ ମତଦାନ କରିଥିଲେ। ଅନ୍ୟପକ୍ଷରେ, ଡିଏମକେ ଏବଂ ଡିଏମଡିକେ'ର ବିଧାୟକମାନେ ଗୃହରୁ କକ୍ଷତ୍ୟାଗ କରିଥିଲେ। ଡିଏମକେ'ର ଚାରିଜଣ ଏବଂ ବିଜେପିର ଜଣେ ବିଧାୟକ ମତଦାନରୁ ନିବୃତ୍ତ ରହିଥିଲେ। ଏହି ଆସ୍ଥା ଭୋଟ୍‌ରେ ସବୁଠାରୁ ଆଶ୍ଚର୍ଯ୍ୟଜନକ ଘଟଣା ଥିଲା ଏଆଇଏଡିଏମକେ ମଧ୍ୟରେ ଥିବା ବିଦ୍ରୋହ। ଷନମୁଗମ ଏବଂ ଏସପି ଭେଲୁମଣିଙ୍କ ନେତୃତ୍ୱରେ ପାର୍ଟିର ପ୍ରାୟ ୨୫ ଜଣ ବିଧାୟକ ଦଳୀୟ ନିର୍ଦ୍ଦେଶକୁ ଅମାନ୍ୟ କରି ବିଜୟଙ୍କ ସରକାରକୁ ସମର୍ଥନ କରିଥିଲେ। ଏହାଦ୍ୱାରା ପାର୍ଟିର ମୁଖ୍ୟ ଏଡାପ୍ପାଡି ପାଲାନିସ୍ୱାମୀ (ଇପିଏସ୍) ଶିବିରରେ କେବଳ ୨୨ ଜଣ ବିଧାୟକ ବାକି ରହିଛନ୍ତି। ଏହି ପଦକ୍ଷେପ ଫଳରେ ଦଳର ଆଭ୍ୟନ୍ତରୀଣ ଫାଟ ଏବେ ସ୍ପଷ୍ଟ ଭାବେ ଲୋକଲୋଚନକୁ ଆସିଛି। ବିଜୟଙ୍କ ନିଜ ଦଳ ଟିଭିକେ ବ୍ୟତୀତ କଂଗ୍ରେସର ୫ ଜଣ, ବାମପନ୍ଥୀ ଦଳ, ଭିସିକେ ଏବଂ ମୁସଲିମ ଲିଗର ୮ ଜଣ ବିଧାୟକ ସରକାରଙ୍କ ▶ପୃଷ୍ଠା-୭

### ସିବିଏସ୍‌ଇ ଦ୍ୱାଦଶ ପରୀକ୍ଷା ଫଳ ପ୍ରକାଶିତ

## ଓଡ଼ିଶାରେ କମିଲା ପାସ୍ ହାର



■ ଭୁବନେଶ୍ୱର, ୧୩।୫(ସମିସ): ପ୍ରକାଶିତ ହୋଇଛି କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସ୍‌ଇ) ପରିଚାଳିତ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ। ଦେଶରେ ଗତବର୍ଷ ତୁଳନାରେ ପାସ୍ ହାର ୩.୧୯% ହ୍ରାସ ପାଇ ୮୫.୨୦ ପ୍ରତିଶତ ରହିଛି। ଅନ୍ୟପକ୍ଷରେ ଓଡ଼ିଶାରେ ପାସ ହାର ଜାତୀୟ ହାରଠାରୁ ୮ ପ୍ରତିଶତ କମ୍ ରହିଛି। ଅର୍ଥାତ୍ ଚଳିତ ବର୍ଷ ରାଜ୍ୟରେ ୭୬.୮୧ ପ୍ରତିଶତ ଛାତ୍ରଛାତ୍ରୀ ପାସ୍ କରିଛନ୍ତି। ତେବେ ଛାତ୍ରଙ୍କ ତୁଳନାରେ ଅଧିକ ଛାତ୍ରୀ ପାସ୍ କରି ଆଗରେ ରହିଛନ୍ତି।

**ଗତବର୍ଷ ତୁଳନାରେ ୩.୧୯%, ଜାତୀୟ ହାର ତୁଳନାରେ ୮% କମ୍**

ଦେଶରେ ସମୁଦାୟ ୧୭ ଲକ୍ଷ ୬୮ ହଜାର ୯୬୮ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ତନ୍ମଧ୍ୟରୁ ୧୫ ଲକ୍ଷ ୭ ହଜାର ୧୦୯ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଚଳିତ ବର୍ଷ ପୁଅମାନଙ୍କୁ ପଛରେ ପକାଇ ଝିଅମାନେ ଭଲ ପ୍ରଦର୍ଶନ କରିଛନ୍ତି। ଛାତ୍ରୀଙ୍କ ପାସ୍ ହାର ୮୮.୮୬% ଥିବା ବେଳେ ଛାତ୍ରଙ୍କ ପାସ୍ ହାର ୮୨.୧୩% ରହିଛି। ଥିରୁବନନ୍ତପୁରମ୍ ରିଜିଅନ୍‌ରେ ପାସ୍ ହାର ସର୍ବାଧିକ ୯୫.୬୨% ▶ପୃଷ୍ଠା-୭

### ନିଟ୍ ପ୍ରଶ୍ନପତ୍ର ଲିକ୍ | ଦେଶବ୍ୟାପୀ ସିବିଆଇ ଚଢ଼ଉ

■ ନାସିକ, ୧୩।୫(ଏଜେନ୍ସି): ନିଟ୍-ୟୁଜି ୨୦୨୬ ପ୍ରଶ୍ନପତ୍ର ଲିକ୍ ଘଟଣାରେ ସିବିଆଇ ଆଜି ଦେଶବ୍ୟାପୀ ଚଢ଼ଉ ଜାରି ରଖିଛି। ନିଟ୍ ଜାଲିଆତିର ମାଷ୍ଟରମାଇଣ୍ଡ କୁହାଯାଉଥିବା ୩୦ ବର୍ଷୀୟ ବିଏଏମ୍‌ଏସ ଛାତ୍ର ଶୁଭମ ଖୈରନାରକୁ ମହାରାଷ୍ଟ୍ରର ନାସିକରୁ ଗିରଫ କରାଯାଇଛି। ପରୀକ୍ଷାର ପ୍ରାୟ ୪୫ ଘଣ୍ଟା ପୂର୍ବରୁ ସେ ପ୍ରଶ୍ନପତ୍ର ଲିକ୍ କରିଥିବା ଅଭିଯୋଗ ହୋଇଛି। ଶୁଭମ ନିଜକୁ ପୋଲିସ କବଳରୁ ବଞ୍ଚାଇବା ପାଇଁ ନିଜର ଚେହେରା ବଦଳାଇ ଦେଇଥିଲା ଏବଂ ଚୁଟି କାଟି ଦେଇଥିଲା। ସେ ମଙ୍ଗଳବାର ଏକ ମନ୍ଦିରକୁ ଯାଉଥିବା ସମୟରେ ସିବିଆଇ ତାକୁ ବୈଷୟିକ ନଜରବନ୍ଦୀ (ଟେକନିକାଲ ସର୍ଭିଲାନ୍ସ) ସାହାଯ୍ୟରେ ଚିହ୍ନଟ କରି ଗିରଫ କରିଥିଲା। ରିପୋର୍ଟ ଅନୁସାରେ, ଶୁଭମ ପୁଣେର ଜଣେ ବ୍ୟକ୍ତିଙ୍କଠାରୁ ୧୦ ଲକ୍ଷ ଟଙ୍କାରେ ପ୍ରଶ୍ନପତ୍ର କିଣି ହରିୟାଣାର ଜଣେ କ୍ରେତାଙ୍କୁ ୧୫ ଲକ୍ଷ ଟଙ୍କାରେ ବିକ୍ରି କରି ୫ ଲକ୍ଷ ଟଙ୍କା ଲାଭ କରିଥିଲା। ଏହି ▶ପୃଷ୍ଠା-୭

**୧୫ରେ ପହଞ୍ଚିଲା ଗିରଫଦାରୀ ସଂଖ୍ୟା**

### ଫେରିଲା ତାତି

## ମୌସୁମୀ ଅଗ୍ରଗତି ପାଇଁ ସ୍ଥିତି ଅନୁକୂଳ



■ ଭୁବନେଶ୍ୱର,୧୩।୫(ସମିସ): ବାୟୁ ଚଳାଚଳରେ ଦିଗ ପରିବର୍ତ୍ତନ ହେତୁ ରାଜ୍ୟରେ କାଳବୈଶାଖୀ ହ୍ରାସ ପାଇଛି ଓ ପୁଣି ଥରେ ଖରାର ପ୍ରଭାବ ବଢ଼ିଛି। କିଛି ଦିନର ବ୍ୟବଧାନ ପରେ ବୁଧବାର ପୁଣି ଥରେ ରାଜ୍ୟର ଅନେକ ସହରରେ ତାପମାତ୍ରା ୪୦ ଡିଗ୍ରୀ ଅତିକ୍ରମ କରିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆଜି ମୋଟ୍ ୪ ଟି ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ରେକର୍ଡ ହୋଇଥିବା ବେଳେ ୪୦.୫ ଡିଗ୍ରୀ ସହ ଟିଟିଲାଗଡ଼ରେ ରାଜ୍ୟର ସବୁଠୁ ଅଧିକ ତାପମାତ୍ରା ରେକର୍ଡ ହୋଇଛି। ସେହିପରି ବଲାଙ୍ଗିରରେ ୪୦.୨, ସମ୍ବଲପୁରରେ ୪୦.୧ ଓ ଭବାନୀପାଟଣାରେ ତାପମାତ୍ରା ୪୦ ଡିଗ୍ରୀ ରେକର୍ଡ ହୋଇଛି।

ଅନ୍ୟପଟେ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗର ଉପରେ ସକ୍ରିୟ ଥିବା ଲଘୁଚାପଟି ସଦୃଶ ଲଘୁଚାପରେ ପରିଣତ ହୋଇଛି। ଏହା ଅବପାତରେ ପରିଣତ ହେବାର ସମ୍ଭାବନା କମ୍ ରହିଛି। ତେବେ ଏହି ଲଘୁଚାପ ପ୍ରଭାବରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ଅଗ୍ରଗତି ପାଇଁ ପରିସ୍ଥିତି ଧୀରେଧୀରେ ଅନୁକୂଳ ହେଉଛି। ଆସନ୍ତା ୧୬ ମେ' ସୁଦ୍ଧା ଦକ୍ଷିଣ ବଙ୍ଗୋପସାଗର, ଆଣ୍ଡାମାନ ସାଗର ସମେତ ଆଣ୍ଡାମାନ-ନିକୋବର ଦ୍ୱୀପପୁଞ୍ଜର କିଛି ଅଞ୍ଚଳକୁ ମୌସୁମୀ ବାୟୁ ▶ପୃଷ୍ଠା-୭

## ସାରା ଦେଶରେ ୨୦ରେ ବନ୍ଦ ରହିବ ଔଷଧ ଦୋକାନ

■ ଭୁବନେଶ୍ୱର,୧୩।୫(ସମିସ): ଅନଲାଇନ୍ ଔଷଧ ବିକ୍ରିକୁ ବିରୋଧ କରି ଆସନ୍ତା ମେ ୨୦ତାରିଖରେ ଓଡ଼ିଶାର କୋଣ ଅନୁକୋଣରେ ଥିବା ୩୦ହଜାରରୁ ଉର୍ଦ୍ଧ୍ୱ ଔଷଧ ଦୋକାନ ବନ୍ଦ ରହିବ। ଡ୍ରଗ୍ସ ଆଣ୍ଡ କସ୍‌ମେଟିକ୍ ନିୟମ ଅନୁଯାୟୀ ଅନ୍‌ଲାଇନରେ ଔଷଧ ବିକ୍ରୟର କୌଣସି ପ୍ରାବଧାନ ନହିଁ। କୋଭିଡ ସମୟରେ ପରିସ୍ଥିତିକୁ ନଜରରେ ରଖି ଭାରତ ସରକାର ଜରୁରୀ ବିଜ୍ଞପ୍ତି ମାଧ୍ୟମରେ ଔଷଧ ଅନଲାଇନ୍‌ରେ ଦେବା ପାଇଁ ଅନୁମତି ପ୍ରଦାନ କରିଥିଲେ। ହେଲେ ଆଜି ସ୍ଥିତି ସୁଧୁରିଯିବା ପରେ ମଧ୍ୟ ତାହାକୁ ପ୍ରତ୍ୟାହାର କରିନାହାଁନ୍ତି; ଯାହାକି ହଜାର ହଜାର ବ୍ୟବସାୟୀଙ୍କ ବ୍ୟବସାୟ ବାଧାପ୍ରାପ୍ତ ହୋଇଛି। ଅନେକ ଆପତ୍ତିଜନକ ଔଷଧ ଯାହା ବିନା ଡାକ୍ତରୀ ଚିଠାରେ ବିକ୍ରି ହେବା କଥା ନୁହେଁ, ତାହା ଆଜି ସହଜ ଭାବରେ ଉପଲବ୍ଧ ହେବା ସହ ବିଭିନ୍ନ ନିଶା ବଟିକା ମଧ୍ୟ ଅନଲାଇନରେ ଅତି ସହଜରେ ମିଳୁଛି, ଯାହା ଯୁବପିଢିଙ୍କୁ ବିପଥଗାମୀ କରୁଛି। ଔଷଧ ବ୍ୟବସାୟର ଲାଭାଂଶ ଓ ଏମ୍‌ଆରପି ଯାହା ସରକାରଙ୍କ ଦ୍ୱାରା ସ୍ଥିରୀକୃତ (ଏନ୍‌ପିପିଏ / ଡିପିସିଓ) ହୋଇଥାଏ ତା'ଠାରୁ ଅତି ଅଧିକ ମାତ୍ରାରେ ରିହାତିରେ ଔଷଧ ଅନଲାଇନରେ ମିଳୁଛି, ଯାହା ସାଧାରଣ ବ୍ୟବସାୟୀଙ୍କୁ ଅନେକ କ୍ଷତି ପହଞ୍ଚାଉଛି। ବିନା ଫାର୍ମାସିଷ୍ଟଙ୍କ ତତ୍ତ୍ୱାବଧାନରେ ଔଷଧ, ଗ୍ରାହକ ଗ୍ରହଣ କରି ସେବନ କରୁଥିବାରୁ ଆଣ୍ଟିବାଓଟିକ୍ ରେଜିଷ୍ଟାନ୍ସର ମାତ୍ରା ବଢ଼ିବଢ଼ି ଯାଉଛି। ତେଣୁ କୋଭିଡ୍ ସମୟ ଜରୁରୀ ବିଜ୍ଞପ୍ତିକୁ ତୁରନ୍ତ ରଦ୍ଦ କରାଯାଉ ଓ ଅନଲାଇନ୍ ଔଷଧ ବିକ୍ରିକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଉ। ଅତ୍ୟଧିକ ରିହାତି ପ୍ରଦାନକୁ ବନ୍ଦ କରିବା ପାଇଁ ପଦକ୍ଷେପ ନିଆଯାଉ ବୋଲି ଔଷଧ ଦୋକାନୀ ସଂଘ ଦାବି କରିଛି। ଆଗାମୀ ଭବିଷ୍ୟତରେ ଯଦି ଏ ପରିସ୍ଥିତିର କୌଣସି ସମାଧାନ ନହୁଏ, ତେବେ ଅନିର୍ଦ୍ଦିଷ୍ଟ କାଳ ପାଇଁ ସମସ୍ତ ଔଷଧ ଦୋକାନ ବନ୍ଦ ରହିବ। ଏହା ୟୁ.ସି.ଡି.ଏ ଏବଂ ସର୍ବଭାରତୀୟ ସଂଘ (ଏ.ଆଇ.ଓ.ସି.ଡି.)ର ଚରମ ନିଷ୍ପତ୍ତି ହେବ ବୋଲି ୟୁସିଡିଏର ସଭାପତି ପି ସତ୍ୟନାରାୟଣ ଏବଂ ସାଧାରଣ ସମ୍ପାଦକ ପ୍ରଶାନ୍ତ ମହାପାତ୍ର ସୂଚନା ଦେଇଛନ୍ତି।

**ଅନଲାଇନ୍ ଔଷଧ ବିକ୍ରିକୁ ବିରୋଧ**

### ତିରିଂରେ ଡବଲ ମର୍ଡର; ଚୋରା ଦେଶୀ ମଦ ସାଜିଲା କାଳ

## ବିଟ୍ ରାସ୍ତାରେ ଦୁଇ ଜଣଙ୍କୁ ନୃଶଂସ ହତ୍ୟା

■ ରାଇରଙ୍ଗପୁର,୧୩।୫(ସମିସ): ଦିନକୁ ଦିନ ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହେବାରେ ଲାଗିଛି। ତିରିଂ ଥାନା ଅଞ୍ଚଳରେ ବୁଧବାର ସକାଳେ ଡବଲ ମର୍ଡର

**ହତ୍ୟା ଅଭିଯୁକ୍ତକୁ ବାନ୍ଧି ଗ୍ରାମବାସୀଙ୍କ ନିର୍ଘାତ ମାଡ଼**

**ଗୋଡ଼ ହାତ ଭାଙ୍ଗିଦେଲେ**



ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ନିଶାସକ୍ତ ଅବସ୍ଥାରେ ଯୁବକ ଜଣକ ଶାବଳ ଓ ଧାରୁଆ ଅସ୍ତ୍ରରେ ଦୁଇ ଜଣଙ୍କୁ ନୃଶଂସ ହତ୍ୟା କରିଛି। ତିରିଂ ଥାନା ଅନ୍ତର୍ଗତ କୁଲୁଘୁଟୁ ଗ୍ରାମରେ ନିଶାରେ ହିତାହିତ ଜ୍ଞାନ ଭୁଲି ଯାଇ କାଣ୍ଡ ଭିଆଇଛନ୍ତି। ମୃତକ ଦୁଇଜଣ ହେଲେ କୁଲୁଘୁଟୁ ଗ୍ରାମର ଗୋପୀନାଥ ସର୍ଦ୍ଦାର(୬୨) ଓ ବୁଦ୍ଧେଶ୍ୱର ରଣା(୪୮)। ଅଭିଯୁକ୍ତ ଜଣକ ହେଲା ବିଜୟ ଆଲଦାଙ୍କ ପୁଅ ମୋଚକା ଆଲଦା(୨୮)। ସୂଚନା ଅନୁସାରେ, ମୋଚକା ପ୍ରବଳ ନିଶା ସେବନ କରୁଥିବା ବେଳେ ଅଧିକାଂଶ ସମୟ ନିଶାସକ୍ତ ଅବସ୍ଥାରେ ରହିଥାଏ। ପ୍ରତିଦିନ ଭଳି ବୁଧବାର ସକାଳ ମଧ୍ୟ ନିଶା ସେବନ କରିଥିଲା। ନିଶାସକ୍ତ ଅବସ୍ଥାରେ ଘରକୁ ଆସି ଥିବା ▶ପୃଷ୍ଠା-୭

## ପୁଅକୁ ହତ୍ୟାକରି ପୋତିଦେଇଥିଲେ ବାପା

■ କଣିହାଁ,୧୩।୫(ସମିସ): ପାରିବାରିକ କଳହକୁ କେନ୍ଦ୍ର କରି ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ତଥା ରେଙ୍ଗାଳି ଥାନା ଅନ୍ତର୍ଗତ ଅର୍କିଳ ଗ୍ରାମରେ ଅଭାବନୀୟ ଘଟଣା ଘଟିଥିବା ସାମ୍ନାକୁ ଆସିଛି। ପୁଅକୁ ଟାଙ୍ଗିଆରେ ହାଣି ହତ୍ୟା କରିବା ପରେ ମୃତଦେହକୁ ପୋତି ଦେଇଥିଲେ ବାପା। ୬ ଦିନ ପରେ ପୁଲିସ ମୃତଦେହ ଠାବ କରିଥିବାବେଳେ ଅଭିଯୁକ୍ତ ବାପା ଓ ମାଆଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚାଲାଇଛି। ମୃତକ ହେଲେ ଅର୍କିଳ ଗ୍ରାମର ମୁରଲୀଧର ବେହେରାଙ୍କ ପୁଅ ସଞ୍ଜୀବ ବେହେରା (୨୫)। ସୂଚନା ଅନୁସାରେ, ଗତ ୮ ତାରିଖ ସଞ୍ଜୀବଙ୍କ ସହ ବାପା ମୁରଲୀଧର ▶ପୃଷ୍ଠା-୭

**୬ ଦିନ ପରେ ମୃତଦେହ ଉଦ୍ଧାର, ବାପାମାଆ ଅଟକ**



## ଟ୍ରାଫିକ ସମସ୍ୟା ସୁଧାର ପାଇଁ ନକ୍ସା ପ୍ରସ୍ତୁତ

# ତଦାରଖ କଲେ ରାଜପଥ ବିଭାଗ ଓ ଜିଲ୍ଲା ପ୍ରଶାସନ

ପାଣିକୋଇଲି, ୧୩।୫(ସମିସ)

ପାଣିକୋଇଲି ଟ୍ରାଫିକ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଦୀର୍ଘଦିନର ଦାବି ବାସ୍ତବ ରୂପ ନେବାକୁ ଯାଉଛି। ଦୀର୍ଘଦିନ ଧରି ଏହାର ସମାଧାନ ପାଇଁ କୋରେଇର ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଆକାଶ ଦାସନାୟକ ଜିଲ୍ଲା ପ୍ରଶାସନ ଓ ରାଜପଥ ଅଧିକାରୀଙ୍କୁ ଧରି ସମୀକ୍ଷା କରିଥିଲେ।। ସରକାରୀ ଜମି ଓ ରାଜପଥ ଜମି ଜବରଦଖଲ ଉଚ୍ଛେଦ ପାଇଁ ମାପଚୁପ କରାଯାଇଥିଲା। ହେଲେ ମାପ ପରେ ରାଜସ୍ୱ ବିଭାଗ ପକ୍ଷରୁ ଦୁଇଟି ଘର ଉଚ୍ଛେଦ କରାଯାଇଥିଲା। ଜବରଦଖଲକାରୀ ୧୧୯ ଜଣ ଅସ୍ଥାୟୀ ଦୋକାନିଙ୍କୁ ନୋଟିସ ଜାରି କରାଯାଇଥିଲା। କିନ୍ତୁ ଅନ୍ୟ କିଛି କାର୍ଯ୍ୟାନୁଷ୍ଠାନ କରାଯାଇନଥିଲା। ଆଜି ରାଜପଥ ବିଭାଗ ପକ୍ଷରୁ



ଟ୍ରାଫିକ ସମସ୍ୟାର ସମାଧାନ ପାଇଁ ଏକ ନକ୍ସା ପ୍ରସ୍ତୁତ କରାଯାଇଥିଲା। ରାଜପଥ ବିଭାଗୀୟ ଅଧିକାରୀ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ସମୀକ୍ଷା କରାଯାଇଥିଲା। ଏହି ଟ୍ରାଫିକ ପାଇଁ ପରିବର୍ତ୍ତନ ଓ ସ୍ଥାୟୀ ସମାଧାନ ପାଇଁ ୨.୩ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ସଂଯୋଗୀକରଣ ରାସ୍ତାର ପରିବର୍ତ୍ତନ କରାଯାଇ୨ ଥାକିଆ କରାଯିବ। ଏଥି ନିମନ୍ତେ ଆଡ଼ି ବନ୍ଧ ପୋତିବା ପାଇଁ ୭ ଲକ୍ଷ, ଫେବର ବ୍ଲକ ପା।ଇଁ ୭୦ଲକ୍ଷ, ଗାର୍ଡ ରେଲ ପାଇଁ ୪ଲକ୍ଷ, ୫ଟି ଇଲୁମିନେସନ ପାଇଁ ୨ଲକ୍ଷ, ବିଦ୍ୟୁତ୍ ସଂଯୋଗ ପାଇଁ ୨ଲକ୍ଷ, ବସ୍ ସେଲଟର ଉନ୍ନତୀକରଣ ପାଇଁ ୨୦ଲକ୍ଷ, ୫୦ମିଟର ଡ୍ରେନ୍ କନଷ୍ଟ୍ରକସନ ପାଇଁ ୫ ଲକ୍ଷ ଓ ଅନ୍ୟାନ ଖର୍ଚ୍ଚ ପାଇଁ ୫ ଲକ୍ଷ ବ୍ୟୟ ଅଟକଳ କରାଯାଇଛି। ଓଭରବ୍ରିଜର ଉଭୟ ପାର୍ଶ୍ୱ କାର୍ଯ୍ୟକରାଯାଇ ଟ୍ରାଫିକର ସୁଧାର ଅଣାଯିବ। ଉଭୟ ରାଜପଥ (୧୬ଓ ୨୦)ର ସଂଯୋଗୀ କରଣ ରାସ୍ତାର ପରିବର୍ତ୍ତନ କରାଯିବ। ଆଜି ଅପରାହ୍ନରେ ଜିଲ୍ଲାପାଳ ଅମ୍ବର କୁମାର କର, ସବ କଲେକ୍ଟର ତାପସ ରଞ୍ଜନ ଦେହୁରୀ ଏଡିଏମ୍ ସୁନନ୍ଦ ସ୍ୱାଇଁ ଜାତୀୟ ରାଜପଥ ବିଭାଗ ଏକ୍ଜ୍ୟୁଟିଭ ମାଜିଷ୍ଟ୍ରେଟ ବାସୁଦେବ ନାୟକ, ପିଡି ପ୍ରିୟଦର୍ଶୀ ପ୍ରକାଶ, ଡେପୁଟି ମ୍ୟାନେଜର ଅଭିନବ, କୋରେଇ ବିଡିଓ ଅବନୀକାନ୍ତ ସାହୁଙ୍କ ସମେତ ବିଭିନ୍ନ ଅଧିକାରୀ ଓ ଜନପ୍ରତିନିଧି ଯୋଗଦେଇଥିଲେ।

## ମୃତ୍ୟୁ ପରେ ଅଙ୍ଗଦାନ କଲେ କନଷ୍ଟେବଲ



ପାଣିକୋଇଲି/ଯଖପୁରା, ୧୩।୫(ସମିସ): ଜନତାଙ୍କ ସେବାରେ ଜୀବନ ଉତ୍ସର୍ଗ କରିଥିବା ପାଣିକୋଇଲିସ୍ଥିତ ଜିଲ୍ଲା ପୁଲିସ ମୁଖ୍ୟାଳୟର କାର୍ଯ୍ୟରତ ମହିଳା କନଷ୍ଟେବଲ ବାଲି ଜାମୁଦା ମୃତ୍ୟୁ ପରେ ବି ଅମର ହେବାର ସୌଭାଗ୍ୟ ପାଇଛନ୍ତି। ମୃତା କନଷ୍ଟେବଲଙ୍କ ମସ୍ତିଷ୍କାଘାତରେ ମୃତ୍ୟୁ ହେବା ପରେ ତାଙ୍କ ଯକୃତ ସହ ଅନ୍ୟାନ୍ୟ ଅଙ୍ଗକୁ ସେ ଦାନ କରି ଗୋଟିଏ ମୂଲ୍ୟବାନ ଜୀବନ ବଞ୍ଚାଇବା ସହ ଅନ୍ୟ ମାନଙ୍କ ପାଇଁ ଉଦାହରଣ ଓ ପ୍ରେରଣା ସାଜିଛନ୍ତି। ତାଙ୍କ ଯକୃତକୁ ଉଦ୍ଧାର କରାଯାଇ ଜଣେ ଗ୍ରହୀତାଙ୍କ ଶରୀରରେ ପ୍ରତିରୋପଣ କରାଯାଇଛି। ଫଳରେ ଗ୍ରହୀତା ନୂତନ ଜୀବନ ପାଇଥିବା ଗୃହ ବିଭାଗ ସୂଚନା ଦେଇଛି। ମୃତା କନଷ୍ଟେବଲଙ୍କ ଏଭଳି ଅବଦାନକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ଏହି କ୍ରମରେ ଆଜି ଯାଜପୁର ଏସ୍‌ପି ଯସ୍‌ପ୍ରତାପ ଶ୍ରୀମଲଙ୍କ ନିର୍ଦ୍ଦେଶ କ୍ରମେ ସୁକିନ୍ଦା ବ୍ଲକ କଳିଙ୍ଗନଗର ଥାନା ବୋଲହରି ଗାଁ ମାଟିରେ ବାଲି ଜାମୁଦାଙ୍କ ମରଶରୀରକୁ ଗାର୍ଡ ଅଫ ଅନର ଦିଆଯିବା ପରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ରିଜର୍ଭ ଇନ୍ସପେକ୍ଟର ଦିନେଶ ସାହୁଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା।

## ନିମପାଟଣାରେ ଦୋକାନ ଜାଳିଦେଲେ ଦୁର୍ବୃତ୍ତ

ପାଣିକୋଇଲି, ୧୩।୫(ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ ଗୋଳେଇପୁର ପଞ୍ଚାୟତର କେଉଟନଗୁଆଁ (ନିମପାଟଣା) ଗ୍ରାମରେ ମଙ୍ଗଳବାର ବିଳମ୍ବିତ ରାତ୍ରିରେ ପେଟ୍ରୋଲ ପକାଇ ତେରାରାତି ଦୋକାନ ଜାଳିଦେଇଥିବା ଅଭିଯୋଗ ଥାନାରେ ହୋଇଛି। ଅଭିଯୋଗ ପରେ ପୁଲିସ ଘଟଣାସ୍ଥଳେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପ୍ରକାଶଯେ ନିମପାଟଣା ଗ୍ରାମର ନରେନ୍ଦ୍ର ସାହୁଙ୍କ ପୁଅ ଅଶୋକ କୁମାର ସାହୁଙ୍କ ଅଭିଯୋଗ ମୁତାବକ ସେ ତାଙ୍କ ଘର ନିକଟରେ ଏକ ତେଜରାତି ଦୋକାନ କରିଥିଲେ। ମଙ୍ଗଳବାର ବିଳମ୍ବିତ ରାତ୍ରିରେ କେହି ଦୁର୍ବୃତ୍ତ ତାଙ୍କ ଦୋକାନରେ ପେଟ୍ରୋଲ ପକାଇ ଦୋକାନଟିକୁ ସମ୍ପୂର୍ଣ୍ଣ ପୋଡି ଦେଇଛି। ଫଳରେ ଦେକାନରେ ଥିବା ଲକ୍ଷାଧିକ ଟଙ୍କାର ସଉଦାପତ୍ର ସମ୍ପୂର୍ଣ୍ଣ ପୋଡି ଯାଇଛି। ଅଭିଯୋଗ ପରେ ଥାନା ଏଏସଆଇ ସୋମନାଥ ରାଉତ ଘଟଣାସ୍ଥଳେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଅଶୋକ ପରିବାରକୁ ସରକାରୀ ସହାୟତା ପାଇଁ ଗ୍ରାମବାସୀ ଦାବି କରଇଛନ୍ତି।

## ଯୁବକକୁ ଉଠାଇ ନେଲା ଉତ୍ତରପ୍ରଦେଶ ପୁଲିସ

ବାଲିଚନ୍ଦ୍ରପୁର, ୧୩।୫(ସମିସ): ଉତ୍ତରପ୍ରଦେଶ ରାଜ୍ୟର ମଥୁରା ଥାନା ପୁଲିସର ଏକ ଟିମ୍ ଆଜି ବାଲିଚନ୍ଦ୍ରପୁର ଥାନା ପୁଲିସ ସହାୟତାରେ ଏହି ଥାନା ଅନ୍ତର୍ଗତ ପଳେଇ ପଞ୍ଚାୟତ କେଶରାଇପୁର ଗ୍ରାମର ନିଲୁପ୍ରସାଦ ସିଂହ ନାମକ ଜଣେ ଯୁବକଙ୍କ ଘରେ ଚଢ଼ଉ କରି ତାଙ୍କୁ ଉଠାଇ ନେଇ ଯାଇଥିବା ଜଣାଯାଇଛି। ସେଠାରେ ନିଲୁଙ୍କ ନାମରେ ୱାରେଣ୍ଟି ଜାରି ହୋଇଥିଲା। ମଥୁରା ପୁଲିସ ନିଲୁଙ୍କୁ ତାଙ୍କ ବାସଭବନରୁ ନେବା ପରେ ଚଣ୍ଡିଖୋଲ କୋର୍ଟରେ ହାଜର କରି ପରେ ଉତ୍ତରପ୍ରଦେଶ ନେଇ ଯାଇଥିବା ଜଣାଯାଇଛି। ତେବେ ନିଲୁ ମଥୁରା ଥାନା ଅଞ୍ଚଳରେ ଗଞ୍ଜେଇ ଚୋରା କାରବାରରେ ଲିପ୍ତ ଥାଇ ଫେରାର ହୋଇଯିବା ପରେ ତାଙ୍କ ନାମରେ ୱାରେଣ୍ଟି ଜାରି ହୋଇଥିବା ନେଇ ବାଲିଚନ୍ଦ୍ରପୁର ଥାନା ପକ୍ଷରୁ ସୂଚନା ଦିଆଯାଇଛି।

## ବରଗଛରୁ ପ୍ରେମୀଯୁଗଳଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଦଶରଥପୁର/କୟାଁଗୋଲା, ୧୩।୫(ସମିସ): ବରଗଛରେ ରଶି ଲଗାଇ ଝୁଲିପଡ଼ିଲେ ପ୍ରେମୀ ଯୁଗଳ। ଏଭଳି ଏକ ଦୁଃଖଦ ଘଟଣା ଯାଜପୁର ଜିଲ୍ଲା ମଙ୍ଗଳପୁର ଥାନା ଅନ୍ତର୍ଗତ ଶୁଶୁଆ ପଞ୍ଚାୟତର ଈଶ୍ୱରପୁର ଗ୍ରାମରେ ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ, ଈଶ୍ୱରପୁର ଗ୍ରାମର ବିଲ ମଝିରେ ଥିବା ଏକ ବରଗଛର ଡାଳରେ ଦୁଇ ଜଣ ଝୁଲୁଥିବା ଅବସ୍ଥାରେ ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ମୃତ ଯୁବକ ଜଣଙ୍କ ହେଉଛନ୍ତି ଶୁଶୁଆ ପଞ୍ଚାୟତ ଈଶ୍ୱରପୁର ରାଜ ଜେନାସାହିର ମଙ୍ଗୁଳିଦାସଙ୍କ ପୁଅ ସମୀର ଦାସ (୨୫) ଓ ଯୁବତୀ ଜଣଙ୍କ ମଲ୍ଲୀକାପୁର ପଞ୍ଚାୟତ ମହାନ୍ତିପାଟଣା ଗ୍ରାମର ରବୀନ୍ଦ୍ର ମଲ୍ଲିକଙ୍କ ଝିଅ ସୁରେଖା ମଲ୍ଲିକ (୨୦)। ଉଭୟଙ୍କ ମଧ୍ୟରେ ଦୀର୍ଘ ଦିନ ଧରି ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ମୃତ ସମୀର କେରଳର ଏକ ଘରୋଇ କମ୍ପାନୀରେ କାମ କରୁଥିଲେ ଏବଂ ସେ କିଛିଦିନ ହେବ ଘରକୁ ଆସିଥିଲେ। ଦୀର୍ଘ ଦିନର ଭଲ ପାଇବା ଶେଷରେ ଏଭଳି ପରିଣତିରେ ଶେଷ ହୋଇଥିବାରୁ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଖବର ପାଇ ଘଟଣାସ୍ଥଳରେ ମଙ୍ଗଳପୁର ପୁଲିସ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠେଇଛି। ଏ ନେଇ ମଙ୍ଗଳପୁର ଥାନାରେ ଉଭୟଙ୍କ ପକ୍ଷରୁ ଲିଖିତ ଅଭିଯୋଗ ପାଇବା ପରେ ୧୦/୨୬ ଓ ୧୧/୨୬ ଦୁଇଟି ପୃଥକ ପୃଥକ ମାମଲା ରୁଜୁ କରାଯାଇଥିବା ମଙ୍ଗଳପୁର ଥାନା ଅଧିକାରୀ ରଞ୍ଜନ କୁମାର ବେହେରା ପ୍ରକାଶ କରିଛନ୍ତି।

## ପଙ୍କପାଳ ସରପଞ୍ଚ ଦାୟିତ୍ୱରେ ନାଏବ ସରପଞ୍ଚ

ଯଖପୁରା, ୧୩।୫(ସମିସ): ଦାନଗଦି ବ୍ଲକ ଅନ୍ତର୍ଗତ ପଙ୍କପାଳ ଗ୍ରାମପଞ୍ଚାୟତ ସରପଞ୍ଚ ସ୍ମୃତିରଞ୍ଜନ ଜେନାଙ୍କ ଅକାଳ ବିୟୋଗରେ ସରପଞ୍ଚ ପଦବୀ ଖାଲି ପଡ଼ିଥିଲା। ଗତ ମାସ ୨୧ ତାରିଖ ଦିନ ଦୁର୍ଭାଗ୍ୟବଶଃ ସ୍ମୃତିରଞ୍ଜନଙ୍କ ମସ୍ତିଷ୍କାଘାତ ଘଟିଥିଲା। ଏହା ପରେ ଭୁବନେଶ୍ୱରରେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ୨୮ ତାରିଖରେ ମୃତ୍ୟୁବରଣ କରିଥିଲେ। ସେହିଦିନଠାରୁ ସରପଞ୍ଚଙ୍କ ଅନୁପସ୍ଥିତି ଯୋଗୁଁ ପଞ୍ଚାୟତର ବହୁ କାର୍ଯ୍ୟରେ ବ୍ୟାଘାତ ଘଟିଥିଲା। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ନାଏବ ସରପଞ୍ଚ ଅଞ୍ଜଳି ଦଳାଇଙ୍କୁ ସରପଞ୍ଚ ଭାବେ ନିଯୁକ୍ତି ପ୍ରଦାନ କରିବା ପରେ ସେ ଆଜି ପଙ୍କପାଳ ପଞ୍ଚାୟତ କାର୍ଯ୍ୟାଳୟଠାରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଶ୍ରୀମତୀ ଦଳାଇ ପୂର୍ବରୁ ୨ ନମ୍ବର ୱାର୍ଡର ୱାଡମେମ୍ବର ଭାବେ ନିର୍ବାଚିତ ହୋଇ ନାଏବ ସରପଞ୍ଚ ଭାବେ ଦାୟିତ୍ୱ ତୁଲାଇ ଆସୁଥିଲେ। ପଞ୍ଚାୟତ ନିର୍ବାଚନ ଅଳ୍ପ ମାସ ରହୁଥିବାରୁ ପୂର୍ଣ୍ଣ ନିର୍ବାଚନ ନ କରାଇ



ସେହି ଶୂନ୍ୟସ୍ଥାନର ଦାୟିତ୍ୱ ନାଏବ ସରପଞ୍ଚଙ୍କୁ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ପଙ୍କପାଳ କାର୍ଯ୍ୟନିର୍ବାହୀ ଅଧିକାରୀ ହିମାଂଶୁ ଶେଖର ବେହେରା, ପଞ୍ଚାୟତ ଏଡିଇଓ ସବିତାରଣୀ ସାହୁ, କାର୍ଯ୍ୟାଳୟ ସହକାରୀ ସୁଶୀଲ କୁମାର ରାଉତ, ୱାର୍ଡମେମ୍ବର ଓ ପଞ୍ଚାୟତର ଅନେକ ମାନ୍ୟଗଣ୍ୟଙ୍କ ଉପସ୍ଥିତିରେ ନୂତନ ସରପଞ୍ଚ ଦାୟିତ୍ୱ ଗ୍ରହଣ କରିଥିଲେ।

## ଶ୍ରମିକ ଛଟେଇ ପ୍ରତିବାଦରେ ଦାବିପତ୍ର

ଯାଜପୁର, ୧୩।୫(ସମିସ): ଟାଟା ପାୱାର ପକ୍ଷରୁ ଶ୍ରମିକ ଛଟେଇକୁ ବିରୋଧ କରି ଓଡ଼ିଶା ବିଦ୍ୟୁତ୍ କର୍ମଚାରୀ



ମହାସଂଘ ପକ୍ଷରୁ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସଂଘର ଉପସଭାପତି ସୁରେନ୍ଦ୍ର କୁମାର ପାଣିଗ୍ରାହୀ ଓ ସମ୍ପାଦକ ଶ୍ରୀକାନ୍ତ କୁମାର ବେହେରାଙ୍କ ନେତୃତ୍ୱରେ କିଆନାଳୀ ଛକରୁ ଶ୍ରମିକମାନେ ଏକ ଶୋଭାଯାତ୍ରାରେ ବାହାରି ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପହଞ୍ଚିଥିଲେ। ସେଠାରେ ସେମାନେ ବିକ୍ଷୋଭ ଓ ପ୍ରତିବାଦ କରିବା ସହ ୪ ଦଫା ଦାବି ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ। ଆସନ୍ତା ମେ' ୧୪ ରୁ ୨୦ ତାରିଖ ପର୍ଯ୍ୟନ୍ତ କଳାବ୍ୟାଜ ପିନ୍ଧି ପ୍ରତିବାଦ କରାଯିବା ସହ, ୨୮ ତାରିଖରେ ବାଲେଶ୍ୱର ଜୋନ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ଧାରଣା ଦିଆଯିବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଏହା ସତ୍ତ୍ୱେ ମଧ୍ୟ ଦାବି ପୂରଣ ନ ହେଲେ, ଆସନ୍ତା ୨୯ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଦିବାରାତ୍ର ଧାରଣା ଆରମ୍ଭ କରାଯିବ ବୋଲି ଚେତାବନୀ ଦିଆଯାଇଛି।

## ଦୁଇ ବାଲି ହାଇୱା ଜବତ

ପାଣିକୋଇଲି, ୧୩।୫(ସମିସ): ଖଣି ଓ ପୁଲିସ ବିଭାଗର ମିଳିତ ଚଢ଼ଉ ସମୟରେ ଦୁଇ ବାଲି ହାଇୱା ଜବତ କରାଯାଇ ପୁଲିସ ଜିମା ଦିଆଯାଇଛି। ପାଣିକୋଇଲି ସର୍ଭିସ ରୋଡରେ ବାଲି ଗାଡିକୁ ଖଣି ବିଭାଗ ଯାଞ୍ଚ କରିଥିଲା। ଯାଞ୍ଚ ସମୟରେ ବାଲିର କୌଣସି କଗଜାଦି ନଥିବାରୁ ବେଆଇନ ଚାଲାଣ ଜଣାପଡ଼ିଥିଲା। (ଓଡି ୨୨ଏଇ ୦୪୮୯ ଓ ଓଡି୦୧ଏଏସ ୯୫୫୫) ବାଲି ବୋଝେଇ ହାଇୱାକୁ ଜବତ କରାଯାଇଛି। ଖଣି ବିଭାଗ ଏହାକୁ ଯାଞ୍ଚ କରିବା ସହ ଥାନାରେ ମାମଲା କରାଯିବ ବୋଲି ସୂଚନା ମିଳିଛି। ଏହି ଚଢ଼ଉରେ ଖଣି ଅଧିକାରୀଙ୍କ ସମେତ ପଲିସ ମୁଖ୍ୟାଳୟର ଫୋର୍ସ ସାମିଲ ହୋଇଥିଲେ।

## ନର୍ସିଂ କର୍ମଚାରୀ ସଂଘ ପକ୍ଷରୁ ନର୍ସିଂ ଦିବସ

ଯାଜପୁର, ୧୩।୫(ସମିସ): ଯାଜପୁର ମହାରାଜା ଯଯାତୀ କେଶରୀ ମେଡିକାଲ କଲେଜ ଓ ହସ୍ପିଟାଲ ପ୍ରେକ୍ଷାଳୟରେ ନର୍ସିଂ କର୍ମଚାରୀ ସଂଘ ପକ୍ଷରୁ ଆନ୍ତର୍ଜାତୀକ ନର୍ସିଂ ଦିବସ ପାଳିତ ହୋଇଯାଇଛି। ଆନ୍ତର୍ଜାତୀୟ ନର୍ସିଂ ସପ୍ତାହ ପାଳନ ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ପୂର୍ବତନ ଜିଲ୍ଲାପରିଷଦ ଅଧକ୍ଷ୍ୟ ଗୌତମ ରାୟ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ କୋରେଇ ବିଧାୟକ ଆକାଶ ଦାସନାୟକ ଯୋଗ ଦେଇ ନର୍ସିଂ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଗୁରୁତ୍ୱାରୋପ କରିବା ସହ କାରୋନା, ଡାଇରିଆ ଆଦି ମହାମାରୀ ସମୟରେ ପ୍ରତ୍ୟକ ନର୍ସିଂ ଅଫିସର ମାନଙ୍କ ଅବଦାନକୁ ମନେ ପକାଇଥିଲେ। ଏହି ଅବସରରେ ମେଡିକାଲ କଲେଜର ଡିନ୍ ସୀତାରାମ ମହାପାତ୍ର, ସୁପରିଟେଣ୍ଡେଣ୍ଟ ମନୋରମା ସ୍ୱାଇଁ ଯୋଗ ଦେଇ ପ୍ରତ୍ୟେକ ନର୍ସିଂ ଅଫିସର ଜଣେ ଜଣେ ଜୀବନଦାତା ବୋଲି ମତବ୍ୟକ୍ତ କରିଥିଲେ। ନର୍ସିଂ ସଂଘର ସଭାପତି ରଞ୍ଜନ ବଳବନ୍ତରାୟଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଂଘର ସମ୍ପାଦକ ବିଶ୍ୱରଞ୍ଜନ ଓଝା, ନର୍ସିଂ ଅଫିସର ଲିଙ୍କି ସୋନଲିକା ସାହୁ, ପଲ୍ଲବୀ ଜେନା, ବୈଶାଖୀ ସାହୁ, ବିଦ୍ୟୁଲତା ପଲେଇ, ସୌମ୍ୟ ରଞ୍ଜନ ବେହେରା ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମ ପରିଚାଳନା ରେ ସକ୍ରିୟ ସହଯୋଗ କରିଥିଲେ।

## ପ୍ରଶ୍ନପତ୍ର ଲିକ୍‌କୁ ନେଇ ଏସ୍‌ଜି କଲେଜ ଛାତ୍ରଙ୍କ ବିକ୍ଷୋଭ

ମଙ୍ଗଳପୁର, ୧୩।୫(ସମିସ): ଦଶରଥପୁର ବ୍ଲକ କନିକାପଡ଼ା ପଞ୍ଚାୟତସ୍ତ ସାଧୁଗୌରେଶ୍ୱର (ଏସ୍‌ଜି କଲେଜ) ମହାବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ବୁଧବାର ଛାତ୍ର ବିଜେଡି ପକ୍ଷରୁ ନିଟ୍-ୟୁଜି ଜାତୀୟ ଯୋଗ୍ୟତା ପ୍ରବେଶିକା ପରୀକ୍ଷା ଏନ୍‌ଟିଏ ପାଇଁ ହୋଇଥିବା ପରୀକ୍ଷାର ଗୋଟିଏ ଦିନ ପୂର୍ବରୁ ପ୍ରଶ୍ନପତ୍ର ଲିକ୍ ହେବା ଘଟଣାକୁ ନେଇ ବିକ୍ଷୋଭ ଓ ପ୍ରତିବାଦ ପ୍ରଦର୍ଶନ କରାଯାଇଥିଲା। ଏସ୍‌ଜି କଲେଜର ଛାତ୍ର ନେତା ଅଶ୍ୱଜିତ ପାତ୍ର, ବିଶ୍ୱଜିତ ସାମଲ, ଆରବି ଦିବ୍ୟରଞ୍ଜନ ଦାସ, ନରୋତ୍ତମ ଦାସ, ଏସ୍‌ବି କାନ୍ତ ଜେନା, ସ୍ମୃତିରଞ୍ଜନ ପାଣିଗ୍ରାହୀ ପ୍ରମୁଖ ଏହି ବିକ୍ଷୋଭ ଓ ପ୍ରତିବାଦ ସଭାରେ ସାମିଲ ହୋଇଥିବା ବେଳେ ରାଜ୍ୟ ଓ କେନ୍ଦ୍ରରେ ବର୍ତ୍ତମାନ ଡବଲ ଇଂଜିନ ତଥା ବିଜେପି ସରକାର ଶାସନରେ ଥିବା ବେଳେ ହଜାର ହଜାର ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଶହ ସରକାର ଯେଉଁ ଖେଳ ଖେଳୁଛନ୍ତି ଏହାର ଜବାବ ଆଗାମୀ ଦିନରେ ଦିଆହେବ ବୋଲି କହିଥିଲେ।

## ମହାବିଦ୍ୟାଳୟ ଏବେ ମଦ୍ୟପ କର୍ମଚାରୀଙ୍କ ଆଖଡ଼ାଶାଳ

# କାର୍ଯ୍ୟାନୁଷ୍ଠାନ ଶୂନ; ଚିନ୍ତାରେ ଛାତ୍ରଛାତ୍ରୀ ଓ ଅଭିଭାବକ

ଯାଜପୁର/ବଡ଼ଚଣା, ୧୩।୫(ସମିସ)

ଚଣ୍ଡିଖୋଲରେ ଜଣେ ନିଷ୍ଠାପର ସନ୍ଥଙ୍କ ଦ୍ୱାରା ଏବଂ ତାଙ୍କ ନାମରେ ସ୍ଥାପନା କରାଯାଇଥିବା ଚଣ୍ଡିଖୋଲସ୍ଥିତ ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ ଏବେ ମଦ୍ୟପ କର୍ମଚାରୀଙ୍କ ଆଖଡ଼ାଶାଳ ପାଲଟିଯାଇଛି। ବିଗତ ହୋଲି ଦିନ କଲେଜ ଛୁଟିଥିବା ବେଳେ ଏହି କଲେଜର ଜନୈକ କ୍ଲର୍କ ଯାହାଙ୍କ ଉପରେ କଲେଜ ଛାତ୍ରୀନିବାସ ପରିଚାଳନା ସହିତ ଯୁକ୍ତ ୨ ପରୀକ୍ଷା ପାଇଁ ହୋଇଥିବା ପ୍ରଶ୍ନପତ୍ର ଓ ଉତ୍ତର ଖାତା ହବ୍ ତଦାରଖ ଦାୟିତ୍ୱ ରହିଥିଲା, ସିଏ ଉକ୍ତ ପରୀକ୍ଷା ନିୟନ୍ତ୍ରଣ ସେକ୍ସନ୍ ମଧ୍ୟରେ ହିଁ ଦିନ ଦ୍ୱିପହରେ କଲେଜର ଅନ୍ୟ କର୍ମଚାରୀ ଏବଂ ରାତ୍ର ଜଗୁଆଳିଙ୍କ ସହିତ ମିଶି ମଦ ମାଂସର ଆସର ଆୟୋଜନ କରିଥିଲେ। ଏସମ୍ପର୍କରେ ଜାଣି କଲେଜର ଅଧ୍ୟକ୍ଷ ଏବଂ ମୁଖ୍ୟ କିରାଣି ଯେତେବେଳେ ରାତ୍ର ଜଗୁଆଳିଙ୍କୁ ପଚାରି ଘଟଣାର ସତ୍ୟତା ବୁଝିଲେ ସେ କ୍ୟାମେରା ସାମ୍ନାରେ ଏସବୁ ଜଘନ୍ୟ ସତ୍ୟକୁ ଖୋଲି କହି ଦେଇଥିଲେ। କେବଳ ସେତିକି ନୁହେଁ ଉକ୍ତ କ୍ଲର୍କ ନିଜେ ପରୀକ୍ଷା ନିୟନ୍ତ୍ରଣ ସେକ୍ସନ୍ ମଧ୍ୟରେ ଥିବା ଏକ ସିସିଟିଭି କ୍ୟାମେରା ସାମ୍ନାରେ ଏକ ଖାଲି କାର୍ଟୁନକୁ ଘୋଡ଼ାଇ ପକାଇ କ୍ୟାମେରା ପଛ ପଟେ ସେହି ମଦ ମାଂସର ଆସରକୁ ସମ୍ପାଦନ କରିସାରିବା ପରେ ପ୍ରମାଣ ଲୁଚାଇବା ପାଇଁ ଉକ୍ତ ସ୍ଥାନକୁ ନିଜେ ମଧ୍ୟ ଝାଡୁ ମାରି ସଫା କରୁଥିବାର ଦୃଶ୍ୟ ସିସିଟିଭି ଫୁଟେଜରେ କୈଦ ହୋଇ ରହିଛି। ତେବେ ଏଭଳି ଚିନ୍ତାଜନକ ଘଟଣାକୁ ଦେଖିବା ପରେ ସାଧାରଣରେ ଏବେ ଚିନ୍ତା ପ୍ରକାଶ ପାଇଛି। ଏଭଳି ଏକ ପ୍ରତିଷ୍ଠିତ କଲେଜ ଏବେ ମଦ୍ୟପ କର୍ମଚାରୀଙ୍କ ଆଖଡ଼ାସ୍ଥଳରେ ପରିଣତ ହୋଇଗଲାଣି। ଛାତ୍ରଛାତ୍ରୀ ମାନେ ଏଠାରେ ଏବେ କେତେ ଯେ ସୁରକ୍ଷିତ ସେଥିନେଇ ମଧ୍ୟ ଅଭିଭାବକ ମହଲରେ ଚିନ୍ତା ପ୍ରକାଶ ପାଇଛି। କଲେଜ ଅଧ୍ୟକ୍ଷ ଇତିମଧ୍ୟରେ ଏଥିନେଇ କଲେଜ




ପରିଚାଳନା କମିଟିର ସଭାପତି ଥିବା ଯାଜପୁରର ଅତିରିକ୍ତ ଜିଲ୍ଲାପାଳଙ୍କୁ ଏହି ଦୁଇ ଫୁଟେଜ ସହ ଲିଖିତ ଭାବେ ଅବଗତ କରିଥିଲେ ମଧ୍ୟ ରାଜନୈତିକ ଚାପରେ ହିଁ କୁଆଡ଼େ ଏହି ସାଙ୍ଘାତିକ ଘଟଣାଟିକୁ ଚପାଇ ଦିଆଯାଇଛି। ତେଣୁ ରାଜ୍ୟ ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ସମେତ ରାଜ୍ୟ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ଓ ଯାଜପୁର ଜିଲ୍ଲାପାଳ ଏଭଳି ଏକ ସଙ୍ଗିନୀ ଘଟଣାକୁ ନେଇ ଉକ୍ତ ମଦ୍ୟପ କର୍ମଚାରୀମାନଙ୍କୁ ତୁରନ୍ତ ଚାକିରିରୁ ବହିଷ୍କାର କରିବା ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ଅଞ୍ଚଳର ବୁଦ୍ଧିଜୀବୀ ଦାବି କରିଛନ୍ତି। ଏହି ଘଟଣା ଏବଂ ମହାବିଦ୍ୟାଳୟରେ ସ୍ୱତନ୍ତ୍ର ଅଡିଟରେ ସାମ୍ନାକୁ ଆସିଥିବା ବିଭିନ୍ନ କାର୍ଯ୍ୟରେ ହୋଇଥିବା ୬୭ ଲକ୍ଷ ଟଙ୍କାର ଦୁର୍ନୀତି ଓ ଅନିୟମିତତାରେ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବଡଚଣା ବିଜୁ ଯୁବ ଓ ଛାତ୍ର ଜନତା ଦଳ ତରଫରୁ ଏକ ଦାବିପତ୍ର ଯାଜପୁର ଅତିରିକ୍ତ ଜିଲ୍ଲାପାଳ ତଥା କଲେଜ ପରିଚାଳନା କମିଟି ଅଧ୍ୟକ୍ଷଙ୍କୁ ପ୍ରଦାନ କରାଯାଇଛି।




## ପ୍ରଧାନମନ୍ତ୍ରୀଙ୍କ ପରାମର୍ଶକୁ ଫୁଁ' କରି ଉଡ଼ାଇଲେ ମନ୍ତ୍ରୀ ଓ ବିଧାୟକ

# ବାଇକ୍ ଶୋଭାଯାତ୍ରାକୁ ନେଇ ବିବାଦ

ଯାଜପୁର, ୧୩।୫(ସମିସ): ମଧ୍ୟ ପ୍ରାଚ୍ୟରେ ଲାଗି ରହିଥିବା ଯୁଦ୍ଧ ପରିସ୍ଥିତିର ପ୍ରଭାବ ସାରା ବିଶ୍ୱରେ ଦେଖିବାକୁ ମିଳିଛି। ଧୀରେ ଧୀରେ ପେଟ୍ରୋଲିୟମ ପଦାର୍ଥର ସଂକଟ ଦେଖାଯିବା ସହିତ ନିତ୍ୟ ବ୍ୟବହାର ଜିନିଷର ଦର ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ଏଥିପାଇଁ ପ୍ରଧାନମନ୍ତ୍ରୀ ଖର୍ଚ୍ଚ କାଟ କରିବାକୁ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି। କମ ମାତ୍ରାରେ ଇନ୍ଧନ ବ୍ୟବହାର ଉପରେ ଗୁରୁତ୍ୱ ଦେଇଛନ୍ତି। ନିଜେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ମଧ୍ୟ ନିଜ କାର୍‌କେଡ୍ ହ୍ରାସ କରିଛନ୍ତି। କିନ୍ତୁ ପ୍ରଧାନମନ୍ତ୍ରୀଙ୍କ ଏହି ପରାମର୍ଶରେ ଫୁଁ' କରି ଉଡ଼ାଇଦେଇଛନ୍ତି ଦଳୀୟ ମନ୍ତ୍ରୀ ଓ ବିଧାୟକ। ଯାହାର ଉଦାହରଣ ଯାଜପୁର ଜିଲ୍ଲାରେ ଦେଖିବାକୁ ମିଳିଛି। ବ୍ୟାସନଗର ଷ୍ଟାଡିୟମର ଉନ୍ନତିକରଣ ପ୍ରକଳ୍ପର ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମ ରହିଥିଲା। ଏଥିରେ ରାଜ୍ୟ କ୍ରୀଡ଼ାମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସ୍ଥାନୀୟ ବିଧାୟକ ଆକାଶ ଦାସ ନାୟକ ସମସ୍ତ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। କିନ୍ତୁ ଏହି ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମ ସ୍ଥଳକୁ ଯିବା ପାଇଁ ୧ ହଜାରରୁ ଊର୍ଦ୍ଧ୍ୱ ବାଇକ୍ ରାଲି କରାଯାଇ ମନ୍ତ୍ରୀ ଓ ବିଧାୟକଙ୍କୁ ସ୍ୱାଗତ କରାଯାଇଥିଲା। ଯେତେବେଳେ ପ୍ରଧାନମନ୍ତ୍ରୀ କମ ମାତ୍ରାରେ ଇନ୍ଧନ ତୈଳ



ବ୍ୟବହାର କରିବାକୁ ପରାମର୍ଶ ଦେଉଛନ୍ତି ସେତେବେଳେ ଦଳୀୟ ନେତା ମାନେ ତାକୁ ପାଳନ ନ କରିବା ଚିନ୍ତାର ବିଷୟ। ମନ୍ତ୍ରୀ ଓ ବିଧାୟକଙ୍କ ଏଭଳି ଆଡମ୍ବରପୂର୍ଣ୍ଣ କାର୍ଯ୍ୟକ୍ରମକୁ ନେଇ ସୋସିଆଲ ମିଡିଆରେ ନାନା ସମାଲୋଚନା କରାଯାଉଛି। ପ୍ରତ୍ୟେକ କର୍ମୀଙ୍କ ଖର୍ଚ୍ଚ ପାଇଁ ସବୁ ପ୍ରକାର ବ୍ୟବସ୍ଥା ହୋଇଥିବା କେତେକ କାର୍ଯ୍ୟକର୍ତ୍ତା ନିଜ ନାମକୁ ଗୋପନ ରଖି କହିଥିବା ବେଳେ ଦଳୀୟ କର୍ମୀ ମାନେ ନିଜ ନିଜ ଖର୍ଚ୍ଚରେ ଆସିଥିବା ଦଳ ପକ୍ଷରୁ ସଫେଇ ଦିଆଯାଇଛି।



# ତିନିଦିନିଆ ବାସଗୃହ ଭିତ୍ତିକ କ୍ଷମତା ବିକାଶ ଓ ବଜାର ସଚେତନତା କର୍ମଶାଳା

**ବାଲେଶ୍ୱର,୧୩।୫(ସମିସ):** ଜିଲ୍ଲାରେ ଓରମାସ ଓ ମିଶନ ଶକ୍ତିର ସହଯୋଗରେ ତିନିଦିନିଆ ଜିଲ୍ଲାସ୍ତରୀୟ ବାସଗୃହ ଭିତ୍ତିକ କ୍ଷମତା ବିକାଶ ଓ ବିପଣନ ସଚେତନତା କର୍ମଶାଳା ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଦ୍ୱାରା ଉଦଘାଟିତ ହୋଇଛି। ଏହି କର୍ମଶାଳାରେ ଜିଲ୍ଲାର ବିଭିନ୍ନ କମ୍ୟୁନିଟି ଭିତ୍ତିକ ସଂଗଠନ,ପ୍ରୋଡ୍ୟୁସର ଗ୍ରୁପ,ପ୍ରୋଡ୍ୟୁସର କମ୍ପାନୀ,ଫାର୍ମର ପ୍ରୋଡ୍ୟୁସର ଅର୍ଗାନାଇଜେସନ ଏବଂ ରୁରାଲ ପ୍ରୋଡ୍ୟୁସର ଇନଷ୍ଟିଚ୍ୟୁସନ କ୍ଲଷ୍ଟରରୁ ମୋଟ ୬୦ ଜଣ ପ୍ରତିନିଧି ଅଂଶଗ୍ରହଣ କରିଥିଲେ। ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଗ୍ରାମୀଣ ଉତ୍ପାଦକ ଓ କାରିଗରମାନଙ୍କର ବିପଣନ କ୍ଷମତା ଏବଂ ଉଦ୍ୟମ ପରିଚାଳନା ଦକ୍ଷତାକୁ ସୁଦୃଢ କରିବା। କର୍ମଶାଳାରେ ହିସାବ ରକ୍ଷଣ ପ୍ରଣାଳୀ, ପ୍ୟାକେଜିଂ ଓ ବ୍ରାଣ୍ଡିଂ, ବିକ୍ରୟ କୌଶଳ ଏବଂ ଡିଜିଟାଲ ଇ କମର୍ସ ମାଧ୍ୟମରେ ବିପଣନ ସମ୍ବନ୍ଧୀୟ ବିଭିନ୍ନ ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ଏହି ପ୍ରଶିକ୍ଷଣ ମାଧ୍ୟମରେ ଗ୍ରାମୀଣ ଉତ୍ପାଦକ ଗୋଷ୍ଠୀମାନଙ୍କୁ ବ୍ୟବହାରିକ ଜ୍ଞାନ ଓ କୌଶଳ ଯୋଗାଇ ସେମାନଙ୍କର ଉତ୍ପାଦକୁ ବଜାର ସହଯୋଗୀ କରାଇବା ସହ ଗ୍ରାମୀଣ ବିକାଶକୁ ପ୍ରୋତ୍ସାହିତ କରାଯିବ।

# ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ, ସରକାର ସମ୍ବେଦନହୀନ: ବିଜେଡି

**ବାଲେଶ୍ୱର,୧୩।୫ (ସମିସ)**



ରାଜ୍ୟର ବର୍ତ୍ତମାନର ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ ବିଜେପି ସରକାରଙ୍କୁ ତୀବ୍ର ସମାଲୋଚନା କରିଛି ବିଜୁ ଜନତା ଦଳ। ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡି ମୁଖପାତ୍ର ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି ଯେ, ଓଡ଼ିଶା ଏବେ ଏକ ଘଡ଼ିସନ୍ଧି ମୁହୂର୍ତ୍ତ ଦେଇ ଗତି କରୁଛି, ଯେଉଁଠି ଅରାଜକତା ଚରମ ସୀମାରେ ପହଞ୍ଚିଛି। ରାଜ୍ୟରେ ହତ୍ୟା, ଦୁଷ୍କର୍ମ ଓ ଅପହରଣ ଭଳି ଘଟଣା ଦିନକୁ ଦିନ ବଢ଼ିବାରେ ଲାଗିଥିବା ବେଳେ ସରକାର ଏବଂ ପ୍ରଶାସନ ସମ୍ପୂର୍ଣ୍ଣ ସମ୍ବେଦନହୀନ ହୋଇପଡ଼ିଛନ୍ତି। କେନ୍ଦୁଝରର କଙ୍କାଳ ବୋହିବା ଘଟଣା ଓ ବାଲେଶ୍ୱରର ଶବ ବୋହିବା ଭଳି ଦୁଇଟି ଅଭାବନୀୟ ଘଟଣାକୁ ନେଇ ସରକାରଙ୍କୁ ଲେଖାଶ୍ରୀ ଘେରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିଜ ଜିଲ୍ଲାରେ ଜଣେ ଆଦିବାସୀ ଯୁବକ ଜିତୁ ମୁଣ୍ଡା ନିଜ ମୃତ ଭଉଣୀର ପ୍ରାପ୍ୟ ପାଇବା ପାଇଁ ତା'ର କଙ୍କାଳକୁ କାନ୍ଧରେ ବୋହି ବ୍ୟାଙ୍କକୁ ଯିବା ଘଟଣା ସମାଜ ଓ ପ୍ରଶାସନ ପାଇଁ ଏକ କଳଙ୍କ। ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଅସହଯୋଗ କାରଣରୁ ଜଣେ ବ୍ୟକ୍ତିଙ୍କୁ ଏଭଳି ମାନସିକ ଯନ୍ତ୍ରଣା ଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ସେହିପରି ବାଲେଶ୍ୱର ଖଇରା ବ୍ଲକର ସୁରେନ୍ଦ୍ର ସେଠୀ ନିଜ ଭଉଣୀଙ୍କ ହତ୍ୟାକାରୀଙ୍କୁ ଗିରଫ କରାଯାଉ ନ ଥିବାରୁ ପ୍ରତିବାଦ ସ୍ୱରୂପ ଶବକୁ ସାଇକେଲରେ ୧୫ କିଲୋମିଟର ବୋହି ଥାନାକୁ ନେଇଥିଲେ। ଚାରି ଦିନ ବିତିଯାଇଥିଲେ ମଧ୍ୟ ପୁଲିସ ଅପରାଧୀଙ୍କୁ ଗିରଫ କରିବାରେ ବିଫଳ ହୋଇଛି। ଲେଖାଶ୍ରୀ କହିଛନ୍ତି ଯେ, ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡ଼ି ଯାଇଥିବା ବେଳେ ଗୃହ ବିଭାଗର ମନ୍ତ୍ରୀ ଥାଇ ମଧ୍ୟ ମୁଖ୍ୟମନ୍ତ୍ରୀ ଓଡ଼ିଶା ବାହାରେ ବିଭିନ୍ନ ରାଜ୍ୟ ଗସ୍ତ କରି ବିଜେପିର ଉତ୍ସବ ପାଳନରେ ବ୍ୟସ୍ତ ଅଛନ୍ତି। ଯଦି ଦୋଷୀଙ୍କ ବିରୋଧରେ ତୁରନ୍ତ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଯାଏ, ତେବେ ବିଜେଡି ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବ ଏବଂ ଆନ୍ଦୋଳନକୁ ଆହୁରି ତୀବ୍ର କରିବ ବୋଲି ସେ ଚେତାବନୀ ଦେଇଛନ୍ତି।

# ଓଡ଼ିଆ ଶାସ୍ତ୍ରୀୟ ସଙ୍ଗୀତ ବିଶାରଦ ଗୁରୁ ନାଗମଣୀ ମହାନ୍ତିଙ୍କ ଜୟନ୍ତୀ



**ବାଲେଶ୍ୱର,୧୩।୫ (ସମିସ):** ଓଡିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ସୁପ୍ରସିଦ୍ଧ ଓଡିଆ ଶାସ୍ତ୍ରୀୟ ସଙ୍ଗୀତ ବିଶାରଦ ଗୁରୁ ନାଗମଣୀ ମହାନ୍ତିଙ୍କ ଜୟନ୍ତୀ ପାଳନ ଅବସରରେ ଏକ ସାଂସ୍କୃତିକ ସନ୍ଧ୍ୟା ବାଲେଶ୍ୱର ସହରର ଗାନ୍ଧୀ ସ୍ମୃତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଗୁରୁ ନାଗମଣୀ ମହାନ୍ତି ସ୍ମୃତି ପରିଷଦ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଓଡିଆ ଗୀତିକାର ପୂର୍ଣ୍ଣେନ୍ଦୁ ଦାସମହାପାତ୍ର ବରେଣ୍ୟ ଅତଥିଭାବେ ଯୋଗଦେଇ ଗୁରୁ ନାଗମଣୀଙ୍କ ସ୍ମୃତିଚାରଣ କରିଥିଲେ। ବିଶିଷ୍ଟ ଶ୍ରମିକନେତା ଗୌରାଙ୍ଗ ପାଣୀଗ୍ରାହୀ ଏଥିରେ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଗୁରୁ ନାଗମଣୀଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ବାଲେଶ୍ୱର ସହରରେ ଜଣେ ପଡୋଶୀ ଭାବେ ସ୍ୱର୍ଗତ ମହାନ୍ତିଙ୍କ ଭଳି ବ୍ୟକ୍ତିତ୍ୱ ବିରଳ ବୋଲି ସେ ବର୍ଣ୍ଣନା କରିଥିଲେ। ବିଶିଷ୍ଟ ସାହିତ୍ୟିକ ତଥା କବି ପ୍ରଶାନ୍ତ ଦାସ ଏଥିରେ ପୌରହିତ୍ୱ କରିଥିଲେ। ଶାସ୍ତ୍ରୀୟ ସଙ୍ଗୀତ ସାଧନାର ବିଭିନ୍ନ ଦିଗ ଉପରେ ଆଲୋଚନା ସହ ଏଥିରେ ଗୁରୁ ନାଗମଣୀଙ୍କ ଅବଦାନ ଏକ ଗୌରବମୟ ଇତିହାସ ସୃଷ୍ଟି କରିପାରିଛି ବୋଲି ଶ୍ରୀ ଦାସ ମତ ଦେଇଥିଲେ। ଗୁରୁ ନାଗମଣୀଙ୍କ କନିଷ୍ଠା କନ୍ୟା ତଥା ପରିଷଦର ସମ୍ପାଦିକା ମଞ୍ଜୁଶ୍ରୀ ମହାନ୍ତି ଏଥିରେ ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ। ପରିଷଦର ଉପଦେଷ୍ଟା ଉଜ୍ଜ୍ୱଳ ଚାନ୍ଦ, ସହ ସମ୍ପାଦିକା ପ୍ରଣତୀ ରଥ, ସଦସ୍ୟା ତୃପ୍ତୀ ପଟ୍ଟନାୟକ ପ୍ରମୁଖ ଏଥିରେ ମଂଚାସୀନ ହୋଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଉପ-ସଭାପତି ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଅମତାଂଶୁ ପଟ୍ଟନାୟକ କାର୍ଯ୍ୟକ୍ରମରେ ଅତିଥିଙ୍କ ପରିଚୟ ପ୍ରଦାନ ସହ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବିଶିଷ୍ଟ ଗୀତିକାର ରମାକାନ୍ତ ଦାସ ଓ ନୃତ୍ୟଶିଳ୍ପୀ ଅନୁସୂୟା ଦାସଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସଭା ପରେ ଗୁରୁ ନାଗମଣୀଙ୍କ ଛାତ୍ରଛାତ୍ରୀମାନେ ଶାସ୍ତ୍ରୀୟ ଓ ସୁଗମ ସଙ୍ଗୀତ ପରିବେଷଣ କରିଥିଲେ।

# ଜାତୀୟ ପ୍ରଯୁକ୍ତି ବିଜ୍ଞାନ ଦିବସ ପାଳନ

**ନୀଳଗିରି, ୧୩।୫ (ସମିସ):** ଭାରତ ସରକାର ଙ୍କର ମେରା ଯୁବ ଭାରତ ବାଲେଶ୍ୱର ଶାଖା ଓ ହଜାରି ମାମି ଫାଉଣ୍ଡେସନ ର ମିଳିତ ଆନୁକୂଲ୍ୟରେ ନୀଳଗିରି ମଛୁଆ ପଞ୍ଚାୟତ ସାନକାଲିଆପଦା ଖେଳ ପଡ଼ିଆ ରେ ଜାତୀୟ ପ୍ରଯୁକ୍ତି ବିଜ୍ଞାନ ଦିବସ ପାଳନ କରାଯାଇଛି। ଫାଉଣ୍ଡେସନର ସଭାପତି ହଜାରି ଲାଲ୍ ମହାନ୍ତି ସଭାରମ୍ଭ କରିଥିଲେ। ଏଥିରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ବହୁ କୁନି କୁନି ପ୍ରତିଯୋଗୀ ମାନେ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏଥିରେ ବିଜୟୀ ପ୍ରତିଯୋଗୀ ମାନଙ୍କୁ ସଭାରେ ମୁଖ୍ୟ ଅତିଥି ରୂପେ ମଧୁସୂଦନ ନାୟକ ଏବଂ ଅନ୍ୟ ଅତିଥି ତଥା ବଂଶୀଧର ପଣ୍ଡା, ଅଭିରାମ ସିଂ, କମଳା କାନ୍ତ ସିଂ ପୁରସ୍କାର ବିତରଣ କରିଥିଲେ।

# ମେଗା ବିଶୁଦ୍ଧ ପାନୀୟ ଜଳ ପ୍ରକଳ୍ପ ଖତ ଖାଉଛି

## ଟୋପାଏ ପାଣି ପାଇଁ ଲୋକେ ତହକବିକଳ



**ଜଳେଶ୍ୱର, ୧୩।୫ (ସମିସ):** କେନ୍ଦ୍ର ଓ ରାଜ୍ୟ ସରକାର ଜନତାଙ୍କ କଲ୍ୟାଣ ପାଇଁ ବିଭିନ୍ନ ପ୍ରକଳ୍ପ ନାମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ମାତ୍ର ଏମିତି ବହୁତ ପ୍ରକଳ୍ପ ଉଦ୍‌ଘାଟନର କିଛିଦିନ ପରେ ଅଚଳ ହୋଇ ପଡି ରହୁଛି। ସେହିପରି ଏକ ନମୂନା ଜଳେଶ୍ୱର ପୌରାଂଚଳର ୬ନଂ ୱାର୍ଡ ବାସନ୍ତୀ ପଡିଆ ଠାରେ ନିର୍ମିତ ଲକ୍ଷଲକ୍ଷ ଟଙ୍କାର ମେଗା ବିଶୁଦ୍ଧ ପାନୀୟ ଜଳ ପ୍ରକଳ୍ପ। କିଛି ମାସ ପୂର୍ବରୁ ଏହି ପ୍ରକଳ୍ପ ବାଲେଶ୍ୱର ଲୋକସଭା ସାଂସଦଙ୍କ ଦ୍ୱାରା ସିଏସଆର ପାଣ୍ଠିରୁ ଗେଲ (ଇଣ୍ଡିଆ) ଲିମିଟେଡ ନାମକ ସଂସ୍ଥା ଦ୍ୱାରା ନିର୍ମିତ ହୋଇଥିଲା। ଏଥିପାଇଁ ନଳକୂପ ଖନନ, ସୋଲାର ସିଷ୍ଟମ ଓ ପାଣି ଶୋଧନ ପାଇଁ ଏକ୍ୟୁଆ ମେସିନ ଇତ୍ୟାଦି ଲଗାଯାଇ ପ୍ରକଳ୍ପ ଆରମ୍ଭ ହୋଇଥିବା ବେଳେ ସାଂସଦଙ୍କ ଦ୍ୱାରା ଉଦ୍‌ଘାଟନ ହୋଇଥିଲା। ସ୍ଥାନୀୟ ଲୋକମାନେ ବିଶୁଦ୍ଧ ଜଳ ପାଇବା ପାଇଁ ପ୍ରକଳ୍ପ ପ୍ରାରମ୍ଭରେ ଖୁସି ବ୍ୟକ୍ତ କରୁଥିବା ବେଳେ ଏବେ ଏହି ପ୍ରକଳ୍ପ ଖତ ଖାଉଛି। ଉଦ୍‌ଘାଟନର କିଛି ଦିନ ପରେ ପାଣି ବାହାରିବା ବନ୍ଦ ହୋଇଯାଇଥିବା ବେଳେ କମ୍ପାନୀ ତରଫରୁ ଠିକ କରାଯାଇଥିଲା ମାତ୍ର ଦୀର୍ଘ ଦିନରୁ ଏହି ପ୍ରକଳ୍ପ ପୁଣି ବନ୍ଦ ହୋଇ ପଡିରହିଛି। ଗରମ ଦିନରେ ଲୋକେ ପାଣି ପାଇଁ ତହଳ ବିକଳ ହେଉଥିବା ବେଳେ ଲକ୍ଷଲକ୍ଷ ଟଙ୍କାର ପ୍ରକଳ୍ପ ଖରାପ ହୋଇ ପଡିରହିଛି। ଦେଶର ରାଜସ୍ୱ, ଲୋକଙ୍କ ଅର୍ଥ ଏହି ପରି ଅପବ୍ୟୟ ହେବାରେ ଲାଗିଛି। ଏଥିପ୍ରତି ଜନତା ସଚେତନ ହେବାର ଆବଶ୍ୟକତା ରହିଛି ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମାନେ ମତ ବ୍ୟକ୍ତ କରିଥିବା ବେଳେ ସରକାର ଓ ସ୍ଥାନୀୟ ଜନପ୍ରତିନିଧି ମାନଙ୍କ ଦୃଷ୍ଟି ଦେବାକୁ ଦାବୀ।

# ବାଲେଶ୍ୱରରେ ପୁଲିସର ନାଇଟ୍ ବ୍ଲକିଂ ଓ ପାଟ୍ରୋଲିଂ

**ବାଲେଶ୍ୱର,୧୩।୫(ସମିସ):** ବାଲେଶ୍ୱର ଅଞ୍ଚଳରେ ବଢୁଥିବା ଅପରାଧ ଏବଂ ବେଆଇନ ନିଶା କାରବାର ଉପରେ ରୋକ୍ ଲଗାଇବା ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜୋରଦାର ହୋଇଛି। ଡିଜିପିଙ୍କ ନିର୍ଦ୍ଦେଶକ୍ରମେ ସମଗ୍ର ପୁଲିସ ରେଞ୍ଜରେ ମୟୂରଭଞ୍ଜ, ଭଦ୍ରକ ଓ ବାଲେଶ୍ୱରେ ଏଣିକି ରାତ୍ରିକାଳୀନ ବ୍ଲକିଂ ଏବଂ ପାଟ୍ରୋଲିଂ ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଛି। ସହରର ପ୍ରତିଟି ପ୍ରବେଶ ପଥ ଓ ସମ୍ବେଦନଶୀଳ ସ୍ଥାନରେ 'ନାକା' ପକାଯାଇ ଗାଡ଼ି ମୋଟର ଯାଞ୍ଚ କରାଯାଉଛି। ବାଲେଶ୍ୱର ଏକ ସୀମାନ୍ତ ଅଞ୍ଚଳ ହୋଇଥିବାରୁ ବାହାର ରାଜ୍ୟରୁ ନିଶାଦ୍ରବ୍ୟ ଚୋରା ଚାଲାଣ ରୋକିବାକୁ ବର୍ଡର ରୋଡ୍‌ଗୁଡ଼ିକରେ କଡ଼ା ନଜର ରଖାଯିବ। ଗତ ୩-୪ ମାସ ମଧ୍ୟରେ ପୁଲିସ ପ୍ରାୟ ୬୮ ଜଣ ନିଶା ବେପାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ ମଧ୍ୟ କରିସାରିଛି ପୋଲିସ ବୋଲି ସୂଚନା ଦେଇଛନ୍ତି ଡିଆଇଜି ପିନାକ ମିଶ୍ର। ରାତି ସମୟରେ ମଦ୍ୟପାନ କରି ଗାଡ଼ି ଚଳାଉଥିବା ବ୍ୟକ୍ତି ଏବଂ ଅଶାନ୍ତି ସୃଷ୍ଟି କରୁଥିବା ଅସାମାଜିକ ତତ୍ତ୍ୱଙ୍କ ବିରୋଧରେ "ଶୂନ୍ୟ ସହିଷ୍ଣୁତା' ବା ଜିରୋ ଟୋଲରାନ୍ସ ନୀତି ଆପଣାଯିବ। ଆଗାମୀ ଦିନରେ ଏହି ଅଭିଯାନକୁ ଆହୁରି ଜୋରଦାର କରାଯିବ ବୋଲି ପୁଲିସ କହିଛି।



# ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପ୍ରସ୍ତୁତି କମିଟି ବୈଠକ



**ବାଲେଶ୍ୱର,୧୩।୫ (ସମିସ):** ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପ୍ରସ୍ତୁତି କମିଟି ବୈଠକ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ ଅଡିଟୋରିଅମ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାରେ ସମ୍ଭାବ୍ୟ ବନ୍ୟା ବାତ୍ୟା କିମ୍ବା ଅତ୍ୟଧିକ ବର୍ଷା ହେଲେ ତାର ସଠିକ୍ ମୁକାବିଲା ପାଇଁ ପ୍ରସ୍ତୁତିର ସମୀକ୍ଷା କରାଯାଇଥିଲା। ବର୍ଷା, ବନ୍ୟା ପୂର୍ବରୁ ନଦୀବନ୍ଧ ତ୍ୱା ସହରାଞ୍ଚଳ ନାଳ ମରାମତି, ଜଳ ଅବରୋଧ ସ୍ଥାନ ଚିହ୍ନଟ, ବନ୍ୟାପାଦିତ ଅଞ୍ଚଳରେ ଆବଶ୍ୟକ ଔଷଧ, ସାପ କାମୁଡ଼ା ଇଞ୍ଜେକସନ ଓ ଖାଦ୍ୟ ମହଜୁଦ ରଖୁବା, ହଇଜା, ଡେଙ୍ଗୁ, ମ୍ୟାଲେରିଆ ନିରାକରଣ ପାଇଁ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ, ବିପର୍ଯ୍ୟୟ ପୂର୍ବ ପ୍ରସ୍ତୁତି, ବିପର୍ଯ୍ୟୟ ସମୟ ଓ ବିପର୍ଯ୍ୟୟ ପରବର୍ତ୍ତୀ କାଳରେ କିଭଳି ପଦକ୍ଷେପ ନିଆଯିବ ସେନେଇ ପ୍ରସ୍ତୁତିର ସମୀକ୍ଷା କରାଯାଇଥିଲା। ବନ୍ୟା ପରିସ୍ଥିତିରେ ପୀଡ଼ିତଙ୍କୁ ଉଦ୍ଧାର ଓ ଥଇଥାନ ନିମନ୍ତେ ଆଶ୍ରୟସ୍ଥଳୀ ଏବଂ ଅସ୍ଥାୟୀ ଆଶ୍ରୟସ୍ଥଳୀ ପ୍ରସ୍ତୁତ ରଖିବା ଶୁଖିଲା ଏବଂ ରନ୍ଧା ଖାଦ୍ୟ ବ୍ୟବସ୍ଥା, ଔଷଧ ମଜକୁଦ, ନଦୀବନ୍ଧ ଓ ଘାଇ ମରାମତି, ପାଇପ୍ ଦ୍ୱାରା ବିଶୋଧିତ ଜଳ ଯୋଗାଣ, ନଳକୂପ ବିଶୋଧନ, ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆବଶ୍ୟକ ଔଷଧ, ହେଲୋଜନ ବଟିକା, ଓଆରଏସ, ବ୍ଲିଚିଙ୍ଗ ପାଉଡର, ପ୍ରାଣୀସମ୍ପଦର ସୁରକ୍ଷା ନିମନ୍ତେ ଟୀକା ଓ ଔଷଧ ସହ ପଦକ୍ଷେପ, ଦୁର୍ଗମ ଅଞ୍ଚଳରେ ଖାଦ୍ୟ ଶସ୍ୟ ମହଜୁଦ ରଖିବା ଆଦି ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା। ବୈଠକରେ ସାଂସଦ, ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବିଧାୟକ ମାନସ କୁମାର ଦତ୍ତ, ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର, ସୋରୋ ବିଧାୟକ ମାଧବ ଧଡା, ନୀଳଗିରି ବିଧାୟକ, ସନ୍ତୋଷ ଖଟୁଆ, ବସ୍ତା ବିଧାୟିକା ସୁବାସିନୀ ଜେନା, ଜିଲ୍ଲା ପରିଷଦ ସଭାପତି, ପଂଚାୟତ ସମିତି ଅଧକ୍ଷ ଏବଂ ଅନ୍ୟ ବିଧାୟକ ଏବଂ ସାଂସଦ ମାନଙ୍କର ପତିନିଧି, ଅତିରିକ୍ତ ଜିଲ୍ଲାପାଳ,ଉପ ଜିଲ୍ଲାପାଳ,ପୌରପାଳିକା ଗୁଡିକର କାର୍ଯ୍ୟ ନିର୍ବାହୀ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ,ତହସିଲଦାର, ଓ.ଡ୍ରା.ଫ ବାହିନୀ, ଆପଦ ମିତ୍ର ସ୍ୱେଚ୍ଛାସେବୀ ସିଭିଲ ଡେଫେନ୍ସ, ଅଗ୍ନିଶମ ବିଭାଗ, ଜିଲ୍ଲା ଜରୁରୀ କାଳୀନ ଅଧିକାରୀ , ବାଲେଶ୍ୱର ଓ ଜିଲ୍ଲା ପ୍ରକଳ୍ପ ଅଧିକାରୀ, ବାଲେଶ୍ୱର ଏବଂ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀମାନେ ଯୋଗଦାନ କରିଥିଲେ।

**● ହଷ୍ଟେଲ ୱାର୍ଡେନଙ୍କ ଦୁର୍ବ୍ୟବହାର ଏବଂ ଅର୍ଥ ହରିଲୁଟ୍ ଅଭିଯୋଗ**

# ବାଲେଶ୍ୱର ସରକାରୀ ଆଇଟିଆଇ ଛାତ୍ରୀଙ୍କ ବିକ୍ଷୋଭ



**ବାଲେଶ୍ୱର,୧୩।୫ (ସମିସ):** ବାଲେଶ୍ୱର ସରକାରୀ ଆଇଟିଆଇର ଛାତ୍ରୀମାନେ ହଷ୍ଟେଲ ୱାର୍ଡେନଙ୍କ ଦୁର୍ବ୍ୟବହାର ଏବଂ ଅର୍ଥ ହରିଲୁଟ୍ ଅଭିଯୋଗ କରି କଲେଜ ପରିସରରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଛାତ୍ରୀମାନେ ମୁଖ୍ୟତଃ ୱାର୍ଡେନଙ୍କୁ ବଦଳାଇବା ସହ ସେମାନଙ୍କର ବକେୟା ଟଙ୍କା ଫେରସ୍ତ ପାଇଁ ଦୃଢ ଦାବି କରିଛନ୍ତି। ଯଦି ସମସ୍ୟାର ସମାଧାନ ନହୁଏ, ତେବେ ସେମାନେ କ୍ଲାସ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି। ହଷ୍ଟେଲ ୱାର୍ଡେନ ଏବଂ ତାଙ୍କ ସ୍ୱାମୀ ଛାତ୍ରୀମାନଙ୍କ ସହ ଅଭଦ୍ର ବ୍ୟବହାର କରୁଥିବା ଅଭିଯୋଗ ହୋଇଛି। ଏପରିକି ଅସୁସ୍ଥ ସମୟରେ ମଧ୍ୟ ସେମାନଙ୍କୁ କଟୁ କଥା କହି ଅପମାନିତ କରାଯାଉଛି। ପୂର୍ବତନ ସୁପରିଣ୍ଟେଣ୍ଡେଣ୍ଟଙ୍କ ସମୟରେ ପ୍ରତି ଛାତ୍ରୀଙ୍କ ଠାରୁ ମେଣ୍ଟେନାନ୍ସ ବାବଦକୁ ମାସିକ ୫୦ ଟଙ୍କା ଲେଖାଏଁ ଅଧିକ ନିଆଯାଉଥିଲା, ଯାହାକୁ ଫେରସ୍ତ କରିବା ପାଇଁ ସେମାନେ ଦାବି କରିଛନ୍ତି। ଅନ୍ୟପଟେ ସରକାରୀ ଆଇଟିଆଇର ପ୍ରିନ୍ସିପାଲ ମହେନ୍ଦ୍ର କୁମାର ବେହେରା କହିଛନ୍ତି ଯେ, ସେ ଛାତ୍ରୀମାନଙ୍କ ସହ ଆଲୋଚନା କରିଛନ୍ତି। ଯେପର୍ଯ୍ୟନ୍ତ ନୂଆ ୱାର୍ଡେନ ବ୍ୟବସ୍ଥା ହୋଇନାହିଁ, ସେପର୍ଯ୍ୟନ୍ତ ପୁରୁଣା ବ୍ୟବସ୍ଥା ଚାଲିବ ଏବଂ ଖୁବ୍ ଶୀଘ୍ର ଏହାର ସମାଧାନ କରାଯିବ ବୋଲି ଅଧକ୍ଷ ପ୍ରତିଶ୍ରୁତି ଦେଇଛନ୍ତି।

**● ମଞ୍ଜୁରୀ ପ୍ରଦାନକୁ ବିତିଲା ୩ ବର୍ଷ**

# ଆରମ୍ଭ ହେଲାନି ଖନ୍ତାପଡ଼ା ଫ୍ଲାଏ ଓଭରବ୍ରିଜ ନିର୍ମାଣ

**ନୀଳଗିରି, ୧୩।୫ (ସମିସ):** ୨୦୨୪ ନିର୍ବାଚନ ବେଳେ ନୀଳଗିରି ନିର୍ବାଚନ ମଣ୍ଡଳୀକୁ ପ୍ରଚାର ପାଇଁ ରେଳ ମନ୍ତ୍ରୀ ଅଶ୍ୱିନ ବୈଷ୍ଣବ ଆସିଥିଲେ। ନିର୍ବାଚନ ବୈତରଣୀ ପାରେଇବା ପାଇଁ ବିଭିନ୍ନ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ତେବେ ଖନ୍ତାପଡ଼ା ରେଳ ଷ୍ଟେସନରେ ଫ୍ଲାଏ ଓଭର ବ୍ରିଜ ନ ଥିବାରୁ ବହୁ ଦୁର୍ଘଟଣା ଘଟୁଥିଲା ଏବଂ ଫ୍ଲାଏ ଓଭର ବ୍ରିଜ ନିର୍ମାଣ ପାଇଁ ବହୁ ବର୍ଷରୁ ଅଞ୍ଚଳ ବାସୀଙ୍କ ପକ୍ଷରୁ ଦାବି ହୋଇ ଆସୁଥିଲା। ସମସ୍ୟାର ସମାଧାନ ପାଇଁ ପୂର୍ବତନ ନୀଳଗିରି ବିଧାୟକ ଙ୍କ ସୁକାନ୍ତ କୁମାର ନାୟକ ଅଣ୍ଟା ଭିଡ଼ିଥିଲେ। ଏ ନେଇ ଶ୍ରୀ ନାୟକ ରେଳ ମନ୍ତ୍ରୀଙ୍କୁ ଖନ୍ତାପଡ଼ା ରେଳ ଷ୍ଟେସନରେ ଫ୍ଲାଏ ଓଭର ବ୍ରିଜ ନିର୍ମାଣ ପାଇଁ ୧୫/୧/୨୦୨୪ତାରିଖରେ ରେଳ ମନ୍ତ୍ରୀ ଅଶ୍ୱିନ ବୈଷ୍ଣବଙ୍କୁ ସାକ୍ଷାତ କରି ନୂତନ ବ୍ରିଜ ନିର୍ମାଣ ପାଇଁ ଦାବି ରଖିଥିଲେ। ଖୋଦ ରେଳମନ୍ତ୍ରୀ ଖନ୍ତାପଡ଼ା ବ୍ରିଜ ନିର୍ମାଣ ପାଇଁ ୧୭/୨/୨୪ ତାରିଖରେ ପତ୍ର ମାଧ୍ୟମରେ ଫ୍ଲାଏ ଓଭର ବ୍ରିଜ ନିର୍ମାଣ ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ କରିଥିଲେ। ମଞ୍ଜୁରୀ ପ୍ରଦାନ ପରେ ଅଞ୍ଚଳ ବାସୀଙ୍କ ମନରେ ବହୁଦିନର ଦାବି ପୂରଣ ହେବାକୁ ଯାଉଥିବାକୁ ନେଇ ଆଶା ସଂଚାର ହୋଇଥିଲା। ହେଲେ ମଞ୍ଜୁରୀ ଦେବାରେ ୩ ବର୍ଷ ବିତି ଯାଇଥିଲେ ସୁଦ୍ଧା ଅଦ୍ୟାବଧି ବ୍ରିଜ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରିଲା ନାହିଁ। ତେବେ ୨୦୨୪ ନିର୍ବାଚନ ବୈତରଣୀ ପାରେଇବା ପାଇଁ ରେଳମନ୍ତ୍ରୀଙ୍କ ପ୍ରତିଶ୍ରୁତି ପାଣିର ଏବେ ପାଣିର ଗାର ସଦୃଶ ହୋଇଥିବା ବେଳେ କେବଳ ନିର୍ବାଚନ ବୈତରଣୀ ପାରେଇବା ପାଇଁ ମିଥ୍ୟା ପ୍ରତିଶ୍ରୁତି ବୋଲି ଅଞ୍ଚଳରେ ଆଲୋଚନା ଜୋର ଧରିଛି। ଡବଲ ଇଞ୍ଜିନ ସରକାର ତୁରନ୍ତ ପ୍ରତିଶ୍ରୁତି ପୂରଣ କରନ୍ତୁ ବୋଲି ଅଞ୍ଚଳ ବାସୀ ଦାବି କରିଛନ୍ତି।

# ପେଟ୍ରୋଲର ଅଭାବୀ ବିକ୍ରି ନେଇ ଜଳେଶ୍ୱରରେ ଉତ୍ତେଜନା



**ଜଳେଶ୍ୱର, ୧୩।୫ (ସମିସ):** ପଶ୍ଚିମବଙ୍ଗ ସହିତ କେତେକ ରାଜ୍ୟର ନିର୍ବାଚନ ସରିବା ପରେ ପ୍ରଧାନମନ୍ତ୍ରୀଙ୍କ ପେଟ୍ରୋଲ ଡିଜେଲ ତୈଳ ଉପରେ ନିୟନ୍ତ୍ରଣର ବକ୍ତବ୍ୟ ସମସ୍ତଙ୍କୁ ଚକିତ କରିଥିବା ବେଳେ ପେଟ୍ରୋଲ ପମ୍ପ ଗୁଡିକରେ ତେଲର ଅଭାବ ପରିଲକ୍ଷିତ ହୋଇଛି। ତେଲର ଅଭାବ ଖବର ପ୍ରଚାରିତ ହେବା ପରେ ଜଳେଶ୍ୱରର ବିଭିନ୍ନ ପେଟ୍ରୋଲ ପମ୍ପରେ ପେଟ୍ରୋଲ ନେବା ପାଇଁ ଗାଡିର ଭିଡ ପରିଲକ୍ଷିତ ହୋଇଥିଲା। ମାତ୍ର କେତେକ ପେଟ୍ରୋଲ ପମ୍ପରେ ତେଲ ନଥିବାର ଖବର ଶୁଣି ଲୋକଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିବା ଦେଖିବାକୁ ମିଳିଥିଲା। ଦେଶରେ ପର୍ଯ୍ୟାପ୍ତ ପରିମାଣରେ ତେଲ ମହଜୁଦ ରହିଥିବା କଥା ସରକାର କହୁଥିବା ବେଳେ ପେଟ୍ରୋଲ ପମ୍ପରେ ତେଲ ନ ମିଳିବା ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢାଉଛି। ଜଳେଶ୍ୱର ପୁରୁଣିଆ ବଜାର ସ୍ଥିତ ପାର୍ବତୀ ଗ୍ୟାସଲିନ ପେଟ୍ରୋଲ ପମ୍ପ, ଅମ୍ଳିଅଠା ପେଟ୍ରୋଲ ପମ୍ପ ସହିତ କେତେକ ପମ୍ପରେ ତେଲ ନଥିବାର ଦେଖିବାକୁ ମିଳିଥିବା ବେଳେ ଅନ୍ୟ ପମ୍ପ ମାଲିକ ମାନେ ପେଟ୍ରୋଲ ଥିବା ପର୍ଯ୍ୟନ୍ତ ପେଟ୍ରୋଲ ଦେବେ ବୋଲି କହୁଥିବାର ଶୁଣିବାକୁ ମିଳିଥିଲା। କେତେକ ପମ୍ପରେ ଶହେ ଟଙ୍କାରୁ ଉର୍ଦ୍ଧ୍ୱ ଟଙ୍କାର ତେଲ ଦିଆଯାଉ ନ ଥିବାର ମଧ୍ୟ ଦେଖିବାକୁ ମିଳିଥିଲା। ତେଣୁ ପେଟ୍ରୋଲର ଅଭାବକୁ ନେଇ ଲୋକଙ୍କ ମଧ୍ୟରେ ଏକ ଅସନ୍ତୋଷ ଦେଖାଦେଇଥିବା ବେଳେ ଲୋକେ ଗାଡିରେ ଏବଂ ବୋତଲରେ ତେଲ ନେଉଥିବାର ଦେଖିବାକୁ ମିଳିଥିଲା।

# କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



**ଲଙ୍ଗଳେଶ୍ୱର, ୧୩।୫ (ସମିସ) :** ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଦୀପ୍ତିପ୍ରଭା ନାୟକ (୫୪୮) ଏବଂ ପ୍ରୀତିପ୍ରଜ୍ଞା ମଲ୍ଲିକ (୫୪୦)ଙ୍କୁ ଆଜି ଲଙ୍ଗଳେଶ୍ୱର ଶଚ୍ଚୀନ୍ଦ୍ର କୁମାର ଏବଂ ଯଶୋଦାମଣି ସରକାରୀ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ମୁର୍ମୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅତିଥି ଭାବରେ ଏସ.ଏମ.ସି ସଭାପତି ଅଶୋକ କୁମାର ଦାସ ଯୋଗଦେଇ କୃତୀ ପିଲାଙ୍କୁ ଆଗକୁ ଭଲ ପାଠ ପଢି କୃତିତ୍ୱ ଅର୍ଜନ କରିବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷକ ହିମାଂଶୁ ବାରିକ, ଅନୁରାଗ ଭୂୟାଁ, ଜିତୁ କୁମାର ବିଶ୍ୱାଳ, ସୁଜୟ କୁମାର ଦାସ ଓ ଅର୍ଦଳି ସୁମତି ମଣି ପ୍ରଧାନ ଏବଂ ଏସ.ଏମ.ସିର ଅନ୍ୟ ସଦସ୍ୟା ପ୍ରମୁଖ ଯୋଗ ଦେଇ ବିଦ୍ୟାର୍ଥୀଙ୍କୁ ଉତ୍ସାହିତ କରିଥିଲେ।

# ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଛି ନବନିର୍ମିତ ଆରଆଇ କାର୍ଯ୍ୟାଳୟ

**ବାଲେଶ୍ୱର(ଉତ୍ତର), ୧୩।୫ (ସମିସ)**



ବାଲେଶ୍ୱର ଜିଲ୍ଲା ଭୋଗରାଇ ତହସିଲ ଅନ୍ତର୍ଗତ ଦାହୁଣଦାକୁ ଏକ ନୂତନ ରାଜସ୍ୱ ରାଜସ୍ୱ ସର୍କଲ ଘୋଷଣା ହେବାକୁ ୬ବର୍ଷ ବିତିଲାଣି। ଏହାର ନୂତନ କାର୍ଯ୍ୟାଳୟ ନିର୍ମାଣ ମଧ୍ୟ ଆଜକୁ ୬ମାସ ପୂର୍ବରୁ ଶେଷ ହୋଇ ସାରିଲାଣି।। ମାତ୍ର ଏଯାଏଁ ତାହା କାର୍ଯ୍ୟକ୍ଷମ ହୋଇ ପାରୁନାହିଁ। ଫଳରେ ସେଠାରେ ଅସାମାଜିକ ବ୍ୟକ୍ତି ମାନଙ୍କ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ସେଥିପ୍ରତି ନା ସରକାର ନା ପ୍ରଶାସନର ନିଘା ଅଛି, ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ସୂଚନାଯୋଗ୍ୟ ଯେ, ଜନସଂଖ୍ୟା ଦୃଷ୍ଟିକୋଣରୁ ଜନ ସାଧାରଣ ଙ୍କୁ ସୁବିଧା ରେ ରାଜସ୍ୱ ସେବା ଯୋଗାଇବା ପାଇଁ ତତ୍କାଳୀନ ବିଜେଡି ସରକାର ୨୦୨୦ମସିହାରେ ଭୋଗରାଇ ତହସିଲ ଅଧୀନରେ ପୂର୍ବରୁ ଥିବା ୮ଟି ରାଜସ୍ୱ ସର୍କଲକୁ ପୁନର୍ଗଠନ କରିବା ସହିତ କେତେକ ନୂତନ ସର୍କଲ ଗଠନ କରାଯାଇଥିଲା। ସେଥି ମଧ୍ୟରୁ ଦାହୁଣଦାକୁ ଏକ ନୂତନ ରାଜସ୍ୱ ସର୍କଲ ଘୋଷଣା କରାଯାଇଥିଲା। ଏହାର ଭିତ୍ତିଭୂମି ପାଇଁ ନୂତନ କାର୍ଯ୍ୟାଳୟ ନିର୍ମାଣ ସକାଶେ ଅର୍ଥ ମଞ୍ଜୁର ହୋଇଥିଲା। ଏହି ଗୃହ ନିର୍ମାଣ ଆଜକୁ ୬ ମାସ ପୂର୍ବରୁ ଶେଷ ହୋଇଥିଲେ ମଧ୍ୟ ଏହା ଏଯାଏ କାର୍ଯ୍ୟକ୍ଷମ ହୋଇ ନାହିଁ। ଫଳରେ ବର୍ତ୍ତମାନ ଗୃହ ପରିସରରେ ଅନବନା ଗଛ, ଗୁଳ୍ମରେ ପରିପୂର୍ଣ୍ଣ ହୋଇଗଲାଣି। ଫଳରେ ବିଷାକ୍ତ ସାପ, ଜୋକ ସହ ବିଭିନ୍ନ ବିଷାକ୍ତ ପ୍ରାଣୀଙ୍କ ଆତଙ୍କ ଦେଖାଦେଇଛି। ଏପରିକି ନିରୋଳା ସ୍ଥାନ ପାଇ ଅସାମାଜିକ ବ୍ୟକ୍ତି ମାନେ ସେଠାରେ ଆଡ୍ଡା ଜମାଇଲେଣି। ରାତି ସମୟରେ ଉକ୍ତ ପରିସରରେ ମଦ୍ୟପ, ଜୁଆଡ଼ି ଓ ଗଞ୍ଜେଇ ସେବନକାରୀଙ୍କ ଆଡ୍ଡା ଜମୁଥିବା ଥିବାରୁ ସ୍ଥାନୀୟ ଅଞ୍ଚଳବାସୀ ଭୟ ଓ ଅସୁରକ୍ଷିତ ବୋଲି ଅଭିଯୋଗ କରିଛନ୍ତି। ତା ଛଡ଼ା ଉକ୍ତ ଗୃହ ପରିସର ଫାଙ୍କା ଥିବାରୁ ବେଶ କିଛି ଲୋକ ଗୋରୁ ଗାଈ ବାନ୍ଧିବା, ଜାଳେଣି ରଖିବା ମଧ୍ୟ ଦେଖିବାକୁ ମିଳୁଛି। ଅନ୍ୟପକ୍ଷରେ ବର୍ତ୍ତମାନ ଏହି କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ହେଉ ନଥିବାରୁ ଏହି ସର୍କଲ ଅନ୍ତର୍ଗତ ୩ଟି ଗ୍ରାମ ପଞ୍ଚାୟତ ର ୧୭ଟି ଗାଁର ଲୋକମାନେ ଛୋଟ ମୋଟ ଜମି ଜମା କାର୍ଯ୍ୟ ସହିତ ଅନ୍ୟ କାର୍ଯ୍ୟ ପାଇଁ ପୁଣି କମର୍ଦ୍ଦା ରାଜସ୍ୱ କାର୍ଯ୍ୟାଳୟ କୁ ଯିବାକୁ ବାଧ୍ୟ ହେଉଛନ୍ତି। ବହୁ ଦୂରକୁ ଯିବାକୁ ପଡୁ ଥିବାରୁ ବୃଦ୍ଧ, ମହିଳା ମାନେ ଅଧିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ତୁରନ୍ତ ଜିଲ୍ଲା ପ୍ରଶାସନ ଉକ୍ତ କାର୍ଯ୍ୟାଳୟ କୁ ତୁରନ୍ତ ବିଭାଗୀୟ ଅଧିକାରୀଙ୍କୁ ହସ୍ତାନ୍ତର କରିବା ସହିତ କାର୍ଯ୍ୟକ୍ଷମ କରିବାକୁ ସ୍ଥାନୀୟ ବୁଦ୍ଧିଜୀବୀ, ଗ୍ରାମବାସୀ ମାନେ ଦାବୀ ଜଣାଇଛନ୍ତି।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427
ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ନିୟମିତ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

**ବିଜ୍ଞାପନ ସଂ. CRPD/SCO/2026-27/05 (ନିୟମିତ ପଦବୀ)**

| ପୋଷ୍ଟର ନାମ | ଖାଲି ପଦବୀ ସଂଖ୍ୟା | ଗ୍ରେଡ୍ |
|---|---|---|
| ବାଣିଜ୍ୟ ଆର୍ଥିକ ଅଧିକାରୀ | 100 | ଏମ୍‌ଏମ୍‌ଜିଏସ୍-II |

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://sbi.bank.in/ web/ careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://bank.sbi.in/web/careers/post-your-query)ରେ ଉପଲବ୍ଧ ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 13.05.2026 ରୁ 02.06.2026 ପର୍ଯ୍ୟନ୍ତ ।**

**ସ୍ଥାନ:** ମୁମ୍ବାଇ
**ତାରିଖ:** 13.05.2026
ମହା ପ୍ରବନ୍ଧକ (ଆରପି ଆଣ୍ଡ ପିଏମ୍)

THE SAKALA

# ସମ୍ପାଦକୀୟ



ଶୃଙ୍ଖଳିତ ମନ ହିଁ ଜୀବନରେ ଆନନ୍ଦ ଆଣିପାରିବ।
-ଗୌତମ ବୁଦ୍ଧ

## ସରକାରୀ ଶିକ୍ଷାର ଗତି

ସରକାରୀ ଶିକ୍ଷା ବ୍ୟବସ୍ଥାର ସ୍ଥିତି କ'ଣ ଏବଂ ଗତି କୁଆଡ଼େ? ଗତ ଦଶନ୍ଧି(୨୦୧୪-୧୫ ରୁ ୨୦୨୪-୨୫)ରେ ଶିକ୍ଷାର ଅଗ୍ରଗତି ସମ୍ପର୍କିତ ନିତି ଆୟୋଗଙ୍କ ସଦ୍ୟତମ ରିପୋର୍ଟରୁ ଏହି ପ୍ରଶ୍ନର ଏକ ସହଜ ଓ ସାବଲୀଳ ଉତ୍ତର ମିଳିଯିବ। ଏହି ରିପୋର୍ଟ ପ୍ରସ୍ତୁତ କରିବା ପାଇଁ ଶିକ୍ଷା ମନ୍ତ୍ରଣାଳୟ, ୟୁଡାଇଜ୍(ଜିଲ୍ଲାଭିତ୍ତିକ ଶିକ୍ଷା ସୂଚନା ବ୍ୟବସ୍ଥା), ଜାତୀୟ ଉପଲବ୍ଧି ସର୍ବେକ୍ଷଣ, ପରଖ୍ ରାଷ୍ଟ୍ରୀୟ ସର୍ବେକ୍ଷଣ, 'ପ୍ରଥମ'(ସ୍ୱେଚ୍ଛାସେବୀ ସଂସ୍ଥା)ର ବାର୍ଷିକ ଶିକ୍ଷା ବିବରଣୀ ଆଦିକୁ ନିତି ଆୟୋଗ ଆଧାର ରୂପେ ଗ୍ରହଣ କରିଥିବାରୁ ଏହାକୁ ବିଭ୍ରାନ୍ତିକର କିମ୍ବା କପୋଳକଳ୍ପିତ କୁହାଯାଇପାରିବ ନାହିଁ।

ନିତି ଆୟୋଗର ଏହି ରିପୋର୍ଟ ଅନୁଯାୟୀ ଦେଶର ସାମଗ୍ରିକ ଶିକ୍ଷା ବ୍ୟବସ୍ଥା କ୍ରମଶଃ ସରକାରୀ କ୍ଷେତ୍ରରୁ ଘରୋଇ ମୁହାଁ ହେବାରେ ଲାଗିଛି। ୨୦୧୪-୧୫ରେ ସରକାରୀ ବିଦ୍ୟାଳୟରେ ନାମ ଲେଖା ହାର ୫୪.୩% ଥିବା ବେଳେ ୨୦୨୪-୨୫ ସୁଦ୍ଧା ତାହା ୪୯.୨୫ ପ୍ରତିଶତକୁ ହ୍ରାସ ପାଇଛି। ଅପରପକ୍ଷରେ ବିଗତ ଦଶବର୍ଷ ମଧ୍ୟରେ ଘରୋଇ ବିଦ୍ୟାଳୟରେ ନାମ ଲେଖା ହାର ୩୧.୭% ରୁ ୩୮.୮%କୁ ବୃଦ୍ଧି ପାଇଛି। ବାକି ୧୧.୨୫ ପ୍ରତିଶତ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟ କିମ୍ବା ମିଶନ୍ ସ୍କୁଲ୍ କିମ୍ବା ମଦ୍ରାସାରେ ନାମ ଲେଖାଇଛନ୍ତି। ଆହୁରି ଏକ ଦଶନ୍ଧି ପଛକୁ ଯାଇ ତୁଳନା କଲେ ଆଜିର ସରକାରୀ ଶିକ୍ଷା ବ୍ୟବସ୍ଥା ଉପରେ ଆସ୍ଥାର ସ୍ଖଳନ ଆହୁରି ସ୍ପଷ୍ଟ ହେଉଛି। ୨୦୦୫ରେ ସରକାରୀ ବିଦ୍ୟାଳୟରେ ନାମ ଲେଖା ହାର ୭୧% ଥିବା ବେଳେ ଏବେ ୫୦% ତଳକୁ ଖସି ଆସିବା ନିଶ୍ଚୟ ଆମ ରାଜନୈତିକ ଇଚ୍ଛାଶକ୍ତି ଉପରେ ପ୍ରଶ୍ନଚିହ୍ନଟିଏ ଲଗାଇ ଦେଇଛି।

ସରକାରୀ ବିଦ୍ୟାଳୟରେ ନାମ ଲେଖା ହାର ହ୍ରାସ ପାଇବା ଏବଂ ଘରୋଇ ବିଦ୍ୟାଳୟମାନଙ୍କରେ ବୃଦ୍ଧି ପାଇବା ପଛରେ ଯେଉଁ କାରଣମାନ ଉକ୍ତ ରିପୋର୍ଟରେ ଦର୍ଶାଯାଇଛି ସେଥିମଧ୍ୟରେ ଜନସାଂଖ୍ୟିକ ପରିବର୍ତ୍ତନ, ପରିବାର ନିୟନ୍ତ୍ରଣ, ସ୍କୁଲ୍ ମିଶ୍ରଣ ଆଦି ରହିଛି। କିନ୍ତୁ ସେହି ରିପୋର୍ଟରେ ଆହୁରି ମଧ୍ୟ ଏକ ଚିନ୍ତାଉଦ୍ରେକକାରୀ କାରଣ ରହିଛି। ରିପୋର୍ଟ ଅନୁଯାୟୀ ୨୦୧୪-୧୫ରେ ଦେଶରେ ମୋଟ ୧୧ ଲକ୍ଷ ୭ ହଜାର ସରକାରୀ ବିଦ୍ୟାଳୟ ଥିବା ବେଳେ ୨୦୨୪-୨୫ରେ ତାହା ୧୦ ଲକ୍ଷ ୧୩ ହଜାରକୁ ଅର୍ଥାତ୍ ୮% ହ୍ରାସ ପାଇଛି। ଅପରପକ୍ଷରେ ସମାନ ସମୟରେ ଘରୋଇ ବିଦ୍ୟାଳୟ ସଂଖ୍ୟାରେ ୧୮% ବୃଦ୍ଧି ପାଇ ୩ ଲକ୍ଷ ୩୯ ହଜାରରେ ପହଞ୍ଚିଛି। ଅଧୁନା ଘରୋଇ ବିଦ୍ୟାଳୟ ଏକ ଲାଭଦାୟକ ଶିକ୍ଷାବଜାରରେ ପରିଣତ ହୋଇଥିବାରୁ ଏହି ଅଭିବୃଦ୍ଧି ଅସ୍ୱାଭାବିକ ନୁହେଁ। କିନ୍ତୁ ଏହି ବ୍ୟବସାୟକୁ ସୁହାଉଛି ସରକାରୀ ବିଦ୍ୟାଳୟର ଅବକ୍ଷୟମୁଖୀ ଧାରା।

ଏହାଛଡ଼ା ମାଧ୍ୟମିକ ଶ୍ରେଣୀରେ ଡ୍ରପ୍‌ଆଉଟ୍ ବା ବିଦ୍ୟାଳୟ ଛାଡ଼ିବା ହାର ଗତ ଦଶନ୍ଧିରେ ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଇଥିବା ନିତି ଆୟୋଗ ରିପୋର୍ଟ ଦର୍ଶାଇଛି। ଏହାର କାରଣ ରୂପେ ପାରିବାରିକ ଆର୍ଥିକ ସମସ୍ୟାକୁ ମୁଖ୍ୟ ରୂପେ ଦର୍ଶାଯାଇଛି। ଶିକ୍ଷା ଅଧିକାର ଆଇନରେ ପ୍ରଥମରୁ ଅଷ୍ଟମଶ୍ରେଣୀ ପର୍ଯ୍ୟନ୍ତ ମୁକ୍ତ ଓ ବାଧ୍ୟତାମୂଳକ ଶିକ୍ଷା ବ୍ୟବସ୍ଥା ଥିବାରୁ ଅଷ୍ଟମ ଶ୍ରେଣୀ ପରେ ଡ୍ରପ୍‌ଆଉଟ୍ ହାର ବଢୁଥିବା ରିପୋର୍ଟ କହୁଛି। କିନ୍ତୁ ବାସ୍ତବତା ହେଉଛି ଦେଶର ମୋଟ ସରକାରୀ ବିଦ୍ୟାଳୟରୁ ମାତ୍ର ୫%ରେ ହିଁ ପ୍ରଥମରୁ ଦଶମ ଶ୍ରେଣୀ ଯାଏଁ ଶ୍ରେଣୀ ବ୍ୟବସ୍ଥା ରହିଛି ବା ପାଠପଢ଼ା ହେଉଛି। ଗମନାଗମନରେ ଅସୁବିଧା ହେତୁ ଅନେକ ପିଲା ପ୍ରାଥମିକ ଶିକ୍ଷା ପରେ ପାଠପଢ଼ାରେ ଡୋରୀ ବାନ୍ଧିବାକୁ ବାଧ୍ୟ ହେଉଛନ୍ତି।

ସରକାରୀ ବିଦ୍ୟାଳୟ ଶିକ୍ଷାର ଅଧୋଗତି ସମ୍ପର୍କରେ କାରଣ ଦର୍ଶାଇବା ବେଳେ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନିତି ଆୟୋଗ ଏଡ଼ାଇ ଯାଇଥିବା କିମ୍ବା ଭୁଲି ଯାଇଥିବା ମନେ ହୁଏ। ମୁଖ୍ୟତଃ ଅଭିଭାବକମାନେ ସରକାରୀ ବିଦ୍ୟାଳୟରୁ ଘରୋଇ ବିଦ୍ୟାଳୟ ମୁହାଁ ହେବା ପଛର ମୂଳ କାରଣ ହେଉଛି ସରକାରୀ ବିଦ୍ୟାଳୟରେ ଦୁର୍ବଳ ଭିତ୍ତିଭୂମି ଓ ଶିକ୍ଷାର ମାନ। କେଉଁଠି ବସିବାକୁ ଘର ନାହିଁ ତ କେଉଁଠି ଜଣେ ଶିକ୍ଷକ ଏକାଧିକ ଶ୍ରେଣୀକୁ ଏକାସାଙ୍ଗରେ ପଢ଼ାଇବାକୁ ପଡୁଛି। ପୁଣି କେଉଁଠି ନଦୀ ନାଳ ପାର ହୋଇ ଛାତ୍ରଛାତ୍ରୀ ବିଦ୍ୟାଳୟ ଆସୁଥିଲେ ମଧ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଅନୁପସ୍ଥିତ ରହୁଛନ୍ତି କିମ୍ବା ଆଦୌ ନାହାନ୍ତି। ଅନେକ ସମୟରେ ସରକାରୀ ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀ ସରକାରୀ କାର୍ଯ୍ୟ, ମଧ୍ୟାହ୍ନ ଭୋଜନ ଆଦିରେ ବ୍ୟସ୍ତ ରହୁଛନ୍ତି। ଆହୁରି ମଧ୍ୟ ଶିକ୍ଷାବର୍ଷର ଅନେକ କାର୍ଯ୍ୟଦିବସ ଓ କାର୍ଯ୍ୟଘଣ୍ଟା ସରକାରୀ ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କର ଧର୍ମଘଟ ଆନ୍ଦୋଳନରେ ଅପଚୟ ହେଉଛି। କେତେକ ଅଞ୍ଚଳରେ ଗୋଟିଏ ଭାଷା ବା ବିଷୟର ଶିକ୍ଷକ ଏକାଧିକ ବିଷୟ ପଢ଼ାଇବାକୁ ପଡୁଛି। ଯଦି ଜଣେ ସାହିତ୍ୟ କିମ୍ବା ସଂସ୍କୃତ କିମ୍ବା ଇଂରାଜୀ ଶିକ୍ଷକ ବିଜ୍ଞାନ ଓ ଗଣିତ ପଢ଼ାଇବେ ତେବେ ଶିକ୍ଷାଦାନ ଓ ଶିକ୍ଷାଗ୍ରହଣର ଗୁଣାତ୍ମକ ମାନ କେତେ ତାହା ଅନୁମେୟ। ତେଣୁ ସରକାରୀ ବିଦ୍ୟାଳୟ କେବଳ ମଧ୍ୟାହ୍ନ ଭୋଜନ ଓ ଶସ୍ତା ଶିକ୍ଷାଦାନର ପରିଚୟ ଭିତରେ ସୀମିତ ରହିଯାଇଛି। ଏହି କାରଣରୁ ଖର୍ଚ୍ଚାନ୍ତ ହେବା ସତ୍ତ୍ୱେ ଧାର ଉର୍ଦ୍ଧାର କରି ଅଭିଭାବକମାନେ ନିଜ ନିଜ ପିଲାର ଭବିଷ୍ୟତକୁ ଉଜ୍ଜ୍ୱଳ ଓ ସମ୍ଭାବନାମୟ କରିବା ପାଇଁ ଘରୋଇ ବିଦ୍ୟାଳୟମୁହାଁ ହେଉଛନ୍ତି।

ଏ ସବୁର ଊର୍ଦ୍ଧ୍ୱରେ ରହିଛି ଛାତ୍ରଛାତ୍ରୀ ଓ ଅଭିଭାବମାନଙ୍କ ହୀନମନ୍ୟତା ବୋଧ। ପଡ଼ିଶା ଘରର ପିଲା ସୁଟ୍‌ବୁଟ୍ ପିନ୍ଧି ଗାଡ଼ିରେ ଚଢ଼ି ଦାମୀ ଆକର୍ଷଣୀୟ ସ୍କୁଲ୍ ବ୍ୟାଗ୍ ଓ ୟୁନିଫର୍ମ ପିନ୍ଧି ପଢ଼ିବାକୁ ଯିବ; ଅଥଚ ଆମ ପିଲା ଚପଲ୍ ପିନ୍ଧି କାନ୍ଧରେ ପରିବା ବ୍ୟାଗ୍‌ରେ ବହି ପୂରାଇ ସରକାରୀ ସ୍କୁଲ୍‌କୁ ଯିବ? ଆତ୍ମଗୌରବ ଓ ଉଚ୍ଚ ପରିଚୟବୋଧର ଏହି ହୀନମନ୍ୟତା ଯୋଗୁଁ ଚତୁର୍ଥ ଶ୍ରେଣୀ କର୍ମଚାରୀ ଟିଏ ମଧ୍ୟ ତା' ପିଲାକୁ ଘରୋଇ ବିଦ୍ୟାଳୟରେ ନାମ ଲେଖାଇବାକୁ ଉଚିତ ମଣୁଛି। ଅଭିଭାବକଙ୍କ ମନରେ ଆଉ ଏକ ଧାରଣା ରହିଛି ଯେ ପିଲା ଯଦି ଇଂରାଜୀ ନ କୁହେ ତେବେ ତା' ଜୀବନ ନିରର୍ଥକ ଓ ଭବିଷ୍ୟତ ଅନ୍ଧାର। ପଡ଼ୋଶୀ ଘରର ଇଂରାଜୀ କହୁଥିବା, ମମି ଡାଡି ଡାକୁଥିବା ସମବୟସ୍କ ପିଲା ସହିତ ଓଡ଼ିଆରେ କଥାବାର୍ତ୍ତା କରୁଥିବା ନିଜ ପିଲା ସହିତ ତୁଳନା କଲା ବେଳେ ସାଧାରଣ ଅଭିଭାବକ ଟିଏ ହତାଶ ହୁଏ। ସାମାଜିକ ପ୍ରତିପତ୍ତିରେ ପଛରେ ପଡ଼ିଯିବାର ଏହି ହତାଶାବୋଧ ଓ ମାନସିକତା ସରକାରଙ୍କୁ ସୁହାଏ ଏବଂ କମ୍ ପିଲା ଆସୁଥିବା ସରକାରୀ ବିଦ୍ୟାଳୟଗୁଡ଼ିକର ଏକତ୍ରୀକରଣ ବା ମିଶ୍ରଣ କରିବାର ବାଟ ଫିଟେ।

ତେଣୁ ସରକାରୀ ଶିକ୍ଷା ବ୍ୟବସ୍ଥାର ସମସ୍ୟା କୌଣସି ଗୋଟିଏ ଦୁଇଟି କ୍ଷେତ୍ରରେ ନୁହେଁ, ବରଂ ତୃଣମୂଳସ୍ତରରୁ ଆରମ୍ଭ ହୋଇ ଗତ ୭୮ ବର୍ଷ ଭିତରେ ତା'ର ଚେର ଏତେ ଗଭୀର ହୋଇସାରିଛି ଯେ ସମସ୍ୟାର ମୂଳୋତ୍ପାଟନ ଏକପ୍ରକାର ଦୁରୂହ ବ୍ୟାପାର କିନ୍ତୁ ଅସମ୍ଭବ ନୁହେଁ। ଦୃଢ଼ ରାଜନୈତିକ ଇଚ୍ଛାଶକ୍ତି ଓ ପ୍ରଶାସନିକ ନିଷ୍ଠା ବଳରେ ଏହି ସମସ୍ୟାର ମୂଳୋତ୍ପାଟନ ସମ୍ଭବ।

# ଭାରତରେ ଶକ୍ତିସଙ୍କଟ ଓ ସମାଧାନ

**ବିଦ୍ୟାଧର ମହାରଣା**



ଯେକୌଣସି ଦେଶରେ ଶକ୍ତି ହେଉଛି ବିକାଶର ମୌଳିକ ଆବଶ୍ୟକତା। ପଦାର୍ଥ ବିଜ୍ଞାନ ନିୟମ ଅନୁଯାୟୀ ଶକ୍ତି ସୃଷ୍ଟି କରାଯାଇ ପାରିବ ନାହିଁ କି ବିଲୋପ କରାଯାଇ ପାରିବ ନାହିଁ। ଶକ୍ତି କେବଳ ଗୋଟିଏ ଆକାରରୁ ଅନ୍ୟକୁ ରୂପାନ୍ତରିତ ହୋଇପାରେ। ଯେପରିକି ବିଦ୍ୟୁତ ଶକ୍ତିରୁ ଆଲୋକ ଶକ୍ତି ଓ ରାସାୟନିକ ଶକ୍ତିରୁ ଯାନ୍ତ୍ରିକ ଶକ୍ତି। ବ୍ୟବହାରିକ ଦୃଷ୍ଟିରୁ ଆମେ ଶକ୍ତିକୁ ନବୀକରଣ ଓ ନବୀକରଣ ଅଯୋଗ୍ୟ ଶକ୍ତି ହିସାବରେ ବିଭକ୍ତ କରୁ। ପବନ ଓ ସୌର ଶକ୍ତି ହେଉଛି ନବୀକରଣ ଯୋଗ୍ୟ ବା ଅକ୍ଷୟ ଶକ୍ତି। କିନ୍ତୁ ଜୀବାଶ୍ମ ଆଧାରିତ ଶକ୍ତି ନବୀକରଣ ଅଯୋଗ୍ୟ। ଭାରତରେ ଅଧିକ ଜନସଂଖ୍ୟା ବୃଦ୍ଧି, ଶିଳ୍ପବିକାଶ ଓ ଦ୍ରୁତ ସହରୀକରଣ ଯୋଗୁଁ ଶକ୍ତିର ଆବଶ୍ୟକତା ବୃଦ୍ଧି ପାଉଛି ଏବଂ ସେହି ଅନୁପାତରେ ଶକ୍ତି ଉପଲବ୍ଧ ହୋଇପାରୁନାହିଁ। ଏପରି ଅନ୍ତରକୁ ଭରଣା କରିବା ପାଇଁ କୋଇଲା, ପେଟ୍ରୋଲ, ଗ୍ୟାସ୍ ଓ ଡିଜେଲ ଉପରେ ଅଧିକ ନିର୍ଭରଶୀଳ ହେବାକୁ ପଡୁଛି।

ଭାରତରେ ବର୍ତ୍ତମାନ ବିଦ୍ୟୁତ ଶକ୍ତି ଚାହିଦା ୨୫୬ ଗିଗାୱାଟ୍, ଯାହା ୨୦୩୫-୩୬ ବେଳକୁ ୪୫୯ ଗିଗାୱାଟ୍ ହେବାର ଅନୁମାନ କରାଯାଉଛି। ବର୍ତ୍ତମାନ ମୁଣ୍ଡପିଛା ବିଦ୍ୟୁତ୍ ବ୍ୟବହାର ୧୩୯୫ କିଲୋୱାଟ ଘଣ୍ଟା ପ୍ରତି। ବର୍ତ୍ତମାନ ସୁଦ୍ଧା ଦେଶରେ ୫୨୦ ଗିଗାୱାଟ୍ ଶକ୍ତି ଉତ୍ପନ୍ନ ପାଇଁ ଭିତ୍ତିଭୂମି ସ୍ଥାପନ କରାଯାଇଛି, ଯାହା ୨୦୩୫-୩୬ ବେଳକୁ ୧୧୨୧ ଗିଗାୱାଟ୍ ପର୍ଯ୍ୟନ୍ତ ପହଞ୍ଚିବା ଆଶା କରାଯାଏ। ଆମ ଦେଶରେ ୨୦୧୩-୧୪ ବେଳକୁ ଶକ୍ତି ନିଅଣ୍ଟ ୪.୨% ଥିବା ବେଳେ ସମ୍ପ୍ରତି ଏହା ମାତ୍ର ୦.୧% କୁ ହ୍ରାସ ପାଇଲାଣି। ଦେଶର ପ୍ରାୟ ସମସ୍ତ ଗ୍ରାମକୁ ବିଜୁଳି ଶକ୍ତି ଯୋଗାଇ ଦିଆଯାଇଛି ଏବଂ ୨.୮ କୋଟିରୁ ଅଧିକ ପରିବାର ବିଜୁଳିଶକ୍ତି ପାଇଲେଣି। ଦୀନ ଦୟାଲ ଉପାଧ୍ୟାୟ ଗ୍ରାମୀଣ ଜ୍ୟୋତି ଯୋଜନା ଗ୍ରାମ୍ୟ ବିଦ୍ୟୁତିକରଣ ପାଇଁ ସହାୟତା ଯୋଗାଇ ଦେଉଛି। ବିକଳ୍ପ ଶକ୍ତି ହିସାବରେ ସୌର ଶକ୍ତି ୫୦୯ ଗିଗାୱାଟ୍ ଓ କୋଇଲା ଶକ୍ତି ୩୧୫ ଗିଗାୱାଟ୍ ପାଇଁ ଭିତ୍ତିଭୂମି ସ୍ଥାପିତ ହେଲାଣି। ଜାତୀୟ ଜୈବଶକ୍ତି ୧୦ ଗିଗାୱାଟ୍‌ରୁ ଅଧିକ ଉତ୍ପାଦନ ପାଇଁ ବ୍ୟବସ୍ଥା କରାଯାଇଛି। ଏତଦବ୍ୟତୀତ ପରମାଣୁ ଶକ୍ତି ବିକାଶ କ୍ଷେତ୍ରରେ ୨୯୨୪-୨୫ ସୁଦ୍ଧା ୫୬, ୬୮୧ ମେଗା ୟୁନିଟ୍ ଉତ୍ପାଦିତ ହେଲାଣି। ଆମ ଦେଶରେ ଯେତିକି ପରିମାଣରେ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ହେଉଛି ତାହାର ୫୧% ଜୀବାଶ୍ମ ଇନ୍ଧନରୁ ଓ ଅବଶିଷ୍ଟ ୪୯% ଅଣ-ଜୀବାଶ୍ମ ଇନ୍ଧନ ବ୍ୟବହାର କରି ଉତ୍ପନ୍ନ କରାଯାଏ। ଜୀବାଶ୍ମ ଇନ୍ଧନ ଦ୍ୱାରା ବାୟୁମଣ୍ଡଳ ପ୍ରଦୂଷିତ ହୋଇଥାଏ। ସୁତରାଂ ପରିବେଶ ମିତ୍ର ଶକ୍ତି ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି।

ଆମ ଦେଶରେ ଶକ୍ତି ସଙ୍କଟ ଦେଖାଯିବାର କେତେକ ମୁଖ୍ୟ କାରଣ ରହିଛି। ପ୍ରଥମତଃ, ଦ୍ରୁତ ଗତିରେ ସହରୀକରଣ ଓ ଶିଳ୍ପବିକାଶ ଯୋଗୁଁ ଶକ୍ତି ସମ୍ବଳଗୁଡ଼ିକର ଚାହିଦା ବୃଦ୍ଧି ପାଇବାରେ ଲାଗିଛି। ଦ୍ୱିତୀୟତଃ, କୋଇଲା ବ୍ୟବହାର କରି ବିଦ୍ୟୁତ ଶକ୍ତି ଉତ୍ପାଦନ କରିବା ଯୋଗୁଁ ପରିବେଶ ସମସ୍ୟା ସହିତ ଆମ ଦେଶ ବିଶ୍ୱ ବଜାରରେ ଅସ୍ଥିର ମୂଲ୍ୟ ଜନିତ ସମସ୍ୟାର ସମ୍ମୁଖୀନ ହୋଇଥାଏ। ତୃତୀୟତଃ, ଭାରତ ବିଦେଶରୁ ୮୫ ପ୍ରତିଶତରୁ ଅଧିକ ଅଶୋଧିତ ତୈଳ ଆମଦାନୀ କରୁଥିବାରୁ ବିଶ୍ୱରେ ଯୋଗାଣ ଶୃଙ୍ଖଳା ବ୍ୟାହତ ହେଲେ କିମ୍ବା ଭୂରାଜନୈତିକ ଘଟଣା ଦେଖାଗଲେ ଭାରତ ଏହାର କୁପରିଣାମର ଭୋଗ କରିବାକୁ ବାଧ୍ୟ। ଚତୁର୍ଥରେ, ପୁରୁଣା ତାପଜ କେନ୍ଦ୍ର ଓ ନିମ୍ନମାନର ଗ୍ରୀଡ ଆଧୁନିକୀକରଣ ଯୋଗୁଁ ଶକ୍ତି ସଂଚାର କ୍ଷେତ୍ରରେ ଦୁର୍ବଳତା ଦେଖାଯିବା ସହିତ ଅଧିକ ବୈଷୟିକ ଓ ବ୍ୟବସାୟିକ କ୍ଷତି ହୋଇଥାଏ। ନିମ୍ନମାନର ରାସ୍ତାଘାଟ ମଧ୍ୟ କୋଇଲା ପରିବହନକୁ ମନ୍ଥର କରିଥାଏ।

ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର ବାରମ୍ବାର ବୃଦ୍ଧି ପାଉଥିବାରୁ ବିକଶିତ ଓ ବିକାଶଶୀଳ ଦେଶଗୁଡ଼ିକ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନ ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁଁ ଏଲ୍‌ଏନ୍‌ଜି ଓ ଏଲ୍‌ପିଜି ଗ୍ୟାସ୍ ଯୋଗାଣରେ ମଧ୍ୟ ଅସୁବିଧା ଦେଖାଯାଉଛି। ଶକ୍ତି ସଙ୍କଟର ପରିଣାମଗୁଡ଼ିକ ମଧ୍ୟରେ ବାରମ୍ବାର ବିଜୁଳି ଯୋଗାଣ ବ୍ୟାହତ ହେବା, ଶିଳ୍ପ ସଂସ୍ଥା ବନ୍ଦ ହୋଇଯିବା ଏବଂ ରାସ୍ତାଘାଟ ଅନ୍ଧାର ହେବା ଯୋଗୁଁ ବହୁ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇବା ପ୍ରଧାନ। ସରକାରୀ ଓ ବେସରକାରୀ କାର୍ଯ୍ୟାଳୟଗୁଡ଼ିକରେ ବିଦ୍ୟୁତ୍ ବିନା କର୍ମଚାରୀ ସୁଚାରୁ ରୂପେ ନିଜର କାର୍ଯ୍ୟକଳାପ କରିପାରନ୍ତି ନାହିଁ, ଯାହାଦ୍ୱାରା ଜନସାଧାରଣ ବହୁ ସମସ୍ୟାର ସମ୍ମୁଖୀନ ହୁଅନ୍ତି। ଏପରି ଶକ୍ତି ସଙ୍କଟ ଯୋଗୁଁ ଜାତୀୟ ଅର୍ଥନୈତିକ ଅଭିବୃଦ୍ଧି ମନ୍ଥର ହୋଇଥାଏ।

ବର୍ତ୍ତମାନ ବିଶ୍ୱରେ ଯେପରି ଶକ୍ତି ସଙ୍କଟ ଦେଖା ଗଲାଣି ତାହା ଭବିଷ୍ୟତରେ ଯେ ଏକ ଉଗ୍ରରୂପ ଧାରଣ ନ କରିବ ଏହା କିଏ କରିପାରିବ? ଭାରତ ଭଳି ବିଶ୍ୱର ସର୍ବାଧିକ ଜନବହୁଳ ରାଷ୍ଟ୍ର ଏଥିରେ ଅଧିକ ପ୍ରଭାବିତ ହେବା ନିଶ୍ଚିତ। ଏହି କାରଣରୁ ଆମକୁ ଆଗୁଆ ପଦକ୍ଷେପ ନେବାକୁ ହେବ। ପ୍ରଥମ ପଦକ୍ଷେପ ହେଉଛି ବାୟୋ ଡିଜେଲ ଉତ୍ପାଦନ। ଜଟ୍ରୋଫା ବା ବାଇଗବ, କରଞ୍ଜ ଇତ୍ୟାଦି ଗଛର ଫଳରୁ ବାୟୋଡିଜେଲ ପ୍ରସ୍ତୁତ ହୋଇପାରିବ। ଦ୍ୱିତୀୟରେ, ବିକଳ୍ପ ଶକ୍ତି ରୂପେ ସମୁଦ୍ର ଜୁଆର, ପବନ ଓ ସୌର ଶକ୍ତି ବ୍ୟବହାର ହୋଇପାରିବ। ଏଗୁଡ଼ିକ ନବୀକରଣଯୋଗ୍ୟ ଏବଂ ବାୟୁମଣ୍ଡଳକୁ ପ୍ରଦୂଷିତ କରେ ନାହିଁ। ଉପାନ୍ତ ଅଞ୍ଚଳରେ ବିଦ୍ୟୁତ ଯୋଗାଣ ସମ୍ଭବ ହେଉ ନଥିବାରୁ ସୌର ଶକ୍ତିରୁ ବିଜୁଳି ଉତ୍ପାଦନ କରି ଲୋକଙ୍କୁ ଯୋଗାଇ ଦିଆଯାଉଛି। ସହରାଞ୍ଚଳରେ ମଧ୍ୟ ସୂର୍ଯ୍ୟ ଘର ଯୋଜନାରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଛାତ ଉପରେ ସୌରପ୍ରକଳ୍ପ ପାଇଁ ସହାୟତା ପ୍ରଦାନ କରୁଛନ୍ତି। ଶକ୍ତି ସଙ୍କଟର ମୁକାବିଲା କରିବା ପାଇଁ ମୁଖ୍ୟତଃ ନବୀକରଣଯୋଗ୍ୟ ଶକ୍ତି ଉପରେ ଅଧିକ ଭରସା ରଖିବାକୁ ହେବ। ଏହାସହିତ ଶକ୍ତି ବିନିଯୋଗ କ୍ଷେତ୍ରରେ ଅଧିକ ଦକ୍ଷତା ଆସିବା ଦରକାର ଏବଂ ଶକ୍ତି ଭିତ୍ତିଭୂମିଗୁଡ଼ିକର ଆଧୁନିକୀକରଣ କରିବା ଜରୁରୀ।

ପବନ, ଜଳ, ଜୁଆର ଓ ସୌର ଶକ୍ତି ବିକାଶ ପାଇଁ ବଡ଼ବଡ଼ ପ୍ରକଳ୍ପ ସ୍ଥାପନ ସହିତ ଜନସାଧାରଣଙ୍କ ନିମନ୍ତେ ସହାୟତା ଓ ରିହାତି ବ୍ୟବସ୍ଥା କରିବା ଆବଶ୍ୟକ। ଯେଉଁଠି ସମ୍ଭବ ସେହିଠାରେ ଜିଓଥର୍ମାଲ ଓ ଆଣବିକ ଶକ୍ତି ଉତ୍ପାଦନ ପାଇଁ ପୁଞ୍ଜିନିବେଶ କରିବାକୁ ହେବ। ଘରୋଇ କୋଇଲା ଉତ୍ପାଦନ ବୃଦ୍ଧି ସହିତ ଏଗୁଡ଼ିକର ପରିବହନ ପାଇଁ ଅଧିକ ବନ୍ଦୋବସ୍ତ କରିବାକୁ ହେବ। ଶକ୍ତି ଉତ୍ପାଦନ ଓ ପରିବହନ ପାଇଁ ଭିତ୍ତିଭୂମିଗୁଡ଼ିକର ଆଧୁନିକୀକରଣ ମଧ୍ୟ ଅବଶ୍ୟମ୍ଭାବୀ। ସରକାରୀ ଘରୋଇ ସହଭାଗିତାରେ ସବୁଜ ହାଇଡ୍ରୋଜେନ ଉତ୍ପାଦନ ପାଇଁ ନୂତନ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିବା ସମ୍ଭବ। ସବୁଠାରୁ ବଡ଼କଥା ହେଉଛି ଜନ ସଚେତନତା ସୃଷ୍ଟି। ଲୋକମାନେ ନିଜ ଘରେ ବିଦ୍ୟୁତ ଶକ୍ତି ସଞ୍ଚୟ ପାଇଁ ଏଲ୍ ଇ ଡି ଲ୍ୟାମ୍ପ ବ୍ୟବହାର କରିବା ସହିତ ଦକ୍ଷତା ବୃଦ୍ଧି ପାଇଁ ନୂତନ ଉପକରଣ ବ୍ୟବହାର କରିବା ଉଚିତ। ଘର ଛାତ ଉପରେ ସୌରଶକ୍ତି ପ୍ରକଳ୍ପ ସ୍ଥାପନ କରି ଗ୍ରୀଡ ସହ ସଂଯୋଗ କଲେ ବହୁ ଶକ୍ତି ସଞ୍ଚୟ ହୋଇପାରିବ। ଜନସାଧାରଣଙ୍କ ନିଜର ବ୍ୟକ୍ତିଗତ ଯାନ ବ୍ୟବହାର ନକରି ସରକାରୀ ବସ୍‌ରେ ଯାତାୟତ କଲେ ବହୁ ଶକ୍ତି ସଞ୍ଚିତ ହୋଇପାରିବ। ସରକାର ଇ- ମୋବିଲିଟି ପାଇଁ କେତେକ ଯାନବାହନ ବିଦ୍ୟୁତ ଶକ୍ତି କିମ୍ବା ବ୍ୟାଟେରୀ ଦ୍ୱାରା ଚଳାଉଛନ୍ତି କିମ୍ବା ଲୋକଙ୍କୁ ସହାୟତା ଦେଉଛନ୍ତି। ପେଟ୍ରୋଲ ସହିତ ୨୦% ଇଥାନଲ ମିଶ୍ରଣ କରି କେତେକ ଗାଡ଼ି ଚଳାଇବା ପାଇଁ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଆଖୁ, ସୂର୍ଯ୍ୟମୁଖୀ, ସୋୟାବିନ ଏବଂ ଚାଉଳରୁ ଇଥାନଲ ପ୍ରସ୍ତୁତ ହୋଇପାରୁଛି। ଏହା ପରିବେଶ ପାଇଁ ମଧ୍ୟ ନିରାପଦ। ଅତଏବ ଆଗାମୀ ଦିନର ଶକ୍ତିସଙ୍କଟର ମୁକାବିଲା କରିବା ପାଇଁ ସମନ୍ୱିତ ପଦ୍ଧତି ଅନୁସରଣ କରିବା ସହିତ ଜନସଚେତନତା ଏବଂ ପ୍ରଶାସନିକ ଦକ୍ଷତା ବୃଦ୍ଧି ଅପରିହାର୍ଯ୍ୟ।

ଭୁବନେଶ୍ୱର, ମୋ: ୯୪୩୭୦୭୧୧୯୦

# ଯୁବଶକ୍ତି ଏବେ କେଉଁଠି?

**ତ୍ରିନାଥ ନନ୍ଦୀ**

ଆଜିର ଦିନରେ ଯୁବଶକ୍ତି ଆମ ସମ୍ମୁଖରେ ଏକ ଦ୍ୱନ୍ଦ୍ୱମୟ ଚିତ୍ର ସୃଷ୍ଟି କରେ। ଏକ ପକ୍ଷରେ ଯୁବକମାନେ ଶିକ୍ଷା, ପ୍ରଯୁକ୍ତି ଓ ନୂତନ ଚିନ୍ତାଧାରାରେ ଆଗକୁ ବଢୁଛନ୍ତି, ଅନ୍ୟପକ୍ଷରେ ମୂଳ ମୂଲ୍ୟବୋଧ, ସାମାଜିକ ଦାୟିତ୍ୱ ଓ ମାନସିକ ସନ୍ତୁଳନଠାରୁ ଦୂରେଇ ଯାଉଛନ୍ତି। ଯୁବକମାନେ ସମାଜର ମୂଳ ଶକ୍ତି, ଦେଶର ଭବିଷ୍ୟତ। ତେଣୁ ସେମାନଙ୍କ ମନୋଭାବ ଓ ଆଚରଣକୁ ନେଇ ଅନେକ ପ୍ରଶ୍ନ ଉଠୁଛି। ଦ୍ରୁତ ପରିବର୍ତ୍ତନଶୀଳ ବିଶ୍ୱରେ ଯୁବବର୍ଗର ଭୂମିକା ଏକ ନୂତନ ମୋଡ଼ ନେଇଛି। ଆଧୁନିକତାର ଆକର୍ଷଣ, ଭୋଗବାଦୀ ମନୋଭାବ, ନିଶାସକ୍ତି ଓ ସ୍ୱାର୍ଥପରତା ଯୁବମନରେ ଭ୍ରମ ସୃଷ୍ଟି କରୁଛି।

ଆଜିର ଯୁବ ବର୍ଗକୁ ଘେରିରଖିଛି ମାଦକତା। ଏହା ଯୁବସମାଜକୁ ଶାରୀରିକ, ମାନସିକ ଓ ଆତ୍ମିକ ଭାବେ ଦୁର୍ବଳ କରୁଛି। ନିଜର ବିପୁଳ ସମ୍ଭାବନାକୁ ଅବହେଳା କରି ଅନ୍ଧକାର ଦିଗକୁ ପଦାର୍ପଣ କରୁଛି। ଏହା ସମାଜ ପାଇଁ ଏକ ଭୟଙ୍କର ସଙ୍କେତ। ମନୋରଞ୍ଜନ କିମ୍ବା ଉତ୍ସୁକତାରୁ ଆରମ୍ଭ ହୋଇଥିବା ଏହି ଅଭ୍ୟାସ ଦୀର୍ଘକାଳରେ ଏକ ଦୁର୍ବଳତାର ରୂପ ନେଇଥାଏ, ଯେଉଁଥିରୁ ମୁକ୍ତି ପାଇବା କଷ୍ଟକର। ଏହା ଯୁବକକୁ ନିଜର ପରିବାର, ସମାଜ ଓ ଦାୟିତ୍ୱରୁ ଦୂରେଇନିଏ।

ସ୍ୱାର୍ଥପରତା ଯୁବ ମନକୁ ଆବରଣ କରିଦେଇଛି। ଯେଉଁଠି ସମାଜ ପାଇଁ କିଛି କରିବାର ମନୋଭାବ ଥିଲା, ଆଜି ସେଠାରେ ନିଜ ଲାଭ, ନିଜ ସୁବିଧା ଓ ନିଜ ସ୍ୱପ୍ନକୁ ଅଧିକ ପ୍ରଣିଧାନଯୋଗ୍ୟ କରିବାରେ ଅତ୍ୟଧିକ ଚେଷ୍ଟା ଦେଖାଯାଉଛି। ମଣିଷ ଯେ ନିଜ ପାଇଁ ଭାବିବ ଏହା ଠିକ୍। କିନ୍ତୁ ଯେତେବେଳେ ସେ ନିଜର ସମାଜିକ ଦାୟିତ୍ୱକୁ ଭୁଲିଯାଏ, ସେଥିରେ ଅସନ୍ତୁଳନ ସୃଷ୍ଟି ହୁଏ। ଦିଗଭ୍ରମ ଏକ ଗଭୀର ଓ ଚିନ୍ତାଜନକ ସମସ୍ୟା। ଯେଉଁଠି ଜୀବନର ସବୁଠୁ ଉତ୍ସାହପୂର୍ଣ୍ଣ ଓ ସୃଜନଶୀଳ ପର୍ଯ୍ୟାୟରେ ରହିଥାଏ, ସେହି ସମୟରେ ସେ ନିଜର ଲକ୍ଷ୍ୟ ଓ ଦିଗକୁ ଭୁଲିଯାଏ। ଦିଗଭ୍ରମ ଅର୍ଥାତ୍ କେବଳ ଲକ୍ଷ୍ୟହୀନତା ବା ଆଶା ଆଗ୍ରହଠୁ ଦୂରେଇ ଯିବା ନୁହେଁ, ବରଂ ଠିକ ଓ ଭୁଲ ମଧ୍ୟରେ ତାଲମେଳ ରଖିବାର ଅସମର୍ଥତା, ନିଜର କ୍ଷମତାକୁ ଚିହ୍ନଟ କରିପାରିବାର ଅଭାବ। ସମ୍ପ୍ରତି ସାମାଜିକ ଗଣମାଧ୍ୟମ ଓ ବ୍ୟକ୍ତିଗତ ଗଣମାଧ୍ୟମର ଆକର୍ଷଣ ଓ ଆଦର୍ଶର ଭ୍ରମକୁ ଅନୁସରଣ ଏହି ସମସ୍ୟାକୁ ଆହୁରି ଗଭୀର କରୁଛି। ପରିବାର ଓ ଶିକ୍ଷା ପ୍ରଣାଳୀ ଯଦି କେବଳ ପୁସ୍ତକଜ୍ଞାନରେ ସୀମିତ ରହିଯାଏ ତେବେ ଯୁବମାନେ ନିଜର ସଠିକ ଦିଗକୁ ଚିହ୍ନଟ କରିବା ଏକପ୍ରକାର ଅସମ୍ଭବ। ବିଦେଶୀ ସଂସ୍କୃତି, ଆଡ଼ମ୍ବର ଓ ଭୋଗବାଦରେ ଆକୃଷ୍ଟ ହୋଇ ସେମାନେ ନିଜର ପରମ୍ପରା ଓ ସଂସ୍କୃତିକୁ ଅବହେଳା କରୁଛନ୍ତି। ଆମ ସଂସ୍କୃତି କେବଳ ପୁରୁଣା ନୁହେଁ, ଏହା ଆମର ପରିଚୟ, ଆମର ମୂଳମନ୍ତ୍ର। ଏହାକୁ ଅନୁସରଣ କରି ଆମେ ଆଜିର ଆଧୁନିକତା ସହିତ ସମନ୍ୱୟ ରକ୍ଷା କରି ନିଜକୁ ସ୍ୱୟଂ ଆଧୁନିକରେ ପରିଚିତ କରାଇପାରିବା। କିନ୍ତୁ ଏହାକୁ ତ୍ୟାଗ କରି ଆମେ ଆମର ଅସ୍ତିତ୍ୱକୁ ହାରାଇଦେଉଛୁ।

ଶିକ୍ଷାର କ୍ଷେତ୍ରରେ ଅସ୍ୱାଭାବିକତା ପରିସ୍ଥିତି ମଧ୍ୟ ଚିନ୍ତାଜନକ। ଯୁବକମାନେ ଶିକ୍ଷିତ ହେଉଛନ୍ତି, ଡିଗ୍ରୀ ହାସଲ କରୁଛନ୍ତି, କିନ୍ତୁ ସେମାନଙ୍କ ଚିନ୍ତାଧାରା ସ୍ୱାଧୀନ ହେଉନାହିଁ। ସେମାନେ ସବୁବେଳେ ଚାକିରି ପଛରେ ଧାଉଁଛନ୍ତି। ନିଜର କୌଶଳ ଓ ସୃଜନଶୀଳତାକୁ ଅବହେଳା କରୁଛନ୍ତି। ଉଦ୍ୟୋଗୀ ତଥା ଉଦୀୟମାନର ମନୋଭାବ ସ୍ୱତଃପ୍ରବୃତ୍ତ ନିମ୍ନଗାମୀ ହେବାକୁ ଯାଉଛି, ଯାହାକି ଆମକୁ ପୁରାତନ କାଳରୁ ଫେରାଇ ନେଉଛି। ଅନ୍ୟପକ୍ଷରେ ଅତ୍ୟଧିକ ଚାପ, ଅସଫଳତାର ଭୟ ଓ ସମାଜିକ ତୁଳନା ସେମାନଙ୍କୁ ଅସ୍ଥିର କରୁଛି। ପରିଣାମ ସ୍ୱରୂପ କେତେକ ଯୁବକ ଜୀବନକୁ ନେଇ ଚରମ ନିଷ୍ପତ୍ତି ନେବାକୁ ପଛାଉନାହାନ୍ତି। ଜୀବନରେ ସଫଳତା ଓ ବିଫଳତା ଦୁଇ ଅଂଶ, କିନ୍ତୁ ଯୁବକମାନେ ଏହାକୁ ସଠିକ ଭାବରେ ବୁଝି ନ ପାରି ଭୁଲ ପଥକୁ ଚୟନ କରୁଛନ୍ତି। ସାହାଯ୍ୟ ଓ ସହାନୁଭୂତିର ଅଭାବ ମଧ୍ୟ ଆଜିର ଯୁବସମାଜରେ ଦେଖାଯାଉଛି। ଆଜି ଯୁବଶକ୍ତିଙ୍କ ଭିତରେ ଅନାସକ୍ତି ଓ ଅନୁଭୂତିହୀନତା ଦେଖାଯାଉଛି। ଯୁବ ସଂଗଠନମାନେ ମଧ୍ୟ ସେପରି ସକ୍ରିୟ ନୁହନ୍ତି। ସାମାଜିକ କାର୍ଯ୍ୟରେ ଯୁବମାନଙ୍କ ଅଂଶଗ୍ରହଣ କମିଯାଇଛି, ଯାହା ସମାଜ ପାଇଁ ଏକ ଚିନ୍ତାର ବିଷୟ।

ଏହି ଅନ୍ଧକାର ମଧ୍ୟରେ କିଛି ଆଲୋକର କିରଣ ଦେଖାଯାଉଛି। କିଛି ଯୁବକ ଉଦ୍ୟୋକ୍ତା ଆଜି ମଧ୍ୟ ସମାଜ ସେବା, ପରିବେଶ ସୁରକ୍ଷା ଓ ନୂତନ ଆବିଷ୍କାରରେ ଲିପ୍ତ ଅଛନ୍ତି। ସେମାନେ ଦେଖାଇଦେଉଛନ୍ତି ଯେ ଯୁବ ଶକ୍ତି ଆଜି ମଧ୍ୟ ଜୀବନ୍ତ ଅଛି, କେବଳ ଏହାକୁ ସଠିକ ଦିଗ ଅଗ୍ରସର କରାଇବା ଆବଶ୍ୟକ। ଯୁବଶକ୍ତିକୁ ସଠିକ ଦିଗ ଦେବା ପାଇଁ ପରିବାର, ଶିକ୍ଷା ପ୍ରଣାଳୀ ଓ ସମାଜର ଭୂମିକା ଅତ୍ୟନ୍ତ ଜରୁରୀ। ଶିଶୁବେଳୁ ସଠିକ ମୂଲ୍ୟବୋଧ, ନୀତି ଓ ଦାୟିତ୍ୱବୋଧ ଶିଖାଇବା ଆବଶ୍ୟକ। ଶିକ୍ଷା କେବଳ ଡିଗ୍ରୀ ପାଇଁ ନୁହେଁ, ଜୀବନ ଗଢ଼ିବା ପାଇଁ ହେବା ଉଚିତ। ଯଦି ଯୁବକମାନେ ନିଜକୁ ବୁଝିପାରନ୍ତି ଓ ନିଜର ଲକ୍ଷ୍ୟକୁ ସ୍ପଷ୍ଟ କରନ୍ତି, ସେମାନେ ନିଶ୍ଚିତ ଭାବେ ସଫଳତାର ପଥରେ ଆଗେଇଯିବେ।

ଜଳେଶ୍ୱର(ବାଲେଶ୍ୱର)
ମୋ: ୮୧୧୮୦୪୦୩୯୦

# ରୀତିଯୁଗର ଅସ୍ତରାଗ: କୃଷ୍ଣ କର

## ସାହିତ୍ୟ ସରିତ୍

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**

ଓଡ଼ିଶାର ପଶ୍ଚିମପ୍ରାନ୍ତରେ ଯେ ରୀତିଯୁଗର ସୌରରଶ୍ମି ବିଚ୍ଛୁରିତ ହୋଇଥିଲା ବିମଳକାନ୍ତି ଘେନି ଏହାର ଅନ୍ତଃଦର୍ଶନର ସୁଯୋଗରୁ ବଞ୍ଚିତ ହୋଇରହିଛନ୍ତି ଅସଂଖ୍ୟ କାବ୍ୟାନୁରାଗୀ ତାହା ହିଁ ଏକ ବିଡ଼ମ୍ବନା। ଆଉ କେଉଁଠି ନୁହେଁ ପୁଣି, ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଜନ୍ମଭୂମି ବରପାଲି ନିକଟସ୍ଥ ବାରଙ୍ଗପାଲି ଗ୍ରାମର ସେଇ ବିନୀତ କବି ପ୍ରତିଭା, ଯାହାଙ୍କ ପବିତ୍ର ନାମ ଥିଲା କୃଷ୍ଣ କର।

ରୀତିଯୁଗୀୟ ସାହିତ୍ୟର ବିଶିଷ୍ଟ ବିଦ୍ୱାନ ଗବେଷକ ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ଅନୁସନ୍ଧିତ୍ସୁ ଚକ୍ଷୁରୁ ସେ କିପରି ଅବା ଦୂରବର୍ତ୍ତୀ ହୋଇ ପାରିଥା'ନ୍ତେ? କୃଷ୍ଣକଥାକୁ କେନ୍ଦ୍ର କରି କବିଙ୍କ ରଚିତ 'କୁଞ୍ଜବିହାର' କାବ୍ୟଟିକୁ ଅତ୍ୟନ୍ତ ନିଷ୍ଠା ସହକାରେ ପାଠ କରିବା ପରେ ନିଜସ୍ୱ ଅନୁଶୀଳନ ଉପସ୍ଥାପନ କରି ଶେଷରେ ସେ କହିଗଲେ ଏପରି ଏକ ବାକ୍ୟ, ଯାହା ତାଙ୍କୁ କାବ୍ୟ-ଆବିଷ୍କାରକ ଭାବରେ କେବଳ ନୁହେଁ, କବି ଆତ୍ମାର ପ୍ରତ୍ୟକ୍ଷଦର୍ଶୀ ବୋଲି ପ୍ରମାଣିତ କରିଦିଏ। କବି ଦୀନକୃଷ୍ଣ ଯଦି ପାଠ କରିଥା'ନ୍ତେ 'କୁଞ୍ଜବିହାର' ତା'ହେଲେ ସେ କ'ଣ କହିଥା'ନ୍ତେ? ଆର୍ତ୍ତବଲ୍ଲଭ କହନ୍ତି: 'ଆହା! ରସିକ କବିଟିଏ। ଦୀନକୃଷ୍ଣ ତାଙ୍କୁ ପାଖରେ ବସାଇ କହିବେ ଏହିଟା ମୋ ସାନଭାଇ।'

କୃଷ୍ଣ କର ଥିଲେ ଏକ ଭାବ-ବିଗଳିତ ସତ୍ତା। ଯାହା ମଧ୍ୟ ସେ ରଚନା କରିଛନ୍ତି ସର୍ବତ୍ର ପ୍ରବାହିତ ହୋଇଯାଇଛନ୍ତି ବାରଙ୍ଗପାଲିର ନଦୀସ୍ରୋତ ପରି। ତାଙ୍କ ରଚନାବଳୀ ମଧ୍ୟରେ ଅନ୍ତର୍ଭୁକ୍ତ 'କୁଞ୍ଜବିହାର', 'ପନ୍ଦର ପୋଇ', 'ଉଦ୍ଧବ ଚଉତିଶା', 'ପ୍ରଭାତ ଅବକାଶ', 'ଜଣାଣ ମାଳଶ୍ରୀ', 'ଗୋପାଳିକା', 'ଜଗନ୍ନାଥ ଜଣାଣ', 'ରଘୁନାଥ ବିଳାସ' ଆଦି କାବ୍ୟକବିତା। ଏହାବ୍ୟତୀତ ଏକ ଅଭିଧାନ ଗ୍ରନ୍ଥ 'କୃଷ୍ଣକୋଷ'। ବିଶିଷ୍ଟ ସମାଜସେବୀ ଓ ସାହିତ୍ୟାନୁରାଗୀ ବୃନ୍ଦାବନ ବିହାରୀ ଦାଶଙ୍କ ଦ୍ୱାରା 'କୃଷ୍ଣ କର ଗ୍ରନ୍ଥାବଳୀ' ପ୍ରକାଶିତ ହେବା ଦ୍ୱାରା ତାଙ୍କୁ ସାମଗ୍ରିକ ଭାବରେ ଅଧ୍ୟୟନ କରିବାର ସୁଯୋଗ ପ୍ରଶସ୍ତ ହୋଇଯାଇଛି।

ରୀତିଯୁଗରେ ଯେଉଁ ଭାବ ତରଙ୍ଗ ଓ ଭାଷା ବୈଭବରେ ଅବଗାହନ କରି ଓଡ଼ିଆ ପାଠକ ସମାଜ ହୋଇଯାଇଥିଲେ ଐଶ୍ୱର୍ଯ୍ୟଶାଳୀ, ସେଥିରେ ମହିମ୍ନ ପରିପୂର୍ଣ୍ଣତା ଯିଏ ପ୍ରକଟ କରିଦେଲେ ସେ ହେଉଛନ୍ତି କୃଷ୍ଣ କର। ଗୋଟିଏ ପାଖରେ ରାଧାକୃଷ୍ଣପ୍ରେମାମୃତ ଏବଂ ଆଉ ଗୋଟିଏ ପାର୍ଶ୍ୱରେ ଶ୍ରୀରାମଚନ୍ଦ୍ର ଓ ସୀତାଙ୍କ ଅନନ୍ୟ ବନ୍ଧନ କାହାକୁ ଅବା ତଲ୍ଲୀନ କରିଦେଇନାହିଁ! ପୁଣି ଉତ୍କଳୀୟ ବୈଷ୍ଣବ ଓ ଗୌଡ଼ୀୟ ବୈଷ୍ଣବଧର୍ମ ଧାରାର ଅପୂର୍ବ ସମନ୍ୱୟ ସାଧନ କରି ଭକ୍ତିପୂତ ପାଠକ ସମାଜକୁ ଉତ୍ତୋଳିତ କରିନେଲେ କବି ଦୀନକୃଷ୍ଣ ଦାସ ଆଧ୍ୟାତ୍ମିକ ଅନୁଭବର ଏକ ଉର୍ଦ୍ଧ୍ୱତର ସୋପାନକୁ। ଜଣେ ମହାନ କବିଙ୍କ ପାଇଁ କୌଣସି ଧର୍ମ କେବେ ପ୍ରତିବନ୍ଧକର ପ୍ରାଚୀର ହୋଇପାରିବ ନାହିଁ। ବରଂ ତାହା ଉତ୍ଥାନ, ଉତ୍ତରଣ ଓ ପ୍ରସାରଣର ସରଣୀରେ ପରିଣତ ହୋଇଯାଏ। ଏକଥା କବି କୃଷ୍ଣ କର ଉପଲବ୍ଧି କରିଛନ୍ତି ଅତି ନିବିଡ଼ ଭାବରେ। ରୀତିଯୁଗର ସମସ୍ତ ବରିଷ୍ଠ କବିଙ୍କ କାବ୍ୟକୃତି ଅଧ୍ୟୟନ କରି ସେ ଆହରଣ କରିନେଇଥିଲେ ଏପରି ପରିମାର୍ଜିତ କିରଣ, ଯାହାଫଳରେ ଏକ ସର୍ବଗ୍ରହଣ ସତ୍ତାରେ ସେ ପରିଣତ ହୋଇଯାଇଛନ୍ତି। ସମସ୍ତ ତତ୍ତ୍ୱ, ଜ୍ଞାନ, ବିଚାର ସବୁକିଛିକୁ ପରିପାକ କରିଦେବାର ଅଦ୍ଭୁତ ଶକ୍ତି ସେ ଲାଭ କରିଛନ୍ତି।

ବ୍ୟକ୍ତିଗତ ଜୀବନରେ ଶୈବ ଓ ଶାକ୍ତ ଉପାସକ କବି କୃଷ୍ଣ କର ପୁଣି ଲେଖିଲେ ଜଗନ୍ନାଥ ଜଣାଣ। ଶ୍ରୀରାମଚନ୍ଦ୍ରଙ୍କୁ ନାୟକ ରୂପରେ ଅବତାରଣା କରିଗଲେ 'ରଘୁନାଥ ବିଳାସ' କାବ୍ୟ ରଚନା କରି। ଜଣେ ମହତ କାବ୍ୟଶିଳ୍ପୀ ଯେ ନିଜକୁ କିପରି ବିସ୍ତାରିତ, ବିତରିତ କରିଦେଇପାରନ୍ତି ବିସ୍ମୟକର ଭାବରେ ତାହା ହିଁ ପ୍ରତିପାଦନ କରିଦେଲେ ସେ ଆନ୍ତରିକ ଭାବରେ। 'ଉଦ୍ଧବ ଚଉତିଶା'ରେ ସତେ କି କବି ହିଁ ଉଦ୍ଧବ ଚରିତ୍ରରେ ପରିଣତ ହୋଇ ଯାଇଛନ୍ତି।

ଭାରତବର୍ଷ କିମ୍ବା ଓଡ଼ିଶା ଭୂମି ହେଉଛି ସମନ୍ୱୟ ସାଧନାର ଭାବତୀର୍ଥ। କବି କୃଷ୍ଣ କରଙ୍କ ଜୀବନ ଓ ସାଧନା ଏହି ତୀର୍ଥର ଏକ ପ୍ରେରଣାପୂର୍ଣ୍ଣ ପୂର୍ଣ୍ଣତାର ପଥ। 'କୁଞ୍ଜବିହାର' କାବ୍ୟରେ ସମସ୍ତ ପ୍ରକାର ଅପରିଚ୍ଛନ୍ନତାରୁ ସୁରକ୍ଷିତ ରହିବା ସକାଶେ ତାଙ୍କ ଉଦବୋଧନ ଏକାନ୍ତ ହୃଦୟସ୍ପର୍ଶୀ। କବି କହୁଛନ୍ତି: 'କର କୋବିଦେ ମନରେ ବିଚାର /କଳି କଲ୍ମଷରୁ ହୋଇବ ପାର /କମଳ ନୟନ କଥାରେ ରସ /କଳାକର କରେ ଅନ୍ଧାର ନାଶ /କରଇ ଯେମନ୍ତ /କୃଷ୍ଣ କଥାରେ କଲ୍ମଷ ତେମନ୍ତ।'

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଲେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପୂର୍ବତନ ବିଧାୟକ ଆୟୁବ ଖାଁଙ୍କ ପରଲୋକ

କଣ୍ଟାବାଞ୍ଜି,୧୩।୫(ସମିସ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ତଥା ବିଜୁ ଜନତା ଦଳର ବରିଷ୍ଠ ନେତା ଆୟୁବ ଖାଁଙ୍କ ୭୮ ବର୍ଷ ବୟସରେ ବୁଧବାର ସକାଳେ କଣ୍ଟାବାଞ୍ଜିସ୍ଥିତ ବାସଭବନରେ ପରଲୋକ ଘଟିଛି। ସେ ବୁଧବାର ସକାଳେ ଉଠିବା ପରେ ତାଙ୍କ କୋଠରୀରେ ଚା ପିଉଥିଲେ। ସେହି ସମୟରେ ସେ ଚେତାଶୂନ୍ୟ ହୋଇ ପଡ଼ିଯାଇଥିଲେ। ତାଙ୍କ

- କାଉନସିଲରୁ ରାଜନୀତି ଆରମ୍ଭ କରି ୨ ଥର ବିଧାୟକ ହୋଇଥିଲେ
- କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀରେ ଶୋକାକୁଳ ପରିବେଶ
- କଣ୍ଟାବାଞ୍ଜି ବିକାଶ ପୁରୁଷ ଭାବେ ଜନ ସାଧାରଣ ନାଁ ଦେଇଥିଲେ

ପୁଅ ଡାକ୍ତର ଅମଜଦ ଖାଁ ଯାଇ ଦେଖିବା ପରେ ତାଙ୍କୁ ହୃଦଘାତ ହୋଇଥିବା ଜଣା ପଡିଥିଲା। ତେବେ ଆୟୁବଙ୍କ ପରଲୋକ ଖବର ପାଇ ଅନେକ ରାଜନେତା ତାଙ୍କ ଶେଷ ଦର୍ଶନ କରିଥିଲେ। ତାଙ୍କ ମରଶରୀର ସହର ପରିକ୍ରମା କରିଥିଲା। କଣ୍ଟାବାଞ୍ଜି କବରସ୍ଥାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ବଲାଙ୍ଗୀର ଜିଲ୍ଲା ବିଜୁ ଜନତା ଦଳ ସଭାପତି ସରୋଜ ମେହେର, ଖଡ଼ିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ, ବିଜେଡ଼ି ନେତ୍ରୀ ଟୁକୁନି ସାହୁ, ପୂର୍ବତନ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି, ବିଜୁ ଜନତା ଦଳ ଯୁବ ନେତା ଗିରିରାଜ ସିଂ ମାଝୀ, ବିଜୁ ମହିଳା ଜନତା ଦଳର ରାଜ୍ୟ ଉପ ସଭାନେତ୍ରୀ ଗୋପା ମାହାନନ୍ଦ, ବିଜେଡ଼ି ନେତ୍ରୀ ନିରୁପମା ମାଝୀ ପ୍ରମୁଖଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି କଣ୍ଟାବାଞ୍ଜିସ୍ଥିତ ଆୟୁବଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରିଥିଲେ।

୧୯୪୮ ମସିହା ଜୁନ୍ ୨୧ ତାରିଖରେରେ ସେ କଣ୍ଟାବାଞ୍ଜିରେ ଜନ୍ମ ଗ୍ରହଣ କରିଥିଲେ। ପିଲା ଦିନରୁ ହିଁ ଆୟୁବ ଲୋକଙ୍କ ସେବା କରିବା ପାଇଁ ଆଗ୍ରହ ପ୍ରକାଶ କରୁଥିଲେ। ଲୋକଙ୍କ ସେବା କରିବା ତାଙ୍କୁ ଜନ ନେତା ଭାବେ ପରିଚିତ କରିଥିଲା। ଆୟୁବ ୧୯୭୦ ମସିହାରେ ତାଙ୍କ ରାଜନୈତିକ ଜୀବନ ଆରମ୍ଭ କରିଥିଲେ। ପ୍ରଥମେ ସେ କଣ୍ଟାବାଞ୍ଜି



ବିଜ୍ଞାପିତ ଅଞ୍ଚଳ ପରିଷଦର ୧୨ ନଂ ୱାର୍ଡରେ କାଉନସିଲର ଭାବେ ଦୁଇ ଥର ନିର୍ବାଚିତ ହୋଇଥିଲେ। ପରେ ୨ ନଂ ୱାର୍ଡ କାଉନସିଲର ଭାବେ ନିର୍ବାଚିତ ହୋଇ ୧୯୯୭ ମସିହାରେ ସେ କଣ୍ଟାବାଞ୍ଜି ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ହୋଇଥିଲେ। ଧୀରେ ଧୀରେ ସେ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ଜନ ପ୍ରିୟ ନେତା ଭାବେ ନାଁ କରିଥିଲେ। ୨୦୦୪ ମସିହାରେ ବିଧାନସଭା ନିର୍ବାଚନରେ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ଆୟୁବ ନିର୍ବାଚନ ଲଢ଼ିଥିଲେ। ବିପୁଳ ଭୋଟରେ ବିଜୟୀ ହୋଇ ଏକ ନୂଆ ଇତିହାସ ସୃଷ୍ଟି କରିବା ସହ ବିଜୁ ଜନତା ଦଳରେ ଯୋଗ ଦେଇଥିଲେ। ସେହି ସମୟରେ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ଅନେକ ବିକାଶମୂଳକ କାର୍ଯ୍ୟ କରିଥିଲେ। ୨୦୦୯ ବିଧାନସଭା ନିର୍ବାଚନରେ ସେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ପରାସ୍ତ ହୋଇଥିଲେ; ହେଲେ ଜନ ସାଧାରଣଙ୍କ ସେବା କରିବାକୁ ଭୁଲି ନ ଥିଲେ। ୨୦୧୪ ବିଧାନସଭା ନିର୍ବାଚନରେ ପୁଣି ବିଜୁ ଜନତା ଦଳ ପ୍ରାର୍ଥୀ ଭାବେ ଆୟୁବ ନିର୍ବାଚନ ଲଢ଼ି ବିଜୟ କୁମୁଟ ପିନ୍ଧିଥିଲେ। ସେ ବିଧାୟକ ହେବା ପରେ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳର ଏତେମାତ୍ରାରେ ବିକାଶ ହେଲା ଯେ ତାଙ୍କୁ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ଜନ ସାଧାରଣ ବିକାଶ ପୁରୁଷ ବୋଲି ଆଖ୍ୟା ଦେଇଥିଲେ। ଆୟୁବ ବିଧାୟକ ଥିବା ସମୟରେ ସ୍ୱାସ୍ଥ୍ୟ, ଶିକ୍ଷା, ଗ୍ରାମାଞ୍ଚଳର ସମସ୍ୟାକୁ ଅଧିକ ଗୁରୁତ୍ୱ ଦେଉଥିଲେ। କଣ୍ଟାବାଞ୍ଜି କଲେଜରେ ପିଜି ଶିକ୍ଷା ଆରମ୍ଭ କରିବା ସହ ତୁରେକେଲା, ସିନ୍ଧେକେଲା, ମୁରିବାହାଲ ଭଳି ଅଞ୍ଚଳରେ କଲେଜ ସ୍ଥାପନ କରିଥିଲେ। କଣ୍ଟାବାଞ୍ଜିରେ ବିଜୁ ପଟ୍ଟନାୟକ ରକ୍ତ ଭଣ୍ଡାର, କଣ୍ଟାବାଞ୍ଜି ଡାକ୍ତରଖାନାରେ ମାତୃ ଓ ଶିଶୁ କୋଠାରି ନିର୍ମାଣ, ଉପଖଣ୍ଡ ପୁଲିସ ଅଧିକାରୀ କାର୍ଯ୍ୟାଳୟ ସ୍ଥାପନ, କଣ୍ଟାବାଞ୍ଜି ଜେଲ୍, ଅଗ୍ନିଶମ କେନ୍ଦ୍ର, ଏଡିଜେ କୋର୍ଟ ସ୍ଥାପନ କରିବାରେ ତାଙ୍କ ଭୂମିକା ଥିଲା। ମୌଳିକ ସୁବିଧାରୁ ବଞ୍ଚିତ ଥିବା ଅନେକ ଗାଁକୁ ସେ ବିକାଶ ଧାରାରେ ଆଗେଇ ନେଇଥିଲେ। ସେହିପରି ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ସେ ପ୍ରିୟ ହୋଇ ପାରିଥିଲେ। ଏହାଫଳରେ ଆୟୁବଙ୍କୁ ନବୀନ ଅନେକ ସମୟରେ ଗୁରୁ ଦାୟିତ୍ୱ ପ୍ରଦାନ କରୁଥିଲେ। ଯେକୌଣସି ଅଞ୍ଚଳରେ ଉପ ନିର୍ବାଚନ ହେଲେ ଆୟୁବ ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିଲେ। ବର୍ତ୍ତମାନ ସେ ବିଜୁ ଜନତା ଦଳ ପଶ୍ଚିମ ଓଡ଼ିଶା ସଂଖ୍ୟାଲଘୁ ସେଲ୍ ସଂଯୋଜକ ଥିଲେ। ତାଙ୍କ ପରଲୋକ ପରେ ବିଜୁ ଜନତା ଦଳର ବଡ଼ କ୍ଷତି ହୋଇଛି। କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ବିକାଶ ପାଇଁ ସଦାସର୍ବଦା ଲଢ଼େଇ କରୁଥିବା ଜଣେ ମଣିଷଙ୍କୁ ଜନସାଧାରଣ ହରାଇଛନ୍ତି। କେହି ତାଙ୍କ ସ୍ଥାନ ନେଇ ପାରିବେ ନାହିଁ ବୋଲି ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି।

## ଜୁନ୍ ୨୧ରେ ଓଟିଇଟି

କଟକ,୧୩।୫(ସମିସ): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି-୨୦୨୬) ପାଇଁ ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ପରୀକ୍ଷା ଆସନ୍ତା ଜୁନ ମାସ ୨୧ ତାରିଖରେ ହେବ। ପରୀକ୍ଷା ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବାକୁ ଥିବା ବେଳେ ପେପର-୧ ସକାଳ ୯ଟାରୁ ୧୧ଟା ୩୦ ଓ ପେପର-୨ ପରୀକ୍ଷା ଦିନ ୨ଟାରୁ ଅପରାହ୍ନ ୪ଟା୩୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଆବଶ୍ୟକ ନିର୍ଦ୍ଦେଶାବଳୀ ଓ ସବିଶେଷ ତଥ୍ୟ ୱେବସାଇଟ୍‌ରେ ଉପଲବ୍ଧ ଅଛି। ଆସନ୍ତା ଜୁନ ୯ରୁ ଆଡମିଟ୍ କାର୍ଡ ବୋର୍ଡ ୱେବସାଇଟରେ ଉପଲବ୍ଧ ହେବ ବୋଲି ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ସୂଚନା ଦେଇଛନ୍ତି।

■ ଆୟୁବ ଖାନଙ୍କ ବିୟୋଗ

## ଗଭୀର ଶୋକବ୍ୟକ୍ତ କଲେ ନବୀନ

ଭୁବନେଶ୍ୱର,୧୩।୫(ସମିସ): ବିଜୁ ଜନତା ଦଳର ବରିଷ୍ଠ ସଙ୍ଗଠକ ତଥା କଣ୍ଟାବାଞ୍ଜିର ପୂର୍ବତନ ବିଧାୟକ ଆୟୁବ ଖାନଙ୍କ ପରଲୋକରେ ଗଭୀର ଶୋକ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଏନେଇ ସାମାଜିକ ଗଣମାଧ୍ୟମ

**'ତାଙ୍କ ବିୟୋଗରେ ଦଳ ଜଣେ ଦକ୍ଷ ସଂଗଠକ ଏବଂ ଦରଦୀ ନେତାଙ୍କୁ ହରାଇଲା'**

ଏକ୍ସରେ ଉଲ୍ଲେଖ କରି ନବୀନ କହିଛନ୍ତି ଯେ ଆୟୁବ ଖାନଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ। ତାଙ୍କ ବିୟୋଗରେ ଦଳ ଜଣେ ଦକ୍ଷ ସଙ୍ଗଠକ ଏବଂ ଦରଦୀ ନେତାଙ୍କୁ ହରାଇଲା। ଅଞ୍ଚଳର ଉନ୍ନତି ଓ ଲୋକଙ୍କ ସେବାରେ ସେ କରିଯାଇଥିବା କାର୍ଯ୍ୟ ସର୍ବଦା ତାଙ୍କୁ ଅମର କରି ରଖିବ। ଏପରି ଦୁଃଖଦ ସମୟରେ ତାଙ୍କ ପୁଅ ଡ. ଅମଜାଦ ଅଲ୍ଲୀ ଖାନଙ୍କ ସହିତ କଥା ହୋଇ ସମସ୍ତ ପରିବାରବର୍ଗଙ୍କୁ ମୋର ଗଭୀର ସମବେଦନା ସହ ଅମର ଆତ୍ମାର ସଦଗତି କାମନା କଲି ବୋଲି ନବୀନ ଉଲ୍ଲେଖ କରିଛନ୍ତି।

# ଅବଶିଷ୍ଟାଂଶ...

### ସୁନା, ରୁପା...

ବିକାଶ ସେସ୍ (ଏଆଇଡିସି) ଲାଗୁ କରିଛନ୍ତି। ଯାହା ଫଳରେ ସୁନା ଆମଦାନୀ ଉପରେ ମୋଟ ଟିକସ ୧୫%କୁ ବୃଦ୍ଧି ପାଇଛି। ଏଠାରେ ସୂଚନାଯୋଗ୍ୟ ଯେ, ପୂର୍ବରୁ ୨୦୨୪ ସାଧାରଣ ବଜେଟରେ ଅର୍ଥମନ୍ତ୍ରୀ ସୀତାରମଣ ସୁନା ଉପରେ ଆମଦାନୀ ଶୁଳ୍କକୁ ୧୫%ରୁ ୬%କୁ ହ୍ରାସ କରିଥିଲେ। ଅପରପକ୍ଷେ ଆମଦାନୀରେ ଟିକସ ବୃଦ୍ଧି ଦେଶରେ ସୁନାର ଚୋରା ଚାଲାଣ ବଢ଼ିବାର ସମ୍ଭାବନା ରହିଛି। ଶିଳ୍ପ ବିଶେଷଜ୍ଞମାନେ କହିଛନ୍ତି ଯେ ସରକାର ଆମଦାନୀ ଶୁଳ୍କ ବୃଦ୍ଧି କରିବା ଚୋରା ଚାଲାଣ ପ୍ରୋତ୍ସାହିତ କରିପାରେ। ପୂର୍ବରୁ, ଯେତେବେଳେ ଶୁଳ୍କ ହ୍ରାସ କରାଯାଇଥିଲା, ଚୋରା ଚାଲାଣ ହ୍ରାସ ପାଇଥିଲା। ଇଣ୍ଡିଆ ବୁଲିଅନ୍ ଆଣ୍ଡ ଜୁଏଲର୍ସ ଆସୋସିଏସନର ଜାତୀୟ ସଚିବ ସୁରେନ୍ଦ୍ର ମେହେଟ୍ଟା କହିଛନ୍ତି ଯେ ସରକାର ଚଳନ୍ତି ଖାତା ନିଅଣ୍ଟକୁ ନିୟନ୍ତ୍ରଣ କରିବା ପାଇଁ ଏହି ପଦକ୍ଷେପ ନେଇଛନ୍ତି। ଏହି ନିଷ୍ପତ୍ତି ପୂର୍ବରୁ ଉଚ୍ଚ ମୂଲ୍ୟ ମଧ୍ୟରେ ଚାହିଦାକୁ ପ୍ରଭାବିତ କରିପାରେ।

### ଏୟାର ଇଣ୍ଡିଆର...

ବିମାନ ଚଳାଚଳ ସଂଖ୍ୟା କମାଇ ଦିଆଯାଇଛି। ସର୍ବମୋଟ ପ୍ରାୟ ୧୦୦ଟି ଦୈନିକ ଉଡ଼ାଣ କାଟ୍ କରାଯାଇଛି। ବିମାନ ଇନ୍ଧନ ଦର ଫେବୃଆରୀ ମାସରେ ବ୍ୟାରେଲ୍ ପିଛା ୯୯.୪୦ ଡଲାର ଥିବା ବେଳେ ମେ ମାସ ସୁଦ୍ଧା ଏହା ୧୬୨.୮୯ ଡଲାରରେ ପହଞ୍ଚିଛି। ବିମାନ ପରିଚାଳନା ଖର୍ଚ୍ଚର ପ୍ରାୟ ୪୦% କେବଳ ଇନ୍ଧନରେ ବ୍ୟୟ ହୋଇଥାଏ। ପାକିସ୍ତାନ ନିଜର ଆକାଶମାର୍ଗ ବନ୍ଦ କରିଥିବାରୁ ଏୟାର ଇଣ୍ଡିଆର ବିମାନଗୁଡ଼ିକୁ ୟୁରୋପ ଓ ଆମେରିକା ଯିବା ପାଇଁ ଅଧିକ ଦୂର ପଥ ଅତିକ୍ରମ କରିବାକୁ ପଡୁଛି, ଯାହା ଫଳରେ ଅଧିକ ଇନ୍ଧନ ଖର୍ଚ୍ଚ ହେଉଛି। ଯଦି ଇନ୍ଧନ ଦର ଏହିଭଳି ବଢ଼ିଚାଲେ, ତେବେ ଆଗକୁ ଆଉ କିଛି ରୁଟ୍ ବନ୍ଦ ହୋଇପାରେ ବୋଲି ଏୟାର ଇଣ୍ଡିଆର ସିଇଓ କ୍ୟାମ୍ପବେଲ୍ ୱିଲସନ୍ ସୂଚନା ଦେଇଛନ୍ତି। ବୈଦେଶିକ ମୁଦ୍ରା ଭଣ୍ଡାର ଉପରେ ଚାପ ଏବଂ ଇନ୍ଧନ ସଙ୍କଟ ଏବେ ବିମାନ ସେବା କ୍ଷେତ୍ର ପାଇଁ ବଡ଼ ଚିନ୍ତାର ବିଷୟ ପାଲଟିଛି। ପ୍ରଧାନମନ୍ତ୍ରୀଙ୍କ ମିତବ୍ୟୟିତା ଆହ୍ୱାନ ମଧ୍ୟରେ ଏୟାର ଇଣ୍ଡିଆର ଏହି ନିଷ୍ପତ୍ତି ଯାତ୍ରୀମାନଙ୍କ ପାଇଁ ଅସୁବିଧା ସୃଷ୍ଟି କରିପାରେ, କିନ୍ତୁ କମ୍ପାନୀ ପାଇଁ ନିଜର ଆର୍ଥିକ ସ୍ଥିତି ବଜାୟ ରଖିବାକୁ ଏହା ଜରୁରୀ ହୋଇପଡ଼ିଛି।

### ଧାନର ସହାୟକ...

ତୁଳନାରେ ସୂର୍ଯ୍ୟମୁଖୀ ମଞ୍ଜି ଉପରେ କ୍ୱିଣ୍ଟାଲ ପିଛା ଏମ୍ଏସ୍‌ପି ସର୍ବାଧିକ ୬୨୨ ଟଙ୍କା ବୃଦ୍ଧି କରାଯାଇଛି। ଏହାପଛକୁ କପା କ୍ୱିଣ୍ଟାଲ ପିଛା ଏମ୍ଏସ୍‌ପି ୫୫୭ ଟଙ୍କା, ଅଳସୀ ୫୧୫ ଟଙ୍କା ଏବଂ ରାଶିର ୫୦୦ ଟଙ୍କା ବୃଦ୍ଧି କରାଯାଇଛି। ଏହାବାଦ୍ ହରଡ଼ର ଏମ୍ଏସ୍‌ପି ୪୫୦ ଟଙ୍କା, ମୁଗ ୧୨ ଟଙ୍କା, ବିରି ୪୦୦ ଟଙ୍କା, ଚିନା ବାଦାମ ୨୫୪ ଟଙ୍କା, ସୂର୍ଯ୍ୟମୁଖୀ ପାଇଁ ୬୨୨ ଟଙ୍କା,ସୋୟାବିନ ୩୮୦ ଟଙ୍କା,ଯ' ପାଇଁ ୩୨୪ ଟଙ୍କା, ବାଜରାରେ ୧୨୫ ଟଙ୍କା, ମାଣ୍ଡିଆରେ ୩୧୯ ଟଙ୍କା ଏବଂ ମକାର ୧୦ ଟଙ୍କା ବୃଦ୍ଧି କରାଯାଇଛି। ୨୦୧୪-୧୫ ରୁ ୨୦୨୫-୨୬ ବର୍ଷ ମଧ୍ୟରେ ୮୪୧୮ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ହୋଇଥିଲା ବେଳେ ୨୦୦୪-୦୫ ରୁ ୨୦୧୩-୧୪ ବର୍ଷ ମଧ୍ୟରେ ୪୫୯୦ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରାଯାଇଥିଲା। ୨୦୧୪-୧୫ ରୁ ୨୦୨୫-୨୬ ବର୍ଷ ମଧ୍ୟରେ ଧାନ ଚାଷୀମାନଙ୍କୁ ଦିଆଯାଇଥିବା ସର୍ବନିମ୍ନ ସହାୟକ ମୂଲ୍ୟ ୧୬.୦୮ ଲକ୍ଷ କୋଟି ଟଙ୍କା ଥିଲାବେଳେ ୨୦୦୪-୦୫ ରୁ ୨୦୧୩-୧୪ ବର୍ଷ ମଧ୍ୟରେ ଚାଷୀମାନଙ୍କୁ ଦିଆଯାଇଥିବା ସର୍ବନିମ୍ନ ସହାୟକ ମୂଲ୍ୟ ୪.୪୪ ଲକ୍ଷ କୋଟି ଟଙ୍କା ଥିଲା।

### ପ୍ରଧାନମନ୍ତ୍ରୀଙ୍କ କନ୍‌ଭୟ...

ସାଇକେଲ କିମ୍ବା ବୈଦ୍ୟୁତିକ ଯାନର ବ୍ୟବହାର କରିବାକୁ ଓ ଯେଉଁଠାରେ ସମ୍ଭବ 'ଘରୁ କାମ' (ୱାର୍କ ଫ୍ରମ୍ ହୋମ୍) ପଦ୍ଧତି ଆପଣାଇବାକୁ ସେ ପରାମର୍ଶ ଦେଇଥିଲେ। ପ୍ରଧାନମନ୍ତ୍ରୀଙ୍କ ଏହି ଆହ୍ୱାନ ପରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଏବଂ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ମଧ୍ୟ ନିଜ ନିଜର କନଭୟ କାଟ୍ କରିଛନ୍ତି। ମଧ୍ୟପ୍ରଦେଶ ଏବଂ ରାଜସ୍ଥାନ ଭଳି ବିଜେପି ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ମଧ୍ୟ ସମାନ ପଦକ୍ଷେପ ଗ୍ରହଣ କରିଛନ୍ତି। ଏପରିକି କେନ୍ଦ୍ର ମନ୍ତ୍ରୀ ସି.ଆର୍. ପାଟିଲ୍ ନିଜର ସୁରକ୍ଷା ଗାଡ଼ି ବ୍ୟବହାର କରିବା ବନ୍ଦ କରିଦେଇଛନ୍ତି। ବୈଶ୍ୱିକ ଅନିଶ୍ଚିତତା ସମୟରେ ଦେଶର ବୈଦେଶିକ ମୁଦ୍ରା ଭଣ୍ଡାରକୁ ସୁରକ୍ଷିତ ରଖିବା ଏବଂ ଅର୍ଥନୀତିକୁ ସୁଦୃଢ଼ କରିବା ପାଇଁ ଏହି ମିତବ୍ୟୟିତା ଅଭିଯାନ ଏକ ବଳିଷ୍ଠ ପଦକ୍ଷେପ। ପ୍ରଧାନମନ୍ତ୍ରୀଙ୍କ ଏହି 'ଆଦର୍ଶ ଆଚରଣ' ଅନ୍ୟ ଜନପ୍ରତିନିଧି ଏବଂ ସାଧାରଣ ନାଗରିକଙ୍କୁ ମିତବ୍ୟୟିତା ପାଇଁ ପ୍ରେରଣା ଯୋଗାଇବ ବୋଲି ଆଶା କରାଯାଉଛି।

### ୧୪୪ ବିଧାୟକଙ୍କ...

ସପକ୍ଷରେ ଭୋଟ୍ ଦେଇଥିଲେ। ପୂର୍ବତନ ସହଯୋଗୀ ଦଳରୁ ବହିଷ୍କୃତ ବିଧାୟକ ଏସ. କାମରାଜ ମଧ୍ୟ ବିଜୟଙ୍କୁ ପାଞ୍ଚ ବର୍ଷ ପାଇଁ ସମର୍ଥନ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ବିରୋଧୀ ଦଳ ପକ୍ଷରୁ ଅଣାଯାଇଥିବା 'ଘୋଡ଼ା ବେପାର' ଅଭିଯୋଗକୁ ବିଜୟ ଅତ୍ୟନ୍ତ ଚାତୁର୍ଯ୍ୟର ସହ ପ୍ରତ୍ୟାଖ୍ୟାନ କରିଛନ୍ତି। ସେ କହିଛନ୍ତି ଯେ, ତାଙ୍କ ସରକାର 'ଘୋଡ଼ା ବେପାର' କରେ ନାହିଁ ବରଂ 'ଘୋଡ଼ା ବେଗ'ରେ ପ୍ରଗତି ପାଇଁ କାମ କରେ। ଏଥିସହ ସେ ନିଜ ସରକାରର ଧର୍ମନିରପେକ୍ଷ ଆଭିମୁଖ୍ୟ ଏବଂ ଜନହିତକର ଯୋଜନା ଜାରି ରଖିବାକୁ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ବିଧାନସଭାରେ ଏହି ବୃହତ ବିଜୟ ପରେ ମୁଖ୍ୟମନ୍ତ୍ରୀ ବିଜୟଙ୍କ ଶକ୍ତି ବୃଦ୍ଧି ପାଇଛି। ମାତ୍ର ବିଦ୍ରୋହୀ ବିଧାୟକମାନେ ଦଳ ବଦଳ ବିରୋଧୀ ଆଇନରୁ ରକ୍ଷା ପାଇବା ପାଇଁ ଆବଶ୍ୟକ ୩୧ ଜଣଙ୍କ ସଂଖ୍ୟା ପାଇବାରେ ସମର୍ଥ ହେବେ କି ନାହିଁ, ତାହା ଆଗାମୀ ସମୟରେ ତାମିଲନାଡୁ ରାଜନୀତିର ଗତିପଥ ନିର୍ଦ୍ଧାରଣ କରିବ। ଏହି ବିଜୟ ବିଜୟଙ୍କ ରାଜନୈତିକ କ୍ୟାରିୟର ପାଇଁ ଏକ ବଡ଼ ସଫଳତା ଭାବେ ବିବେଚନା କରାଯାଉଛି।

### ଓଡ଼ିଶାରେ କମିଲା...

ଥିବାବେଳେ ପ୍ରୟାଗରାଜ ରିଜିଅନ୍‌ରେ ସବୁଠାରୁ କମ୍ ୭୨.୪୩% ପାସ୍ ହାର ରେକର୍ଡ କରାଯାଇଛି। କେନ୍ଦ୍ରୀୟ ବିଦ୍ୟାଳୟର ପାସ୍ ହାର ସର୍ବାଧିକ ୯୮.୫୫% ଥିବାବେଳେ ଜବାହାର ନବୋଦୟ ବିଦ୍ୟାଳୟର ପାସ୍ ହାର ୯୮.୪୭% ରହିଛି। ସେହିପରି ଓଡ଼ିଶାରୁ ଚଳିତ ବର୍ଷ ୪୦,୩୦୦ ପିଲା ପରୀକ୍ଷା ଦେଇଥିବାବେଳେ ୩୦,୯୫୫ ଜଣ ପାସ୍ କରିଛନ୍ତି। ପାସ୍ ହାର ୭୬.୮୧% ରହିଛି। ତନ୍ମଧ୍ୟରେ ୧୬,୭୪୦ ଜଣ ଛାତ୍ର ଏବଂ ୧୪,୩୧୫ ଜଣ ଛାତ୍ରୀ ରହିଛନ୍ତି। ସେହିପରି ଛାତ୍ରଙ୍କ ଅପେକ୍ଷା ରାଜ୍ୟରେ ମଧ୍ୟ ଅଧିକ ଛାତ୍ରୀ ପାସ୍ କରିଛନ୍ତି। ଛାତ୍ରୀଙ୍କ ପାସ୍ ହାର ୭୯.୮୪% ଥିବାବେଳେ ଛାତ୍ରଙ୍କ ପାସ୍ ହାର ୭୪.୩୮% ରହିଛି।

### ଦେଶବ୍ୟାପୀ ସିବିଆଇ...

ଡିଜିଟାଲ୍ ପ୍ରଶ୍ନପତ୍ର ନାସିକରୁ ଆରମ୍ଭ ହୋଇ ହରିୟାଣା, ରାଜସ୍ଥାନ, ବିହାର ଏବଂ କେରଳ ପର୍ଯ୍ୟନ୍ତ ବ୍ୟାପିଥିଲା। ଟେଲିଗ୍ରାମ ଓ ଏନକ୍ରିପ୍ଟେଡ୍ ମେସେଜିଂ ଆପ୍ ଜରିଆରେ ଏହାକୁ ପଠାଯାଇଥିଲା। ତଦନ୍ତରୁ ଜଣାପଡ଼ିଛି ଯେ, ଲିକ୍ ହୋଇଥିବା ପ୍ରଶ୍ନପତ୍ରର କେମିଷ୍ଟ୍ରି ଓ ବାୟୋଲୋଜି ବିଭାଗର ଅଧିକାଂଶ ପ୍ରଶ୍ନ ମୂଳ ପରୀକ୍ଷା ସହ ସମାନ ରହିଛି। ରାଜସ୍ଥାନର ସ୍ପେଶାଲ ଅପରେସନ୍ ଗ୍ରୁପ୍ (ଏସ୍ଓଜି) ଏହି ମାମଲାରେ ଏପର୍ଯ୍ୟନ୍ତ ୧୫ ଜଣଙ୍କୁ ଗିରଫ କରିସାରିଛି। ଶୁଭମର ଗିରଫଦାରୀ ପରେ ଏହି ଲିକ୍ ଚେନ୍‌ର ଅନ୍ୟ ସଦସ୍ୟମାନଙ୍କୁ ଧରିବା ପାଇଁ ସିବିଆଇ ନିଜର ତଦନ୍ତକୁ ଜୋରଦାର କରିଛି। ୨୨ ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳୁଥିବା ଏହି ଦୁର୍ନୀତିଗ୍ରସ୍ତ ଗୋଷ୍ଠୀ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ଦେଶବ୍ୟାପୀ ଦାବି ହେଉଛି।

### ମୌସୁମୀ ଅଗ୍ରଗତି...

ପ୍ରବେଶ କରିବାର ସମ୍ଭାବନା ରହିଛି ବୋଲି ଆଇଏମ୍‌ଡି ଆକଳନ କରିଛି। ଲଘୁଚାପ ପ୍ରଭାବରେ ରାଜ୍ୟକୁ ଶୁଷ୍କ ବାୟୁର ପ୍ରବାହ ବଢ଼ୁଛି। ଏହାଦ୍ୱାରା ରାଜ୍ୟରେ ଆସନ୍ତା ଆସନ୍ତା ୫ ଦିନ ମଧ୍ୟରେ ତାପମାତ୍ରାରେ ଆହୁରି ୨-୩ ଡିଗ୍ରୀ ବୃଦ୍ଧି ଘଟିବ। ତାପମାତ୍ରା ବୃଦ୍ଧି ସାଙ୍ଗକୁ ଉପକୂଳବର୍ତ୍ତୀ ଜିଲ୍ଲାରେ କିଛିକାଂଶରେ ଆର୍ଦ୍ରତା ରହିବା ହେତୁ ଅସହ୍ୟ ଗୁଳୁଗୁଳି ହେବ। ଆଗାମୀ ୫ ଦିନ ପର୍ଯ୍ୟନ୍ତ କାଁ ଭାଁ କାଳବୈଶାଖୀ ହୋଇପାରେ ବୋଲି ପାଣିପାଗ କେନ୍ଦ୍ର କହିଛି।

### ବିଟ୍ ରାସ୍ତାରେ ଦୁଇ...

ପରିବାର ଲୋକଙ୍କୁ ଆକ୍ରମଣ କରିଥିଲା। ସେମାନେ ସେଠାରୁ ଖସି ପଳେଇ ଯିବାରୁ ମୋଟକା ପ୍ରବଳ ନିଶାସକ୍ତ ଅବସ୍ଥାରେ ଘର ସମ୍ମୁଖରେ ଛିଡ଼ା ହୋଇଥିଲା। ପ୍ରାୟ ୮.୩୦ ରୁ ୯ ସମୟରେ ମୃତକ ଦୁଇ ଜଣ ଉକ୍ତ ରାସ୍ତା ଦେଇ ଯାଉଥିଲେ। ସେମାନଙ୍କୁ ଦେଖି ମୋଟକା ନିଶାଶକ୍ତ ଅବସ୍ଥାରେ ହିତାହିତ ଜ୍ଞାନ ହରାଇ ଆକ୍ରମଣ କରିଥିଲା। ଲୁହା ଶାବଳ ଓ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିବାରୁ ଘଟଣାସ୍ଥଳରେ ହିଁ ଉଭୟଙ୍କ ମୃତ୍ୟୁ ଘଟିଥିଲା। ସ୍ପଷ୍ଟ ଦିବାଲୋକରେ ସର୍ବ ସମ୍ମୁଖରେ ହତ୍ୟା ଘଟିଥିବା ବେଳେ ଗ୍ରାମବାସୀ ମାନେ ଉତ୍ତେଜିତ ହୋଇଥିଲେ। ଅଭିଯୁକ୍ତ ମୋଟକାକୁ କାବୁ କରି ଦୌଉଡ଼ିରେ ବାନ୍ଧି ନିସ୍କୁକ ମାଡ ମାରି ଗୋଡ ଭାଙ୍ଗି ଦେଇଥିଲେ। ସ୍ଥାନୀୟ ଲୋକମାନେ ତିରିଂ ପୁଲିସକୁ ଖବର ଦେବାରୁ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅଭିଯୁକ୍ତକୁ ଗ୍ରାମବାସୀ କବଳରୁ ଉଦ୍ଧାର କରି ଗିରଫ କରିବା ସହିତ ରାଇରଙ୍ଗପୁର ଉପଖଣ୍ଡ ଡାକ୍ତରଖାନାକୁ ଚିକିତ୍ସା ପାଇଁ ପଠାଇଥିଲେ। ରାଇରଙ୍ଗପୁର ଏସଡିପିଓ ବିରେନ୍ଦ୍ର ନାଥ ସେନାପତି, ତିରିଂ ଥାନାଧିକାରୀ ପ୍ରଶାନ୍ତ କୁମାର ଜେନା ଘଟଣାସ୍ଥଳରେ ପହଁଚିଥିଲେ। ସାଇଣ୍ଟିଫିକ ଟିମ ସହାୟତାରେ ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରି ତଦନ୍ତ ଆରମ୍ଭ କରିଥିଲେ। ତେବେ କୌଣସି ପୂର୍ବ ଶତ୍ରୁତା କେନ୍ଦ୍ର କରି ନିଶାଶକ୍ତ ଅବସ୍ଥାରେ ହତ୍ୟାକାଣ୍ଡ ଘଟାଇଥିବା ନେଇ ଗ୍ରାମବାସୀ ମାନେ ସନ୍ଦେହ କରୁଥିବାର କହିଛନ୍ତି। ତିରିଂ ଥାନା ଅଞ୍ଚଳରେ ଡବଲ ମର୍ଡରା ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଏ ନେଇ ତିରିଂ ଥାନାରେ ପୋଲିସ ପକ୍ଷରୁ ମାମଲା ରୁଜୁ କରି ହତ୍ୟା ଅସ୍ତ୍ର ଜବତ କରି ଡବଲ ମର୍ଡର ନେଇ ତଦନ୍ତ ଜାରି ରହିଛି। ତେବେ ହତ୍ୟାକାରୀ ଅଭିଯୁକ୍ତଙ୍କ ମାନସିକ ସ୍ଥିତି ଠିକ ନଥିଲା। ତେଣୁକରି ସେ ମାନସିକ ସ୍ଥିତି ହରାଇ ହତ୍ୟାକାଣ୍ଡ ଘଟଣା ଭିଆଇଥିବା ନେଇ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଡୁପାଲି କହିଛନ୍ତି। ସ୍ଥାନୀୟ ଗ୍ରାମ ମାନଙ୍କ ଦେଶୀ ମଦ କାରବାର ବୃଦ୍ଧି ପାଇବା ଯୋଗୁଁ ଆଜିର ହତ୍ୟାକାଣ୍ଡ ହୋଇଛି ବୋଲି ତିରିଂ ବ୍ଲକ୍ ଅଧ୍ୟକ୍ଷ ପରମେଶ୍ୱର ସମାଡ଼ କହିଛନ୍ତି। ତିରିଂ ଅଞ୍ଚଳରେ ପୂର୍ବ ତୁଳନାରେ ଅନେକ ପରିମାଣରେ ବେଆଇନ ଦେଶୀ ମଦ କାରବାର ବୃଦ୍ଧି ପାଇଛି। ନିଶା ସେବନ କରି ହିତାହିତ ଜ୍ଞାନ ହରାଇ ବାରମ୍ବାର ଅପରାଧୀକ କାର୍ଯ୍ୟକଳାପ ଘଟାଉଛନ୍ତି। ଏନେଇ ପୂର୍ବରୁ ଅଭିଯୋଗ କରିବା ସତ୍ତ୍ୱେ ପୋଲିସ କିମ୍ବା ଅବକାରୀ ବିଭାଗ ପଦକ୍ଷେପ ଗ୍ରହଣ କରିଲେ ନାହିଁ। ଯାହା ଫଳରେ ଆଜି ଏହିପରି ଅଘଟଣ ଘଟିଲା ବୋଲି ଶ୍ରୀ ସମାଡ଼ କହିଛନ୍ତି। ତିରିଂ ଅଞ୍ଚଳରେ ଲଘୁ ଖଣିଜ ଚୋରା ଚାଲାଣ ଓ ବେଆଇନ ମଦ କାରବାର ବୃଦ୍ଧି ପାଉଛି। ଏହାକୁ ରୋକିଲେ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ହେବ ବୋଲି କହିଛନ୍ତି।

### ପୁଅକୁ ହତ୍ୟାକରି...

ଓ ମାଆଙ୍କ ମଧ୍ୟରେ କଳହ ହୋଇଥିଲା। ସଞ୍ଜୀବ ଉତ୍ତ୍ୟକ୍ତ ହୋଇ ଏକ ଟାଙ୍ଗିଆରେ ମାଆଙ୍କୁ ଆକ୍ରମଣ କରିଥିଲେ। ଏହି ସମୟରେ ବାପା ମୁରଲୀଧର ହସ୍ତକ୍ଷେପ କରି ସଞ୍ଜୀବଙ୍କୁ ବାରଣ କରିଥିଲେ। ତେବେ ସଞ୍ଜୀବ କିଛି ଶୁଣିବା ଅବସ୍ଥାରେ ନ ଥିବାରୁ ମୁରଲୀଧର ତଙ୍କ ହାତରୁ ଟାଙ୍ଗିଆ ଛଡ଼ାଇ ନେଇ ସଞ୍ଜୀବଙ୍କୁ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ସଞ୍ଜୀବଙ୍କ ମୃତ୍ୟୁ ଘଟିଥିଲା। ଘଟଣାକୁ ଲୁଚାଇବା ପାଇଁ ବାପାମାଆ ମିଶି ମୃତଦେହକୁ ନିକଟସ୍ଥ ଜଙ୍ଗଲରେ ପୋତି ଦେଇଥିଲେ। ଖବର ପାଇ ବୁଧବାର ପୁଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପୁଲିସ ସଞ୍ଜୀବଙ୍କ ବାପା ଓ ମାଆଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁସାରେ, ସଞ୍ଜୀବ ପୂର୍ବରୁ ବିବାହିତ ଥିଲେ। ଦୁଇବର୍ଷ ପୂର୍ବେ ସେ ଅନ୍ୟ ଏକ ସମାଜର ଯୁବତୀଙ୍କୁ ଦ୍ୱିତୀୟ ବିବାହ କରି ଘରକୁ ଆଣିବାକୁ ଚାହୁଁଥିଲେ। ଏହାକୁ ବାପାମାଆ ବିରୋଧ କରିବାରୁ ପରିବାରରେ ସର୍ବଦା ବିବାଦ ଲାଗି ରହିଥିଲା ବୋଲି କୁହାଯାଉଛି।


**WANTED**

Wanted 30 male/female helpers and nurses in Hyderabad Telangana for residential Autism Friendly School. Minimum 10th pass age 20 to 24 only. Salary 12000/- pm plus Free Food and room. Call 9849884321

**AFFIDAVIT**

I, ANITA GOYAL, W/O SATISH KUMAR GOYAL resident of At - Maitri Bihar, Bhatisalguda, PO/PS/Dist- Nabarangpur - 764059 Odisha declare by this Affidavit No.1947, dated - 13/05/2026, that now onwards I shall be known as **ANITA DEBI GOYAL** for all future purposes.

**AFFIDAVIT**

By virtue an affidavit no. 993 sworn before Executive Magistrate, Rayagada, dtd. 30.04.2026, I, Huika Trinatha, resident of Vill-Kultiguda, PO-Gadiseskhal, PS-Chandili, Dist-Rayagada-765017, Odisha, declare that my minor daughter's name has been changed from Bamika Huika to Bhumika Huika. Henceforth, she shall be known as **Bhumika Huika** for all purposes.

Sd/- Huika Trinatha

**AFFIDAVIT**

I, SATISH GOYAL, S/o ROSHAN LAL GOYAL resident of At- Maitri Bihar, Bhatisalguda, PO/PS/Dist - Nabarangpur - 764059, Odisha declare by this Affidavit No.1946, dated - 13/05/2026, that now onwards I shall be known as **SATISH KUMAR GOYAL** for all future purposes.

GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION, SUNDARGARH-II

25001/127/2627

**CANCELLATION OF TENDER**

Due to some unavoidable circumstances tender for the building works invited vide This Office Bid Identification No. Online - EERKL-03/2026-27 by the Executive Engineer is hereby cancelled.

Executive Engineer
R.W. Division-II, Sundargarh

OIPR-25001/25193/1/26-27/0006

OFFICE OF THE EXECUTIVE ENGINEER,
RWS&S DIVISION, NABARANGPUR – 764059

25001/125/2627

Government of Odisha "e" Procurement Notice
Bid Identification No. 04 of 2026-27 Dated. 12-05-2026

**TENDER CALL NOTICE**

1. Name of the Work: - Procurement of MS pipes.
2. Estimated Cost: - Rs. 34.49 Lakhs
3. Period of Completion: - 1 (One) Months
4. Date and time of availability of bid documents in the portal :- 15.05.2026 (1.00 P.M) to 22.05.2026 (1.00 P.M)
5. Last Date / Time for receipt of bids in the Portal :- 1.00P.M of 22.05.2026
6. Date & time of opening of technical & financial bids:- 11.00 A.M of 25.05.2026
7. Name & address of the Officer Inviting Bid:- Executive Engineer, RWS&S Division, Nabarangpur.

Further details can be seen from the e-procurement portal "https://tendersodisha.gov.in"

Superintending Engineer
RWS&S Division, Nabarangpur

OIPR-25001/25028/1/26-27/0005

O/O CHIEF DISTRICT MEDICAL & PUBLIC HEALTH OFFICER
DISTRICT PROGRAMME MANAGEMENT UNIT
NATIONAL HEALTH MISSION KALAHANDI

10001/152/2627

e-mail- dpmukalahandi@gmail.com

**Tender No: 001, Date: 12-05-2026**

Sealed tender are invited from the eligible agencies to undertake paramedics at Government Health Institution Kalahandi. The details regarding specification, terms, conditions and format etc for submission of bid (Technical & Financial) may be downloaded from District website i.e. www.kalahandi.odisha.gov.in. Interested agencies have to submit their tender in sealed envelope super subscribing on the TOP of the sealed envelope as "Tender for selection of Technomanagerial services at Government Health Institution Kalahandi". The sealed envelope should reach the office of the undersigned by 12.06.2026 till 12.30 p.m along with all relevant documents through Register post/Speed Post/Courier only. The Bidders are go through the details RFP documents thoroughly and act accordingly as well as periodically visit the district website from time to time to get the updated information.

The undersigned reserves the right to reject any or all the tenders without assigning any reasons thereof. The authority is not responsible for any postal delay.

OIPR-10001/10076/1/26-27/0006

CDM & PHO cum District Mission Director
NHM KALAHANDI

GOVERNMENT OF ODISHA
PANCHAYAT SAMITI, GUDARI

19001/60/2627

E-Mail - ori-gudari@od.gov.in

**INVITATION FOR BIDS (IFB)**
**e-Procurement Notice**

IDENTIFICATION NO. 01/2026-27 of PANCHAYAT SAMITI, GUDARI
No. 1193 / BGBO/2026-27, Dev Dated 13.05.2026

1. The Panchayat Samiti, Gudari Invites Percentage Rate Bids in Single Cover system in on ONLINE MODE for Construction of Children Park at Lokanathpur of Sanahuma GP (Civil) as detailed in the Detailed Tender Call Notice (D.T.C.N) from the eligible class of contractors.
2. No. of Works : 01 (One) No.
3. Cost of Tender Paper : Rs. 6,000/- (Rupees Six Thousand) only
4. Class of Contractor : "C" & "D" Class
5. Date & Time of available in web site & receipt online: 11:00Hrs of 20.05.2026 To 17.00 Hrs. of 03.06.2026
6. Date of Opening of Technical Bid : 05.06.2026 at 11:00 Hrs.
7. The Bidder has to participate in ONLINE bidding only. Further details can be seen from the State Govt. Portal website https://tendersodisha.gov.in
8. Any corrigendum / Addendum will be displayed in the website https://tendersodisha.gov.in only.

Block Development Officer
Gudari

OIPR-19001/19045/1/26-27/0001

GOVERNMENT OF ODISHA
Office of the Superintending Engineer
Kanupur Rehabilitation, Camps & Building Division,
AT/PO-Basudevpur, Dist.-Keonjhar, PIN-758047.

46001/4/2627

**e- PROCUREMENT NOTICE**

Bid Identification No. SE, KRC & BD- 03/2026-27
Email- eekrcbdbasudevpur@gmail.com

| Sl. No | Name of work | Approx. value of work (Rs. in Lakh) | E.M.D./ Bid Security in Rs. (To be remitted online) | Cost of Bid document in Rs. (To be remitted online) | Period of Completion | Class of Contractor | Name & address of the Division under which the work will be executed |
|---|---|---|---|---|---|---|---|
| 01 | "Sinking of 7Nos 125/100 mm dia of tube wells through fast drilling sophisticated DTH rig at Raghual Sahi, Sankarpur, Pratap Dhanurjaypur, Kandara, Bhagalpur clusters of KIP." | 14.74 | 14740.00 | 6,000.00 | 02(Two) Calendar months | "C" & "D" | Kanupur Reh. Camps & Building Division, At/PO-Basudevpur, Dist.-Keonjhar |

| Procurement Officer | Bid Identification No. | Availability of tender online for bidding | Date & time of opening of tender | Place of opening |
|---|---|---|---|---|
| Superintending Engineer, Kanupur Reh. C. & B. Division, Basudevpur, Dist- Keonjhar. | SE, KRC & BD-03 / 2026-27 | From 15.05.26 From 10.00 Hours To 25.05.26 Up to 17.00 Hours | 26.05.26 at 11.00 Hours | O/o the Superintending Engineer Kanupur Reh. C. & B. Division, Basudevpur, Dist- Keonjhar. |

Superintending Engineer
Kanupur Reh. C.& B. Division,
Basudevpur

OIPR-46001/46009/1/26-27/0001

**DOCUMENT LOST**

I **AMIAN DAS**, S/o Bijay Kumar Das residing of Plot No- 977/A, At - Kunjapatna Sahi, PO- Old Town Goshagoreswar Temple, Old Town, PS- Shree Lingaraj, Bhubaneswar, Dist - Khordha, Odisha declare that I am the legal and bonafied owner of the Landed Property located at Mouza Bajarsahi, Tahasil Banapur, Dist Khordha **Khata No 34/120, Plot No: 24/134/174** which was purchase from Narendra Patra S/o Ekadashi Patra of Bajarsahi Patna, Badahantual, Banapur, Dist Khordha have been **LOST / MISPLACED**. If any person misuse the above said original deed, I shall have not responsible. This newspaper publication is required to produced before the Concerned Authority.

**AFFIDAVIT**

By virtue of an affidavit sworn before the Executive Magistrate, Sohela vide no.03 dtd.13.05.2026 I Mitrodya Meher, S/o-Tikeswar Meher, resident of At/Po.- Tungibandhali, Ps.- Sohela, Dist.- Bargarh- 768033 state that, I have changed my name from **Mitrodaya Meher** to **Mitrodya Meher**. Henceforth I will be known as **Mitrodya Meher** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Sohela vide no.06 dtd.13.05.2026 I Nalita Sahu, D/o- Rajendra Prasad Sahu, W/o- Gopala Sahu, resident of Vill.- Pandakipali, Ps.- Sohela, Dist.- Bargarh- 768033 state that, I have changed my name from **Babita Sahu** to **Nalita Sahu**. Henceforth I will be known as **Nalita Sahu** for all future purposes.

**AFFIDAVIT**

I SAYED A B S AHMED, S/O: SAIFUDDIN AHMED SAYED RESIDENT, AT: TINKONIA BAGICHA, PO: BUXI BAZAR, PS: DARGHA BAZAR, DIST: CUTTACK-753001 , ODISHA DECLARE BY THIS AFFIDAVIT NO: 16770, DATE: 13.05.2026, THAT NOW ONWORDS I SHALL BE KNOWN AS SAYED ABDUL BATIN FOR ALL FUTURE PURPOSES.

**AFFIDAVIT**

I Shagufta Yasmin, W/o: SK Abdus Salam, At: Nahanga, PO: Sukleswar, Dist: Cuttack, PIN-754221, declare by this Affidavit No: 16196, dated 11/05/2026 that now onwards I shall be known as Sagufta Yashmin for all future purposes

**AFFIDAVIT**

I Shaikh Abdus Salam, S/o.: SK Abdur Razzaque, At: Nahanga, PO: Sukleswar, Dist: Cuttack, PIN-754221, declare by this Affidavit No: 16195, Dated:11/05/2026, that now onwards I shall be known as sk Abdus Salam for all future purposes

**ଦଲିଲ ଓ ପଟ୍ଟା ହଜିଛି**

ମୁଁ ବାସନ୍ତୀ ରାଏ, ସ୍ୱାମୀ- ଧ ବିଷ୍ଣୁଚରଣ ଦାସ, ନିସ୍ତୁ ଫ୍ରେଣ୍ଡସ୍ କଲୋନୀ, ବକ୍ସିବାଟି ରୋଡ, ପୋ-ବକ୍ସିବଜାର, ଥା-ମଙ୍ଗଳାବାଗ ଘୋଷଣା କରୁଛି କି, ମୁଁ କିଣିଥିବା ସମ୍ପତ୍ତିର ମୂଳ ଦଲିଲ ଓ ପଟ୍ଟା (ROR) ଖାତା ନଂ.-୩୪୨, ପ୍ଲଟ ନଂ- ୧୪୧୯, ବିକ୍ରେତା- ଚିରଞ୍ଜିଲାଲ ସାହେବରମ୍, ପି-ଧ କାଲୁରାମ ଓ ଖାତା ନଂ- ୬୧୬/୬୭୭, ପ୍ଲଟ୍-୧୪୧୮ ବିକ୍ରେତା- ଶାନ୍ତିଲତା ଦାସ, ମୌଜା-କଟକ ସହର, ୟୁନିଟ୍-୨୨ ମିକମଲପାଟଣା, ମଙ୍ଗଳାବାଗ, କଟକ ଘରୁ ମଙ୍ଗଳାବାଗକୁ ଯିବା ରାସ୍ତାରେ କେଉଁଠି ହଜିଯାଇଛି। ଉକ୍ତ ସମ୍ପତ୍ତିର ଦଲିଲକୁ ବନ୍ଧକ ରଖି ମୁଁ ବ୍ୟାଙ୍କରୁ ଋଣ ଆଣିବାକୁ ଚାହୁଁଛି। ଯଦି କେହି ଉକ୍ତ ଦଲିଲକୁ ପାଆନ୍ତି ତେବେ ମୋତେ ମୋବାଇଲ ୮୬୩୭୨୧୩୨୧୧ରେ ଯୋଗାଯୋଗ କରିବାକୁ ଅନୁରୋଧ।

ବାସନ୍ତୀ ରାଏ

# ୨୭ ବର୍ଷ ଧରି ଭଡ଼ା ଘରେ ଚାଲିଛି ଅଙ୍ଗନବାଡ଼ି କେନ୍ଦ୍ର

**ଅସୁରାଳି,୧୩।୫(ସମିସ):** ଧାମନଗର ବ୍ଲକ୍‌ରେ ମୋଟ୍ ୩୫୩ଟି ଅଙ୍ଗନବାଡ଼ି କେନ୍ଦ୍ର ରହିଛି। ସେଥିମଧ୍ୟରୁ ମାତ୍ର ୧୭୧ କେନ୍ଦ୍ରର ନିଜସ୍ୱ ଗୃହ ଅଛି। ଆଉ ୯ କେନ୍ଦ୍ରର ନିର୍ମାଣ ନିକଟରେ ସରିଛି। କିନ୍ତୁ ଚାବି ହସ୍ତାନ୍ତର କରାଯାଇନାହିଁ। ଆଉ ବାକି ୧୭୩ କେନ୍ଦ୍ରର ନିଜସ୍ୱ ଗୃହ ନାହିଁ। ସେଥିପାଇଁ କୋମଳମତି ଶିଶୁଙ୍କ ଶିକ୍ଷାରେ ସମସ୍ୟା ଉପୁଜିଛି। ୩୮ ଅଙ୍ଗନବାଡ଼ି କେନ୍ଦ୍ର ପାଇଁ ଜାଗା ଚିହ୍ନଟ ହୋଇପାରିନାହିଁ। ୩୦ଟି ଅଧପନ୍ତରିଆ ଅବସ୍ଥାରେ ପଡ଼ିଛି। କେବଳ ସେତିକି ନୁହେଁ, କେଉଁଠି ଭଡ଼ା ଘରେ ତ ଆଉ କେଉଁଠି ଗଛ ତଳେ ତ ଆଉ କେଉଁଠି ଖୋଲା ଆକାଶ ତଳେ ଚାଲିଛି ଅଙ୍ଗନବାଡ଼ି କେନ୍ଦ୍ର। ଅସ୍ୱାସ୍ଥ୍ୟକର ପରିବେଶ ଯୋଗୁଁ ବେଳେବେଳେ ପିଲାମାନେ ରୋଗର ମଧ୍ୟ ଶିକାର ହୋଇଥାଆନ୍ତି। ପୁଣି ଖରା ଦିନେ ଖରାର ପ୍ରକୋପ, ବର୍ଷା ଦିନେ ବର୍ଷାର ବାରିଧାରା ଆଉ ଶୀତ ଋତୁରେ ହାଡ଼ ଭଙ୍ଗା ଶୀତରେ ଛୋଟ ଛୋଟ ପିଲାମାନଙ୍କୁ ଶିକ୍ଷା ପ୍ରଦାନ କରିବା ଅସମ୍ଭବ ହୋଇଯାଉଛି। ବହୁ କେନ୍ଦ୍ରରେ ଏହା ଗମ୍ଭୀର ସମସ୍ୟା ରୂପେ ଉଭା ହୋଇଛି। ବିଶେଷ କରି ଗୋବିନ୍ଦପୁର ଅଙ୍ଗନବାଡ଼ି କେନ୍ଦ୍ରରେ ଗତ ୨୭ ବର୍ଷ ହେଲା ନିଜସ୍ୱ ଗୃହ ନାହିଁ। ୧୯୯୯ ମସିହାରୁ ସ୍ଥାପିତ ଉକ୍ତ କେନ୍ଦ୍ରଟି ଚାଲିଛି ଭଡ଼ା ଘରେ। ଯାହା ପିଲାମାନଙ୍କ ଉପରେ ଘୋର୍ ପ୍ରଭାବ ପକାଉଛି। ୨୨ ପିଲାଙ୍କ ନିମନ୍ତେ ଛାତ ନ ଥିବାବେଳେ ବାହାରେ ରୋଷେଇ କରାଯାଉଛି। ଏସବୁ ଦେଖି ବାରମ୍ବାର ଅଭିଭାବକମାନେ ଅଙ୍ଗନବାଡ଼ି କେନ୍ଦ୍ର ପାଇଁ ଦାବି କରି ଆସୁଥିଲେ ମଧ୍ୟ ଏହା ସଫଳ ହୋଇପାରି ନାହିଁ। ଏହି ପରିପ୍ରେକ୍ଷୀରେ ସିଡିପିଓ ଦମୟନ୍ତୀ ଦେଈଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର ଉକ୍ତ ସମସ୍ୟାକୁ ତଦାରଖ କରି ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।



■ ବାସୁଦେବ ପୀଠରେ ତିନିଠାକୁରଙ୍କ ମନ୍ଦିର ଗୃହ ନିର୍ମାଣ

# ଦଳାଙ୍ଗରୁ ଆସିବ ଦାରୁ; ଆସନ୍ତା ୧୫ରେ ଶୁଭ ଅନୁକୂଳ

**ଦୋବଲ,୧୩।୫(ସମିସ):** ଧାମନଗର ବ୍ଲକ୍ ଅର୍ଜୁନପୁର ପଞ୍ଚାୟତସ୍ଥିତ ପୁଣ୍ୟତୋୟା ବୈତରଣୀ କୂଳରେ ଅବସ୍ଥିତ ପ୍ରସିଦ୍ଧ ବାସୁଦେବପୀଠ ଏବେ ଆଧ୍ୟାତ୍ମିକ ଚଳଚଞ୍ଚଳ। ଏହି ପୀଠରେ ଶ୍ରୀଜଗନ୍ନାଥ, ପ୍ରଭୁ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ପାଇଁ ଏକ ଭବ୍ୟ ମନ୍ଦିର ନିର୍ମାଣ କାର୍ଯ୍ୟ ଜାରି ରହିଥିବାବେଳେ ୨୦୨୭ ଫେବୃଆରୀ ୧୮ରେ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବାକୁ ଦିନ ଧାର୍ଯ୍ୟ ହୋଇଛି। ଏହି ମହାନ୍ କାର୍ଯ୍ୟ ପାଇଁ ତିନି ଠାକୁରଙ୍କ ମୂର୍ତ୍ତି ନିର୍ମାଣ ନିମନ୍ତେ ଆବଶ୍ୟକୀୟ 'ଦାରୁଛେଦନ' ପ୍ରକ୍ରିୟା ଆସନ୍ତା ୧୫ ତାରିଖ ଦିନ ସମ୍ପନ୍ନ ହେବ। ସୂଚନା ଅନୁଯାୟୀ, ଦଳାଙ୍ଗ ପଞ୍ଚାୟତର ବିରୁହା ଗ୍ରାମର ଚୈତନ୍ୟ ଯେନାଙ୍କ ବାଡ଼ିରୁ ଏହି ପବିତ୍ର ଦାରୁ ଚୟନ କରାଯାଇଛି। ଶାସ୍ତ୍ରୀୟ ବିଧିବିଧାନ ଅନୁଯାୟୀ, ୧୫ ତାରିଖ ଦିନ ଶ୍ରଦ୍ଧାଳୁ ଓ ସଂକୀର୍ତ୍ତନ ମଣ୍ଡଳୀଙ୍କ ଗହଣରେ ବିରୁହା ଗ୍ରାମରୁ ଏହି ପବିତ୍ର ଦାରୁକୁ ଛେଦନ କରାଯାଇ ପୀଠକୁ ଅଣାଯିବ। ବୈତରଣୀ କୂଳରେ ପ୍ରଭୁଙ୍କ ମନ୍ଦିର ନିର୍ମାଣକୁ ନେଇ ସ୍ଥାନୀୟ ଅଞ୍ଚଳରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି। ଏହି ଦାରୁଛେଦନ ଉତ୍ସବରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେଇ ପୁଣ୍ୟ ଅର୍ଜନ କରିବାକୁ ମନ୍ଦିର କମିଟିର ଆବାହକ ଅରୁଣ ନାୟକ, ଅକ୍ଷୟ ନାୟକ ଏବଂ ଅଞ୍ଚଳବାସୀ ନିବେଦନ କରିଛନ୍ତି।



● ଦାୟିତ୍ୱ ସହ ଶିକ୍ଷାର ସାଧନା

# ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏଙ୍କ ଡକ୍ଟରେଟ୍ ହାସଲ

**ଭଦ୍ରକ,୧୩।୫(ସମିସ):** ପ୍ରଶାସନିକ ଦାୟିତ୍ୱର ଭିଡ଼ ମଧ୍ୟରେ ମଧ୍ୟ ଜ୍ଞାନର ସାଧନା କେବେ ଥମେ ନାହିଁ। ଏହାକୁ ପୁଣିଥରେ ସାବ୍ୟସ୍ତ କରିଛନ୍ତି ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ। ନିଜର କଠିନ କାର୍ଯ୍ୟବ୍ୟସ୍ତତା ସତ୍ତ୍ୱେ ସେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଇତିହାସ ବିଷୟରେ ପିଏଚ୍‌ଡି ଡିଗ୍ରୀ ହାସଲ କରି ଏକ ପ୍ରେରଣାଦାୟକ ଦୃଷ୍ଟାନ୍ତ ସୃଷ୍ଟି କରିଛନ୍ତି। ସାଧାରଣତଃ ଜିଲ୍ଲାପାଳଙ୍କ ଦୈନନ୍ଦିନ କାର୍ଯ୍ୟଭାର ଅତ୍ୟନ୍ତ ଚାପପୂର୍ଣ୍ଣ ଥାଏ। ଲୋକସେବା, ବିକାଶମୂଳକ କାର୍ଯ୍ୟ, ବିପର୍ଯ୍ୟୟ ପରିଚାଳନା ଓ ପ୍ରଶାସନିକ ସମନ୍ୱୟରେ ବ୍ୟସ୍ତ ରହିବା ସତ୍ତ୍ୱେ ଜିଲ୍ଲାପାଳ ନିଜ ଶିକ୍ଷାଗତ ଲକ୍ଷ୍ୟକୁ ଅବହେଳା କରି ନ ଥିଲେ। ଅନବରତ ପରିଶ୍ରମ, ଅଧ୍ୟବସାୟ ଓ ଗବେଷଣା ପ୍ରତି ଆଗ୍ରହ ତାଙ୍କୁ ଏହି ସଫଳତାର ଶୀର୍ଷରେ ପହଞ୍ଚାଇଛି। ତାଙ୍କର ଗବେଷଣା ପ୍ରବନ୍ଧର ବିଷୟ ଥିଲା "ଅକୁପେସନାଲ ଷ୍ଟ୍ରେସ୍, ଜବ୍ ସାଟିସ୍‌ଫେକ୍‌ସନ୍ ଆଣ୍ଡ ଆପ୍ଲାଇ ଲୟାଲ୍‌ଟି ଇନ୍ ହସ୍ପିଟାଲିଟି ଇଣ୍ଡଷ୍ଟ୍ରିଜ୍: ଏ କମ୍ପାରେଟିଭ୍ ଆନାଲିସିସ୍ ଅଫ୍ ହୋଟେଲ୍‌ସ ଇନ୍ ଓଡିଶା'। ଓଡ଼ିଶାର ହୋଟେଲ୍ ଶିଳ୍ପରେ କାର୍ଯ୍ୟରତ କର୍ମଚାରୀଙ୍କ ମାନସିକ ଚାପ, କାର୍ଯ୍ୟ ସନ୍ତୁଷ୍ଟି ଓ ସଂସ୍ଥା ପ୍ରତି ନିଷ୍ଠାକୁ ନେଇ ସେ କରିଥିବା ଗବେଷଣା ଶିକ୍ଷା ଜଗତରେ ଗୁରୁତ୍ୱ ପାଇଛି। ଜିଲ୍ଲାପାଳ ଭାବେ ଲୋକସେବା ଓ ଗବେଷକ ଭାବେ ଜ୍ଞାନର ସନ୍ଧାନ ଏହି ୨ଟି ଭୂମିକାକୁ ସଫଳତାର ସହ ପାଳନ କରିଥିବାରୁ ବିଭିନ୍ନ ମହଲରୁ ତାଙ୍କୁ ଅଭିନନ୍ଦନ ଜଣାଯାଇଛି। ତାଙ୍କର ଏହି ସଫଳତା ଯୁବପିଢ଼ିଙ୍କୁ ଏକ ସନ୍ଦେଶ ଦେଇଛି 'ପରିସ୍ଥିତି ଯେତେ କଠିନ ହେଉ, ଇଚ୍ଛାଶକ୍ତି ଓ ଅଧ୍ୟବସାୟ ଥିଲେ ନିଶ୍ଚିତ ସ୍ୱପ୍ନ ସାକାର ହୁଏ।



# ସେବାରେ ଲାଗୁନି ସ୍ୱାସ୍ଥ୍ୟ ଉପକେନ୍ଦ୍ର ଓ ଆରୋଗ୍ୟ ମନ୍ଦିର

**ବନ୍ତ/ଆଗରପଡ଼ା,୧୩।୫(ସମିସ)**

ଗ୍ରାମାଞ୍ଚଳର ଲୋକଙ୍କୁ ସୁବିଧାରେ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ନିମନ୍ତେ ରାଜ୍ୟ ସରକାର ପ୍ରତି ପଞ୍ଚାୟତରେ ସ୍ୱାସ୍ଥ୍ୟ ଓ ଆରୋଗ୍ୟ ଉପକେନ୍ଦ୍ର ଖୋଲିବା ସହ କେନ୍ଦ୍ରମାନଙ୍କରେ ଜଣେ ଲେଖାଏଁ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ (ସିଏଚ୍‌ଓ) ନିଯୁକ୍ତ କରିଛନ୍ତି। ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀମାନେ ପ୍ରତ୍ୟେକ ଦିନ ସକାଳ ୮ଟାରୁ ଦିନ ୧୨ଟା ପର୍ଯ୍ୟନ୍ତ ଏବଂ ଦିନ ୩ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଆରୋଗ୍ୟ କେନ୍ଦ୍ରରେ ଉପସ୍ଥିତ ରହି ରୋଗୀ ଦେଖିବା ସହ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ବିତରଣ କରିବା କଥା। ମାତ୍ର ଅଧିକାଂଶ ଆରୋଗ୍ୟ ଉପକେନ୍ଦ୍ରରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଇତି ମଧ୍ୟରେ ବନ୍ତ ବ୍ଲକ୍ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ କେନ୍ଦୁଆପଦା, ବଡ଼ମହିଁଷଗୋଠ, ବିଟିପୁର ଓ ଗୋପିନାଥପୁର ପଞ୍ଚାୟତରେ ନୂତନ ଭାବେ ନିର୍ମିତ ସ୍ୱାସ୍ଥ୍ୟ ଉପକେନ୍ଦ୍ର ଓ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଗୃହ ନିର୍ମାଣ ସରିଥିଲେ ସୁଦ୍ଧା ଏହା କାମରେ ଲାଗି ନ ଥିବାବେଳେ ବଡ଼ବର୍ଚ୍ଛିକୟାଁ ପଞ୍ଚାୟତରେ ଏହାର ନିର୍ମାଣ କାର୍ଯ୍ୟ ଚାଲିଥିବା ଜଣାପଡ଼ିଛି। ବର୍ଷେରୁ ଅଧିକ ସମୟ ହେବ କେନ୍ଦ୍ରଗୁଡ଼ିକର ନିର୍ମାଣ କାର୍ଯ୍ୟ ସରିଥିଲେ ସୁଦ୍ଧା କାର୍ଯ୍ୟସ୍ଥଳୀ ନିକଟରେ ବିଭାଗ ପକ୍ଷରୁ କୋଣସି ସୂଚନାଫଳକ ନ ଲାଗିବା ବିଭାଗର କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ପ୍ରାୟ ୩୪ ଲକ୍ଷ ୮୮ ହଜାର ଟଙ୍କା ବ୍ୟୟରେ ନିର୍ମିତ ପ୍ରତି କେନ୍ଦ୍ର କାର୍ଯ୍ୟରେ ଲାଗିପାରୁ ନ ଥିବାରୁ ଏହାର ପରିବେଶ ନଷ୍ଟ ହେବାରେ ଲାଗିଛି। ବ୍ୟବହାରରେ ଲାଗିବା ବେଳକୁ କେନ୍ଦ୍ରଗୁଡ଼ିକ ପୁଣି ମରାମତି ମାଗିବା ସମ୍ଭାବନା ସୃଷ୍ଟି ହୋଇଛି।

ଅପରପକ୍ଷରେ କାର୍ଯ୍ୟ କରୁଥିବା ଉପ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକ ପାଇଁ ନିର୍ମାଣ କରାଯାଇଥିବା ଉପସ୍ୱାସ୍ଥ୍ୟ କେନ୍ଦ୍ର କାର୍ଯ୍ୟାଳୟଗୁଡ଼ିକ ସହ ସିଏଚ୍‌ଓମାନଙ୍କ ବାସଭବନ ସଂଲଗ୍ନ ରହିଥିଲେ ମଧ୍ୟ ଜଣେ ହେଲେ ସିଏଚ୍‌ଓ ରହିବା ଦୃଷ୍ଟିଗୋଚର ହେଉନି। ଅଳ୍ପ କେତେକ ଉପକେନ୍ଦ୍ରକୁ ସ୍ୱାସ୍ଥ୍ୟ ଅଧିକାରୀମାନେ କାଁ ଭାଁ ଖୋଲୁଥିବାବେଳେ ଉପରବେଳା ଆଦୌ ଖୋଲୁ ନ ଥିବା ଅଭିଯୋଗ ହେଉଛି। ପ୍ରତି କେନ୍ଦ୍ରରେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀମାନେ ରହୁ ନ ଥିବା ଏବଂ ରୋଗୀ ଦେଖୁ ନ ଥିବା ଅଭିଯୋଗ ହେଉଛି। ବହୁ ସ୍ଥାନରେ ଆରୋଗ୍ୟ ମନ୍ଦିରରେ ମିଳୁଥିବା ସେବା ଓ ସିଏଚ୍‌ଓମାନଙ୍କ କାର୍ଯ୍ୟ ସମ୍ପର୍କରେ ଲୋକମାନେ ଅଜ୍ଞ ଥିବା ମଧ୍ୟ ଜଣାପଡ଼ିଛି। ଯଦ୍ୱାରା ଅଧିକାଂଶ ଆରୋଗ୍ୟ ମନ୍ଦିରକୁ ଜଣେ ହେଲେ ରୋଗୀ ଆସୁନାହାନ୍ତି। ସ୍ୱାସ୍ଥ୍ୟ ଅଧିକାରୀମାନେ ମାସର ଅଧିକାଂଶ ଦିନ ଭୂତ ରୋଗୀ ସୃଷ୍ଟି କରି ସ୍ୱାସ୍ଥ୍ୟ ବିଭାଗକୁ ମିଥ୍ୟା ତଥ୍ୟ ଦେଉଥିବା ଅଭିଯୋଗ ହେଉଛି। ଏହିସବୁ କାରଣରୁ କେବଳ କାଗଜ କଲମରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଓ ଉପ ସ୍ୱାସ୍ଥ୍ୟ କେନ୍ଦ୍ର ଚାଲିଥିବା ଜଣାଯାଇଛି।

**କାଗଜ କଲମରେ ସୀମିତ ରୋଗୀ ସେବା**

ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀମାନେ ମାସକୁ ବେତନ ସହ ପ୍ରତି ମାସରେ ପ୍ରୋତ୍ସାହନ ରାଶି ପାଉଛନ୍ତି। ଉକ୍ତ ପ୍ରୋତ୍ସାହନ ରାଶିକୁ ବିଭିନ୍ନ ପ୍ରକାରର ସଚେତନତା କାର୍ଯ୍ୟକ୍ରମରେ ଲଗାଇବା ପାଇଁ ନିର୍ଦ୍ଦେଶ ଥିବା ଏବଂ ସ୍ଥାନୀୟ ସରପଞ୍ଚ ଓ ସିଏଚ୍‌ଓଙ୍କ ମିଳିତ ସହମତିରେ ଅର୍ଥ ବିନିଯୋଗ ହେବାର ପ୍ରକ୍ରିୟା ଥିଲେ ସୁଦ୍ଧା ବହୁ ସ୍ଥାନରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି। ସରପଞ୍ଚଙ୍କ ଅଗୋଚରରେ ସିଏଚ୍‌ଓ ପ୍ରୋତ୍ସାହନ ରାଶି ଉଠାଣ କରି ନିଜେ ଚଳୁ କରିଦେଉଥିବା ଅଭିଯୋଗ ମଧ୍ୟ ହେଉଛି। ସଚେତନତା କାର୍ଯ୍ୟକ୍ରମ କେବଳ କାଗଜ କଲମ ଓ ଫଟୋ ଉଠାରେ ସୀମିତ ରହୁଥିବା ପରିଲକ୍ଷିତ ହେଉଛି। ଏହି ସବୁ ଦୃଷ୍ଟିକୋଣରୁ ସରକାରଙ୍କ ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ନିର୍ମାଣ କରାଯାଇଥିବା ଆରୋଗ୍ୟ ଉପକେନ୍ଦ୍ରଗୁଡ଼ିକ ଭୂତକୋଠିରେ ପରିଣତ ହେବାକୁ ବସିଲାଣି। ନିର୍ମାଣାଧୀନ କେନ୍ଦ୍ରର ସୁପରିଚାଳନା ହେଉ ନ ଥିବାବେଳେ ନୂତନ କେନ୍ଦ୍ର ନିର୍ମାଣ ନିମନ୍ତେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରିବା ସରକାରଙ୍କ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମକୁ ଉପହାସ କରୁଛି। ତେଣୁ ସ୍ୱାସ୍ଥ୍ୟ ଉପକେନ୍ଦ୍ରଗୁଡ଼ିକ ଠିକ୍ ସମୟରେ ଖୋଲିବା ସହ ଭୂତ ରୋଗୀ ଓ ପ୍ରୋତ୍ସାହନ ରାଶି ଖର୍ଚ୍ଚ ବାବଦରେ ଉଚ୍ଚସ୍ତରୀୟ ତଦନ୍ତ ହେବା ଜରୁରୀ ହୋଇ ପଡ଼ିଥିବାବେଳେ ଲକ୍ଷାଧିକ ଟଙ୍କା ବିନିମୟରେ ନିର୍ମାଣାଧୀନ କେନ୍ଦ୍ରଗୁଡ଼ିକୁ ଯଥାଶୀଘ୍ର କାର୍ଯ୍ୟକ୍ଷମ କରିବା ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି।



# ମେ' ୨୦ରେ ବିଜେଡିର ମହିଳା ସମାବେଶ ନିମନ୍ତେ ପ୍ରସ୍ତୁତି



**ଧାମନଗର,୧୩।୫(ସମିସ):** ଧାମନଗର ବ୍ଲକ୍ ଅନ୍ତର୍ଗତ ଧୂଷୁରୀ ପଞ୍ଚାୟତଠାରେ ବିଜେଡି ପକ୍ଷରୁ ଆସନ୍ତା ମେ' ୨୦ରେ ମହିଳା ସମାବେଶ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ବ୍ଲକ୍ ବିଜେଡି ସଭାପତି ପ୍ରତାପ ସାମଲଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଦଳୀୟ ସଂଗଠନକୁ ଅଧିକ ସୁଦୃଢ଼ କରିବା ସହ ଅନୁଷ୍ଠିତ ହେବାକୁ ଥିବା ମହିଳା ସମାବେଶକୁ ସଫଳ କରିବା ପାଇଁ ରଣନୀତି ପ୍ରସ୍ତୁତ କରାଯାଇଛି। ବ୍ଲକ୍ ଅନ୍ତର୍ଗତ ଅସୁରାଳିସ୍ଥିତ ଖୁଲାଇଶୁଣି ମନ୍ଦିର ପ୍ରାଙ୍ଗଣରେ ଅପରାହ୍ନ ୪ଟାରେ ଏକ ବିଶାଳ ମହିଳା ସମାବେଶ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରୁ ପ୍ରାୟ ହଜାର ହଜାର ମହିଳା ଏହି ସମାବେଶରେ ସାମିଲ୍ ହେବାର ଲକ୍ଷ୍ୟ ରଖାଯାଇଛି। ମହିଳାମାନଙ୍କ ସଶକ୍ତୀକରଣ ଏବଂ ସଙ୍ଗଠନକୁ ଆହୁରି କିପରି ମଜଭୁତ ହେବ ତା' ଉପରେ ଏଠାରେ ବ୍ୟାପକ ଆଲୋଚନା କରାଯିବ ବୋଲି ସୂଚନା ଦିଆଯାଇଛି। ଏହି ବୈଠକରେ ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ଜିଲ୍ଲା ପରିଷଦ ସଭ୍ୟ ସାରଦା ପ୍ରସନ୍ନ ସାହୁ, ପୂର୍ବତନ ବ୍ଲକ୍ ସଭାପତି ରମେଶ ମହାନ୍ତି, ସମିତିସଭ୍ୟ ସୂର୍ଯ୍ୟକାନ୍ତ ନାୟକ, ଜ୍ଞାନରଞ୍ଜନ ମହାକୁଡ଼, ସୁଦୀପ୍ତ ଖଟୁଆ, ସରପଞ୍ଚ ଅଜୟ କୁମାର ମଲ୍ଲିକ, ସୀତାକାନ୍ତ ମିଶ୍ର, ପୂର୍ବତନ ସରପଞ୍ଚ ବିଜୟ ମିଶ୍ର, ଶରତ ମାଝୀ, ନରେନ୍ଦ୍ର ନାରାୟଣ ନାୟକ ପ୍ରମୁଖ ଉପସ୍ଥିତ ରହି ଦଳୀୟ କର୍ମକର୍ତ୍ତାଙ୍କୁ ଦଳକୁ ମଜଭୁତ କରିବା ପାଇଁ ପରାମର୍ଶ ଦେଇଥିଲେ। ବିଭିନ୍ନ ପଞ୍ଚାୟତର ସଭାପତି, ସରପଞ୍ଚ, ସମିତିସଭ୍ୟ ପ୍ରମୁଖ ଉପସ୍ଥିତ ରହି ନିଜ ନିଜ ଅଞ୍ଚଳରୁ ଅଧିକରୁ ଅଧିକ ମହିଳାଙ୍କୁ ଆଣିବା ପାଇଁ ସହମତି ପ୍ରକାଶ କରିଥିଲେ। ଧାମନଗର ନିର୍ବାଚନମଣ୍ଡଳୀରେ ଆଗାମୀ ଦିନରେ ଦଳୀୟ ସ୍ଥିତିକୁ ଅଧିକ ଶକ୍ତିଶାଳୀ କରିବା ସହ ମହିଳାମାନଙ୍କୁ ସଂଗଠିତ କରିବା ପାଇଁ ଏହି ସମାବେଶ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ବୈଠକରେ ନେତାମାନେ ବକ୍ତବ୍ୟ ରଖିଥିଲେ।

● କ୍ରୀଡ଼ାମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀରେ ଅଧପନ୍ତରିଆ 'ସହିଦ ଷ୍ଟାଡିୟମ୍'

# ଦୁଇ ପାଚେରି ମଧ୍ୟରେ ସୀମିତ କ୍ରୀଡ଼ାବିତ୍‌ଙ୍କ ସ୍ୱପ୍ନ

**ଅସୁରାଳି,୧୩।୫(ସମିସ):** ଗ୍ରାମାଞ୍ଚଳର ଯୁବ ପ୍ରତିଭାଙ୍କୁ ପ୍ରୋତ୍ସାହନ ଦେବା ପାଇଁ ସରକାରୀସ୍ତରରେ ବିଭିନ୍ନ ଯୋଜନା କରାଯାଉଥିବା ବେଳେ, ଧାମନଗର ବ୍ଲକ୍ ଅନ୍ତର୍ଗତ ଅସୁରାଳିଠାରେ ନିର୍ମାଣାଧୀନ "ସହିଦ ଷ୍ଟାଡିୟମ୍' ଏବେ ପ୍ରଶାସନିକ ଅବହେଳାର ମୂକସାକ୍ଷୀ ପାଲଟିଛି। ଦୀର୍ଘ ୭ ବର୍ଷ ବିତିଯାଇଥିଲେ ମଧ୍ୟ ଷ୍ଟାଡିୟମ୍ କାର୍ଯ୍ୟ ଶେଷ ନ ହୋଇ କେବଳ ଦୁଇଟି ପାଚେରି ମଧ୍ୟରେ ସୀମିତ ରହିଛି। ସୂଚନା ଅନୁଯାୟୀ, ୨୦୧୯ ଫେବୃଆରୀ ୧୬ରେ ଏକ ବିରାଟ ସମାବେଶ ମାଧ୍ୟମରେ ଏହି ଷ୍ଟାଡିୟମ୍‌ର ଶିଳାନ୍ୟାସ କରାଯାଇଥିଲା। ସେତେବେଳେ ପ୍ରତି ପଞ୍ଚାୟତରେ ଗୋଟିଏ ମିନିଷ୍ଟାଡିୟମ୍ ନିର୍ମାଣ କରିବାକୁ ଘୋଷଣା କରାଯାଇଥିଲା। ଏହି ଖବର ଅସୁରାଳି ସମେତ ଆଖପାଖର ୫ଟି ପଞ୍ଚାୟତର କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ ନୂତନ ଆଶା ସଞ୍ଚାର କରିଥିଲା। ଷ୍ଟାଡିୟମ୍ ନିର୍ମାଣ ପାଇଁ ପ୍ରାଥମିକ ପର୍ଯ୍ୟାୟରେ ପଡ଼ିଆର ଦୁଇ ପାଶ୍ୱର୍ରେ ପାଚେରି ନିର୍ମାଣ କରାଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ କୌଣସି ଅଜ୍ଞାତ କାରଣରୁ କାମ ସମ୍ପୂର୍ଣ୍ଣ ବନ୍ଦ ହୋଇଗଲା। ଆଶ୍ଚର୍ଯ୍ୟର କଥା ଯେ, ଏଠାରେ କୌଣସି ସୂଚନାଫଳକ ନାହିଁ। କେଉଁ ବିଭାଗ ପକ୍ଷରୁ ଏହି ଅନୁଦାନ ଆସିଛି, କେତେ ଟଙ୍କାର ବ୍ୟୟ ଅଟକଳ ହୋଇଛି କିମ୍ବା ଠିକାଦାର କିଏ, ସେ ନେଇ ସ୍ଥାନୀୟ ଲୋକେ ସମ୍ପୂର୍ଣ୍ଣ ଅନ୍ଧାରରେ ଅଛନ୍ତି। ଅସୁରାଳି ଅଞ୍ଚଳରେ ଆଞ୍ଚଳିକ ମହିଳା ମହାବିଦ୍ୟାଳୟ, ସରକାରୀ ଉଚ୍ଚ ବିଦ୍ୟାଳୟ ଓ ସାରଦା ଦେବୀ ମହାବିଦ୍ୟାଳୟ ପରି ଅନେକ ଶିକ୍ଷାନୁଷ୍ଠାନ ରହିଛି। ଏହି ଅଞ୍ଚଳର କ୍ରୀଡ଼ାପ୍ରେମୀ ଯୁବକ ଓ ଛାତ୍ରଛାତ୍ରୀମାନେ ଅଭ୍ୟାସ ପାଇଁ ଏକ ଉପଯୁକ୍ତ ପଡ଼ିଆ ଅପେକ୍ଷାରେ ଅଛନ୍ତି। ବର୍ତ୍ତମାନର ବିଧାୟକ ନିଜେ କ୍ରୀଡ଼ାମନ୍ତ୍ରୀ ହୋଇଥିବାରୁ, ଏହି ସହିଦ ଷ୍ଟାଡିୟମ୍‌ର ପୁନରୁଦ୍ଧାର ପାଇଁ ଅଞ୍ଚଳବାସୀ ପୁଣି ଥରେ ଦାବି କରିଛନ୍ତି।



# ରୋଭର୍ସ କ୍ଲବ୍‌ରେ କାଶିମ୍ ଖାନ୍‌ଙ୍କୁ ଶ୍ରଦ୍ଧାଞ୍ଜଳି




**ଭଦ୍ରକ,୧୩।୫(ସମିସ):** ଭଦ୍ରକ ପୁରୁଣା ବଜାରସ୍ଥିତ ରୋଭର୍ସ କ୍ଲବ୍ ଆନୁକୂଲ୍ୟରେ ସନ୍ଧ୍ୟା ୫ଟାରେ ବିଶିଷ୍ଟ କ୍ରୀଡ଼ାବିତ୍, ସମାଜସେବୀ, ଭାଇଚାରାର ରକ୍ଷକ ଓ କ୍ଲବ୍ ସଭାପତି ହାଜୀ ଅବୁଲ କାଶିମ୍ ଖାନ୍‌ଙ୍କ ଶ୍ରଦ୍ଧାଞ୍ଜଳି ସଭା ପୁରୁଣା ବଜାର ନାଗରିକ ସଙ୍ଘର ସକ୍ରିୟ ସଭ୍ୟ ତଥା ସମାଜସେବୀ ସୁଧାକର ରାଉତଙ୍କ ସଭାପତିତ୍ୱରେ ଓ କ୍ଲବ୍‌ର ସମ୍ପାଦକ ହରିହର ନନ୍ଦୀଙ୍କ ସହଯୋଗରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାକୁ ବିଶିଷ୍ଟ କବି ତଥା ମାଷ୍ଟର ମୁସ୍ତାକ୍ ଗୌହର ସଂଯୋଜନା କରିଥିଲେ। ପ୍ରଥମେ ସ୍ୱର୍ଗତ କାଶିମଙ୍କ ବିୟୋଗରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। କାଶିମ ଖାନ୍ ଜଣେ ସୁନାମଧନ୍ୟ ଫୁଟ୍‌ବଲ ଖେଳାଳି ଭାବେ ପରିଚିତ ଥିଲେ। ଶିକ୍ଷା ଉପରେ ବେଶୀ ଗୁରୁତ୍ୱ ଦେଇ ବିଭିନ୍ନ ଅନୁଷ୍ଠାନ ସହିତ ଜଡ଼ିତ ରହୁଥିଲେ। ଭାଇଚାରା ସମେତ ସାମ୍ପ୍ରଦାୟିକ ସଦ୍‌ଭାବନାର ରକ୍ଷକ ରହି ସମସ୍ତଙ୍କ ସୁଖ ଦୁଃଖରେ ସାମିଲ୍ ହୋଇ ହଠାତ୍ ଆମ ଗହଣରୁ ବିଦାୟ ନେଇଗଲେ। ଏହି ସଭାରେ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଭଦ୍ରକ ପୌରାଧ୍ୟକ୍ଷା ଗୁଲ୍‌ମକ୍କୀ ଦଲୱାଜି ହବିବ୍, ଫେଲୋସିପ୍ ସମ୍ପାଦକ ଏସ୍.ଏମ୍ ଫାରୁକ୍, ଯୁବନେତା ରାଜେନ୍ଦ୍ର ଜେନା, ଇଂ. ମନାୱାର ହୋସେନ, ମୁସ୍‌ଲିମ ଜମାତର ସମ୍ପାଦକ ହାଜୀ ଅବଦୁଲ ମୁକିତ ଖାନ, ବରିଷ୍ଠ ନାଗରିକ ସଙ୍ଘର ସଭାପତି ହାଜୀ ହକିମୁଦ୍ଦିନ, ଆଇନଜୀବୀ ସହିଲ ଅହେମ୍ମଦ, ପୂର୍ବତନ ପାରିଷଦ ବସୁମିତ୍ରା ସାହୁ, ଅବଦୁଲ ଦୟାନ ଜିଆ, ମହେଜବୀନ ଅଖ୍‌ତର, ଶେଖ୍ ନଜିମୁଦ୍ଦିନ, ବିଜୟ ଘଡ଼େଇ, ହାଜୀ ଅନୱର ହୋସେନ, ହାଜୀ ଫଖରେ ଆଲାମ, ହାଜୀ ଅବରାର ହୋସେନ, ଲକ୍ଷ୍ମୀକାନ୍ତ ବାରିକ, ସବବୀର ଅଲ୍ଲୀ, ସୈୟଦ ନାସର ଅଲି, ଡ. ମୁର୍‌ଶିଦ ଖାନ୍, ଶେଖ୍ ନାସିରୁଦ୍ଦିନ ପ୍ରମୁଖ ବକ୍ତବ୍ୟ ରଖିଥିଲେ ଯେ, ଆମ ଗହଣରୁ ଜଣେ ମୁରବି ଚାଲିଗଲେ। ଏହି ଶ୍ରଦ୍ଧାଞ୍ଜଳି ସଭାକୁ ମହେବୁବ ଖାନ୍, ମିର୍ଜା ଇଜାଜ୍ ବେଗ୍, ଫାରୁକ୍ ଖାନ୍, ମୀର୍ ନାଶିର ପ୍ରମୁଖ ପରିଚାଳନା କରିଥିଲେ।

# ବିଳମ୍ବ ଭତ୍ତା ପାଇଁ ହିତାଧିକାରୀ ହନ୍ତସନ୍ତ

**ଦୋଳସାହି,୧୩।୫(ସମିସ):** ସରକାରଙ୍କ ତରଫରୁ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ପ୍ରଦାନ କରାଯାଇଥିବା ବିଭିନ୍ନ ଭତ୍ତା ପାଉଥିବା ହିତାଧିକାରୀମାନେ ୨ମାସ ହେଲା ଭତ୍ତା ନ ପାଇ ହତାଶ ହୋଇ ପଡ଼ିଛନ୍ତି। ସାଧାରଣ ଭାବରେ ହାତାହାତି ଭତ୍ତା ବଣ୍ଟନ କେନ୍ଦ୍ରରେ ଭତ୍ତା ପାଉଥିବା ଲୋକମାନେ ମାସର ଦ୍ୱିତୀୟ ସପ୍ତାହ ମଧ୍ୟରେ ସେମାନଙ୍କ ଭତ୍ତା ପାଇଯାଉଥିବା ବେଳେ ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ଭତ୍ତା ପାଉଥିବା ୭୦/୮୦ ବର୍ଷ ବୃଦ୍ଧବୃଦ୍ଧାମାନେ ଗତ ଏପ୍ରିଲ ଓ ଚଳିତ ମାସ ମେ' ମାସର ଭତ୍ତା ପାଇନାହାନ୍ତି। ଗୋଟିଏ ମାସର ଭତ୍ତା ଅନ୍ୟ ମାସର ପ୍ରଥମ ସପ୍ତାହରେ ବି ମିଳୁନି। ନିରୀହ ବୟସ୍କ ବ୍ୟକ୍ତିମାନେ ସେମାନଙ୍କ ସାଧାରଣ ଖର୍ଚ୍ଚ ପାଇଁ ବା ଔଷଧ ପାଇଁ ସରକାରଙ୍କ ଭତ୍ତା ଉପରେ ଭରସା କରିଥିବାବେଳେ ଭତ୍ତା ନପାଇଁ ବହୁତ ହଇରାଣ ହେଉଛନ୍ତି। ଗତ ସରକାରଙ୍କ ସମୟରେ ନିୟମିତ ଭାବେ ମାସର ୧୪/୧୫ ତାରିଖ ସୁଦ୍ଧା ସମସ୍ତ ହିତାଧିକାରୀ ସେମାନଙ୍କ ଭତ୍ତା ପାଇଯାଉଥିବା ବେଳେ ଗତ କିଛି ମାସ ଧରି ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଏ ସମ୍ପର୍କରେ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ନିହାର ରଞ୍ଜନ ରାଉତଙ୍କୁ ପଚାରିବାରୁ ମେ' ମାସ ଭିତରେ ଭତ୍ତା ଆସିବ ବୋଲି କହିଛନ୍ତି।

# ୧୫ ଦିନିଆ ଇଣ୍ଟର୍ଣ୍ଣସିପ୍ କାର୍ଯ୍ୟକ୍ରମ

**ଭଦ୍ରକ,୧୩।୫(ସମିସ):** ୧୫ ଦିବସୀୟ କାର୍ଯ୍ୟକ୍ରମର ୨ୟ ଦିବସରେ ଶିଶୁ ବିକାଶ ଓ ଶିଶୁଯତ୍ନ ଏବଂ ଏଚ୍‌ଆଇଭି ଏଡ୍‌ସ ନିରାକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଜିର ବିଷୟବିଶାରଦ ଭାବେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି ଏବଂ ଲକ୍ଷ୍ୟଭେଦି ପ୍ରକଳ୍ପର ପ୍ରୋଗ୍ରାମ ମ୍ୟାନେଜର ସାବିତ୍ରୀ ବିଶ୍ୱାଳ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଫେଲୋସିପ୍‌ର ନିର୍ଦ୍ଦେଶକ ଲଲାଟେନ୍ଦୁ ମହାନ୍ତି ସ୍ୱାଗତ ଭାଷଣ ଦେଇଥିବାବେଳେ ପ୍ରୋଗ୍ରାମ କୋ-ଅର୍ଡିନେଟର ଲିପ୍ସା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଚରମ୍ପା କଲେଜର ରାଜନୀତି ବିଜ୍ଞାନ ଅଧ୍ୟାପକ ମନୋଜ ମହାଳିକ ମଧ୍ୟ ତାଙ୍କର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଟ୍ରେନିଂଟି ସଫଳରୂପେ ସମ୍ପାଦନ କରାଯାଇଥିଲା।

# ସିସିଟିଭିରେ ଧରାପଡିଲା ଚୋରି ଉଦ୍ୟମ

**ବାଲେଶ୍ୱର,୧୩।୫(ସମିସ):** ବାଲେଶ୍ୱର ସହର ଜେଲ୍ ରୋଡ୍ ନିକଟରେ ଭଙ୍ଗା ଲୁହା ଓ ପୁରୁଣା ଖବର କାଗଜ କିଣିବା ବାହାନାରେ ଘୁରି ବୁଲୁଥିବା ଜଣେ ବ୍ୟକ୍ତିର ଚୋରି ଉଦ୍ୟମ ସିସିଟିଭିରେ କଏଦ ହୋଇଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ସିସିଟିଭି ଫୁଟେଜରେ ଦେଖିବାକୁ ମିଳିଛି ଯେ, ଜଣେ ବ୍ୟକ୍ତି ସାଇକେଲରେ ଭଙ୍ଗା ଲୁହା ଓ ପୁରୁଣା ଖବର କାଗଜ ବୋଝେଇ କରି ଘର ପାଖରେ ପହଞ୍ଚିଥିଲା। ଆଖପାଖ ଅନୁଧ୍ୟାନ କରିବା ପରେ ସେ ପାଚେରି ଭିତରକୁ ହାତ ବଢାଇ ପ୍ଲାଷ୍ଟିକ ପାଣି ପାଇପ୍ ଭାଙ୍ଗକି ନେବାକୁ ଉଦ୍ୟମ କରୁଥିବା ଦେଖିବାକୁ ମିଳିଛି। ପରେ କୌଣସି ମତେ ଭିତରକୁ ଯାଇ ସମ୍ପୂର୍ଣ୍ଣ ପାଣି ପାଇପ୍ ଉପାଡି ପାଚେରୀ ଡେଇଁ ଯାଇଥିବା ମଧ୍ୟ ସିସିଟିଭି ଫୁଟେଜରେ ଦେଖିବାକୁ ମିଳିଛି। ଏହି ଭିଡିଓ ଭାଇରାଲ ହେବା ପରେ ସ୍ଥାନୀୟ ଲୋକେ ପୋଲିସ ବିଭାଗକୁ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଅନୁରୋଧ କରିଛନ୍ତି। ଭଙ୍ଗା ଲୁହା କିଣିବା ବାହାନାରେ ଘୁରି ବୁଲୁଥିବା ଲୋକଙ୍କ ଉପରେ ସତର୍କ ରହିବାକୁ ସେମାନେ ପରାମର୍ଶ ଦେଇଛନ୍ତି।



**ନାମ୍ପ ଉଚ୍ଚ ବିଦ୍ୟାଳୟ ଉନ୍ନତିମୂଳକ କାର୍ଯ୍ୟରେ ଅଭିଯୋଗ**

# ଅଭିଯୋଗର ତଦନ୍ତ ନୋହିଲା; ଅଭିଭାବକ ମହଲରେ ଉଦ୍‌ବେଗ

**ଜଳେଶ୍ୱର ବ୍ଲକ, ୧୩।୫ (ସମିସ)**

ଜଳେଶ୍ୱର ବ୍ଲକ ଅନ୍ତର୍ଗତ ନାମ୍ପ ଉଚ୍ଚ ବିଦ୍ୟାଳୟରେ ଉନ୍ନତି ମୂଳକ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହୋଇଛି ବୋଲି ଜନୈକ ଅଭିଭାବକ ରଞ୍ଜନ ରଣା ଗତ ୯/୩/୨୬ ତାରିଖରେ ବାଲେଶ୍ୱର ଜିଲ୍ଲାପାଳ ଏସ.ପିଙ୍କ ମିଳିତ ଜନଶୁଣାଣି ଶିବିରରେ ଅଭିଯୋଗ କରିବା ପରେ ଦୀର୍ଘ ୫୦ ଦିନ ବିତିଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ । ଅପର ପକ୍ଷେ ଏହି ଅଭି ଅଭିଯୋଗ ସମ୍ପର୍କରେ ବାରମ୍ବାର ଜିଲ୍ଲାପାଳଙ୍କ ଜନ ଶୁଣାଣି ଶିବିରରେ ଦାବି କଲେ ମଧ୍ୟ ଫଳ ଶୂନ ବୋଲି ବୋଲି ନାମ୍ପ ବିଜେପି ସଭାପତି ଜଗଦୀଶ ପ୍ରଧାନ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଗତ ୧୬/୮/୨୪ ତାରିଖରେ ୫ ରୁ ଅଧିକ ଗ୍ରାମବାସୀ ଓ ଅଭିଭାବକ ଅନିର୍ଦ୍ଦିଷ୍ଟ ସମୟ ପାଇଁ ଆମରଣ ଅନଶନରେ ମଧ୍ୟ ବସି ଥିଲେ ବୋଲି ପ୍ରକାଶ କରିଛନ୍ତି।

ମିଳିଥିବା ତଥ୍ୟ ଅନୁଯାୟୀ ଉକ୍ତ ନାମ୍ପ ଉଚ୍ଚ ବିଦ୍ୟାଳୟକୁ ୫-ଟି କାର୍ଯ୍ୟ ପାଇଁ ୪୫ ଲକ୍ଷ, ସର୍ବଶିକ୍ଷା ଅଭିଯାନରେ ୫୯ ଲକ୍ଷ, ମୋ ସ୍କୁଲ ଅଭିଯାନରେ ୪ଲକ୍ଷ ୫୦ ହଜାର, ପଞ୍ଚାୟତ ଫଣ୍ଡରୁ ପାଇଖାନା ବାବଦରେ ୧୦ ଲକ୍ଷ ଅନୁଦାନ ମିଳିଥିଲା। ସେଥିମଧ୍ୟରୁ ବିଦ୍ୟାଳୟର ମୌଳିକ ଢାଞ୍ଚା ଉନ୍ନୟନ ପାଇଁ ୨୪ ଲକ୍ଷ ଟଙ୍କା, ଡେସ୍କ ଓ ବେଞ୍ଚ ପାଇଁ ୭ ଲକ୍ଷ ୩୩ ହଜାର ଟଙ୍କା, ଲାଇବ୍ରେରୀ ରେକ୍ ପାଇଁ ୯୫ ହଜାର, ବ୍ୟାଡମିଣ୍ଟନ୍ କୋର୍ଟ ପାଇଁ ୩ ଲକ୍ଷ ୧୭ ହଜାର, ବିଜ୍ଞାନ ପରୀକ୍ଷାଗାର ପାଇଁ ୨ ଲକ୍ଷ ୧୯ ହଜାର ମଞ୍ଜୁର ହୋଇଛି ବୋଲି ସୂଚନା ଅଧିକାର ଆଇନ ତଥ୍ୟ କହୁଛି , ମାତ୍ର ଏହି ସବୁ କାର୍ଯ୍ୟ ମିଳିଥିବା ଅନୁଦାନ ଅନୁଯାୟୀ କାର୍ଯ୍ୟ କରା ନ ଯାଇ ଅତ୍ୟନ୍ତ ନିମ୍ନ ମାନର କରାଯାଇଛି ବୋଲି ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଏପରିକି ଛାତ୍ରଛାତ୍ରୀ ମାନଙ୍କ ନିର୍ମାଣ ହେଉଥିବା ଶୌଚାଳୟ ଅଦ୍ୟାବଧି ଅସମ୍ପୂର୍ଣ୍ଣ ହୋଇ ରହିଛି। ସେହିପରି ବିଦ୍ୟାଳୟର ୪ର୍ଥ, ୫ମ, ୬ଷ୍ଠ ଓ ୭ମ ଶ୍ରେଣୀ ଗୃହ ଗୃହ ଗୁଡ଼ିକ ଭାଙ୍ଗିରୁଜି ନଷ୍ଟ ହୋଇ ଯାଇ ଥିବା ବେଳେ ମିଳିଥିବା ଅର୍ଥରୁ ସେହି ଗୃହ ଗୁଡ଼ିକ ମରାମତି ନ ହୋଇ ଥିବାରୁ ଛାତ୍ରଛାତ୍ରୀ ମାନଙ୍କର ଜୀବନ ସୁରକ୍ଷିତ ନୁହେଁ। କେତେବେଳେ ଯେ ଛାତ ଭାଙ୍ଗି ପଡିବ ତାହା କହିବା ମୁସ୍କିଲ ହେବ ବୋଲି ଶ୍ରୀ ପ୍ରଧାନ ଅଭିଯୋଗ କରିଛନ୍ତି। ସେହିପରି ଶ୍ରେଣୀ ଗୃହର ଚାରିପଟେ ବଡ଼ ବୁଦା ଓ ଘାସ ହୋଇ ଥିବାରୁ ବିଭିନ୍ନ ପ୍ରକାରର ସରୀସୃପମାନଙ୍କ ତାହା ଆଡ୍ଡା ସ୍ଥଳୀ ପାଲଟିଛି। ଅପରପକ୍ଷେ ବିଦ୍ୟାଳୟର ମଧ୍ୟାହ୍ନ ଭୋଜନ ସେହି ସବୁ ପରିତ୍ୟକ୍ତ ଘରେ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ପ୍ରସ୍ତୁତ ହୋଇ ଛାତ୍ରଛାତ୍ରୀ ମାନଙ୍କୁ ପରିବେଷଣ କରା ଯାଇ ଥିବା ଶ୍ରୀ ପ୍ରଧାନ ଅଭିଯୋଗ କରିବା ସହିତ ଏହି ଘଟଣାର ବିଧିବଦ୍ଧ ଭାବେ ତଦନ୍ତ କରିବା ପାଇଁ ବାଲେଶ୍ୱର ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷାଧୀକାରୀଙ୍କ ନିକଟରେ ଦାବି କରିଛନ୍ତି। ଏହି ଅଭିଯୋଗ ସମ୍ପର୍କରେ ଜଳେଶ୍ୱର ବିଡ଼ିଓ ଗୌରାଙ୍ଗ ଚରଣ ଘୋଷଙ୍କୁ ପଚାରିବାର ସେ କହିଥିଲେ ଏହା ମୋ ସମୟରେ କାର୍ଯ୍ୟ ହୋଇନାହିଁ। ଅଭିଯୋଗ ପାଇଛି, ତଦନ୍ତ କରି ରିପୋର୍ଟ ପ୍ରଦାନ କରିବି ।



# କୋଟି କୋଟିର ସରକାରୀ କୋଠା ଏବେ ଭୂତକୋଠି

ଯଖପୁରା, ୧୩।୫(ସମିସ)

ଏସିଆ ମହାଦେଶର ସର୍ବବୃହତ ଇସ୍ପାତ ହବ୍ କୁହାଯାଉଥିବା କଳିଙ୍ଗନଗର ଶିଳ୍ପାଞ୍ଚଳର ଉଜ୍ଜ୍ୱଳ ଆଲୋକ ପଛରେ ଏକ ଅନ୍ଧକାରମୟ ସତ୍ୟ ଲୁଚି ରହିଛି। ସରକାରୀ ଅର୍ଥର ଅପବ୍ୟୟ ଏବଂ ପ୍ରଶାସନିକ ଅପାରଗତାର ଏକ ଜ୍ୱଳନ୍ତ ଉଦାହରଣ ସାଜିଛି ରାଜ୍ୟ ସରକାରଙ୍କ ସଂସ୍ଥା ଜେସିଡିଏଲ୍। ଯେଉଁଠାରେ ବଡ଼ ବଡ଼ ଶିଳ୍ପ ସଂସ୍ଥା ଓ କର୍ମଚାରୀଙ୍କ ପାଇଁ ଆବାସିକ ତଥା ବ୍ୟବସାୟିକ ଗୃହର ବ୍ୟାପକ ଆବଶ୍ୟକତା ରହିଛି, ସେଠାରେ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ସୁଉଚ୍ଚ ଅଟ୍ଟାଳିକାଗୁଡ଼ିକ ଆଜି ରକ୍ଷଣାବେକ୍ଷଣ ଅଭାବରୁ ଭାଙ୍ଗିବାକୁ ବସିଲାଣି। ପରିତ୍ୟକ୍ତ ଅବସ୍ଥାରେ ଥିବା ଏହି ଗୃହଗୁଡ଼ିକ ଏବେ ଜନଶୂନ୍ୟ ହୋଇ 'ଭୂତକୋଠି'ରେ ପରିଣତ ହୋଇଛି। ୨୦୦୬ ମସିହାରେ କଳିଙ୍ଗନଗରର ସର୍ବାଙ୍ଗୀନ ବିକାଶ ପାଇଁ 'କଳିଙ୍ଗନଗର କମନ ଫାସିଲିଟିଜ୍ ଡେଭଲପମେଣ୍ଟ କର୍ପୋରେସନ ଲିମିଟେଡ'ର ପରିକଳ୍ପନା କରାଯାଇଥିଲା। ୨୦୦୮ ମସିହାରେ ଏହା ସ୍ଥାପିତ ହେବା ପରେ ପଙ୍କପାଳ ବଙ୍ଗଳା ଛକଠାରେ ଏକ ବିଶାଳ ପରିସର ମଧ୍ୟରେ ଅନେକ ଗୁଡ଼ିଏ ଆଧୁନିକ ଗୃହ ନିର୍ମାଣ କରାଗଲା। ସେତେବେଳେ ଲକ୍ଷ୍ୟ ଥିଲା ଯେ, ଏହି ଶିଳ୍ପାଞ୍ଚଳକୁ ଆସୁଥିବା ନୂତନ ସଂସ୍ଥାଗୁଡ଼ିକୁ ଏଠାରେ ରହିବା ପାଇଁ ସ୍ଥାନ ଯୋଗାଇ ଦିଆଯିବ। ପ୍ରଥମ କିଛି ବର୍ଷ ୭ରୁ ୮ଟି ସଂସ୍ଥା ଏହି ଗୃହଗୁଡ଼ିକୁ ଭଡ଼ାରେ ନେଇ ଚଳଚଞ୍ଚଳ ରଖିଥିଲେ। କିନ୍ତୁ ବିଡ଼ମ୍ବନାର ବିଷୟ, ସମୟ ବଢ଼ିବା ସହ ସଂସ୍ଥାର ଗୁରୁତ୍ୱ କମିଲା ଏବଂ ଆଜି ଏହା ଏକ ନାମମାତ୍ର ସଂସ୍ଥାରେ ପରିଣତ ହୋଇଛି। ପଙ୍କପାଳ ବଙ୍ଗଳା ଛକକୁ ଗଲେ ଆପଣଙ୍କୁ ଦୂରରୁ ଲାଗିବ ଯେମିତି କୌଣସି ପୁରାତନ ରାଜମହଲ ଛିଡ଼ା ହୋଇଛି। କିନ୍ତୁ ବାସ୍ତବରେ ଏହା ମାତ୍ର କିଛି ବର୍ଷ ତଳର ସରକାରୀ ନିର୍ମାଣ। ଘର କାନ୍ଥରେ ବଡ଼ ବଡ଼ ବର ଓ ଅଶ୍ୱତ୍ଥ ଗଛ ଉଠିଗଲାଣି। ଶିଉଳି ଲାଗି କାନ୍ଥର ରଙ୍ଗ ଛାଡ଼ି କଳା ପଡ଼ିଗଲାଣି। ଛାତରୁ ପ୍ଲାଷ୍ଟର ଖସିବା ସହ ବର୍ଷା ଜଳ ଝରି ଘରଗୁଡ଼ିକ ଭିତରୁ ନଷ୍ଟ ହେବାକୁ ବସିଲାଣି। ଯେଉଁ ସଂସ୍ଥା ଉପରେ କଳିଙ୍ଗନଗରର ଉନ୍ନତିର ଦାୟିତ୍ୱ ଥିଲା, ସେ ନିଜ ନିର୍ମିତ ଘରଗୁଡ଼ିକର ସୁରକ୍ଷା କରିବାରେ ସମ୍ପୂର୍ଣ୍ଣ ଅସମର୍ଥ ହୋଇଛି। ଅଭିଯୋଗ ହେଉଛି ଯେ, ରହସ୍ୟଜନକ ଭାବେ ଗୋଟିଏ ପରେ ଗୋଟିଏ ଦାୟିତ୍ୱ ଏହି ସଂସ୍ଥା ହାତରୁ ଛଡ଼ାଇ ନିଆଗଲା। ବର୍ତ୍ତମାନ ଏହି ସଂସ୍ଥା ପାଖରେ କେବଳ ବିଜୁ ପଟ୍ଟନାୟକ ମାର୍ଗ ଓ ଗୋପବନ୍ଧୁ ମାର୍ଗର ଆଲୋକୀକରଣ ଏବଂ ନିଜସ୍ୱ କାର୍ଯ୍ୟାଳୟ ପରିଚାଳନା ଭଳି ସୀମିତ କାର୍ଯ୍ୟ ରହିଛି। ଏହି ସାମାନ୍ୟ କାମ ପାଇଁ ସରକାର କାହିଁକି ଏକ ସ୍ୱତନ୍ତ୍ର ସଂସ୍ଥା ଚଳାଇଛନ୍ତି, ତାହା ବୁଦ୍ଧିଜୀବୀଙ୍କ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କେବଳ ଅଧିକାରୀ ଓ କର୍ମଚାରୀଙ୍କ ଦରମା ବାବଦକୁ ମାସକୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଆୟର ପନ୍ଥା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି।




ବର୍ତ୍ତମାନ ଏହି ପରିସର ମଧ୍ୟରେ କେବଳ ଇଏସ୍‌ଆଇ ମେଡିକାଲ, ୟୁନିଅନ ବ୍ୟାଙ୍କ ଏବଂ ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନ (ବିପିଏନ୍‌ଏସ୍‌ଆଇ)କୁ ଛାଡ଼ିଦେଲେ ଅନ୍ୟ ସମସ୍ତ ଗୃହ ଖାଲି ପଡ଼ିଛି। ଯେଉଁଠାରେ ଇଏସ୍‌ଆଇ ମେଡିକାଲ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ସଂସ୍ଥା ଚାଲୁଛି, ସେଠାରେ ମଧ୍ୟ ଗୃହର ରକ୍ଷଣାବେକ୍ଷଣ କେହି କରୁନାହାନ୍ତି। ଅନ୍ୟ ଘରଗୁଡ଼ିକ ଏପରି ଜଙ୍ଗଲ ଘେରରେ ରହିଛି ଯେ, ସେଠାକୁ ଯିବା ପାଇଁ ସାଧାରଣ ଲୋକେ ଭୟ କରୁଛନ୍ତି। ଯଦି ଏହି ଗୃହଗୁଡ଼ିକୁ ସୁବ୍ୟବସ୍ଥିତ ଭାବେ ରଖାଯାଇଥାନ୍ତା, ତେବେ ସରକାରଙ୍କ ରାଜକୋଷକୁ ମାସିକ ଲକ୍ଷ ଲକ୍ଷ ଟଙ୍କାର ଭଡ଼ା ଆସିଥାନ୍ତା। କଳିଙ୍ଗନଗରରେ ଅନେକ ଶ୍ରମିକ ଓ କର୍ମଚାରୀ ରହିବା ପାଇଁ ଘର ପାଉନଥିବା ବେଳେ ଏହାକୁ 'ଶ୍ରମିକ ଆବାସ' କିମ୍ବା ସ୍ଥାନୀୟ ଯୁବକଙ୍କ ପାଇଁ 'ଦକ୍ଷତା ବିକାଶ କେନ୍ଦ୍ର' ଭାବେ ବ୍ୟବହାର କରାଯାଇ ପାରିଥାନ୍ତା। ସଂସ୍ଥାର ଉଚ୍ଚପଦସ୍ଥ ଅଧିକାରୀମାନେ କେବଳ ନିଜ ଚୌକି ବଞ୍ଚାଇବାରେ ବ୍ୟସ୍ତ ଥିବା ବେଳେ କଳିଙ୍ଗନଗରର ଏହି ସରକାରୀ ସମ୍ପତ୍ତିକୁ ତୁରନ୍ତ ମରାମତି କରିବା ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି। ଯଦି ଜେସିଡିଏଲ୍ ନିଜ କାମ କରିପାରୁ ନାହିଁ, ତେବେ ସରକାର ଏହି ସଂସ୍ଥାକୁ ବନ୍ଦ କରି ଏହାର ଦାୟିତ୍ୱ ଇଡ୍‌କୋ କିମ୍ବା ଜିଲ୍ଲା ପ୍ରଶାସନକୁ ହସ୍ତାନ୍ତର କରିବାକୁ ସାଧାରଣରେ ମତପ୍ରକାଶ ପାଇଛି। ପୂର୍ବରୁ 'ସକାଳ'ରେ ଏ ବିଷୟରେ ଖବର ପ୍ରକାଶ ପାଇଥିଲେ ମଧ୍ୟ ଏଯାଏଁ ଏହାର ପ୍ରତିକାର କରାଯାଇ ପାରିନାହିଁ। ଏହାର ପୁନରୁଦ୍ଧାର ପାଇଁ ସରକାର ତୁରନ୍ତ ଉପଯୁକ୍ତ ପଦକ୍ଷେପ ନେବାପାଇଁ ସାଧାରଣରେ ଦାବି ହୋଇଛି।

## ଅଟୋକୁ ଧକ୍କା ଦେଲା କାର୍; ମହିଳା ମୃତ, ୨ ଗୁରୁତର

**ଧର୍ମଶାଳା, ୧୩।୫(ସମିସ):** ଧର୍ମଶାଳା ଥାନା ଅନ୍ତର୍ଗତ ୧୬ ନଂ ଜାତୀୟ ରାଜପଥର ଜାରକା ଛକ ନିକଟରେ ଆଜି ପୂର୍ବାହ୍ନରେ ଏକ କାର୍ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ସୂଚନା ମୁତାବକ ବ୍ରହ୍ମପୁର ଅଞ୍ଚଳର ଅଟୋ ଚାଳକ ବିଜୟ ପଣ୍ଡା, ତାଙ୍କ ପତ୍ନୀ ସବିତା ପଣ୍ଡା (୫୦) ଓ ଶାଶୁଙ୍କୁ ସାଙ୍ଗରେ ଧରି ଆନନ୍ଦପୁର ନିକଟସ୍ଥ ବରପଦାସ୍ଥିତ ନିଜ ଝିଅ ଘରକୁ ନିଜର ଏପି-୩୯ପିବି-୮୬୭୯ ନଂ. ଅଟୋରେ ଗତ ୧୧ ତାରିଖରେ ଯାଇ ଆଜି ସକାଳୁ ଘରକୁ ଫେରୁଥିଲେ। ସକାଳ ସାଢ଼େ ସାତଟା ସମୟରେ ୧୬ ନଂ ଜାତୀୟ ରାଜପଥ ଜାରକା ଘରକୁ ଫେରୁଥିବା ସମୟରେ ଜାରକା ଛକ ନିକଟରେ ପଛରୁ ଆସୁଥିବା ଓଡି-୦୨-ଡିବି-୭୫୭୫ ନଂ. କାର୍ ତାଙ୍କ ଅଟୋକୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ଅଟୋରେ ବସିଥିବା ଝିଅ ସବିତା ଓ ତାଙ୍କ ମା' ରାସ୍ତା କଡକୁ ଛିଟିକି ହୋଇପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ଉଦ୍ଧାର କରି ଉଭୟଙ୍କୁ ଧର୍ମଶାଳା ମେଡିକାଲରେ ଭର୍ତ୍ତି କରିଥିବା ବେଳେ ସେଠାରେ ଡାକ୍ତର ସବିତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ଗୁରୁତର ଅହତ ଶାଶୂ ଏବଂ ଜ୍ୱାଇଁଙ୍କୁ ପ୍ରାଥମିକ ଚିକିତ୍ସା କରାଯାଇ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଅଭିଯୋଗ ପାଇ ଧର୍ମଶାଳା ପୁଲିସ ୧୯୫/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ କରିବା ସହ ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣା ଗ୍ରସ୍ତ ଦୁଇଟି ଗାଡ଼ି ଓ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ କରାଇଛି ବୋଲି ଥାନା ଅଧିକାରୀ ଚିନ୍ମୟୀ ସାହୁ ସୂଚନା ଦେଇଛନ୍ତି।

## ଟ୍ରକ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ

**ଧର୍ମଶାଳା, ୧୩।୫(ସମିସ):** ଧର୍ମଶାଳା ଥାନା ଅନ୍ତର୍ଗତ ୧୬ ନଂ ଜାତୀୟ ରାଜପଥ ଜାରକା ବସ୍‌ଷ୍ଟାଣ୍ଡ ନିକଟରେ ଗତକାଲି ବିଳମ୍ବିତ ରାତିରେ ଜଣକୁ ଅପେକ୍ଷା କରି ଛିଡ଼ା ହୋଇଥିବା ଯୁବକ ଉପରେ ଏକ ଅଜଣା ଟ୍ରକ୍ ଚଢ଼ିଯିବାରୁ ତାଙ୍କର ଶୋଚନୀୟ ମୃତ୍ୟୁ ଘଟିଛି। ମୃତକ ସ୍ଥାନୀୟ ବଡମଙ୍ଗଳପୁର ନାଉପାଳ ଗ୍ରାମର ରବୀନ୍ଦ୍ର ରାଉତଙ୍କ ପୁଅ ଜଗନ ରାଉତ (୨୮) ବୋଲି ଜଣାପଡ଼ିଛି। ଗତକାଲି ରାତିରେ ବସ୍‌ରୁ ଜଣେ ବନ୍ଧୁଙ୍କୁ ଆଣିବାକୁ ଯାଇ ବସ୍‌ଷ୍ଟପରେ ଛିଡା ହୋଇ ଅପେକ୍ଷା କରିଥିବା ବେଳେ ଏକ ଅଜଣା ଟ୍ରକ୍ ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଘରଲୋକେ ଖବର ପାଇ ଜଗନକୁ ସେଠାରୁ ଉଦ୍ଧାର କରି ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ସେଟାରେ ଡାକ୍ତର ତାଙ୍କୁ ମୃତଘୋଷଣା କରିଥିଲେ। ଏନେଇ ଧର୍ମଶାଳା ଥାନା ପୁଲିସ ୧୯୪/୨୬ରେ ଏକ ମାମଲା ରୁଜୁ କରି ଶବ ଜବତ କରିବା ସହ ମୃତଦେହକୁ ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଛି। ଦୁର୍ଘଟଣା ଘଟାଇ ଫେରାର ହୋଇଯାଇଥିବା ଟ୍ରକ୍‌କୁ ଜବତ କରିବାକ ଉଦ୍ୟମ ଚଳାଇଛି ବୋଲି ଥାନା ଅଧିକାରୀ ଚିନ୍ମୟୀ ସାହୁ ସୂଚନା ଦେଇଛନ୍ତି।

## ସାପ କାମୁଡ଼ାରେ ଯୁବକଙ୍କ ମୃତ୍ୟୁ

**ଦଶରଥପୁର, ୧୩।୫(ସମିସ):** ଦଶରଥପୁର ଥାନା ଅନ୍ତର୍ଗତ କଟିକଟା ପଞ୍ଚାୟତ ପାଢ଼ୀ ସାହିର ସୁରେଶ ପାଢ଼ୀଙ୍କ ପୁଅ ଆଦିତ୍ୟ ଆୟୁଷ୍ମାନ ପାଢ଼ୀ (୨୪)ଙ୍କର ଗତକାଲି ରାତ୍ର ୯ ଘଣ୍ଟା ସମୟରେ ବିଷଧର ସାପ କାମୁଡ଼ାରେ ଯାଜପୁର ସଦର ଡାକ୍ତଖାନାରେ ମୃତ୍ୟୁ ଘଟିଛି। ସେ ଜଣେ ମେଧାବୀ ଛାତ୍ର ଥିଲେ। ଗତକାଲି ରାତି ୯ଟାରେ ଆୟୁଷ୍ମାନ ଘର ପଛରେ ଥିବା ବାଡ଼ିକୁ ବୁଲିବାକୁ ଯାଇଥିବା ସମୟରେ ଏକ ସାପ ତାଙ୍କୁ କାମୁଡି ଦେଇଥିଲା। ତତ୍‌କ୍ଷଣାତ ଆୟୁଷ୍ମାନ ତାଙ୍କ ସାନ ଭାଇକୁ ଏହା ଜଣାଇବା ପରେ ସାନ ଭାଇ ପ୍ରଥମେ ତାଙ୍କୁ ଦଶରଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ସେଠାରୁ ଯାଜପୁର ଜିଲ୍ଲା ମେଡିକାଲକୁ ନେଇଯାଇଥିଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କର ବାପା ସୁରେଶ କୁମାର ପାଢ଼ୀ ଦଶରଥପୁର ଉଚ୍ଚତର ବିଦ୍ୟାଳୟରେ ଓଡ଼ିଆ ଅଧ୍ୟାପକ ଭାବେ କାର୍ଯ୍ୟରତ ଅଛନ୍ତି। ଏପରି ଦୁଃଖଦ ଖବର ପାଇଁ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଥିବା ବେଳେ ଦଶରଥପୁର ଉଚ୍ଚତର ବିଦ୍ୟାଳୟର ଅଧ୍ୟକ୍ଷ କାହ୍ନୁଚରଣ ମିଶ୍ର, କୈଳାଶ ସେନାପତି, ଶୁଭାସିନୀ ମହାନ୍ତି, ନିହାର ରଞ୍ଜନ ଦାସ, ଅଜୟ ତ୍ରିପାଠୀ, ମନୋଜ୍ କର, ଅମିତ୍ ତ୍ରିପାଠୀ, ମୋହନ ମଲ୍ଲିକ, ପ୍ରଫୁଲ୍ଲ ସେଠୀ, ରବୀନ୍ଦ୍ର ଜେନା, ଗୟାଧର ବେହେରା, ଅଭିଷେକ ସାହୁ, ବିଶାଳ ଚୌଧୁରୀ, ବିରଜା ପ୍ରାସାଦ ଦାସ, ଭାରତ ଯେନା ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶୋକ ସନ୍ତାପ ପରିବାରକୁ ସମବେଦନା ଜଣାଇଥିଲେ।

## ନବନିର୍ମାଣ କୃଷକ ସଂଗଠନର କୃଷକ ସ୍ୱାଭିମାନ ଯାତ୍ରା

**ଯାଜପୁର, ୧୩।୫(ସମିସ):** ନବନିର୍ମାଣ କୃଷକ ସଂଗଠନ ବିଭିନ୍ନ ଦାବି ନେଇ ଗତ ମାର୍ଚ୍ଚ ୨୨ ତାରିଖରୁ ଘଟଗାଁରୁ କୃଷକ ଏକତା ପଦଯାତ୍ରା ଆରମ୍ଭ କରିଥିଲା। ଏହି ପଦଯାତ୍ରାକୁ କଟକର ଫୁଲନଖରା ଠାରେ ଅଟକାଇ ଗତ ୩୦ ମାର୍ଚ୍ଚରେ ୨୦୦ ମହିଳାଙ୍କ ସମେତ ୭୦୦ ଚାଷୀକୁ ଅଗଣତାନ୍ତ୍ରିକ ଭାବରେ ଗିରଫ କରିନେଲେ ଏବଂ ତତ୍ ସହିତ ହିଂସା ଓ ଦଙ୍ଗା ଇତ୍ୟାଦି ମିଛ ଆରୋପ ଲଗାଇ ସଂଗଠନର ପ୍ରତିଷ୍ଠାତା ତଥା ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାରଙ୍କ ସହିତ ରାଜ୍ୟ ବାହାରୁ ଆସିଥିବା ଜାତୀୟ ନେତା ଏବଂ ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦଙ୍କୁ ମିଶାଇ ମୋଟ ୧୩ ଜଣଙ୍କୁ ୧୫ ଦିନ ପାଇଁ ଜେଲ୍ ପଠାଇଦେଲେ। ଅକ୍ଷୟ କୁମାରଙ୍କ ସହିତ ୧୩ ଜଣ ଜେଲରୁ ମୁକୁଳିବା ପରେ ପୁଣି ଆନ୍ଦୋଳନ କରାଯିବା ନେଇ ନିଷ୍ପତି ନିଆଯାଇଥିବା ସଂଗଠନ ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଆଜି ଯାଜପୁରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଉପଲକ୍ଷେ ନବନିର୍ମାଣ କୃଷକ ସଂଗଠନ ଏପ୍ରିଲ ୨୮ ତାରିଖରୁ କଟକର ସତ୍ୟଭାମାପୁରରୁ ଆରମ୍ଭ କରୁଥିବା 'ରାଜ୍ୟ କୃଷକ ସ୍ୱାଭିମାନ ଯାତ୍ରା' ୩୦ଟି ଜିଲ୍ଲାରେ ଚାଷୀ, ଯୁବକ, ବୁଦ୍ଧିଜୀବୀ ଇତ୍ୟାଦିଙ୍କୁ ଭେଟି ଆଗାମୀ ମେ' ୧୪ ତାରିଖରେ ଭୁବନେଶ୍ୱରରେ ସମାପନ ହେବ ବୋଲି ସୂଚନା ଦିଆଯାଇଛି। ଏହି ଆନ୍ଦୋଳନରେ ସମାଜର ସବୁବର୍ଗର ଲୋକେ ସାମିଲ ହେବାକୁ ଆହ୍ୱାନ ଦିଆଯାଇଛି।

## ମେଗା ଜଳ ଯୋଗାଣ ପାଇଁ ସ୍ଥିତି ଅନୁଧ୍ୟାନ

**କବାଟବନ୍ଧ, ୧୩।୫ (ସମିସ):** ଧର୍ମଶାଳା ବ୍ଲକରେ ମେଗା ପାନୀୟ ଜଳ ଯୋଗାଣ ପାଇଁ ବିଭିନ୍ନ ପଞ୍ଚାୟତ ପରିଦର୍ଶନ କରିଛନ୍ତି ଜିଲ୍ଲା କମିଟି। ବ୍ଲକର ବିଭିନ୍ନ ସ୍ଥାନକୁ କିଭଳି ମେଗା ପାନୀୟ ଜଳ ବିନା କୌଣସି ଅସୁବିଧାରେ ପହଞ୍ଚି ପାରିବ ସେଥିପାଇଁ ବାସ୍ତବତା ଅନୁଧ୍ୟାନ କରିଛନ୍ତି। ଜିଲ୍ଲା କମିଟିର ବିଭିନ୍ନ ଅଧିକାରୀ ବ୍ଲକର ଏଣ୍ଡଳବା, ରେଖିଦେଇପୁର, ତାଳଜଙ୍ଗ, ଚକ୍ରଧରପୁର, ସମେତ ବିଭିନ୍ନ ପଞ୍ଚାୟତକୁ ଯାଇ ରିପୋର୍ଟ ପ୍ରସ୍ତୁତ କରିଛନ୍ତି। ମେଗା ପାନୀୟ ଜଳ ପ୍ରକଳ୍ପରୁ ବିଭିନ୍ନ ପାହାଡିଆ ଅଞ୍ଚଳ, ପ୍ରକଳ୍ପ ଠାରୁ ଦୂର ଏବଂ ପାହାଡ଼ ଉପର ଗାଁକୁ ଜଳ ଅପହଞ୍ଚ ହେବାର ସମ୍ଭାବନା ରହିଛି। ପୂର୍ବରୁ ବ୍ଲକର ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ପକ୍ଷରୁ ଏକ ରିପୋର୍ଟ ପ୍ରଦାନ କରାଯାଇଥିଲା। ଜିଲ୍ଲାର ବିଭିନ୍ନ ବ୍ଲକରେ ଏହି ସମସ୍ୟା ରହିଥିବା ଜିଲ୍ଲା ସମୀକ୍ଷା ବୈଠକରେ ଆଲୋଚନା ହୋଇଥିଲା। ଏନେଇ ବିଭିନ୍ନ ଅଧିକାରୀଙ୍କୁ ନେଇ ଏକ ଜିଲ୍ଲାସ୍ତରୀୟ କମିଟି ଗଠନ ହୋଇଛି। ମୋଟ ୩ଟି କମିଟି ମଧ୍ୟରୁ ଧର୍ମଶାଳା ବ୍ଲକ ପାଇଁ ସୁକିନ୍ଦା ଏବଂ ରସୁଲପୁର ବ୍ଲକର ବିଭିନ୍ନ ଅଧିକାରୀ ନିୟୋଜିତ ହୋଇଛନ୍ତି। ଉକ୍ତ କମିଟି ବିଭିନ୍ନ ସ୍ଥାନକୁ ଯାଇ ଜଳ ପହଞ୍ଚି ନ ପାରିବା ସ୍ଥାନରେ ନୂଆ ବୋରୱେଲ ଏବଂ ଏକ ହଜାର ଲିଟର ଜଳଧାରଣ କ୍ଷମତା ବିଶିଷ୍ଟ ଟାଙ୍କି ଲଗାଯିବ। ଉକ୍ତ ଟାଙ୍କିରେ ସଂରକ୍ଷିତ ଜଳକୁ ଲୋକ ମାନେ ବିଭିନ୍ନ ସମୟରେ ବ୍ୟବହାର କରି ପାରିବେ। ମାତ୍ର ଏହି କମିଟି ବିଭିନ୍ନ ଗ୍ରାମ ପରିଦର୍ଶନ କରିବା ସମୟରେ ତାଳଜଙ୍ଗ ପଞ୍ଚାୟତର ବଳରାମପୁର ଉପରଗଡ଼ ଗାଁକୁ କିଭଳି ଜଳ ଯୋଗାଣ ହେବ ତାହା ଚିନ୍ତା ପ୍ରକଟ କରିଛନ୍ତି। ପାହାଡ଼ ଉପରେ ସମୁଦ୍ର ପତନ ଠାରୁ ପ୍ରାୟ ୫ ଶହ ଫୁଟ ଉପରେ ଥିବା ଏହି ଗାଁକୁ ବର୍ଷ ସାରା ପାନୀୟ ଜଳର ସମସ୍ୟା ଦେଖା ଦେଇଥାଏ। ପୂର୍ବରୁ ଏହି ଗାଁରେ ସରକାରଙ୍କ ତରଫରୁ ୬ ଶହ ଫୁଟ ଗଭୀର ଖୋଳା ଯାଇଥିଲା। ମାତ୍ର ସେଠାରେ ଜଳ ସ୍ତର ଦେଖା ଯାଇ ନ ଥିଲା। ଫଳରେ ଏହି ସ୍ଥାନରେ ବୋରୱେଲ ଦ୍ୱାରା ପାନୀୟ ଜଳ ଯୋଗାଣ ପ୍ରାୟ ସମ୍ଭବ ନୁହେଁ ବୋଲି ଜଣା ପଡ଼ିଥିଲା। ଏବେ ଏହି କମିଟି ସେଠାରେ ପହଞ୍ଚି ପୁନର୍ବାର କେମିତି ଜଳ ଯୋଗାଣ ହୋଇ ପାରିବ ତର୍ଜମା କରିଛନ୍ତି। ଏହି କମିଟିରେ ଜିଲ୍ଲା ଡିଭିଜନ ଅଫିସ ସହିତ ରସୁଲପୁର ବ୍ଲକ ସହକାରୀ ଯନ୍ତ୍ରୀ ମାନସୀ ରାଉତ, ସୁକିନ୍ଦା ବ୍ଲକ କନିଷ୍ଠ ଯନ୍ତ୍ରୀ ମାନସ ବେହେରା ଏବଂ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

## ନଠୁଆବରରୁ ଜବର ଦଖଲ ଉଚ୍ଛେଦ



**କୁଆଖିଆ, ୧୩।୫(ସମିସ):** ରସୁଲପୁର ବ୍ଲକର ନଠୁଆବର ବଜାରରୁ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ ଏହି ଉଚ୍ଛେଦ ନେଇ ହୋଇଥିବା ନୋଟିସ୍ ଜାରି ହୋଇଥିଲେ ମଧ୍ୟ ସ୍ଥାନୀୟ ବ୍ୟବସାୟୀମାନଙ୍କ ହସ୍ତକ୍ଷେପ ଫଳରେ ମାମଲା କୋର୍ଟର ବିଚାରଧୀନ ଥିଲା। ଏହାକୁ ଉଚ୍ଚ ନ୍ୟାୟାଳୟ ଖାରଜ କରିବା ପରେ କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଆଜି ରସୁଲପୁର ତହସିଲଦାର ସିଦ୍ଧାର୍ଥ କୁମାର ବେହେରା ପୁଲିସ ସହାୟତାରେ ଭାଙ୍ଗି ଦେଇଥିବା ଜଣାପଡ଼ିଛି।

## କଂଗ୍ରେସର ସାଂଗଠନିକ ବୈଠକ



**ଦାନଗଦି, ୧୩।୫(ସମିସ):** ଆଗାମୀ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ସୁକିନ୍ଦା ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ଶିବିର ଚଳଚଞ୍ଚଳ ହୋଇଉଠିଛି। ଦଳୀୟ ସଂଗଠନକୁ ତୃଣମୂଳ ସ୍ତରରୁ ଦୃଢ଼ କରିବା ପାଇଁ ପୂର୍ବତନ ମନ୍ତ୍ରୀ ଶରତ ରାଉତ ଏବେ ନିଜେ ଅଣ୍ଟା ଭିଡିଛନ୍ତି। ଦାନଗଦି ବ୍ଲକ ଓଲ୍ଲଳ ଗ୍ରାମପଞ୍ଚାୟତ ସାଂଗଠନିକ ବୈଠକରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନ୍ୟ ଦଳର ପ୍ରାୟ ୧୬ ଜଣ ଆଗଧାଡ଼ିର କର୍ମୀ କଂଗ୍ରେସର ଆଦର୍ଶରେ ଅନୁପ୍ରାଣିତ ହୋଇ ବିଧିବଦ୍ଧ ଭାବେ ଦଳରେ ସାମିଲ ହୋଇଛନ୍ତି। ଦଳରେ ଯୋଗ ଦେଇଥିବା ପ୍ରମୁଖ କର୍ମୀମାନେ ହେଲେ ରୋହିତ ଜେନା, ରଞ୍ଜିତ ଜେନା, ବାବୁଲି ଜେନା, ଅଚ୍ୟୁତ ମଲ୍ଲିକ, ଚନ୍ଦନ ଜେନା, ପରୀକ୍ଷିତ ଜେନା, ଗଜେନ୍ଦ୍ର ମଲ୍ଲିକ, ଚାମୁର ମୁଣ୍ଡା, ରାମା କୋଶ୍ଲୁ, ଶୁକଦେବ କେରାଇ, ଏମେଲେ ଜେନା, ଜ୍ୟୋତି ପ୍ରକାଶ ମଲ୍ଲିକ, ଆଲୋକ ଜେନା, ଦୀପକ ଜେନା, ବାମିଆ ସିଙ୍କୁ ଓ ବାବୁଲି ହେମ୍ବ୍ରମ ପ୍ରମୁଖ। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ବିଧାୟକ ଭାବେ ଇଂ. ବିଭୂଭୂଷଣ ରାଉତ, ନିର୍ବାଚନ ମଣ୍ଡଳୀ ବିଏଲଏ-୧ ମହେନ୍ଦ୍ର କୁମାର ଦାଶ, ସୁକିନ୍ଦା ବ୍ଲକ କଂଗ୍ରେସ ସଭାପତି ମଦନ ମୋହନ ଖୁଣ୍ଟିଆ, ଦାନଗଦି ବ୍ଲକ କଂଗ୍ରେସ ସଭାପତି ଦୟାନିଧି ପଲେଇ, ସାଧାରଣ ସମ୍ପାଦକ ଉମାକାନ୍ତ ଜେନାମାଣି, ପବିତ୍ର ଯେନା, ଦଳିତ ସେଲ ସଭାପତି କଳାଚାନ୍ଦ ଯେନା, ଉପସଭାପତି କବିର ଯେନା, ସମ୍ପାଦକ ବିମାନ ପେରାଇ, ଅକ୍ଷୟ ଚାତାର, ପଞ୍ଚାୟତ ସଭାପତି ବାଙ୍କନିଧି ଜେନା, ପଞ୍ଚାୟତର କର୍ମକର୍ତ୍ତା ହେମନ୍ତ ପେରାଇ, ପବି ଯେନା, ବାବୁଲି ମଲ୍ଲିକ, ଚନ୍ଦ୍ରମଣୀ ଯେନା ସମେତ ବରିଷ୍ଠ, ଯୁବକ ଓ ମହିଳା ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ।

## ଲାଙ୍ଗୁଡ଼ି ସୁରକ୍ଷା ମଞ୍ଚର ନୂତନ କର୍ମକର୍ତ୍ତା

**ଧର୍ମଶାଳା, ୧୩।୫(ସମିସ):** ଧର୍ମଶାଳା ବ୍ଲକ ମିର୍ଜାପୁରସ୍ଥିତ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ 'ଲାଙ୍ଗୁଡ଼ି ସୁରକ୍ଷା ମଞ୍ଚ'ର ଚଳିତ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ସଭାପତି ବ୍ରଜମୋହନ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବ÷ଠକରେ ସମ୍ପାଦକ ଆଲୋକ ଜେନା ସାମନ୍ତ ବିବରଣୀ ପ୍ରଦାନ କରିବା ସହିତ ମଞ୍ଚର ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ରଖିଥିଲେ। ଚଳିତବର୍ଷ ପାଇଁ ସଭାପତି ଭାବେ ବ୍ରଜ ମୋହନ ବିଶ୍ୱାଳ, ଉପସଭାପତି ବ୍ରଜ କିଶୋର ମହାନ୍ତି, ସମ୍ପାଦକ ଆଲୋକ ଜେନାସାମନ୍ତ, ସହ ସମ୍ପାଦକ ସିପକ ଜେନାସାମନ୍ତ, କୋଷାଧ୍ୟକ୍ଷ ଜୟନ୍ତ କୁମାର ସ୍ୱାଇଁ, ସାଂସ୍କୃତିକ ସମ୍ପାଦକ ବିଶ୍ୱଜିତ ବିଶ୍ୱାଳ, ପରିଚାଳନା ସମ୍ପାଦକ ମହେଶ୍ୱର ରାଉତ ଓ ସଂଗଠନ ସମ୍ପାଦକ ଭାବେ ସବ୍ୟସାଚୀ ପଣ୍ଡା ମନୋନୀତ ହୋଇଛନ୍ତି। ତତସହିତ ସୁରକ୍ଷା ମଞ୍ଚର ବରିଷ୍ଠ ସଦସ୍ୟ ଶିବ ପ୍ରସାଦ ସାହୁ ଉପଦେଷ୍ଟା ଭାବେ ମନୋନୀତ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଭିଜିତ ଜେନା, ପ୍ରଶାନ୍ତ କୁମାର ପୃଷ୍ଟି, ସୋମ୍ୟ ପ୍ରକକ୍ଷଶ ସାମଲ, ଶ୍ରୀକାନ୍ତ ବାରିକ, ନରେନ୍ଦ୍ର ସାମଲ, ଅସିତ କୁମାର ଜେନା, ଶ୍ରୀକାନ୍ତ ବିଶ୍ୱାଳ, ତପନ କୁମାର ଦାସ, ମାଗୁଣି ଚରଣ ବେହେରା, ସରୋଜ କୁମାର ରାଉତ, ସୁନୀଲ କୁମାର ବିଶ୍ୱାଳ, ଗଣେଶ୍ୱର ମଳିକ, ପ୍ରଭାତ କୁମାର ସାହୁ, ପାର୍ଥସାରଥୀ ଦାସ, ସୁଜିତ କୁମାର ପାଢ଼ୀ, ସୁକାନ୍ତ ଘଡେଇ, ପ୍ରବୀର କୁମାର ବିଶ୍ୱାଳ, ସୁଧାଂଶୁ କୁମାର ଜେନା, ସୁଧାକର ରଣା, ରାଜ କିଶୋର ପଣ୍ଡା, ପ୍ରଭାସ କୁମାର ଜେନା, ଓ ପ୍ରକାଶ କୁମାର ଦୋରା ପ୍ରମୁଖ ଉକ୍ତ ବୈଠକରେ ଉପସ୍ଥିତ ଥିଲେ। ସିପକ ଜେନାସାମନ୍ତ ସମସ୍ତ ସଦସ୍ୟ ମାନଙ୍କୁ ଧନ୍ୟବାଦ ଦେଇଥିଲେ।

## ୱାକୋ ଓଡ଼ିଶା କିକ୍‌ବକ୍ସିଂରେ ଯାଜପୁର ଦଳର ସଫଳତା

ଯାଜପୁର, ୧୩।୫(ସମିସ)




ୱାକୋ ଓଡ଼ିଶା କିକ୍‌ବକ୍ସିଂ ପ୍ରତିଯୋଗିତାରେ ଯାଜପୁର ଦଳକୁ ସଫଳତା ମିଳିଛି। ଗଞ୍ଜାମ ଜିଲ୍ଲା ବିଜୁ ପଟ୍ଟନାୟକ ବହୁମୁଖୀ ମଲ୍ଟି ପର୍ପୋଜ ଷ୍ଟାଡିୟମ ଠାରେ ଗତ ୬ରୁ ୯ ତାରିଖ ପର୍ଯ୍ୟନ୍ତ ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ସସ୍ମିତା ରଣାଙ୍କ ନେତୃତ୍ୱରେ ଯାଜପୁରର ୧୨ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରଶିକ୍ଷକ କିଶାନ ପଣ୍ଡା ମଧ୍ୟ ଦଳର ପରିଚାଳନା ନିମନ୍ତେ ଏଥିରେ ସାମିଲ ଥିଲେ। ରେଫରୀ ଭାବେ ଭାଗ୍ୟଶ୍ରୀ ମହାପାତ୍ର, ରତେନ୍ଦ୍ର ବିଶ୍ୱାଳ, କ୍ଷୀରୋଦ ହାତୀ, ସଞ୍ଜୀବ ଭଦ୍ର ମନୋନୀତ ହୋଇଥିଲେ। ଉକ୍ତ ପ୍ରତିଯୋଗିତାରେ ଉତ୍ତମ ପ୍ରଦର୍ଶନ କରି ସୋନାଲୀ ଅସୀମା ସୁତାର ୨ଟି ସ୍ୱର୍ଣ୍ଣ, ୨ଟି କାଂସ୍ୟ, ମଧୁସ୍ମିତା ପୃଷ୍ଟି ୨ଟି ସ୍ୱର୍ଣ୍ଣ, ୨ଟି ରୌପ୍ୟ ହିତେଶ କୁମାର ପାତ୍ର ଗୋଟିଏ ସ୍ୱର୍ଣ୍ଣ, ୧ ଗୋଟିଏ ରୌପ୍ୟ, ସାଇ ଆଦ୍ୟାଂଶୁ ମିଶ୍ର ଗୋଟିଏ ସ୍ୱର୍ଣ୍ଣ ଓ ୧ ଗୋଟିଏ କାଂସ୍ୟ, ଆହାନି ସ୍ୱାଇଁ ଗୋଟିଏ ସ୍ୱର୍ଣ୍ଣ ଓ ୨ଟି କାଂସ୍ୟ, କିଶାନ ସାହୁ ଗୋଟିଏ ସ୍ୱର୍ଣ୍ଣ ଓ ଗୋଟିଏ କାଂସ୍ୟ ପଦକ ହାସଲ କରିଥିଲେ। ସେହିପରି ପ୍ରତିଯୋଗୀ ପବନ ପ୍ରଧାନ ଗୋଟିଏ ଲେଖାଏଁ ରୌପ୍ୟ ଓ କାଂସ୍ୟ ପଦକ ହାସଲ କରିଥିବା ବେଳେ ଆରାଧ୍ୟା ଜେନା ଗୋଟିଏ ଲେଖାଏଁ ରୌପ୍ୟ ଓ କାଂସ୍ୟ, ଆୟୁଷ ନନ୍ଦ ଗୋଟିଏ କାଂସ୍ୟ, ଦିବ୍ୟଜ୍ୟୋତି ରାଉତ ଗୋଟିଏ ଲେଖାଏଁ ରୌପ୍ୟ ଓ କାଂସ୍ୟ ପଦକ, ଅର୍ଚ୍ଚିତା ସାହୁ ଗୋଟିଏ ଲେଖାଏଁ ସ୍ୱର୍ଣ୍ଣ ଓ କାଂସ୍ୟ ଏବଂ ତୁଷାର ବେହୁରିଆ ଗୋଟିଏ କାଂସ୍ୟ ପଦକ ଜିତିଥିଲେ। ଏହି ସମସ୍ତ ପ୍ରତିଯୋଗୀ ସର୍ବମୋଟ ୨୯ଟି ପଦକ ହାସଲ କରି ଯାଜପୁର ପାଇଁ ସୁନାମ ଆଣିଛନ୍ତି। ପ୍ରତିଯୋଗୀମାନଙ୍କର ଏହି ସଫଳତା ପାଇଁ ଅନୁଷ୍ଠାନର ସଭାପତି ପ୍ର. ବଟକୃଷ୍ଣ ମହାପାତ୍ର ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେହିଭଳି ଉପ ସଭାପତି ମଦନ ମୋହନ ପତି, ସମ୍ପାଦକ ଜ୍ୟୋତିର୍ମୟ ନାଥଶର୍ମା, କର୍ମକର୍ତ୍ତା ଲୋକନାଥ ମହାପାତ୍ର, ରଞ୍ଜନ କୁମାର ସୁତାର, ତପନ କୁମାର ମହାନ୍ତି, ପ୍ରକାଶ କୁମାର ଲାଲା, ମହେଶ୍ୱର ବିଶ୍ୱାଳ, ଜିତେନ୍ଦ୍ର ମହାନ୍ତି, ଶ୍ୟାମ ସୁନ୍ଦର ବେହେରାଙ୍କ ସମେତ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ମଧ୍ୟ ଏହି କୃତୀ ପ୍ରତିଯୋଗୀମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି।

## ନୂତନ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ଉତ୍ସବ



**ବ୍ରହ୍ମବରଦା, ୧୩।୫(ସମିସ):** ବଡ଼ଚଣା ବ୍ଲକ ଜନକଠାରେ ଶ୍ରୀଶ୍ରୀ ଗଣପତି ଦେବ ଓ ମହାବୀର ହନୁମାନଙ୍କ ନୂତନ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ତିନି ଦିନ ଧରି ଚାଲିଥିବା ଏହି ଉତ୍ସବର ପ୍ରଥମ ଦିବସରେ ଅଙ୍କୁରାରୋପଣ କରାଯିବା ସହିତ ଶ୍ରଦ୍ଧାଳୁମାନଙ୍କ ଦ୍ୱାରା କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଯଜ୍ଞ ମଣ୍ଡପରେ କଳସ ସ୍ଥାପନ ପରେ ନୀତିକାନ୍ତି ଅନୁଯାୟୀ ପଣ୍ଡିତ କେଶବ ଚନ୍ଦ୍ର ରଥଶର୍ମାଙ୍କ ତତ୍ତ୍ୱାବଧାନରେ ପୂଜା କର୍ମ ଆରମ୍ଭ ହୋଇଥିଲା। କର୍ତ୍ତାଭାବେ ଶ୍ରୀକାନ୍ତ ସାମଲ ଓ ମୋନାଲିସା ଜେନା, ତୁଷାର ରଞ୍ଜନ ସ୍ୱାଇଁ ଓ ତାଙ୍କ ଧର୍ମପତ୍ନୀ ସୌଦାମିନୀ ସ୍ୱାଇଁ ସହଯୋଗ କରିଥିଲେ। ବିଭିନ୍ନ ଦିବସମାନଙ୍କରେ ସନ୍ଧ୍ୟାରେ ଭଜନ, ପ୍ରବଚନ ଓ ନାମ ସଂକୀର୍ତ୍ତନ କାର୍ଯ୍ୟକ୍ରମ ପରିବେଶ ହୋଇଥିଲା। ଶେଷ ଦିବସରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ସ୍ଥାନୀୟ ୧୦ଟି ପଞ୍ଚାୟତର ଶହଶହ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କମିଟିର ସଭ୍ୟ ସୁଶାନ୍ତ କୁମାର ସାମଲ, ନିହାର ରଞ୍ଜନ ସାମଲ, ଯତିନ୍ଦ୍ର ସାମଲ, ନିଗମାନନ୍ଦ ଜେନା, ଅମୀୟ ରଞ୍ଜନ ଜେନା, ଅକ୍ଷୟ କୁମାର ସାମଲ, ରଞ୍ଜନ ବିଶ୍ୱାଳ, କାମାକ୍ଷା ପ୍ରସାଦ ଜେନା, ଜୟନ୍ତ କୁମାର ଜେନା ଓ ଚିରଞ୍ଜିବ ଜେନା ପ୍ରମୁଖ ସହଯୋଗ କରିଥିଲେ।

## ୭୦ ଦଶକର କ୍ରୋମାଇଟ ଖଣିରୁ ଉତ୍ପାଦନ ବନ୍ଦ ପଡ଼ିଛି

# ରୋଜଗାର ହରାଇ ହାତ ବାନ୍ଧି ବସିଛନ୍ତି ଯୁବକ ଯୁବତୀ






ହାଟଡିହୀ,୧୩।୫(ସମିସ)

ଦିନେ ଯେଉଁଠି ସକାଳୁ ରାତି ପର୍ଯ୍ୟନ୍ତ ହଜାର ଶ୍ରମିକ କର୍ମଚାରୀଙ୍କ ଗହଳି ଚହଳି ଲାଗିଥିଲା, ଆଜି ସେଠି ସବୁ ଶୂନଶାନ, ଶ୍ରୀହୀନ। କେନ୍ଦୁଝର ଜିଲ୍ଲା ହାଟଡିହୀ ବ୍ଲକ ବଉଳା ଅଞ୍ଚଳରେ ଥିବା କ୍ରୋମାଇଟ ଖଣିଗୁଡିକ ପର୍ଯ୍ୟାୟକ୍ରମେ ବନ୍ଦ ହୋଇଯିବାରୁ ସ୍ଥାନୀୟ ବେକାର ଯୁବକ ଯୁବତୀମାନେ ରୋଜଗାର ଅନ୍ୱେଷଣରେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ଯେଉଁଠି ଦିନେ ୧୫ରୁ ୨୦ ହଜାର ଶ୍ରମିକ କାମ କରୁଥିଲେ ତାହା ଏବେ ଜନଶୂନ୍ୟ ହୋଇ ପଡିଛି।

୭୦ ଦଶକରୁ ଚାଲୁ ହୋଇଥିଲା କ୍ରୋମାଇଟ ଖଣି। ଦୀର୍ଘବର୍ଷ ପର୍ଯ୍ୟନ୍ତ ଏଠାରେ ଫେକର, ଇମ୍ଫା, ଓଏମସି ଭଳି ତିନି ତିନୋଟି ଖଣି ଚାଲୁଥିଲା। ରାଜ୍ୟ ତଥା ରାଜ୍ୟ ବାହାରର ୧୫ରୁ ୨୦ ହଜାର ଶ୍ରମିକ ଓ କର୍ମଚାରୀ ଏଠାରେ କାମ କରୁଥିଲେ। ବିଶେଷକରି ସ୍ଥାନୀୟ ବାଙ୍ଗୋର, ଧନୁର୍ଜୟପୁର, ହଦଗଡ଼, କେ.ବାଲିପାଳ, ବାଲିବରେଇ, ପଡିଆରିପଲ୍ଲୀ, ସୋସୋ ଆଦି ପଞ୍ଚାୟତର ଲୋକମାନେ କର୍ମସଂସ୍ଥାନ ପାଇ ଖୁସିରେ ଜୀବିକା ନିର୍ବାହ କରୁଥିଲେ। ଏଥିପାଇଁ ଏଠାରେ ଦୁଇ ତିନୋଟି ବଜାର ସୃଷ୍ଟି ହେବା ସହିତ ଅନେକ ଟ୍ରକ ମାଲିକ ଏହି ଖଣି ଉପରେ ନିର୍ଭର କରି ପ୍ରତିପୋଷଣ ହେଉଥିଲେ। କିନ୍ତୁ ୧୯୯୯ ମସିହା ମହାବାତ୍ୟା ପରେ ପରେ ଫେକର କମ୍ପାନୀ ବନ୍ଦ ହୋଇଯିବା ସହ ୨୦୧୨ରେ ଜଙ୍ଗଲ ଓ ପରିବେଶ ମଞ୍ଜୁରୀ ନମିଳିବାରୁ ଇମ୍ଫା କମ୍ପାନୀ ବନ୍ଦ ହୋଇଗଲା। ଫଳରେ ଦୁଇ ଦୁଇଟି ଖଣିରେ କାମ କରୁଥିବା ହଜାର ହଜାର ଶ୍ରମିକ ଓ କର୍ମଚାରୀଙ୍କ ଜୀବନ ଜୀବିକା ସମ୍ପୂର୍ଣ୍ଣ ବନ୍ଦ ହୋଇଗଲା।

ଦୁଇ ଦୁଇଟି ଖଣି ବନ୍ଦ ହୋଇଯିବା ପରେ ଯଦିଓ ଓଏମସି ଖଣି ଚାଲିଛି, ମାତ୍ର ସେଥିରେ ଅଳ୍ପ କିଛି ହାତଗଣତି ଶ୍ରମିକ ଓ କର୍ମଚାରୀ ନିଯୁକ୍ତି ଅଛନ୍ତି। ଖଣି ବନ୍ଦ ହୋଇଯିବା ଫଳରେ ଲୋକମାନେ କାମଧନ୍ଦା ନପାଇ ନାନା ଆର୍ଥିକ ଅଭାବ ଅନାଟନର ଶିକାର ହୋଇ ଏବେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ପଳାଇଛନ୍ତି। ଖଣି ଉପରେ ପରୋକ୍ଷ ଭାବେ ନିର୍ଭର କରୁଥିବା ଟ୍ରକ ମାଲିକ, ଛୋଟ ବଡ଼ ବ୍ୟବସାୟୀମାନେ ମଧ୍ୟ ହାତବାନ୍ଧି ବସି ରହିଛନ୍ତି। ଯେଉଁ ବଉଳା ଖଣି ଅଞ୍ଚଳରେ ଦିନ ରାତି ହଜାର ହଜାର ଲୋକଙ୍କ ସମାଗମ ଥିଲା ତାହା ଏବେ ଶୂନଶାନ ହୋଇପଡିଛି। ବିଶେଷ କରି ଜଙ୍ଗଲ ଓ ପରିବେଶ ବିଭାଗ ଏହି ଖଣି ହଡ଼ଗଡ଼ ହସ୍ତୀ ଅଭୟାରଣ୍ୟ ଭିତରେ ଥିବା ଦର୍ଶାଇ ଅନୁମତି ବନ୍ଦ କରିଦେବାରୁ ଏପରି ସମସ୍ୟା ସୃଷ୍ଟି ହୋଇଛି। ସରକାର ସବୁ ଦିଗରୁ ତର୍ଜମା କରି ଅଭୟାରଣ୍ୟ ରହୁ, ଲୋକମାନେ ଜୀବିକା ପାଆନ୍ତୁ ଏହାକୁ ଦୃଷ୍ଟିରେ ରଖି ଖଣିଗୁଡିକ ଚାଲୁ କରି ଲୋକଙ୍କୁ କର୍ମ ସଂସ୍ଥାନ ଯୋଗାଇ ଦେବାକୁ ଦାବି ହେଉଛି।

## ପିକ୍‌ଅପ୍ ଧକ୍କାରେରେ ବୃଦ୍ଧ ମୃତ

ତୁରୁମୁଙ୍ଗା, ୧୩।୫(ସମିସ): କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ କେନ୍ଦେଇପଶି- ରାଜନଗର ରାସ୍ତାର ରାଇକଳା ନିକଟରେ ମଙ୍ଗଳବାର ଅପରାହ୍ନରେ ଅଜଣା ପିକ୍‌ଅପ୍ ଦୁର୍ଘଟଣାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗୌର ବେହେରା (୭୨)। ସେ ରାସ୍ତାକଡ଼ରେ ଛିଡ଼ା ହୋଇଥିବା ବେଳେ ଅଜଣା ପିକ୍‌ଅପ୍ ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲେ ହେଁ ଡ଼ାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ତୁରୁମୁଙ୍ଗା ଥାନାରେ ୨୬/୨୬ରେ ଦୁର୍ଘଟଣା ମାମଲା ରୁଜୁ ହୋଇଛି। ବୁଧବାର ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ହାତୀଦାନ୍ତ ଜବତ; ୪ ଗିରଫ

କେନ୍ଦୁଝର, ୧୩।୫(ସମିସ): କେନ୍ଦୁଝର ବନଖଣ୍ଡର ଏକ ସ୍ୱତନ୍ତ୍ର ପ୍ରବର୍ତ୍ତନ ଦଳ ହାତୀ ଦାନ୍ତ ଏବଂ ଅନ୍ୟାନ୍ୟ ବନ୍ୟପ୍ରାଣୀ ଶରୀରର ଅଙ୍ଗ ଅବୈଧ ରଖିବା ଏବଂ ବିକ୍ରୟ ଉଦ୍ୟମ ଅଭିଯୋଗରେ ସମ୍ପୃକ୍ତ ଚାରି ଜଣଙ୍କୁ ଗିରଫ କରିଛନ୍ତି। କେନ୍ଦୁଝର ସଦର ରେଞ୍ଜର ପଳାସପାଙ୍ଗା ସେକ୍ସନ ହାତୀକୁଚା ବିଟ୍ ଅନ୍ତର୍ଗତ ଅମୃତପଡ଼ା (ମାଝି ସାହି) ଗ୍ରାମରେ ଆଜି ଏହି ଅଭିଯାନ କରାଯାଇଥିଲା। ସୁନୀଲ ସୋରେନଙ୍କ ଘରେ ଚଢ଼ଉ କରାଯାଇ ଦୁଇଟି ହାତୀ ଦାନ୍ତ ଏବଂ ଦୁଇଟି ହାଡ଼ ସହ ୪ଟି ମୋବାଇଲ୍ ଫୋନ୍ ଜବତ କରାଯାଇଛି। ସମ୍ପୃକ୍ତ ଅଭିଯୁକ୍ତ ସୁନୀଲ ସୋରେନ (୪୮), ଦଶରଥ ମାଝୀ (୨୭), ଦୁର୍ଗା ହେମ୍ବ୍ରମ (୭୦), ବାଡେନ କିସ୍କୁ (୫୫)ଙ୍କୁ ଅଧିକ ତଦନ୍ତ ପାଇଁ ଗିରଫ କରାଯାଇଛି।

## ନାବାଳିକାକୁ ଦୁଷ୍କର୍ମ ଅଭିଯୋଗ

ତୁରୁମୁଙ୍ଗା, ୧୩।୫(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନାଅଞ୍ଚଳରେ ଗତ ଫେବୃୟାରୀ ୧୮ ରେ ଜଣେ ୧୭ ବର୍ଷର ନାବାଳିକାଙ୍କୁ ଜଣେ ୧୭ ବର୍ଷର ନାବାଳକ ବଳାତ୍କାର କରିଥିବା ନେଇ ମଙ୍ଗଳବାର ପୀଡ଼ିତାଙ୍କ ପରିବାର ପକ୍ଷରୁ ପାଟଣା ଥାନାରେ ଅଭିଯୋଗ ହୋଇଛି। ବୁଧବାର ପୀଡ଼ିତାର ଡ଼ାକ୍ତରୀ ପରୀକ୍ଷା କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ କରିବା ସହ ନାବାଳକକୁ ଧରିବା ପାଇଁ ପୁଲିସ ଚେଷ୍ଟା ଜାରି ରଖିଛି। ଏନେଇ ପାଟଣା ଥାନାରେ ୧୯୯/୨୬ରେ ଏକ ମାମଲା ରୁଜୁ ହୋଇଥିବା ଥାନାଧିକାରୀ କିରଣ ପ୍ରସାଦ ସାହୁ କହିଛନ୍ତି।

## ଜିତୁ ମୁଣ୍ଡାଙ୍କ କାହାଣୀକୁ ନେଇ ତିଆରି ହେବ ଓଡ଼ିଆ ଚଳଚ୍ଚିତ୍ର




ତୁରୁମୁଙ୍ଗା, ୧୩।୫(ସମିସ): କେନ୍ଦୁଝରର ଚର୍ଚ୍ଚିତ ଜିତୁ ମୁଣ୍ଡାଙ୍କ ଜୀବନ କାହାଣୀ ବଡ଼ ପରଦାରେ ଦେଖିବାକୁ ମିଳିବ। ନିରକ୍ଷରତା, ବ୍ୟାଙ୍କ ସେବା ଓ ଡିଜିଟାଲ କାରବାର ଭଳି ସାମାଜିକ ସମସ୍ୟାକୁ ଆଧାର କରି ତିଆରି ହେବ ଏକ ଓଡ଼ିଆ ଚଳଚ୍ଚିତ୍ର। ଏନେଇ ଓଡ଼ିଆ ସିନେ ନିର୍ଦ୍ଦେଶକ ଅଶୋକ ପତି ବୁଧବାର ଜିତୁ ମୁଣ୍ଡାଙ୍କ ଗାଁ ଡିଆନାଳିରେ ପହଞ୍ଚି ତାଙ୍କ ସହ ଆଲୋଚନା କରିଛନ୍ତି। ଚଳଚ୍ଚିତ୍ର ନିର୍ମାଣ ପାଇଁ ଅଶୋକ ପତି ଓ ଜିତୁ ମୁଣ୍ଡାଙ୍କ ମଧ୍ୟରେ ନୋଟାରୀ ମାଧ୍ୟମରେ ଏକ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି। ଚଳଚ୍ଚିତ୍ର ପାଇଁ ଅଗ୍ରୀମ ଭାବେ ଜିତୁ ମୁଣ୍ଡାଙ୍କୁ ଏକ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବା ବେଳେ ସେହି ଅର୍ଥ ତାଙ୍କ ବ୍ୟାଙ୍କ ଖାତାରେ ଜମା କରାଯାଇଛି। ଆଗାମୀ ଦିନରେ ପର୍ଯ୍ୟାୟକ୍ରମେ ଆଉ ଏକ ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି ବୁଝାମଣାପତ୍ରରେ ସ୍ୱାକ୍ଷର କରାଯାଇଛି। ଏରେଣ୍ଡେଇ ସରପଞ୍ଚ ପାର୍ବତୀ ଦେହୁରୀ ଓ ଭରଦ୍ୱାଜ ପଣ୍ଡାଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷର ହୋଇଥିବା ବେଳେ ଜିତୁ ମୁଣ୍ଡାଙ୍କ ଜୀବନ ସଙ୍ଘର୍ଷ ସହ ତାଙ୍କ ସହ ଘଟିଥିବା ଘଟଣାକୁ ଚଳଚ୍ଚିତ୍ର ମାଧ୍ୟମରେ ଲୋକଙ୍କ ପାଖକୁ ପହଞ୍ଚାଇ ସଚେତନତା ସୃଷ୍ଟି କରାଯିବ ବୋଲି ନିର୍ଦ୍ଦେଶକ ଅଶୋକ ପତି କହିଛନ୍ତି।

### ରାସ୍ତାରେ ଭାଙ୍ଗି ପଡ଼ିଛି ବିଦ୍ୟୁତ୍ ଖୁଣ୍ଟ; ଯାତ୍ରୀ, ରୋଗୀ ହୀନସ୍ତା

## ଟୋଲଙ୍କପଡ଼ା ଗାଁ ତିନିଦିନ ଅନ୍ଧାରରେ; ଜଳଯୋଗାଣ ଠପ୍



ଆନନ୍ଦପୁର, ୧୩।୫ (ସମିସ): ଆନନ୍ଦପୁର ବ୍ଲକ ଅନ୍ତର୍ଗତ ବେଲବାହାଳି ପଞ୍ଚାୟତର ଟୋଲଙ୍କପଡ଼ା ଗାଁ ତିନିଦିନ ଧରି ଅନ୍ଧାରରେ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରା ନଯିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ, କେଉଁ ଏକ ଅଜଣା ଗାଡ଼ି ଧକ୍କାରେ ଟୋଲଙ୍କପଡା ଗାଁ ରାସ୍ତାକଡ଼ରେ ଥିବା ବିଦ୍ୟୁତ ଖୁଣ୍ଟ ଉପୁଡିପଡ଼ିଛି। ଉକ୍ତ ଖୁଣ୍ଟଟିକୁ ବିଦ୍ୟୁତ୍ ବିଭାଗ ଉଠାଇ ନଥିବା ମଧ୍ୟ ଜଣାପଡ଼ିଛି। ଏହାଦ୍ୱାରା ଗାଁକୁ ବିଦ୍ୟୁତ ସଂଯୋଗ ଛିନ୍ନ ହୋଇଛି। ଫଳରେ ଗାଁ ସମ୍ପୂର୍ଣ୍ଣ ଅନ୍ଧାରରେ ଥିବା ବେଳେ ଜଳଯୋଗାଣ ସମସ୍ୟା ଠପ ହୋଇଯାଇଥିବାରୁ ଲୋକେ ନାହିଁ ନଥିବା ହୀନସ୍ତା ହେଉଥିବା ଅଭିଯୋଗ ହୋଇଛି। ଅପରପକ୍ଷରେ, ରାସ୍ତା ଉପରେ ବିଦ୍ୟୁତ ଖୁଣ୍ଟଟି ଉପୁଡ଼ି ପଡ଼ି ରହିଥିବାରୁ ଯାତାୟାତ ଏବଂ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହେଉଛି। ଏପରିକି ଆମ୍ବୁଲାନ୍ସ ଯିବାରେ ମଧ୍ୟ ଅସୁବିଧା ହେଉଥିବା ଦେଖାଯାଇଛି। ଫଳରେ ରୋଗୀ ଏବଂ ସାଧାରଣ ଯାତ୍ରୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଣୁ ବିଭାଗୀୟ କର୍ତ୍ତୃପକ୍ଷ ଯଥାଶୀଘ୍ର ସମସ୍ୟାର ସମାଧାନ କରିବାକୁ ଗ୍ରାମବାସୀ ପ୍ରଶାସନକୁ ନିବେଦନ କରିଛନ୍ତି।

## ହାତୀପଲଙ୍କୁ ବିଚଳିତ କରି ମାଡ଼ ମାରିବା ଘଟଣା: ୬ ଅଟକ




ତୁରୁମୁଙ୍ଗା, ୧୩।୫(ସମିସ): ହାତୀପଲଙ୍କୁ ବିଚଳିତ କରିବା ମାଡ଼ ମାରିବା ସହ ହାତୀର ଲାଞ୍ଜ ଟାଣିବା ଏବଂ ଭିଡିଓ ଉଠାଇ ସୋସିଆଲ ମିଡିଆରେ ରିଲ୍ କରିବା ଘଟଣାକୁ ନେଇ ଆକ୍ସନ ମୁଡ୍‌ରେ ଆସିଛି କେନ୍ଦୁଝର ବନ ବିଭାଗ। ପାଟଣା ବନ ବିଭାଗ ପକ୍ଷରୁ ପୁଣି ୬ ଜଣଙ୍କୁ ଅଟକ ରଖାଯାଇଥିବା ବେଳେ ତାଙ୍କ ନିକଟରୁ ମୋବାଇଲ ଫୋନ ଓ ଡ୍ରୋନ୍ ଜବତ କରାଯାଇଛି। ଅଭିଯୋଗ ଅନୁଯାୟୀ, କିଛି ଯୁବକ ହାତୀପଲଙ୍କ ନିକଟକୁ ଯାଇ ସେମାନଙ୍କୁ ମାଡ଼ ମାରିବା, ଲାଞ୍ଜ ଟାଣିବା, ହୋ ହାଲ୍ଲା କରି ବିଚଳିତ କରିବା ସହ ଡ୍ରୋନ୍ ଓ ମୋବାଇଲରେ ଭିଡିଓ ଉତ୍ତୋଳନ କରି ସାମାଜିକ ଗଣମାଧ୍ୟମରେ ରିଲ୍ କରି ପୋଷ୍ଟ କରୁଥିଲେ। ଏହାଫଳରେ ହାତୀପଲ ଅତ୍ୟଧିକ ଉତ୍ତେଜିତ ହେଉଥିବା ଓ ମଣିଷ-ହାତୀ ସଂଘର୍ଷ ସମ୍ଭାବନା ବଢୁଥିବା ବନ ବିଭାଗ କହିଛି। ଗତ ଏକ ସପ୍ତାହ ମଧ୍ୟରେ ମୋଟ ୧୩ ଜଣଙ୍କ ନାମରେ ମାମଲା ରୁଜୁ କରାଯାଇଛି ସେମାନଙ୍କ ମଧ୍ୟରୁ ୯ ଜଣ ନାବାଳକ ରହିଛନ୍ତି। ପୂର୍ବରୁ ୬ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଅନ୍ୟ ୭ ଜଣଙ୍କୁ ବନ ବିଭାଗ ପକ୍ଷରୁ ନୋଟିସ ଜାରି କରାଯାଇଛି। ପାଟଣା, ଚମ୍ପୁଆ ସହ ଆଖପାଖ ଅଞ୍ଚଳରେ ଏଭଳି ଘଟଣା ବଢୁଥିବାରୁ ବନ ବିଭାଗ କଡ଼ା ପଦକ୍ଷେପ ନେଇଛି।

### ଏନଜିଟିରେ ମାମଲା ପରେ ମିଳିତ ଚଢ଼ଉ

## ବୁଢାବଳଙ୍ଗ ନଦୀରୁ ଅବୈଧ ବାଲି ଖନନ



### ଭାଙ୍ଗିଲେ ଅସ୍ଥାୟୀ ପୋଲ, ଖୋଳିଲେ ଟ୍ରେଞ୍ଚ

ବାରିପଦା,୧୩।୫(ସମିସ): ମୟୂରଭଞ୍ଜ ଜିଲ୍ଲାର ବଡ଼ସାହି ତହସିଲ ତଥା ଥାନା ଅଞ୍ଚଳ ବୁଢାବଳଙ୍ଗ ନଦୀରୁ ଲକ୍ଷାଧିକ କ୍ୟୁବିକ୍ ମିଟର ବାଲି ଅବୈଧ ଭାବେ ଖନନ କରାଯାଉଥିବା ଅଭିଯୋଗକୁ ଆଧାର କରି ଜାତୀୟ ସବୁଜ ପ୍ରାଧିକରଣ (ଏନଜିଟି) ପୂର୍ବାଞ୍ଚଳ ବେଞ୍ଚ, କୋଲକାତାରେ ଏକ ମାମଲା ରୁଜୁ ପରେ ଏକ ଯୁଗ୍ମ କମିଟି ଗଠନ କରି ତଦନ୍ତ କରିବା, ଖନନ ପରିମାଣ ଓ ପରିବେଶ କ୍ଷତିର ମୂଲ୍ୟାଙ୍କନ କରିବା, କ୍ଷତିପୂରଣ ଆଦାୟ କରିବା ଏବଂ ଅବୈଧ ଖନନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣା ପରେ ଜିଲ୍ଲା ପ୍ରଶାସନ କଡା ଆଭିମୁଖ୍ୟ ଗ୍ରହଣ କରିଛି। ବୁଧବାର ଖଣି, ରାଜସ୍ୱ ଓ ପୁଲିସ ପକ୍ଷରୁ ମିଳିତ ଚଢାଉ କରାଯାଇଛି। ପଣ୍ଡୁପାଳ ନଦୀ ଶଯ୍ୟାରେ ନିର୍ମିତ ଅସ୍ଥାୟୀ ପୋଲ ଭାଙ୍ଗିବା ସହିତ ସଂଯୋଗ କାରୀ ରାସ୍ତାରେ ଟ୍ରେଞ୍ଚ ଖୋଳିଛନ୍ତି। ତେବେ ବେଆଇନ ବାଲି ଉତ୍ତୋଳନରେ ବ୍ୟବହୃତ ଜେସିବି, ଟ୍ରାକ୍ଟର ଜବତ କରିପାରିନାହାନ୍ତି। ସେହିପରି ଦୁର୍ଗାପୁର ଜଙ୍ଗଲରେ ମହଜୁଦ ଥିବା ବାଲି ଗଦା ବିରୋଧରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନେଇନାହାନ୍ତି। ସବୁଠାରୁ ଆଶ୍ଚର୍ଯ୍ୟ ବିଷୟ ବଡ଼ସାହି ତହସିଲ ଓ ଥାନା ଅଧୀନରେ ପ୍ରତାପପୁର, ମାଧପୁର, ବର୍ତ୍ତନା, ତେନ୍ତୋଳ, ଜଳନଣ୍ଡ, ବିଦ୍ୟାଧରଖୁଣ୍ଟା, ଚନ୍ଦନପୁର, ସର୍ବେଶ୍ୱରପୁର, ମହୁପୁରା, କୁଲକୋଠା ଓ ମିରିଗିଦାରୀ ଘାଟରୁ ଦିନରାତି ଶହଶହ ଟ୍ରାକ୍ଟରରେ ବେଆଇନ ବାଲି ଉତ୍ତୋଳନ ହୋଇ ବୈଶିଙ୍ଗା ଓ ବେତନଟୀ ଥାନା ଅଞ୍ଚଳ ଦେଇ ଡମ୍ଫର ଓ ହାଇୱେବାରେ ବାହାରକୁ ଚାଲାଣ ହେଉଥିଲେ ହେଁ ପୁଲିସ, ରାଜସ୍ୱ ଓ ଖଣି ବିଭାଗ ସମନ୍ୱୟ ଅଭାବ ବା ଅନ୍ୟ କେଉଁ କାରଣ ପାଇଁ କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ବାଲି ମାଫିଆ ମାନେ ଦିନରାତି ମେସିନ ମାଧ୍ୟମରେ ବୁଢାବଳଙ୍ଗ ନଦୀ ବିଦାରି ସାରିଲେଣି। ରଙ୍ଗପାଣି-ତେନ୍ତୋଳ ଓ କୁଳିଅଣା-ବର୍ତ୍ତନା ସେତୁ ଦୁଇଟି ଏବେ ବିପଦ ସଙ୍କୁଳ ହୋଇ ପଡିଥିବା ବେଳେ ନଦୀ ସଂଲଗ୍ନ ୧୩ଖଣ୍ଡ ଗାଁ ବିପଦ ମୁହଁରେ ରହିଛି। ଆଗକୁ ବଡ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଗଲେ ବୁଢାବଳଙ୍ଗର ଗୋଟିଏ ବନ୍ୟା ଧ୍ୱଂସ କରିବ। ଆଜିର ଚଢ଼ଉରେ ଜିଲ୍ଲା ଖଣି ବିଭାଗ ଅଧିକାରୀ, ବଡ଼ସାହି ଅତିରିକ୍ତ ତହସିଲଦାର ଓ ବଡ଼ସାହି ଥାନାର ଅଧିକାରୀଙ୍କ ନେତୃତ୍ୱରେ ୨୦ଜଣ କର୍ମଚାରୀ ସାମିଲ ଥିଲେ।

## ଠାକୁରମୁଣ୍ଡା ବ୍ଲକ୍‌ର ୧୦ମ ପଞ୍ଚାୟତସମିତି ବୈଠକ

ମହୁଲଡିହା,ଠାକୁରମୁଣ୍ଡା,୧୩।୫(ସମିସ): ଠାକୁରମୁଣ୍ଡା ପଞ୍ଚାୟତ ସମିତିର ୧୦ ମ ସମିତି ବୈଠକ ବୁଧବାର ପଞ୍ଚାୟତ ସମିତିର ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତିର ଅଧ୍ୟକ୍ଷା ସରୋଜିନୀ ମୁଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ, କେନ୍ଦୁଝର ସାଂସଦଙ୍କ ବ୍ଲକ ପ୍ରତିନିଧି ତାରାକାନ୍ତ ପଟ୍ଟନାୟକ, ବ୍ଲକ ଉପାଧ୍ୟକ୍ଷ ସନ୍ତୋଷ ମହାନ୍ତ, ବିଡ଼ିଓ ସପ୍ନେଶ୍ୱର ବେହେରା ଯୋଗ ଦେଇଥିଲେ। ବୈଠକ ପ୍ରାରମ୍ଭରେ ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ଯଜ୍ଞପ୍ରଭା ମିଶ୍ର ପୂର୍ବ ସମିତି ବୈଠକର ବିବରଣୀ ପାଠ କରିଥିଲେ। ପରେ ୧୬ ଗୋଟି ଆଲୋଚ୍ୟ ବିଷୟ ବସ୍ତୁ ଉପରେ ବୈଠକରେ ଆଲୋଚନା ହୋଇଥିଲା। ଏଥିରେ ମୁଖ୍ୟତଃ କୃଷି, ପଶୁ ସମ୍ପଦ, ଶିକ୍ଷା, ସ୍ୱାସ୍ଥ୍ୟ, ଶିଶୁ ବିକାଶ, ଉଦ୍ୟାନ କୃଷି, ମତ୍ସ୍ୟଚାଷ, ବିଦ୍ୟୁତ, ଜଙ୍ଗଲ, ମୃତ୍ତିକା ସଂରକ୍ଷଣ, ଶିଶୁ ବିକାଶ, ଉନ୍ନୟନ କାର୍ଯ୍ୟ, ପାନୀୟଜଳ, ସାଧାରଣ ବଣ୍ଟନ, ସାମାଜିକ ସୁରକ୍ଷା, ମଙ୍ଗଳ ବିଭାଗ ସମ୍ବନ୍ଧରେ ଆଲୋଚନା ହୋଇଥିଲା। ଆଲୋଚ୍ୟ ସମସ୍ତ ବିଷୟ ବସ୍ତୁ ଉପରେ ସମିତି ସଭ୍ୟ/ସଭ୍ୟା, ସରପଞ୍ଚମାନେ ନିଜ ନିଜ ଗ୍ରାମପଞ୍ଚାୟତରେ ଥିବା ସମସ୍ୟା ଗୁଡିକ ଆଲୋକପାତ କରିଥିଲେ। ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ର ବର୍ହିବିଭାଗ ଦିନ ୧୧ ଟା ରେ ବନ୍ଦ ରହୁଥିବାରୁ ଦୂରଦୂରାନ୍ତରୁ ଆସୁଥିବା ରୋଗୀମାନେ ଡାକ୍ତର ଙ୍କୁ ଦେଖାଇ ପାରୁ ନ ଥିବାରୁ ଏଥି ପ୍ରତି ସ୍ୱାସ୍ଥ୍ୟ ବିଭାଗ ଦୃଷ୍ଟି ଦେବାକୁ ପ୍ରସ୍ତାବ ଆସିଥିଲା। ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ବର୍ତ୍ତମାନ ସ୍ୱାସ୍ଥ୍ୟ ଅଧିକାରୀ ଙ୍କୁ ମିଶାଇ ମାତ୍ର ୨ ଜଣ ଡାକ୍ତର ଥିବା ନେଇ ସ୍ୱାସ୍ଥ୍ୟ କେନ୍ଦ୍ରର ବି. ପି ଏମ ସତ୍ୟରଞ୍ଜନ ଦାଶ ପ୍ରକାଶ କରିଥିଲେ। ଏନେଇ ବୈଠକରେ ଉଦବେଗ ପ୍ରକାଶ ପାଇଥିଲା। ସମିତି ବୈଠକରେ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଶୁଭ୍ରା ସ୍ୱାଇଁ, ସିଡିପିଓ ପ୍ରେମାଲତା ସେଠୀ, ବିଭିନ୍ନ ବିଭାଗର ଅଧିକାରୀ, ବ୍ଲକ ର ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଶୁଭାଶିଷ ପାତ୍ର ବୈଠକରେ ଯୋଗ ଦେଇଥିବା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।



## ୩ ବର୍ଷ ପରେ ଉଦ୍‌ଘାଟିତ ହେଲା ସୁଭଦ୍ରା ଶକ୍ତି କାଫେ




ମହୁଲଡିହା,୧୩।୫(ସମିସ): ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ପରିସରରେ ୩ ବର୍ଷ ତଳୁ ଗଢ଼ାଯାଇଥିବା ମିଶନ ଶକ୍ତି କାଫେ ୧୩ ତାରିଖରେ ସୁଭଦ୍ରା ଶକ୍ତି କାଫେ ଭାବେ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ ଯୋଗ ଦେଇ କାଫେ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଠାକୁରମୁଣ୍ଡା ବ୍ଲକ ଅଧ୍ୟକ୍ଷା ସରୋଜିନୀ ମୁଣ୍ଡା, ବିଡିଓ ସ୍ୱପ୍ନେଶ୍ୱର ବେହେରା, ଏବିଡିଓ ଟଙ୍କଧର ମହାନ୍ତ, ସମସ୍ତ ସରପଞ୍ଚ, ସମିତି ସଭ୍ୟ, ସିଡିପିଓ ପ୍ରେମଲତା ସେଠୀ, ସହକାରୀ ଯନ୍ତ୍ରୀ ଶୁଭ୍ରା ସ୍ୱାଇଁ, ସମସ୍ତ କନିଷ୍ଠ ଯନ୍ତ୍ରୀ, ସୁଭଦ୍ରା ଶକ୍ତି ସିଆରପି, ଏମପିକେ, ଇସି ମେମ୍ବର ଏବଂ ବ୍ଲକର ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ। ସୁଭଦ୍ରା ଶକ୍ତି କାଫେକୁ ନିହାଣଗଣ୍ଡି ଗ୍ରାମର ସାଇରାମ୍ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପରିଚାଳନା ଦାୟିତ୍ୱ ଦିଆଯାଇଛି। ସୁଲଭ ମୂଲ୍ୟରେ ଖାଦ୍ୟ ଯୋଗାଇବାକୁ ଏହି କାଫେ ସରକାରୀ ସ୍ତରରେ ଖୋଲାଯାଇଛି। ଶେଷରେ ୩ ବର୍ଷ ପରେ କାଫେ ଖୋଲିଥିବା କୁହାଯାଉଛି।

### କାର୍ଯ୍ୟକାରୀ ହେଉନାହିଁ ସରକାରୀ ଘୋଷଣା

## ସରକାରୀ ଡାକ୍ତରଖାନା ପରିସରରୁ ହଟିନି ଔଷଧ ଦୋକାନ

ବାରିପଦା,୧୩।୫(ସମିସ)

ସମସ୍ତ ସରକାରୀ ହସ୍ପିଟାଲ ପରିସରରୁ ଔଷଧ ଦୋକାନ ହଟାଇବା ପାଇଁ ଗତ ୨୦୨୪ମସିହାରୁ ରାଜ୍ୟ ସରକାରଙ୍କ ଘୋଷଣା ସତ୍ତ୍ୱେ ମୟୂରଭଞ୍ଜ ଜିଲ୍ଲାରେ କାର୍ଯ୍ୟକାରୀ କରାଯାଉନାହିଁ। ଯାହା ଫଳରେ ଆଜି ବି ଜିଲ୍ଲାର ଅନେକ ସରକାରୀ ହସ୍ପିଟାଲ ପରିସରରେ ଘରୋଇ ଔଷଧ ଦୋକାନ କାରବାର ରହିଛି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ଚିଠି ନଂ ୧୦୫୩୨/୨୦୨୪ ଆଧାରରେ ଉକ୍ତ ନିର୍ଦ୍ଦେଶନାମା ଜାରି ହୋଇଥିଲା। ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରା ପ୍ରକାଶିତ ଆଦେଶ ଅନୁଯାୟୀ ରାଜ୍ୟବ୍ୟାପୀ ଉକ୍ତ ନିର୍ଦ୍ଦେଶନାମା ଜାରି ହୋଇଥିଲା। ଏହିକ୍ରମରେ ବାରିପଦା ସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲ ସମେତ ଜିଲ୍ଲାର ସମସ୍ତ ୪ଉପଖଣ୍ଡ ହସ୍ପିଟାଲ, ୪ଟି ସହରାଞ୍ଚଳ ଡାକ୍ତରଖାନା, ୨୮ ଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ୮୨ଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଆଦି ସରକାରୀ ହସ୍ପିଟାଲ ପରିସରରୁ କୌଣସି ଘରୋଇ ଔଷଧ ବ୍ୟବସାୟ ପ୍ରତିଷ୍ଠାନ ରହିପାରିବ ନାହିଁ। ବିଜ୍ଞପ୍ତି ପ୍ରକାଶ ପାଇବାର ୧୫ଦିନ ମଧ୍ୟରେ ଥିବା ଘରୋଇ ଔଷଧ ପ୍ରତିଷ୍ଠାନକୁ ହଟାଇବା ପାଇଁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ଯାହାକୁ ନେଇ ତତ୍କାଳୀନ ଜିଲ୍ଲାପାଳ, ସିଡିଏମଓ, ସୁପରିଟେଣ୍ଡେଣ୍ଟ ଏବଂ ଅନ୍ୟାନ୍ୟ ଅଧିକାରୀଙ୍କୁ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସଚିବ ପତ୍ର ଯୋଗେ ସୂଚନା ଦେଇଥିଲେ। ୧୫ଦିନ ଯାଇ ୨ବର୍ଷ ଅତିକ୍ରମ କରିଥିଲେ ସୁଦ୍ଧା ହସ୍ପିଟାଲ ପରିସରରୁ ଔଷଧ ଦୋକାନ ଗୁଡ଼ିକ ହଟିଲା ନାହିଁ। ସ୍ଥାନୀୟ ପିଆରଏମ ହସ୍ପିଟାଲ ପରିସରରେ ଦୀର୍ଘ ବର୍ଷ ଧରି ଘରୋଇ ଔଷଧ ପ୍ରତିଷ୍ଠାନ ଗୁଡିକ ରହିଥିବା ବେଳେ ଜନଗହଳି କାରଣ ସାଜିଛି। ଡାକ୍ତର ମାନେ ଜାଣି ଶୁଣି ବ୍ୟବସାୟ ପ୍ରତିଷ୍ଠାନ ସହିତ ସାଲିସରେ ରହି ବାହାର ଔଷଧ କିଣିବା ପାଇଁ ପରାମର୍ଶ ଦେଇ ଆସୁଥିଲେ। ଯାହାକି ଆର୍ଥିକ ଅଭାବରେ ରହିଥିବା ଗରିବ ଲୋକ ମାନଙ୍କୁ ସଠିକ୍ ସମୟରେ ଜରୁରୀ ଔଷଧ ପାଇଁ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ରାଜ୍ୟ ସରକାର ନିରାମୟ ଯୋଜନାରେ ଜରୁରୀ ଆବଶ୍ୟକତା ପୂରଣ କରୁଥିବା ସମସ୍ତ ଔଷଧ ଯୋଗାଇ ଦେବା ସହିତ ବାହାର ଔଷଧ କିଣିବା ପାଇଁ ଡାକ୍ତରଙ୍କୁ ସିଧାସଳଖ ବାରଣ କରିଛନ୍ତି। ତେବେ ଏଥିପରେ ମଧ୍ୟ ହସ୍ପିଟାଲ ପରିସରରେ ଥିବା ଔଷଧ ଦୋକାନରୁ ରୋଗୀ ମାନେ ଔଷଧ କିଣୁଥିବାର ଦେଖିବାକୁ ମିଳୁଛି। ଯାହାକୁ ରୋକି ସ୍ୱଚ୍ଛ ବ୍ୟବସ୍ଥା କରିବା ପାଇଁ ତତ୍କାଳୀନ ରାଜ୍ୟ ସରକାରଙ୍କ ଯୋଜନାକୁ ବର୍ତ୍ତମାନର ରାଜ୍ୟ ସରକାର କାର୍ଯ୍ୟକାରୀ କରୁନାହାନ୍ତି। ତେବେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ୍ରମେ ସରକାରୀ ହସ୍ପିଟାଲ ପରିସରରୁ ଔଷଧ ଦୋକାନ ହଟାଇବାକୁ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ତତ୍କାଳୀନ ସ୍ୱାସ୍ଥ୍ୟ ଅଧିକାରୀ ସୂଚନା ଦେଇଥିଲେ। କିନ୍ତୁ ତାହା ବର୍ତ୍ତମାନ ସୁଦ୍ଧା କାର୍ଯ୍ୟକାରୀ ହେଲାନାହିଁ। ଯାହା ଦ୍ୱାରା ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାର ଗରିବ ରୋଗୀ ସ୍ୱଚ୍ଛ ସ୍ୱାସ୍ଥ୍ୟ ସେବା ପାଇବାରୁ ବଞ୍ଚିତ ହେଉଛି। ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେଇ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି। ଏନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ତଥା ଜନ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ପଚାରିବାରୁ କେତେକ ଡାକ୍ତରଖାନା ପରିସରରେ ଏବେ ମଧ୍ୟ ଔଷଧ ଦୋକାନ କାର୍ଯ୍ୟ କରୁଥିବା ସେ ସ୍ୱୀକାର କରିଛନ୍ତି। ସେ ନୂତନ ଭାବେ କାର୍ଯ୍ୟରେ ଯୋଗଦେବା ପରେ ଜିଲ୍ଲାରେ ଅନେକ ସ୍ଥାନରେ ଏହା ଦେଖିବାକୁ ପାଇଛନ୍ତି। କେତେଜଣ ଉଚ୍ଚ ନ୍ୟାୟାଳୟରୁ ରହିତାଦେଶ ଆଣିଥିବା ଜଣାପଡିଛି। ତେବେ ତୁରନ୍ତ ଏକ ସମୀକ୍ଷା କରି ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି।



## ଆଜିର ରାଶିଫଳ

**ମେଷ:** ଆଶା କରିଥିବା ଦିଗରୁ ନିରାଶ ହୋଇପାରନ୍ତି। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିପାରେ। ନକାରାତ୍ମକ ଚିନ୍ତା ଦୂର ହେବ।

**ବୃଷ:** ଦୂରସ୍ଥାନକୁ ଯାତ୍ରା ଯୋଗ ଅଛି। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଛାତ୍ରଛାତ୍ରୀ ମନପସନ୍ଦ କାର୍ଯ୍ୟରେ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସହ ମନୋମାଳିନ୍ୟ ହୋଇପାରେ।

**ମିଥୁନ:** ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ନିଜ ଲୋକ ଶତ୍ରୁ ସାଜି ପାରନ୍ତି।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ। ବିବାହରେ ସମସ୍ୟା ଆସିପାରେ। ଅପ୍ରିୟ ସତ କହି ସମସ୍ୟାରେ ପଡ଼ିପାରନ୍ତି।

**ସିଂହ:** ଚାକିରିରେ ସଫଳତା ମିଳିବ। ଜୀବନସାଥୀଙ୍କ ସହଯୋଗ ମିଳିପାରେ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଅଟକିଥିବା କାର୍ଯ୍ୟ ପୂରା ହେବ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଦିନଟି ମିଶ୍ରିତଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିପାରେ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିପାରେ। ଉଧାର ଟଙ୍କା ଫେରିପାଇବେ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହୋଇପାରେ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ଘରେ ପୂଜାପାଠ ଆୟୋଜନ ହେବ। ଆଶା କରିଥିବା ଦିଗରୁ ଅର୍ଥ ମିଳିପାରେ। ଯୋଜନା ମୁତାବକ କାମ କରନ୍ତୁ। ।

**ମୀନ:** ବନ୍ଧୁଙ୍କ ସାହାଯ୍ୟ ମିଳିବ। ଆର୍ଥିକ ମାମଲାରେ ସୁଧାର ଆସିବ। ମାଆଙ୍କ ସ୍ୱାସ୍ଥ୍ୟାବସ୍ଥା ପାଇଁ ଚିନ୍ତାରେ ରହିବେ। ଅଫିସ୍ କାମ ପାଇଁ ଦୂରଯାତ୍ରା କରିପାରନ୍ତି। ଦାନଧର୍ମ କରନ୍ତୁ।

## ଆଜିର ଐତିହ୍ୟ

- ୧୮୧୧- ପାରାଗୁଏ ସ୍ପେନ୍‌ରୁ ମୁକ୍ତ ହେଲା।
- ୧୯୪୪- ବ୍ରିଟିଶ୍ ସୈନିକ ନାଗାଲାଣ୍ଡର କୋହିମା ଉପରେ କବ୍‌ଜା କଲେ।
- ୧୯୬୩- କୁଏତ୍ ମିଳିତ ଜାତିସଂଘର ୧୧୧ତମ ଦେଶ ହେଲା।
- ୧୯୯୯- ଇଂଲଣ୍ଡର ଲର୍ଡସ୍‌ରେ ବିଶ୍ୱକପ୍ କ୍ରିକେଟ୍ ଆରମ୍ଭ ହେଲା।
- ୨୦୦୧-ଭାରତ ଓ ମାଲେସିଆ ମଧ୍ୟରେ ସାତୋଟି ବୁଝାମଣା ସ୍ୱାକ୍ଷରିତ ହେଲା।



## ଆସିଲା 'ଚାନ୍ଦ ମେରା ଦିଲ୍'ର ଟ୍ରେଲର୍

ବଲିଉଡ୍‌ର ଲୋକପ୍ରିୟ ଅଭିନେତ୍ରୀ ଅନନ୍ୟା ପାଣ୍ଡେ ଓ ଲକ୍ଷ୍ୟ ଲାଲୱାନିଙ୍କ ଅଭିନୀତ 'ଚାନ୍ଦ ମେରା ଦିଲ୍'ର ଟ୍ରେଲର୍ ରିଲିଜ୍ ହୋଇଛି। ଲଗାତାର ଏବେ ବକ୍ସ ଅଫିସ୍‌ରେ ପ୍ରେମ କାହାଣୀ ଉପରେ ଆଧାରିତ ଫିଲ୍ମ ଆସୁଛି। ହେଲେ 'ସୈୟାରା' ଫିଲ୍ମ ଭଳି ଏଯାବତ୍ କେହି ସଫଳ ହୋଇ ନାହାନ୍ତି। ଇତିମଧ୍ୟରେ ଧର୍ମା ପ୍ରଡକ୍ସନ୍ 'ଚାନ୍ଦ ମେରା ଦିଲ୍' ମାଧ୍ୟମରେ ଏକ ଇଣ୍ଟେସ୍ ଲଭ୍ ଷ୍ଟୋରୀ ନେଇ ଆସିଛି। ଏଥିରେ ହିରୋ ଭାବେ ଅଭିନୟ କରିଥିବା ଲକ୍ଷ୍ୟ ପୂର୍ବରୁ ଆକ୍ସନ୍ - ରୋମାଣ୍ଟିକ୍ ଫିଲ୍ମ 'କିଲ୍'ରେ ତାଙ୍କର ଜବରଦସ୍ତ ଅଭିନୟ ପାଇଁ ଦର୍ଶକଙ୍କ ଭଲ ପାଇବା ସାଉଁଟିଥିଲେ। ଏବେ ପୁଣି ଥରେ ସେ ଏକ ବଡ଼ ବ୍ୟାନର୍‌ର ଫିଲ୍ମ ସହ ପରଦାକୁ ଫେରୁଛନ୍ତି। 'ଚାନ୍ଦ ମେରା ଦିଲ୍'ର କାହାଣୀ ଓ ନିର୍ଦ୍ଦେଶନା ଦାୟିତ୍ୱରେ ବିବେକ ସୋନି ରହିଛନ୍ତି। ଟ୍ରେଲର୍ ଦେଖି ଜଣାପଡୁଛି ଫିଲ୍ମରେ ରୋମାନ୍ସ,ପ୍ରେମରେ ତିକ୍ତତା, ଆକ୍ସନ, ଭାବପ୍ରବଣତା ଦେଖିବାକୁ ମିଳିବ। ଏଥିରେ ଅନନ୍ୟା ଚାନ୍ଦିନୀ ଭୂମିକାରେ ଓ ଲକ୍ଷ୍ୟ ଆରବ ଭୂମିକାରେ ଦେଖାଯିବେ। ଏହି ଫିଲ୍ମ ମେ' ୨୨ରେ ସିନେମାହଲ୍‌ରେ ରିଲିଜ୍ ହେବ। ପ୍ରଥମ ଥର ଅନନ୍ୟା ଓ ଲକ୍ଷ୍ୟ ଏହି ଫିଲ୍ମ ମାଧ୍ୟମରେ ଏକାଠି ପରଦାରେ ନଜର ଆସିବେ।

## ମହଙ୍ଗା ପଡ଼ିଲା ରିଲ୍‌ସ ନିଶା

ଭାଇରାଲ୍ ହେବା ନିଶାରେ ଯୁବକ ଯୁବତୀମାନେ ଅନେକ ସମୟରେ ଅତି ବିପଜ୍ଜନକ ରିଲ୍‌ସ କରୁଥିବାର ଦେଖାଯାଉଛି। ଡ୍ୟାମ୍‌ରୁ ଡେଇଁବା, ଚଳନ୍ତା ଟ୍ରେନ୍‌ରେ ଷ୍ଟଣ୍ଟ କରିବା କିମ୍ବା ବିପଜ୍ଜନକ ସ୍ଥାନରେ ସୁଟ୍ କରିବା ଭଳି ଘଟଣା ଅଧିକାଂଶ ସମୟରେ ମୃତ୍ୟୁର କାରଣ ସାଜୁଛି। ଏବେ ଏମିତି ଏକ ମାମଲା ରାଜସ୍ଥାନରୁ ସାମ୍ନାକୁ ଆସିଛି। ଯାହାକି ସଭିଙ୍କ ଦୃଷ୍ଟିଆକର୍ଷଣ କରିଛି। ଅଲବର ଜିଲ୍ଲାର ମାଧୋଗଡ଼ ଗାଁର କାଲୁରାମ ନାମକ ଜଣେ ଯୁବକ ଗହମ ବିକ୍ରି କରିବାକୁ ଯାଉଥିଲେ। ତେବେ ସେ ଗରମରୁ ରକ୍ଷା ପାଇବା ଲାଗି ହେଲମେଟ୍ ପରିବର୍ତ୍ତେ କ୍ଷୀର କେନ୍ ମୁଣ୍ଡରେ ଭର୍ତ୍ତି କଲେ। କିଛି ଲୋକଙ୍କ କହିବା କଥା ରିଲ୍‌ସ ପାଇଁ ସେ ଏଭଳି କରିଥିଲେ। ଯେମିତି ସେ ନିଜ ମୁଣ୍ଡରେ ୧୫ ଲିଟର କ୍ଷୀର କେନ୍‌କୁ ରଖିଛନ୍ତି, କିଛି କ୍ଷଣରେ ଏହା ତାଙ୍କୁ ସମସ୍ୟାରେ ପକାଇଲା। କେନ୍‌ଟି ମୁଣ୍ଡ ଭିତରେ ଅଟକି ଗଲା ଏବଂ ଆଦୌ ବାହାରିଲା ନାହିଁ। ଅବଶ୍ୟ କାଲୁରାମ ଏହାକୁ ବାହାର କରିବାକୁ ପ୍ରୟାସ କରିଥିଲେ ସୁଦ୍ଧା ଏହା ଆହୁରି ଭିତରକୁ ପଶି ଯାଇଥିଲା। କେନ୍‌ର ଓଜନ ୧୦ କିଲୋ ଥିଲା ବୋଲି କୁହାଯାଉଛି। ଧୀରେ ଧୀରେ ତାଙ୍କ ସ୍ଥିତି ଗମ୍ଭୀର ହେବାରୁ କାଲୁରାମ ଏହାକୁ ନେଇ ଭୟଭୀତ ହୋଇଗଲେ। ଏହାପରେ ସେ ଆଖପାଖ ଲୋକଙ୍କୁ ସାହାଯ୍ୟ ପାଇଁ ଡାକିଥିଲେ। ଗାଁ ଲୋକେ ତୁରନ୍ତ ତାଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସିଲେ। ପ୍ରଥମେ ହାତରେ ସେମାନେ କେନ୍‌କୁ ମୁଣ୍ଡରୁ ବାହାର କରିବାକୁ ଚେଷ୍ଟା କଲେ। ସଫଳ ନ ହେବାରୁ ସେମାନେ କାଲୁରାମଙ୍କୁ ପାଖରେ ଥିବା ଏକ ହାର୍ଡୱେୟାର୍ ଦୋକାନକୁ ନେଇ ଯାଇଥିଲେ। ସେଇଠୁ ମେସିନ୍ କଟର୍ ସାହାଯ୍ୟରେ ଧୀରେ ଧୀରେ କେନ୍‌କୁ କଟାଗଲା। ଏ ସମସ୍ତ କାମ ଖୁବ୍ ସତର୍କର ସହ କରାଯାଇଥିଲା। କାରଣ ଟିକିଏ ଅସାବଧାନତା ଯୋଗୁଁ ତାଙ୍କୁ ଆଘାତ ଲାଗିବାର ଆଶଙ୍କା ଥାଏ। କାଲୁରାମଙ୍କ ଉଦ୍ଧାର କାର୍ଯ୍ୟ ପୂରା ଦୁଇ ଘଣ୍ଟା ଜାରି ରହିଲା। ଏହାପରେ ସେ ସୁରକ୍ଷିତ ଭାବେ କେନ୍‌ରୁ ବାହାରି ଗଲେ। ଏହି ଘଟଣାର ଭିଡିଓ ବନାଇ କେହି ସାମାଜିକ ଗଣମାଧ୍ୟମରେ ସେୟାର୍ କରିବା ପରେ ଏହା ସଭିଙ୍କ ଦୃଷ୍ଟି ଆକର୍ଷଣ କରିଛି। କିଛି ଲାଇକ୍ ଓ ଭ୍ୟୁ ପାଇଁ ଏଭଳି ବିପଜ୍ଜନକ ରିଲ୍ସ କରିବା ବୋକାମି ବୋଲି ଅନେକ କହିଛନ୍ତି।





## ବେକରେ ଟାଣିଲେ ୯୦୦୦ କେଜି ଓଜନର ବସ୍

ଆରୁବାର ଏଗମଣ୍ଡ ମୋଲିନା ବେକରେ ୯.୮୭୦ କେଜି ଓଜନର ବସ୍‌କୁ ଟାଣି ବିଶ୍ୱ ରେକର୍ଡ କରିଛନ୍ତି। ସେ ୨୦ ମିଟର ପର୍ଯ୍ୟନ୍ତ ବସ୍‌ଟିକୁ ବେକରେ ଟାଣି ନେଇଛନ୍ତି। ଏଗମଣ୍ଡ 'ହ୍ୟୁମାନ କ୍ରେନ୍' ନାଁରେ ପରିଚିତ। ତାଙ୍କ ନାଁରେ ପୂର୍ବରୁ ହିଁ ଅନେକ ବିଶ୍ୱ ରେକର୍ଡ ଅଛି। ସେ ନିଜର ଏକ ଅଙ୍ଗୁଳିରେ ୨୦ ମିଟର ପର୍ଯ୍ୟନ୍ତ ବସ୍ ଟାଣିବାର ରେକର୍ଡ ମଧ୍ୟ କରିଥିଲେ। ଏହାବାଦ୍ ସେ ତାଙ୍କର ଗୋଟିଏ ଅଙ୍ଗୁଳିରେ ୧୫୯ କିଲୋଗ୍ରାମ୍‌ର ଓଜନ ଉଠାଇ ରେକର୍ଡ କରିଥିଲେ। କେବଳ ସେତିକି ନୁହେଁ, ସେ ଅଣ୍ଟା ବେଲ୍ଟ ସାହାଯ୍ୟରେ ୧୦୦୨ କିଲୋଗ୍ରାମ ଅର୍ଥାତ୍ ଏକ ଟନ୍‌ରୁ ଅଧିକ ଓଜନର ଜିନିଷ ଉଠାଇ ଥିଲେ।

ସବୁଠୁ ବଡ଼ କଥା ହେଉଛି ଏତେ ଅଧିକ ଓଜନର ଜିନିଷ ଉଠାଉଥିବା ଏଗମଣ୍ଡଙ୍କର ନିଜର ଓଜନ ୮୭ କେଜି। ପରିବାର ଓ ତାଙ୍କ ଜନ୍ମଭୂମି ଏଗମଣ୍ଡଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି ସେ କହିଛନ୍ତି। ଆରୁବା ଏକ ଛୋଟ ଦ୍ୱୀପ। ଏହାର ଜନସଂଖ୍ୟା ଲକ୍ଷେ ୧୦ ହଜାର। ଏଗମଣ୍ଡଙ୍କ ମତରେ, ବିଶ୍ୱ ଦେଖୁ ଯେ, ଛୋଟ ଦେଶରୁ ବି ବଡ଼ ଖେଳାଳି ବାହାରିପାରିବେ। ତେଣୁ ସେ ତାଙ୍କର ସମସ୍ତ ରେକର୍ଡ ତାଙ୍କ ପରିବାର ଏବଂ ଦେଶକୁ ସମର୍ପଣ କରିଛନ୍ତି। ଅବଶ୍ୟ ଏତେ ବଡ଼ ଉପଲବ୍ଧି ହାସଲ କରିବା ତାଙ୍କ ପାଇଁ ଆଦୌ ସହଜ ନ ଥିଲା। ଏଥିପାଇଁ ଅନେକ ସମୟରେ ସେ ଗୁରୁତର ଆହତ ମଧ୍ୟ ହୋଇଥିଲେ। ସେହିପରି ବସ୍‌କୁ ବେକରେ ଟାଣୁଥିବା ସମୟରେ ବନ୍ଧା ଯାଇଥିବା ରଶି ଯୋଗୁଁ ତାଙ୍କ ଶ୍ୱାସନଳୀ ଚାପି ହୋଇଯାଉଥିଲା। ଏହାକୁ ନିୟନ୍ତ୍ରଣ କରି ତାଙ୍କୁ ବସ୍ ଟାଣିବାକୁ ପଡ଼ିଥିଲା। ଅନ୍ୟପକ୍ଷରେ ଏହା କେବଳ ଶାରୀରିକ ବଳ ନୁହେଁ, ମାନସିକ ଦୃଢ଼ତାର ବି ପରୀକ୍ଷା ଥିଲା ବୋଲି ସେ କହିଛନ୍ତି। ତେବେ ତମାମ ଅସୁବିଧା ସତ୍ତ୍ୱେ ଏଗମଣ୍ଡ ହାର୍ ମାନି ନାହାନ୍ତି।



## ଓଡ଼ିଆଣୀଙ୍କ ସାବିତ୍ରୀ ସଜ



ଓଡ଼ିଆ ଘରେ ସାବିତ୍ରୀ ବ୍ରତର ବିଶେଷ ମହତ୍ତ୍ୱ ରହିଛି। ପ୍ରତ୍ୟେକ ସଧବା ମହିଳାମାନେ ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ଏହି ବ୍ରତ ପାଳିଥାନ୍ତି। ଏଥିପାଇଁ ବାପଘରୁ ସ୍ୱତନ୍ତ୍ର ସାବିତ୍ରୀ ଭାର ଆସିଥାଏ। ମହିଳାମାନେ ନୂଆଶାଢ଼ି, ନାଲିଚୁଡ଼ି, ନାଲିଶଙ୍ଖା, ସିନ୍ଦୂର ସମେତ ଅଳତା ଆଦି ଶୃଙ୍ଗାର କରି ପାରମ୍ପରିକ ଲୁକ୍ ନେଇଥାନ୍ତି। ଏଥିପାଇଁ ମହିଳାମାନେ ସାବିତ୍ରୀ ପୂର୍ବରୁ ସ୍ୱତନ୍ତ୍ର ସଜବାଜର ପ୍ରସ୍ତୁତି କରିଥାନ୍ତି। ସାବିତ୍ରୀ ବ୍ରତ, ସାଜସଜ ଏବଂ ପୂର୍ବପ୍ରସ୍ତୁତିକୁ ନେଇ ଏହି ଉପସ୍ଥାପନା।

### ନୂଆ ଶାଢ଼ି ଓ ଷୋଳଶୃଙ୍ଗାର

ଏହି ବ୍ରତର ମୁଖ୍ୟ ଷୋଳଶୃଙ୍ଗାର। ଏଥିପାଇଁ ବାପଘରୁ ସ୍ୱତନ୍ତ୍ର ଭାର ଆସିଥାଏ। ଏହାସତ୍ତ୍ୱେ ଅନେକ ମହିଳା ପୂଜାପାଇଁ ସ୍ୱତନ୍ତ୍ର ନାଲି, ହଳଦିଆ ଏବଂ ଗାଢ଼ ରଙ୍ଗର ଶାଢ଼ି କିଣିଥାନ୍ତି। ଏହି ରଙ୍ଗର ଶାଢ଼ି ପିନ୍ଧିଲେ ଶୁଭ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଏଥିସହ ଶଙ୍ଖା, ସିନ୍ଦୂର, ଚୁଡ଼ି, ଝୁଣ୍ଟିଆ, ପାନିଆ, ନେଲ୍‌ପଲିସ୍, ଅଳତା, ମେହେନ୍ଦି କଳା ଆଦି ଶୃଙ୍ଗାରକୁ ଏକତ୍ର କରି ସଜେଇ ରଖିଥାନ୍ତି। ସେହିପରି ବ୍ରତ ପୂଜା ପାଇଁ ମହିଳାମାନେ ଆମ୍ବ, ପଣସ, କଦଳୀ, ସପୁରି, ଖଜୁରି, ଜାମୁରୋଳ, ତାଳସଜ, ଅଙ୍ଗୁର, ଲିଚୁ ଭଳି ମୌସୁମୀ ଫଳ ସବୁକୁ ଦୁଇଦିନ ଆଗରୁ ବରାଦ କରିଥାନ୍ତି। ଏହାବାଦ୍ ମହିଳାମାନେ ଅଳତାରେ ବିଭିନ୍ନ ଡିଜାଇନ୍ ଏବଂ ହାତରେ ମେହେନ୍ଦି କରନ୍ତି।

### ମେକ୍‌ଅପ୍ ଏବଂ କେଶ ବିନ୍ୟାସ

ପୂଜାର୍ଚ୍ଚନା ସହ ମହିଳାମାନେ ସାଜସଜାକୁ ନେଇ ବେଶ୍ ପରୀକ୍ଷାନିରୀକ୍ଷା କରିଥାନ୍ତି। ଏଥିପାଇଁ ମେକ୍‌ଅପ୍ ଏବଂ ଭଳିକି ଭଳି କେଶବିନ୍ୟାସ କରିଥାନ୍ତି। ସାବିତ୍ରୀ ବ୍ରତରେ ପାରମ୍ପରିକ ଓଡ଼ିଆଣୀ ବୋହୂର ମେକ୍‌ଅପ୍ କରିଥାନ୍ତି। ମୁଣ୍ଡରେ ବେଣୀ କରି ସେଥିରେ ଫୁଲ ଲଗାଇଥାନ୍ତି। ଏଥିରୁ ସମ୍ପୂର୍ଣ୍ଣ ସାବିତ୍ରୀ ଲୁକ୍ ମିଳିଥାଏ।



"ସାବିତ୍ରୀବ୍ରତ ଦଶ ପନ୍ଦର ଦିନ ପୂର୍ବରୁ ସାବିତ୍ରୀ ଭାର ଆସୁଥିଲା। ହେଲେ ଏବେ କାର୍ଯ୍ୟବ୍ୟସ୍ତତା, ସମୟର ଅଭାବ ଯୋଗୁଁ ଅଧିକାଂଶ ଫୋନ୍‌ରେ ଟଙ୍କା ପଠେଇ ଦେଉଛନ୍ତି। ଏହି ଟଙ୍କାରେ ମୁଁ ସାବିତ୍ରୀ ପାଇଁ ଆବଶ୍ୟକୀୟ ଜିନିଷ କିଣାକିଣି କରେ। ପୂଜା ପାଇଁ ଆବଶ୍ୟକ ନୂଆ ଶାଢ଼ି, ଚୁଡ଼ି , ସିନ୍ଦୂର ସମେତ ଟିକି ନିଖି ଜିନିଷ କିଣି ଆଗୁଆ ସଜେଇ ରଖେ। ଅବଶ୍ୟ ଗାଁ ଗହଳିରେ ବ୍ରତର ପୂର୍ବ ପ୍ରସ୍ତୁତି,ବେଶ୍ ଆନନ୍ଦ ଲାଗେ। ହେଲେ ସହରରେ ଏହି ଅନୁଭୂତି ଏତେଟା ମିଳିପାରେନି।

ନିରୁପମା ପାଇକରାୟ, ଭୁବନେଶ୍ୱର



ମୋ ଭଳି ପ୍ରତ୍ୟେକ ସଧବାନାରୀ ସାବିତ୍ରୀ ବ୍ରତକୁ ଉତ୍ସୁକତାର ସହ ଚାହିଁ ବସିଥାନ୍ତି। ମହିଳାମାନେ ଉପବାସ ରଖି ନିତିନିଷ୍ଠାର ସହ ଏହି ବ୍ରତ ପାଳି ପୂଜାର୍ଚ୍ଚନା କରନ୍ତି। ଏହିଦିନ ମହିଳାମାନେ ପାରମ୍ପରିକ ଓଡ଼ିଆଣୀ ବେଶରେ ସଜେଇ ହେବାକୁ ପସନ୍ଦ କରନ୍ତି ଏବଂ ସାଜସଜା ଜିନିଷ ପ୍ରସ୍ତୁତ କରି ରଖିଥାନ୍ତି।"

ଲିଙ୍କି ପ୍ରଧାନ, ପୁରୀ



## ସୁଶ୍ରୀ

### ହଜିଯାଉଥିବା ସ୍ୱାଦ

## ମଞ୍ଜା ଆମ୍ବିଳ

**ଆବଶ୍ୟକ ସାମଗ୍ରୀ**

କଦଳୀ ମଞ୍ଜା - ଖଣ୍ଡେ, ସୋରିଷ ବେସର – ଏକ ଚାମଚ, ପଞ୍ଚଫୁଟଣ – ଅଧା ଚାମଚ, ଭୃସଙ୍ଗପତ୍ର - ଚାରି ପାଞ୍ଚଟି, ଗୁଡ଼- ଅଧା କପ୍, ହଳଦୀଗୁଣ୍ଡ – ଅଧା ଚାମଚ, ତେନ୍ତୁଳି – ଅଳ୍ପ, ଲଙ୍କାଗୁଣ୍ଡ- ଏକ ଚାମଚ, ଲୁଣ – ସ୍ୱାଦ ଅନୁସାରେ, ତେଲ – ଆବଶ୍ୟକତା ଅନୁସାରେ।

**ପ୍ରସ୍ତୁତି ପ୍ରଣାଳି**

ପ୍ରଥମେ କଦଳୀମଞ୍ଜାକୁ ଛୋଟ ଛୋଟ ଖଣ୍ଡରେ କାଟନ୍ତୁ। ଏହାପରେ ପାଣି ସମେତ ହଳଦୀଗୁଣ୍ଡ ପକାଇ ସିଝାନ୍ତୁ। ଆଉ ଏକ କଡ଼େଇ ନେଇ ସେଥିରେ ତେଲ ଫୁଟଣ, ଭୃସଙ୍ଗପତ୍ର ମଞ୍ଜା ପକାଇ ଭାଜନ୍ତୁ। ଏହାପରେ ପାଣି ଦେଇ ହଳଦୀଗୁଣ୍ଡ, ଲଙ୍କାଗୁଣ୍ଡ, ଲୁଣ ପକାଇ କିଛି ସମୟ କଷନ୍ତୁ। ଏହାପରେ ସାମାନ୍ୟ ଗୁଡ଼ ଦେଇ ଏପାଖସେପାଖ କରନ୍ତୁ। ପରେ ତେନ୍ତୁଳି ରସ ଦେଇ ଦୁଇମିନିଟ୍ ଛାଡ଼ି ଦିଅନ୍ତୁ। ପାଣି ମରିଗଲେ ଏଥିରେ ସୋରିଷ ବେସର ଦେଇ ଏପାଖସେପାଖ କରନ୍ତୁ। ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ 'ମଞ୍ଜା ଆମ୍ବିଳ'।



## ହେୟାର୍ ସନ୍‌ସ୍କ୍ରିନ୍

ତ୍ୱଚାକୁ ଖରାରୁ ସୁରକ୍ଷା ଦେବା ପାଇଁ ଅନେକେ ସନ୍‌ସ୍କ୍ରିନ୍ ଲଗାଇଥାନ୍ତି। ତେବେ ଖରା କେବଳ ତ୍ୱଚା ନୁହେଁ, କେଶକୁ ମଧ୍ୟ ପ୍ରଭାବିତ କରିଥାଏ। ସୂର୍ଯ୍ୟର ଅତିବାଇଗଣୀ ରଶ୍ମୀ, କେଶକୁ ଶୁଷ୍କ, ଦୁର୍ବଳ ଏବଂ ରୁକ୍ଷ କରିଥାଏ। ତେଣୁ ଏହି ଦିନେ କେଶର ଅଧିକ ଯତ୍ନ ନେବାକୁ ପଡ଼ିଥାଏ। ଏଥିପାଇଁ ହେୟାର୍ ସନ୍‌ସ୍କ୍ରିନ୍ ଲଗାଇପାରିବେ। ଏହା କେଶକୁ ଅତିବାଇଗଣୀ ରଶ୍ମିରୁ ସୁରକ୍ଷା ଦେବା ସହ କେଶରେ ଚମକ ଆଣିବାରେ ସାହାଯ୍ୟ କରିଥାଏ।



### ଖରାରୁ କେଶ ସୁରକ୍ଷା

ଖରାରେ ବାହାରକୁ ଯିବା ପୂର୍ବରୁ କପଡ଼ା କିମ୍ବା ସ୍କାର୍ଫ ବାନ୍ଧନ୍ତୁ। ଏଥିସହ କେଶରେ ୟୁଭି ପ୍ରୋଟେକ୍ସନ ସ୍ପ୍ରେ କରନ୍ତୁ। କେଶରେ କଣ୍ଡିସନର ଲଗାନ୍ତୁ। ଏପରି କରିବା ଦ୍ୱାରା କେଶ ସୁସ୍ଥ ରହିଥାଏ।

### ଘରୋଇ ଉପଚାର

ନଡ଼ିଆ ତେଲ, ଆଲୋଭେରା ଜେଲ୍ ସମେତ ଦହି ବ୍ୟବହାର କରିପାରିବେ। ଏହା କେଶକୁ ପ୍ରାକୃତିକ ଉପାୟରେ ପୋଷଣ ଦେଇଥାଏ। ଏଥିସହ କେଶକୁ ସୂର୍ଯ୍ୟକିରଣରୁ ସୁରକ୍ଷା ଦେଇଥାଏ।

### ହେୟାର୍ କେୟାର୍

ବିଶେଷ କରି ଖରାଦିନେ ଅଧିକ କେଶ ସଫା କରିବା, ଡିପ୍ କଣ୍ଡିସନିଙ୍ଗ୍ କରିବା ଏବଂ ହିଟ୍ ମେସିନରୁ କେଶକୁ ଦୂରେଇ ରଖିବା ଜରୁରି। ଏହାଦ୍ୱାରା କେଶ ମଜଭୂତ ହେବା ସହ ଚମକ ଆସିଥାଏ।

## ହେଲ୍‌ମେଟ୍ ପିନ୍ଧିବା ପୂର୍ବରୁ ଜାଣି ରଖନ୍ତୁ

ଖରାଦିନେ ହେଲ୍‌ମେଟ୍ ପିନ୍ଧିବାକୁ ଅନେକେ ନାପସନ୍ଦ କରନ୍ତି। କାରଣ ଝାଳ ବୋହି ଅଣନିଃଶ୍ୱାସୀ ଲାଗିଥାଏ। ହେଲେ ସୁରକ୍ଷା ଦୃଷ୍ଟିରୁ ଏହା ପିନ୍ଧିବାକୁ ପଡ଼ିଥାଏ। ତେବେ ହେଲ୍‌ମେଟ୍ ପିନ୍ଧୁଥିଲେ ଏଥିପାଇଁ କେତେକ ଜରୁରି ଟିପ୍ସ ଜାଣି ରଖନ୍ତୁ।

### ସୂତା ସ୍କାର୍ଫ

ହେଲ୍‌ମେଟ୍ ପିନ୍ଧିବା ପୂର୍ବରୁ, ପ୍ରଥମେ ମୁଣ୍ଡରେ ସୂତା ସ୍କାର୍ଫରେ ବାନ୍ଧନ୍ତୁ। ଏହା କେଶର ସମ୍ପୂର୍ଣ୍ଣ ଝାଳକୁ ଅବଶୋଷିତ କରିଥାଏ। ସୂତା କପଡ଼ା ଯୋଗୁ କେଶରେ ଝାଳଦୁର୍ଗନ୍ଧ ଦୂର ହୋଇଥାଏ। ତେଣୁ ହେଲମେଟ୍ ପିନ୍ଧିବା ପୂର୍ବରୁ ସୂତା କପଡ଼ା ବାନ୍ଧିବା ଆବଶ୍ୟକ।

### ବାୟୁ ଚଳାଚଳ, ହାଲୁକା ରଙ୍ଗ

ବର୍ତ୍ତମାନ ସମୟରେ ଏୟାର ଭେଣ୍ଟିଲେସନ୍ ହେଲ୍‌ମେଟ୍ ଆସୁଛି। ଏହା ପିନ୍ଧିବାକୁ ଆରାମଦାୟକ ହୋଇଥାଏ। ଏହି ହେଲ୍‌ମେଟ୍‌ରେ ବାୟୁ ଚଳାଚଳ ଭଲ ହୋଇଥାଏ। ଏଥିପାଇଁ ହାଲୁକା ରଙ୍ଗର ହେଲ୍‌ମେଟ୍ ଚୟନ କରନ୍ତୁ।

# ଆର୍‌ସିବି-କେକେଆର୍ ଲଢ଼େଇରେ ବର୍ଷା ବାଧକ

ରାୟପୁର, ୧୩।୫ (ଏଜେନ୍ସି)



ଚଳିତ ଆଇପିଏଲରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି)ର ଦ୍ୱିତୀୟ ଘରୋଇ ଭେନ୍ୟୁ ହୋଇଥିବା ଛତିଶଗଡ଼ ରାୟପୁରସ୍ଥିତ ସହିଦ ବୀର ନାରାୟଣ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ପୁଣି ବର୍ଷା ବାଧକ ସାଜିଛି। ବୁଧବାର ଏଠାରେ ଘରୋଇ ଆରସିବି ଓ କୋଲକାତା ନାଇଟ୍ ରାଇଡର୍ସ (କେକେଆର) ମଧ୍ୟରେ ଅନୁଷ୍ଠିତ ଲିଗ୍‌ର ୫୭ତମ ମ୍ୟାଚ୍ ବର୍ଷା ଯୋଗୁ ଘଣ୍ଟାଏ ୧୫ ମିନିଟ୍ ବିଳମ୍ବରେ ଆରମ୍ଭ ହୋଇଛି। ବର୍ଷା ବାଧାପ୍ରାପ୍ତ ଏହି ମ୍ୟାଚରେ ଟସ୍ ଜିତି ବେଙ୍ଗାଲୁରୁ ଅଧିନାୟକ ରଜତ ପାଟିଦାର ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭ୍ରମଣକାରୀ କେକେଆର ପ୍ରାରମ୍ଭରୁ ବିସ୍ଫୋରକ ଓପନର୍ ଫିନ ଆଲେନଙ୍କୁ ହରାଇଥିଲା। ତୃତୀୟ ଓଭରରେ ଭୁବନେଶ୍ୱର କୁମାରଙ୍କ ଏକ ଆଉଟ୍ ସୁଇଂ ବଲ୍‌କୁ ବୁଝି ନ ପାରି ଆଲେନ ୱିକେଟ୍ ପଛରେ ଜୀତେଶ ଶର୍ମାଙ୍କ ଗ୍ଲୋଭ୍‌ସରେ ଧରାପଡ଼ିଥିଲେ। ୮ଟି ବଲ୍ ସାମ୍ନା କରିଥିବା ଆଲେନ ୩ଟି ଚୌକା ଓ ଗୋଟିଏ ଛକା ବଳରେ ୧୮ ରନ କରି ବଡ଼ ପାଳି ଖେଳିବା ପୂର୍ବରୁ ବିଦାୟ ନେଇଥିଲେ। ଚଳିତ ଆଇପିଏଲ୍‌ରେ ଦମ୍‌ଦାର ଫର୍ମରେ ଥିବା ଭୁବନେଶ୍ୱରଙ୍କ ଏହା ୨୨ତମ ୱିକେଟ୍ ଥିଲା। ଶେଷ ଖବର ସୁଦ୍ଧା କୋଲକାତା ୪.୪ ଓଭରରେ ୨ ୱିକେଟ ହରାଇ ୪୮ ରନ ସଂଗ୍ରହ କରିଛି। ଦ୍ୱିତୀୟ ବ୍ୟାଟର ଭାବେ ଅଧିନାୟକ ଆଜିଙ୍କ୍ୟା ରାହାଣେ ୧୩ ବଲରେ ୧୯ ରନ କରି ଆଉଟ୍ ହୋଇଛନ୍ତି। ଅଷ୍ଟ୍ରେଲୀୟ ଅଭିଜ୍ଞ ଦ୍ରୁତ ବୋଲର ଜୋଶ ହାଜଲେଉଡ ନିଜର ପ୍ରଥମ ଓଭରର ୪ର୍ଥ ବଲରେ ରାହାଣେଙ୍କୁ କଟ୍ ଆଣ୍ଡ ବୋଲ୍ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ମଙ୍ଗଳବାର ଅନୁଷ୍ଠିତ ଆଇପିଏଲ୍‌ର ୫୬ତମ ଲିଗ୍ ମ୍ୟାଚ୍‌ରେ କାଗିସୋ ରାବାଡା (୩/୨୮), ଜେସନ ହୋଲ୍ଡର (୩/୨୦)ଙ୍କ ଘାତକ ବୋଲିଂ ବଳରେ ଗୁଜରାଟ ଟାଇଟାନ୍ସ ୮୨ ରନ୍‌ରେ ସନ୍‌ରାଇଜର୍ସ ହାଇଦରାବାଦ୍‌କୁ ପରାସ୍ତ କରିଛି। ତାମିଲନାଡୁର ଦୁଇ ଖେଳାଳି ଯଥା ଓପନର ସାଇ ସୁଦର୍ଶନଙ୍କ ଧୈର୍ଯ୍ୟପୂର୍ଣ୍ଣ ଓ ଅଲରାଉଣ୍ଡର ୱାଶିଂଟନ ସୁନ୍ଦରଙ୍କ ଦ୍ରୁତ ଅର୍ଦ୍ଧଶତକ ବଳରେ ପ୍ରଥମେ ବ୍ୟାଟିଂ କରି ଗୁଜରାଟ ଜାଏଣ୍ଟସ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ୧୬୮ ରନ୍ ସଂଗ୍ରହ କରିଥିଲା। ଜବାବରେ ସନରାଇଜର୍ସ ଦଳ ୧୪.୫ ଓଭରରେ ୮୬ରନ୍ କରି ଅଲଆଉଟ ହୋଇଥିଲା।

## ଆଇପିଏଲ୍ ପଏଣ୍ଟ ଟେବୁଲ୍

| ଦଳ | ମ୍ୟା. | ବି. | ପ. | ବା. | ପ. | ଏନ୍‌ଆର୍‌ଆର୍ |
|---|---|---|---|---|---|---|
| ଗୁଜରାଟ | ୧୨ | ୮ | ୪ | ୦ | ୧୬ | +୦.୫୫୧ |
| ବେଙ୍ଗାଲୁରୁ* | ୧୧ | ୭ | ୪ | ୦ | ୧୪ | +୧.୧୦୩ |
| ହାଇଦରାବାଦ | ୧୨ | ୭ | ୫ | ୦ | ୧୪ | +୦.୩୩୧ |
| ପଞ୍ଜାବ | ୧୧ | ୬ | ୪ | ୧ | ୧୩ | +୦.୪୨୮ |
| ଚେନ୍ନାଇ | ୧୧ | ୬ | ୫ | ୦ | ୧୨ | +୦.୧୮୫ |
| ରାଜସ୍ଥାନ | ୧୧ | ୬ | ୫ | ୦ | ୧୨ | +୦.୦୮୨ |
| କୋଲକାତା* | ୧୦ | ୪ | ୫ | ୧ | ୯ | -୦.୧୬୯ |
| ଦିଲ୍ଲୀ | ୧୨ | ୫ | ୭ | ୦ | ୧୦ | -୦.୯୯୩ |
| ମୁମ୍ବାଇ (ଏ) | ୧୧ | ୩ | ୮ | ୦ | ୬ | -୦.୫୮୫ |
| ଲକ୍ଷ୍ନୌ (ଏ) | ୧୧ | ୩ | ୮ | ୦ | ୬ | -୦.୯୦୭ |

ବି.ଦ୍ର.: ମ୍ୟା-ମ୍ୟାଚ୍, ବି- ବିଜୟ, ପ- ପରାଜୟ, ବା- ବାତିଲ, ପ- ପଏଣ୍ଟ




## ଆଜିର ଆଇପିଏଲ୍ ମ୍ୟାଚ୍

ପଞ୍ଜାବ ବନାମ ମୁମ୍ବାଇ
ଭେନ୍ୟୁ-ଧର୍ମଶାଳା
ଖେଳ ଆରମ୍ଭ : ରାତି ୭.୩୦
ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

# ମାକନେଲ୍‌ଙ୍କ ସହ ଚୁକ୍ତି କଲା ସିଏସ୍‌କେ



ଚେନ୍ନାଇ, ୧୩।୫ (ଏଜେନ୍ସି): କର୍ଣ୍ଣାଟକ ଅଲ୍‌ରାଉଣ୍ଡର ମାକନେଲ ନୋରୋନହାଙ୍କ ସହ ଚେନ୍ନାଇ ସୁପର୍ କିଙ୍ଗ୍‌ସ (ସିଏସକେ) ଚୁକ୍ତି କରିଛି। ତାଙ୍କୁ ୩୦ ଲକ୍ଷ ଟଙ୍କାରେ ସିଏସକେ ଫ୍ରାଞ୍ଚାଇଜ ଦଳରେ ସାମିଲ କରିଛି। ଆହତ ହୋଇ ଚଳିତ ଆଇପିଏଲ୍‌ର ବଳକା ମ୍ୟାଚରୁ ବାଦ୍ ପଡ଼ିଥିବା ରାମକ୍ରିଷ୍ଣ ଘୋଷଙ୍କ ସ୍ଥାନରେ ମାକନେଲ ଚେନ୍ନାଇ ପାଇଁ ଖେଳିବେ। ସିଏସକେ ଫ୍ରାଞ୍ଚାଇଜ ପକ୍ଷରୁ ବୁଧବାର ଏହି ସୂଚନା ଦିଆଯାଇଛି। ୨୪ ବର୍ଷୀୟ ମାକନେଲ ୨୦୨୪-୨୫ କର୍ଣ୍ଣେଲ ସିକେ ନାଇଡୁ ଟ୍ରଫିରେ ସର୍ବାଧିକ ସ୍କୋରର ରହିଥିଲେ। ଯେଉଁଥି ପାଇଁ ତାଙ୍କୁ ବିସିସିଆଇ 'ନମନ ଆୱାର୍ଡ'ରେ ସମ୍ମାନିତ କରିଥିଲା। କର୍ଣ୍ଣାଟକ ସିନିଅର ଦଳ ପାଇଁ ସେ ମାତ୍ର ୩ଟି ଟି-୨୦ ମ୍ୟାଚ୍ ଖେଳି ମୋଟ୍ ୫୮ ରନ କରିବା ସହ ଗୋଟିଏ ୱିକେଟ୍ ନେଇଛନ୍ତି।

■ ଜୁନ୍ ୬ରୁ ଭାରତ-ଆଫଗାନିସ୍ତାନ ଟେଷ୍ଟ

# ବୁମରା, ସିରାଜଙ୍କ 'ୱାର୍କଲୋଡ୍' ଉପରେ ନଜର



ନୂଆଦିଲ୍ଲୀ,୧୩।୫(ଏଜେନ୍ସି): ଆସନ୍ତା ଜୁନ୍ ୬ ତାରିଖରୁ ଚଣ୍ଡିଗଡ଼ରେ ଆଫଗାନିସ୍ତାନ ବିପକ୍ଷରେ ଖେଳାଯିବାକୁ ଥିବା ଏକମାତ୍ର ଟେଷ୍ଟ ମ୍ୟାଚ୍ ପାଇଁ ଭାରତୀୟ ଦଳ ଚୟନକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଆଇପିଏଲ୍ ଶେଷ ହେବାର ମାତ୍ର କିଛି ଦିନ ପରେ ଏହି ମ୍ୟାଚ୍ ଥିବାରୁ ମୁଖ୍ୟ ବୋଲରମାନଙ୍କ 'ୱାର୍କଲୋଡ୍' ବା କାର୍ଯ୍ୟଭାରକୁ ନେଇ ଚୟନକର୍ତ୍ତାମାନେ ଚିନ୍ତାରେ ଅଛନ୍ତି। ଚୟନକର୍ତ୍ତାମାନେ ଦୁର୍ବଳ ଦଳ ଅପେକ୍ଷା ସର୍ବୋତ୍ତମ ଖେଳାଳିଙ୍କୁ ନେଇ ପଡ଼ିଆକୁ ଓହ୍ଲାଇବାକୁ ଚାହୁଁଛନ୍ତି। ମୁମ୍ବାଇ ଇଣ୍ଡିଆନ୍ସ ଦଳ ଆଇପିଏଲ୍ ପ୍ଲେ-ଅଫ୍‌ରୁ ବାଦ୍ ପଡ଼ିଥିବାରୁ ଯଶପ୍ରୀତ ବୁମରା ବିଶ୍ରାମ ପାଇଛନ୍ତି। କିନ୍ତୁ ତାଙ୍କ ୱାର୍କଲୋଡ୍ ମ୍ୟାନେଜମେଣ୍ଟ ଏକ ସମ୍ବେଦନଶୀଳ ପ୍ରସଙ୍ଗ। ଅନ୍ୟପଟେ ମହମ୍ମଦ ସିରାଜ ଓ ପ୍ରସିଦ୍ଧ କ୍ରିଷ୍ଣାଙ୍କ ଗୁଜରାଟ ଟାଇଟାନ୍ସ ଦଳ ପ୍ଲେ-ଅଫ୍ ଦୌଡ଼ରେ ରହିଛି। ଆକାଶଦୀପ୍ ଏବଂ ହର୍ଷିତ ରାଣା ଆହତ ଥିବାରୁ ଚୟନ ପାଇଁ ଉପଲବ୍ଧ ନାହାନ୍ତି। ମହମ୍ମଦ ସାମିଙ୍କୁ ନେଇ ଚୟନକର୍ତ୍ତାମାନେ ଆଉ ଆଗ୍ରହୀ ନଥିବା ଜଣାପଡ଼ିଛି। ଅଂଶୁଲ କାମ୍ବୋଜ, ଗୁରନୁର ବ୍ରାର ଓ ଆଉକିବ୍ ନବୀଙ୍କ ଭଳି ଯୁବ ବୋଲରଙ୍କ ନାମ ଉପରେ ଚର୍ଚ୍ଚା ହେଉଛି। ନୀତିଶ କୁମାର ରେଡ୍ଡୀଙ୍କୁ ମଧ୍ୟ ଜଣେ ସିମ୍-ବୋଲିଂ ଅଲରାଉଣ୍ଡର ଭାବେ ବିଚାର କରାଯାଉଛି। ବିସିସିଆଇ ସମସ୍ତ ତଥ୍ୟ ଓ ଖେଳାଳିଙ୍କ ଫିଟନେସ୍ ରିପୋର୍ଟ ଅନୁଧ୍ୟାନ କରୁଛି। ଚଳିତ ସପ୍ତାହ ଶେଷ ସୁଦ୍ଧା ବସିବାକୁ ଥିବା ବୈଠକରେ ବୁମରା ଓ ସିରାଜଙ୍କ ଖେଳିବା ନେଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ।

■ ମହିଳା ଟି-୨୦ ବିଶ୍ୱକପ୍

# ଇଂଲଣ୍ଡ ଓ ୱେଷ୍ଟଇଣ୍ଡିଜ ସହ ୱାର୍ମଅପ୍ ଖେଳିବ ଭାରତ

ନୂଆଦିଲ୍ଲୀ, ୧୩।୫ (ଏଜେନ୍ସି): ଆଇସିସି ମହିଳା ଟି-୨୦ ବିଶ୍ୱକପ୍‌ର ୧୦ମ ସଂସ୍କରଣ ଜୁନ ୧୨ରୁ ଜୁଲାଇ ୫ ତାରିଖ ପର୍ଯ୍ୟନ୍ତ ଇଂଲଣ୍ଡ ଓ ୱେଲ୍ସରେ ମିଳିତ ଭାବେ ଆୟୋଜିତ ହେବ। ଏହି ମେଗା ଇଭେଣ୍ଟ ଲାଗି ଅଂଶଗ୍ରହଣକାରୀ ସମସ୍ତ ଦଳର ଅଭ୍ୟାସ ମ୍ୟାଚ୍ କାର୍ଯ୍ୟସୂଚୀ ବୁଧବାର ପ୍ରକାଶ ପାଇଛି। ହରମନପ୍ରୀତ୍ କୌରଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ବିଶ୍ୱକପ୍ ପୂର୍ବରୁ ଦୁଇଟି ଅଭ୍ୟାସ ମ୍ୟାଚ୍ ଖେଳିବ। ଭାରତ ଜୁନ ୮ରେ ୱେଷ୍ଟଇଣ୍ଡିଜ ଓ ଜୁନ ୧୦ରେ ଘରୋଇ ଇଂଲଣ୍ଡକୁ ଅଭ୍ୟାସ ମ୍ୟାଚ୍‌ରେ ଭେଟିବ। ଏହି ଦୁଇଟି ମ୍ୟାଚ୍ କାର୍ଡିଫ ଗ୍ରାଉଣ୍ଡରେ ଖେଳାଯିବ। ଜୁନ ୬ରୁ ୧୦ ତାରିଖ ମଧ୍ୟରେ ମୋଟ୍ ୧୨ଟି ଅଭ୍ୟାସ ମ୍ୟାଚ୍ ଖେଳାଯିବ ବୋଲି ଜଣାପଡ଼ିଛି। ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ ଜୁନ ୮ରେ ଅଭ୍ୟାସ ମ୍ୟାଚରେ ଇଂଲଣ୍ଡକୁ ଭେଟିବ। ଉଲ୍ଲେଖଯୋଗ୍ୟ ଭାରତୀୟ ମହିଳା ଦଳ ବିଶ୍ୱକପ୍‌ରେ ଗ୍ରୁପ୍-ବି'ରେ ସ୍ଥାନ ପାଇଛି। ଜୁନ ୧୪ରେ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷରେ ଖେଳି ହରମନପ୍ରୀତଙ୍କ ଦଳ ଅଭିଯାନ ଆରମ୍ଭ କରିବ।

■ ଥାଇଲାଣ୍ଡ ଓପନ୍ ବ୍ୟାଡମିଣ୍ଟନ

# ସିନ୍ଧୁ, ଲକ୍ଷ୍ୟ ଓ ଶ୍ରୀକାନ୍ତ ପ୍ରି-କ୍ୱାର୍ଟରରେ



ବ୍ୟାଙ୍କକ୍,୧୩।୫(ଏଜେନ୍ସି): ବ୍ୟାଙ୍କକଠାରେ ଚାଲିଥିବା ଥାଇଲାଣ୍ଡ ଓପନ୍ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଖେଳାଳିମାନେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ପିଭି ସିନ୍ଧୁ, ଲକ୍ଷ୍ୟ ସେନ୍ ଏବଂ କିଦାମ୍ବୀ ଶ୍ରୀକାନ୍ତ ନିଜ ନିଜ ମ୍ୟାଚ୍ ଜିତି ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଦୁଇଥରର ଅଲିମ୍ପିକ୍ ପଦକ ବିଜୟିନୀ ସିନ୍ଧୁ ୨୧-୯, ୨୧-୧୨ରେ ଚାଇନିଜ୍ ତାଇପେଇର ତୁଙ୍ଗ ସିଉ-ଟୋଙ୍ଗଙ୍କୁ ସହଜରେ ପରାସ୍ତ କରିଛନ୍ତି। ବିଶ୍ୱର ୧୧ ନମ୍ବର ଖେଳାଳି ଲକ୍ଷ୍ୟ ସେନ୍ ୨୧-୧୬, ୨୧-୧୭ରେ ସିଙ୍ଗାପୁରର ଜିଆ ହେଙ୍ଗ ଜେସନ୍‌ଙ୍କୁ ହରାଇ ପରବର୍ତ୍ତୀ ରାଉଣ୍ଡକୁ ଉଠିଛନ୍ତି। ଅଭିଜ୍ଞ ଶ୍ରୀକାନ୍ତ ୨୧-୧୪, ୨୧-୧୫ରେ ସିଙ୍ଗାପୁରର ଲୋ କିନ୍ ୟୁଙ୍କୁ ପରାସ୍ତ କରିଛନ୍ତି।

# ନର୍ସ ହେବା ପାଇଁ ଅଲିମ୍ପିକ୍ ବିଜେତାଙ୍କ ସନ୍ନ୍ୟାସ



ଲଣ୍ଡନ,୧୩।୫(ଏଜେନ୍ସି): ବ୍ରିଟେନର ସବୁଠାରୁ ସଫଳ ସାଇକ୍ଲିଷ୍ଟ ତଥା ତିନିଥରର ଅଲିମ୍ପିକ୍ ପଦକ ବିଜୟିନୀ କେଟି ଆର୍ଚିବାଲ୍ଡ ସନ୍ନ୍ୟାସ ଘୋଷଣା କରି ସମସ୍ତଙ୍କୁ ଚକିତ କରିଛନ୍ତି। ୨୦୨୬ କମନୱେଲଥ ଗେମ୍ସ ପାଇଁ ସ୍କଟଲାଣ୍ଡ ଦଳରେ ସେ ସ୍ଥାନ ପାଇଥିଲେ। ତେବେ କେଟି ନର୍ସ ଭାବେ ନୂତନ କ୍ୟାରିୟର ଗଢ଼ିବାକୁ ନିଷ୍ପତ୍ତି ନେଇଛନ୍ତି। ୩୨ ବର୍ଷୀୟା କେଟିଙ୍କର ଏହି ନିଷ୍ପତ୍ତି ପଛରେ ରହିଛି ସେବା କରିବାର ମନୋଭାବ। ସେ କହିଛନ୍ତି ଯେ, ଅନେକ ଦିନରୁ 'ପ୍ରକୃତ ଦୁନିଆ' ତାଙ୍କୁ ଆକର୍ଷିତ କରୁଥିଲା। ଏବେ ସେ ନର୍ସିଂ ତାଲିମ ନେଉଛନ୍ତି ଏବଂ ରୋଗୀଙ୍କ ସେବା କରିବା ସମୟରେ ଲୋକଙ୍କ ଭରସା ଜିତିବା ତାଙ୍କୁ ଏକ ଭିନ୍ନ ସୁଖ ପ୍ରଦାନ କରୁଛି। ତାଙ୍କର ୧୩ ବର୍ଷର ଲମ୍ବା କ୍ୟାରିୟରରେ ସେ ୫୧ଟି ପ୍ରମୁଖ ପଦକ ଜିତିଛନ୍ତି, ଯେଉଁଥିରେ ୭ଟି ବିଶ୍ୱ ଟାଇଟଲ୍ ଓ ୨୧ଟି ୟୁରୋପିଆନ୍ ଟାଇଟଲ୍ ସାମିଲ ଅଛି।

ଆଇଏସଏଲ୍ କ୍ଲବ୍‌ଗୁଡ଼ିକର ନୂଆ ପ୍ରସ୍ତାବ

# ନିଜେ ସମ୍ଭାଳିବେ ପରିଚାଳନା ଓ ବ୍ୟାବସାୟିକ ଦାୟିତ୍ୱ

ନୂଆଦିଲ୍ଲୀ,୧୩।୫(ଏଜେନ୍ସି): ଭାରତୀୟ ଫୁଟବଲରେ ଏକ ବଡ଼ ପରିବର୍ତ୍ତନ ପାଇଁ ଇଣ୍ଡିଆନ ସୁପର ଲିଗ୍ (ଆଏସ୍‌ଏଲ) କ୍ଲବଗୁଡ଼ିକ ଏକ ନୂଆ ମଡେଲ୍ ପ୍ରସ୍ତାବ ଦେଇଛନ୍ତି। ଇଷ୍ଟ ବେଙ୍ଗଲକୁ ଛାଡ଼ି ଅନ୍ୟ ସମସ୍ତ କ୍ଲବ୍ ମିଳିତ ଭାବେ ଲିଗ୍‌ର ପରିଚାଳନା ଏବଂ ବ୍ୟବସାୟିକ ଦାୟିତ୍ୱ ନିଜ ହାତକୁ ନେବାକୁ ସର୍ବଭାରତୀୟ ଫୁଟବଲ ମହାସଂଘ (ଏଆଇଏଫ୍‌ଏଫ୍) କୁ ଚିଠି ଲେଖିଛନ୍ତି। କ୍ଲବଗୁଡ଼ିକ କହିଛନ୍ତି ଯେ ବିଦେଶୀ ସଂସ୍ଥା ଅପେକ୍ଷା ସେମାନେ ସ୍ଥାନୀୟ ବଜାର ଓ ପରିଚାଳନା ବିଷୟରେ ଅଧିକ ଅଭିଜ୍ଞ। ତେଣୁ ସେମାନେ ଲିଗ୍‌କୁ ଅଧିକ ଦକ୍ଷତା ଓ କମ୍ ଖର୍ଚ୍ଚରେ ଚଳାଇପାରିବେ। ଏହି ନୂଆ ବ୍ୟବସ୍ଥାରେ ଏକ ସ୍ୱତନ୍ତ୍ର ସଂସ୍ଥା ଗଠନ ହେବ, ଯେଉଁଥିରେ ଏଆଇଏଫ୍‌ଏଫ୍ ପାଖରେ ୧୦% ଏବଂ କ୍ଲବଗୁଡ଼ିକ ପାଖରେ ୯୦% ମାଲିକାନା ରହିବ। କ୍ଲବଗୁଡ଼ିକ ପ୍ରସ୍ତାବ ଦେଇଛନ୍ତି ଯେ ଜିନିୟସ ସ୍ପୋର୍ଟ୍ସ କେବଳ ଡାଟା, ଟେକ୍ନୋଲୋଜି ଏବଂ ଫ୍ୟାନ୍ ଏନଗେଜମେଣ୍ଟ ପର୍ଯ୍ୟନ୍ତ ସୀମିତ ରହୁ। ସେମାନଙ୍କର ୭ ମିଲିୟନ ଡଲାରର ପାଉଣା ମଧ୍ୟ ହ୍ରାସ କରାଯାଉ। ପୂର୍ବରୁ ବିରୋଧ କରୁଥିଲେ ମଧ୍ୟ, ଏବେ କ୍ଲବଗୁଡ଼ିକ ଏ ଆ ଇ ଏ ଫ୍ ଏ ଫ୍ କୁ ବାର୍ଷିକ ୩ କୋଟି ଟଙ୍କାର ଏଣ୍ଟ୍ରି ଫି' ଦେବାକୁ ରାଜି ହୋଇଛନ୍ତି। ଆସନ୍ତା ମେ ୨୨ରେ ଏଆଇଏଫ୍‌ଏଫ୍ ସଭାପତି କଲ୍ୟାଣ ଚୌବେଙ୍କ ସହ କ୍ଲବଗୁଡ଼ିକର ବୈଠକ ଅଛି। ଏହା ପରେ ମେ ୨୩ରେ କୋଲକାତାରେ ହେବାକୁ ଥିବା ସ୍ୱତନ୍ତ୍ର ସାଧାରଣ ସଭାରେ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ଯଦି ଏହି ମଡେଲ୍ ଗ୍ରହଣ ହୁଏ, ତେବେ ଭାରତୀୟ ଫୁଟବଲରେ କ୍ଲବଗୁଡ଼ିକର ପ୍ରଭାବ ଆହୁରି ବୃଦ୍ଧି ପାଇବ।




■ ଆଇସିସି ଟେଷ୍ଟ ର୍‌ୟାଙ୍କିଙ୍ଗ୍

# ଶୀର୍ଷ ସ୍ଥାନ ବଜାୟ ରଖିଲେ ବୁମ୍‌ରା

ଦୁବାଇ, ୧୩।୫ (ଏଜେନ୍ସି): ଭାରତୀୟ ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍‌ରା ଆଇସିସି ଟେଷ୍ଟ ର୍‌ୟାଙ୍କିଙ୍ଗ୍‌ରେ ଏକ ନମ୍ବର ସ୍ଥାନ ବଜାୟ ରଖିଛନ୍ତି। ଆଇସିସି ପକ୍ଷରୁ ସଦ୍ୟ ପ୍ରକାଶିତ ର୍‌ୟାଙ୍କିଙ୍ଗ୍‌ରେ ୮୭୯ ରେଟିଂ ପଏଣ୍ଟ ସହ ବୁମ୍‌ରା ପୂର୍ବଭଳି ଏକ ନମ୍ବର ସ୍ଥାନରେ ରହିଛନ୍ତି। ଅଷ୍ଟ୍ରେଲିଆର ମିଚେଲ ଷ୍ଟାର୍କ, ମ୍ୟାଟ୍ ହେନରୀ ଓ ପ୍ୟାଟ୍ କମିନ୍ସ ଗୋଟିଏ ଲେଖାଏ ସ୍ଥାନ ଉପରକୁ ଉଠି ଯଥାକ୍ରମେ ଦ୍ୱିତୀୟ, ୩ୟ ଓ ୪ର୍ଥ ସ୍ଥାନ ହାସଲ କରିଛନ୍ତି। ପାକିସ୍ତାନର ନୋମାନ ଅଲି ୩ଟି ସ୍ଥାନ ହରାଇ ୫ମ ସ୍ଥାନକୁ ଖସିଯାଇଛନ୍ତି। ବୋଲିଂ ତାଲିକାର ଟପ୍-୨୦ରେ ଆଉ ୩ଜଣ ଭାରତୀୟ ବୋଲର ରହିଛନ୍ତି। ଦ୍ୱାଦଶ ସ୍ଥାନରେ ମହମ୍ମଦ ସିରାଜ, ୧୪ ଓ ୧୫ତମ ସ୍ଥାନରେ ଯଥାକ୍ରମେ ରବୀନ୍ଦ୍ର ଜାଡେଜା ଓ କୁଲଦୀପ ଯାଦବ ସ୍ଥାନ ପାଇଛନ୍ତି। ଉଭୟ ଜାଡେଜା ଓ କୁଲଦୀପ ଗୋଟିଏ ଲେଖାଏ ସ୍ଥାନ ତଳକୁ ଖସିଛନ୍ତି। ଅପରପକ୍ଷରେ ଟେଷ୍ଟ ର୍‌ୟାଙ୍କିଙ୍ଗର ବ୍ୟାଟିଂ ତାଲିକାରେ ଟପ୍-୨୦ରେ ୩ଜଣ ଭାରତୀୟ ସ୍ଥାନ ପାଇଛନ୍ତି। ଯଶସ୍ୱୀ ଜୟସ୍ୱାଲ ଓ ଶୁବମନ ଗିଲ୍ ଯଥାକ୍ରମେ ୮ମ ଓ ୯ମ ଏବଂ ଋଷଭ ପନ୍ତ ୧୪ତମ ସ୍ଥାନରେ ରହିଛନ୍ତି। ଗିଲ୍ ଓ ପନ୍ତଙ୍କ ମାନ୍ୟତାରେ ଗୋଟିଏ ଲେଖାଏ ସ୍ଥାନ ଉନ୍ନତୀ ହୋଇଛି। ଇଂଲଣ୍ଡର ଦୁଇ ବ୍ୟାଟର୍ ଜୋ ରୁଟ୍, ହ୍ୟାରୀ ବ୍ରୁକ, ଟ୍ରାଭିସ ହେଡ୍, ଷ୍ଟିଭ ସ୍ମିଥ ଓ କେନ ୱିଲିୟମ୍ସ ଯଥାକ୍ରମେ ବ୍ୟାଟିଂରେ ପ୍ରଥମରୁ ୫ମ ସ୍ଥାନ ମଧ୍ୟରେ ରହିଛନ୍ତି।

# କିଟ୍‌ରେ ଜାତୀୟ ମହିଳା ଭଲିବଲ୍ ଦଳର ଚୟନ ଶିବିର



ଭୁବନେଶ୍ୱର, ୧୩।୫ (ସମିସ): ଭାରତୀୟ ସିନିଅର ମହିଳା ଭଲିବଲ୍ ଦଳର ଚୟନ ଶିବିର ସ୍ଥାନୀୟ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ବୁଧବାରଠାରୁ ଆରମ୍ଭ ହୋଇଛି। ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ), କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ଓ ଅନ୍ତର୍ଜାତୀୟ ଭଲିବଲ୍ ମହାସଂଘର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଶିବିର ୨ ଦିନ ଧରି ଚାଲିବ। ସାରା ଦେଶରୁ ୧୦୦ଜଣ ପ୍ରତିଭାବାନ ମହିଳା ଭଲିବଲ୍ ଖେଳାଳି ଏହି ଚୟନ ଶିବିରରେ ଯୋଗଦେଇଛନ୍ତି। ଏଥିରୁ ଶ୍ରେଷ୍ଠ-୨୦ଜଣ ଖେଳାଳିଙ୍କୁ ଜାତୀୟ କ୍ୟାମ୍ପ ଲାଗି ମନୋନୀତ କରାଯିବ। ଏହି କ୍ୟାମ୍ପ ମେ ୧୫ରୁ ୨୦ ତାରିଖ ପର୍ଯ୍ୟନ୍ତ ସମାନ କିଟ୍ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହେବ। ସପ୍ତାହେ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା କ୍ୟାମ୍ପ ଶେଷ ପରେ ଭାରତୀୟ ଦଳ ଲାଗି ୧୪ ଜଣିଆ ଦଳ ମନୋନୀତ କରାଯିବ। ଏହି ଦଳ ମେ ୨୨ରୁ ୨୯ ତାରିଖ ପର୍ଯ୍ୟନ୍ତ କାଠମାଣ୍ଡୁରେ ଅନୁଷ୍ଠିତ ହେବାକୁ ଥିବା କାଭା ମହିଳା ଚାମ୍ପିଅନସିପ୍‌ରେ ଦେଶ ତରଫରୁ ପ୍ରତିନିଧିତ୍ୱ କରିବେ ବୋଲି ଜଣାପଡ଼ିଛି। ଓଡ଼ିଶା ଭଲିବଲ୍ ସଂଘର ସାଧାରଣ ସମ୍ପାଦକ ଡ. ଗଗନେନ୍ଦୁ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ଚାଲିଛି। ଏହି ଅବସରରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଅଂଶଗ୍ରହଣକାରୀ ସମସ୍ତ ଖେଳାଳିଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।

ଓସିଏ ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ୍

# ଅନିକେତ, ଶାହାଜାଦଙ୍କ ଶତକ





ଭୁବନେଶ୍ୱର, ୧୩।୫ (ସମିସ): ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା ଦିନିକିଆ ଟୁର୍ଣ୍ଣାମେଣ୍ଟର ତୃତୀୟ ଦିବସରେ ବୁଧବାର ୯ଟି ମ୍ୟାଚ୍ ଖେଳାଯାଇଥିଲା। ବୁଧବାର ଦୁଇଟି ଶତକୀୟ ପାଳି ଦେଖିବାକୁ ମିଳିଛି। ଭୁବନେଶ୍ୱର ରେଲୱେ ଗ୍ରାଉଣ୍ଡରେ ଶାହାଜାଦ ଖାନ (୧୨୬)ଙ୍କ ଶତକ ବଳରେ କେନ୍ଦ୍ରାପଡ଼ା ୧୨୭ ରନରେ ବୌଦ୍ଧକୁ ପରାସ୍ତ କରିଛି। ସେହିଭଳି ଅନିକେତ୍ ଧୀର (୧୨୧ ରନ)ଙ୍କ ଶତକ ସହାୟତାରେ ଖୋର୍ଦ୍ଧା ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ଯାଜପୁର ୧୪୯ ରନରେ ରାୟଗଡ଼ାକୁ ହରାଇଦେଇଛି। ଦିବସରେ ଅନୁଷ୍ଠିତ ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ଭୁବନେଶ୍ୱର-ବି ୬୧ ରନରେ ପାରାଦୀପକୁ, ନୟାଗଡ଼ ୮ ୱିକେଟରେ କଳାହାଣ୍ଡିକୁ, ସମ୍ବଲପୁର-ଏ ୬ ୱିକେଟରେ ଗଜପତିକୁ, ସୁନ୍ଦରଗଡ଼ ୫ ୱିକେଟରେ ସମ୍ବଲପୁରକୁ, କନ୍ଧମାଳ ୩୬ ରନରେ ନବରଙ୍ଗପୁରକୁ, କିଟ୍ ୩ ୱିକେଟରେ କଟକ-ବି'କୁ ଏବଂ ରାଉରକେଲା ୬୯ ରନରେ ଦେଓଗଡ଼କୁ ପରାସ୍ତ କରିଛି। କିଟର ଓମକାର ତ୍ରିପାଠୀ (୨୧ ରନ ଓ ୩ ୱିକେଟ), ସୁନ୍ଦରଗଡ଼ର ସଞ୍ଜୀବ ବଡ଼ାଇକ (୬ ରନରେ ୪ଟି ୱିକେଟ), ସମ୍ବଲପୁର-ଏ'ର ପ୍ରିନ୍ସର ମେହେର (୪ ୱିକେଟ) ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ।

# ଚୁକ୍ତି ନବୀକରଣ ନ ହେବାରୁ ଶ୍ରୀଜେଶଙ୍କ କ୍ଷୋଭ

ନୂଆଦିଲ୍ଲୀ, ୧୩।୫ (ଏଜେନ୍ସି)



ଭାରତୀୟ ଜୁନିଅର ପୁରୁଷ ହକି ଦଳର ମୁଖ୍ୟ ପ୍ରଶିକ୍ଷକ ପିଆର ଶ୍ରୀଜେସଙ୍କ କାର୍ଯ୍ୟକାଳ ଆଉ ବୃଦ୍ଧି ନ କରିବା ଲାଗି ହକି ଇଣ୍ଡିଆ ନିଷ୍ପତ୍ତି ନେଇଛି। ଯାହାକୁ ନେଇ ୨୦୨୦ ଓ ୨୦୨୪ରେ ଅଲିମ୍ପିକ୍ସରେ ପଦକ ଜିତିଥିବା ଷ୍ଟାର୍ ଖେଳାଳି ଶ୍ରୀଜେଶ କ୍ଷୋଭ ପ୍ରକାଶ କରିଛନ୍ତି। ଶ୍ରୀଜେସ ବୁଧବାର ସାମାଜିକ ଗଣମାଧ୍ୟମରେ ଏକ ଲମ୍ବା ଲେଖା ପୋଷ୍ଟ କରି ହକି ଇଣ୍ଡିଆ ଉପରେ ବର୍ଷିଛନ୍ତି। ଶ୍ରୀଜେଶ ଏଥିରେ ଲେଖିଛନ୍ତି ଯେ "ଏପରି ଲାଗୁଛି ଯେ ମୋର ପ୍ରଶିକ୍ଷକ କ୍ୟାରିୟର ଦେଢ଼ ବର୍ଷ ପରେ ଶେଷ ହେଉଛି। ଏହି ସମୟ ମଧ୍ୟରେ ଆମେ ୫ଟି ଟୁର୍ଣ୍ଣାମେଣ୍ଟ ଖେଳିଥିଲୁ ଏବଂ ୫ଟି ପୋଡିୟମ ଫିନିଶ ପାଇଥିଲୁ। ଯେଉଁଥିରେ ଜୁନିଅର ବିଶ୍ୱକପ୍ କାଂସ୍ୟ ପଦକ ମଧ୍ୟ ସାମିଲ ଥିଲା। ଖରାପ ପ୍ରଦର୍ଶନ ପରେ ପ୍ରଶିକ୍ଷକମାନଙ୍କୁ ବହିଷ୍କାର କରାଯିବା ବିଷୟରେ ଶୁଣିଛି। କିନ୍ତୁ ଏହା ପ୍ରଥମଥର ପାଇଁ ମୁଁ ଅନୁଭବ କରୁଛି ଯେ ଜଣେ ବିଦେଶୀ ପ୍ରଶିକ୍ଷକଙ୍କ ପାଇଁ ସ୍ଥାନ ପ୍ରସ୍ତୁତ କରିବା ଲାଗି ମୋତେ ହଟାଇ ଦିଆଯାଉଛି। କ'ଣ ଘରୋଇ ପ୍ରଶିକ୍ଷକମାନେ ଭାରତୀୟ ହକିକୁ ବିକଶିତ କରିପାରିବେ ନାହିଁ ବୋଲି ଶ୍ରୀଜେସ ପ୍ରଶ୍ନ କରିଛନ୍ତି।

ଶ୍ରୀଜେଶ ଆହୁରି ମଧ୍ୟ କହିଛନ୍ତି ଯେ ହକି ଇଣ୍ଡିଆ ସଭାପତି ମୋତେ କହିଥିଲେ ଯେ କ୍ରେଗ୍ ଫୁଲଟନ୍ ଜଣେ ବିଦେଶୀ ପ୍ରଶିକ୍ଷକଙ୍କୁ ପସନ୍ଦ କରନ୍ତି। କାରଣ ଏହା ଜୁନିଅର ଏବଂ ସିନିଅର ଦଳ ମଧ୍ୟରେ ସମନ୍ୱୟ ଏବଂ ଏକ ସୁଗମ, ବିକାଶ କରିବାରେ ସାହାଯ୍ୟ କରିବ। ମୁଁ କେବଳ ଜାଣିବାକୁ ଚାହୁଁଛି ଯେ ସେ କାହିଁକି ଜଣେ ଭାରତୀୟ ପ୍ରଶିକ୍ଷକଙ୍କ ସହ ସମନ୍ୱୟ ସ୍ଥାପନ କରିପାରିବେ ନାହିଁ ? ମୋତେ କୁହାଯାଇଥିଲା, ଆମକୁ ଜଣେ ଅଭିଜ୍ଞ ପ୍ରଶିକ୍ଷକଙ୍କ ଆବଶ୍ୟକତା ଅଛି, କିନ୍ତୁ ସେମାନେ ପ୍ରଥମେ ମୋତେ ଦାୟିତ୍ୱ ଦେବା ସମୟରେ ଏହା ଭାବି ନଥିଲେ କି? ସେତେବେଳେ ମୋର ଅଭିଜ୍ଞତା ଶୂନ୍ୟ ଥିଲା। ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ ଶ୍ରୀଜେଶଙ୍କ ସ୍ଥାନରେ ଫ୍ରାନ୍ସର ଆମେରିକ ବର୍ଗାମୋଙ୍କୁ କୋଚ୍ ଦାୟିତ୍ୱ ଦିଆଯିବ। କିନ୍ତୁ ହକି ଇଣ୍ଡିଆ ପକ୍ଷରୁ କୌଣସି ଅଫିସିଆଲ ଘୋଷଣା କରାଯାଇନାହିଁ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS